# ଧରିତ୍ରୀ
DHARITRI

ସମ୍ବଲପୁର, ଶୁକ୍ରବାର, ଜୁଲାଇ ୨୩/୨୦୨୧ (୧୬ ପୃଷ୍ଠା) | Sambalpur, Friday, July 23/2021 | ★★

୧୭ଶ ଭାଗ ୨୧୬ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୭/-





ଭାରତ™ ମସଲା

## ନୀଳାଦ୍ରି ବିଜେ





## ଖାଦ୍ୟ ପ୍ରକ୍ରିୟାକରଣ କ୍ଷେତ୍ରରେ ଭାରତ ମସଲାର ପ୍ରମୁଖ ପଦକ୍ଷେପ

- ମସଲା ଓ ପ୍ରୋସେସ୍‌ଡ୍ ଖାଦ୍ୟଦ୍ରବ୍ୟ କ୍ଷେତ୍ରରେ ଦୀର୍ଘ ୨୨ ବର୍ଷର ନିରନ୍ତର ସେବା ।
- ଓଡ଼ିଶାର କୃଷିଜାତ ଦ୍ରବ୍ୟକୁ ପ୍ରୋତ୍ସାହନ ଦେବାପାଇଁ 'ଭାରତ ମସଲା' ଖାଦ୍ୟ ପ୍ରକ୍ରିୟାକରଣ କ୍ଷେତ୍ରରେ ନେଇଛି ପଦକ୍ଷେପ ।
- ପ୍ରତିଷ୍ଠା କରିବ ଅତ୍ୟାଧୁନିକ ଯନ୍ତ୍ର କୌଶଳ ଯୁକ୍ତ ଖାଦ୍ୟ ପ୍ରକ୍ରିୟାକରଣ ଶିଳ୍ପ ।
- ଓଡ଼ିଶା ଚାଷୀଙ୍କ ଦ୍ୱାରା ଉତ୍ପାଦିତ କୃଷିଜାତ ଦ୍ରବ୍ୟରୁ ଟମାଟୋ କେଚପ୍, ଟମାଟୋ ସସ୍, ଅଦା-ରସୁଣ ପେଷ୍ଟ, କିସମ କିସମର ଆଚାର, ପଟାଟୋ ଚିପ୍ସ ଇତ୍ୟାଦି ପ୍ରସ୍ତୁତ କରି ଓଡିଶା ତଥା ଦେଶ ବିଦେଶରେ ବିକ୍ରି ସହ କୋଲ୍ଡ ଷ୍ଟୋରେଜର ସୁବିଧା ମଧ୍ୟ ଉପଲବ୍ଧ କରାଇବ ।

"ଆମ କୃଷି, ଆମ ଗୌରବ"

ODISHA NEW OPPORTUNITIES
Think Investment. Think Odisha.

BHARAT™ MASALA

## BHARAT MASALA " UNIT-IV "

(Food Processing Division, Ramdaspur I/E, Ramdaspur, Cuttack)

*Inauguration & Foundation Laying by*

**Shri Naveen Patnaik**

Hon'ble Chief Minister of Odisha

**on 23rd July 2021.**



## JAY BHARAT SPICES PVT. LTD.

Ramdaspur Industrial Estate, IDCO Plot.-2, Ramdaspur, Cuttack-754006 (Odisha)

E-mail : jbspl@bharatmasala.in | Toll Free : 1800 345 1138 | Website : www.bharatmasala.in

available at : SMART SUPERSTORE amazon

ମାଇକ୍ରୋବ୍ଲଗିଂ ପ୍ଲାଟ୍‌ଫର୍ମ ଟୁଇଟର ନିଜ ପ୍ରିଭେସି ପଲିସିକୁ ଅପଡେଟ୍ କରିଛି। ଏହି ଅପଡେଟ୍ ୟୁଜର୍ସଙ୍କ ନିକଟରେ ଅଗଷ୍ଟ ୧୯ରେ ଉପଲବ୍ଧ ହେବ। ନୂଆ ଅପଡେଟ୍‌ରେ ହ୍ୱାଟ୍ସଆପ୍ ଭଳି ପପ୍-ଅପ୍ ନୋଟିଫିକେଶନ ଆସିବ। ଟୁଇଟର ସ୍ପେସ୍‌ରେ ଅଡିଓ ଟ୍ରାନ୍ସକ୍ରିପ୍‌ଶନ ସୃଷ୍ଟି କରାଯାଇପାରିବ। କୌଣସି ସମୟରେ କିଛି ପଲିସି ଉଲ୍ଲଂଘନ ହୋଇଥିବା ଜଣାପଡ଼ିଲେ ଟୁଇଟର ଏହି ଅଡିଓ ଟ୍ରାନ୍ସକ୍ରିପ୍‌ଶନର ସମୀକ୍ଷା କରିପାରିବ। ଟୁଇଟର ସ୍ପେସ୍‌ରେ ହୋଇଥିବା ବାର୍ତ୍ତାଳାପ ତଥା ସୂଚନା ବ୍ୟକ୍ତିଗତ ରହିବ ନାହିଁ। ଏହାବାଦ୍ ଟୁଇଟର ବ୍ଲୁରେ ମଧ୍ୟ କିଛି ପରିବର୍ତ୍ତନ କରାଯାଇଛି। ଉପଭୋକ୍ତାଙ୍କୁ ପେମେଣ୍ଟର ନୂଆ ଫିଚର ମିଳିବ।




ଲଗାଣ ବର୍ଷାରେ ମୁମ୍ବାଇର ବଦଲାପୁର ଜଳାର୍ଣ୍ଣବ।


**ପେଗାସସ୍:** ବେଙ୍ଗାଲୁରୁସ୍ଥିତ କର୍ନାଟକ ବିଧାନସଭା ବାହାରେ ଏନ୍‌ଏସ୍‌ୟୁଆଇ ପକ୍ଷରୁ ବିକ୍ଷୋଭ।




## ସଂକ୍ଷେପରେ

### ଅଲିମ୍ପିକ୍ସ ଚିୟର ଲିଡର ଅକ୍ଷୟ



**ନୂଆଦିଲ୍ଲୀ,୨୨।୭:** ଜାପାନ ରାଜଧାନୀ ଟୋକିଓରେ ଶୁକ୍ରବାର ଆରମ୍ଭ ହେବାକୁ ଯାଉଥିବା ଅଲିମ୍ପିକ୍ସରେ ଭାରତୀୟ ଦଳର ଚିୟର ଲିଡର ହୋଇଛନ୍ତି ବଲିଉଡ୍ ଖିଲାଡି ବୟ ଅକ୍ଷୟ କୁମାର। କେନ୍ଦ୍ର କ୍ରୀଡ଼ା, ସୂଚନା ଓ ପ୍ରସାରଣ ମନ୍ତ୍ରୀ ଅନୁରାଗ ଠାକୁର ଏଥିପାଇଁ ଅକ୍ଷୟ କୁମାରଙ୍କୁ ଚୟନ କରିଛନ୍ତି। ଏକ ଭିଡିଓ ଶେୟାର କରି ଅକ୍ଷୟ କୁମାର କେନ୍ଦ୍ରମନ୍ତ୍ରୀଙ୍କୁ ଧନ୍ୟବାଦ ଦେଇଛନ୍ତି। ଅକ୍ଷୟ କହିଛନ୍ତି, ଟୋକିଓ ଅଲିମ୍ପିକ୍ସରେ ଆମକୁ ଭାରତୀୟ ଟିମ୍‌କୁ ଉତ୍ସାହିତ କରିବାକୁ ହେବ। ଭାରତୀୟ ଖେଳାଳି ଅଲିମ୍ପିକ୍ସରେ ଦେଶର ନାଁ ଉଜ୍ଜ୍ୱଳ କରିବେ ବୋଲି ବିଶ୍ୱାସ ଅଛି।

### ଚାଇନା ଶ୍ରମିକଙ୍କ ହାତରେ ଏକେ-୪୭

**ଇସ୍‌ଲାମାବାଦ, ୨୨।୭:** ପାକିସ୍ତାନର ଖାଇବର ପଖ୍‌ତୁନଖ୍ୱାଠାରେ ଗତ ୧୪ ତାରିଖରେ ଏକ ବସ୍‌ରେ ବିସ୍ଫୋରଣ ଯୋଗୁ ଚାଇନା ଇଞ୍ଜିନିୟରଙ୍କ ସମେତ ୧୩ ଜଣଙ୍କ ମୃତ୍ୟୁ ଘଟିଥିଲା। ଏଥିଯୋଗୁ ଚାଇନା ଶ୍ରମିକମାନେ ଚାଇନା-ପାକିସ୍ତାନ ଇକୋନୋମିକ କରିଡର ପ୍ରକଳ୍ପ ସାଇଟ୍‌ରେ ଏକେ-୪୭ ରାଇଫଲ ଧରିଥିବା ଦେଖିବାକୁ ମିଳିଛି। ଏବେ ନିଜ ଶ୍ରମିକ ଓ ଇଞ୍ଜିନିୟରଙ୍କ ସୁରକ୍ଷା ପାଇଁ ଚାଇନା ୨୪ ଘଣ୍ଟିଆ ସଶସ୍ତ୍ର ସୁରକ୍ଷା ବ୍ୟବସ୍ଥା କରିଛି। ପାକିସ୍ତାନ ଉକ୍ତ ବସ୍ ବିସ୍ଫୋରଣକୁ ଦୁର୍ଘଟଣା ବୋଲି କହିଥିବାବେଳେ ଚାଇନିଜ୍‌ଙ୍କୁ ଟାର୍ଗେଟ କରି ଆତଙ୍କବାଦୀ ଆକ୍ରମଣ କରାଯାଇଥିବା ଚାଇନା କହିଥିଲା।

### କୃଷି ଆଇନ ପ୍ରତ୍ୟାହାର ଦାବିରେ କଂଗ୍ରେସ ଏମ୍‌ପିଙ୍କ ବିକ୍ଷୋଭ

ନୂଆଦିଲ୍ଲୀ, ୨୨।୭(ପି.ଟି.)
କେନ୍ଦ୍ର ସରକାର ୩ ନୂଆ କୃଷି ଆଇନ ପ୍ରତ୍ୟାହାର କରିନେବା ଦାବିରେ କଂଗ୍ରେସ ଏମ୍‌ପିମାନେ ଗୁରୁବାର ପାର୍ଲାମେଣ୍ଟ ପରିସରରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଏହି ବିକ୍ଷୋଭରେ କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କ ସମେତ ଉଭୟ ଗୃହର ଏମ୍‌ପିମାନେ ସାମିଲ ହୋଇଥିଲେ। ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ନିକଟରେ ସେମାନେ ପ୍ଲାକାର୍ଡ ଧରି କେନ୍ଦ୍ର ସରକାର ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବିରୋଧରେ ସ୍ଲୋଗାନ ଦେଇଥିଲେ।

### ୨୬ ପରେ ଇସ୍ତଫା ଦେଇପାରନ୍ତି ୟେଦ୍ୟୁରପ୍ପା

**ବେଙ୍ଗାଲୁରୁ, ୨୨।୭:** ବି.ଏସ୍. ୟେଦ୍ୟୁରପ୍ପାଙ୍କ ସରକାର ଜୁଲାଇ ୨୬ରେ ୨ ବର୍ଷ ପୂରଣ କରୁଥିବାବେଳେ ଏହା ପରେ ସେ କର୍ନାଟକ ମୁଖ୍ୟମନ୍ତ୍ରୀ ରହି



ନ ପାରନ୍ତି ବୋଲି ଗୁରୁବାର ସୂଚନା ଦେଇଛନ୍ତି। ୨୬ ତାରିଖ ପରେ ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି. ନଡ୍ଡା ଯାହା ନିଷ୍ପତ୍ତି ନେବେ, ତାହା ସେ ପାଳନ କରିବେ ବୋଲି ୟେଦ୍ୟୁରପ୍ପା କହିଛନ୍ତି। ତାଙ୍କ ବିରୋଧରେ କର୍ନାଟକ ଭାଜପା ବିଦ୍ରୋହ ଚଳାଇଥିବାରୁ ଦୁଇ ମାସ ପୂର୍ବରୁ ସେ ଇସ୍ତଫା ଦେବାକୁ ଚାହିଁଥିଲେ। ତେବେ ସେ କ୍ଷମତାରେ ରହନ୍ତୁ କି ନ ରହନ୍ତୁ, ଭାଜପାକୁ କ୍ଷମତାକୁ ଫେରାଇ ଆଣିବା ତାଙ୍କର କର୍ତ୍ତବ୍ୟ ହେବ ବୋଲି ୟେଦ୍ୟୁରପ୍ପା କହିଛନ୍ତି।

# ଏଯାଏ ୧୧୫ ପ୍ରଘଟ

ନୂଆଦିଲ୍ଲୀ,୨୨।୭

ଇସ୍ରାଏଲର ଏନ୍‌ଏସ୍‌ଓ କମ୍ପାନୀ ଦ୍ୱାରା ପ୍ରସ୍ତୁତ ପେଗାସସ୍ ସ୍ପାଏୱେରକୁ ନେଇ ବିଶ୍ୱବ୍ୟାପୀ ଝଡ଼ ବହୁଛି। ଏହି ଗୁପ୍ତଚରଗିରି ସଫ୍ଟୱେର ଜରିଆରେ ରାଜନେତା, ଖବରଦାତା, ଅଧିକାର କର୍ମୀ, ବିଜ୍‌ନେସ୍ ଟାଇକୁନ୍, ଛାତ୍ରୀଛାତ୍ର ଓ ଅନେକ ବିଶିଷ୍ଟ ବ୍ୟକ୍ତିଙ୍କୁ ଟାର୍ଗେଟ କରାଯାଇଛି। ଭାରତର ନ୍ୟୁଜ୍ ୱେବ୍‌ସାଇଟ୍ 'ଦି ୱେର' ଅନ୍ୟ ୧୬ ଗଣମାଧ୍ୟମ ସଂସ୍ଥା ସହ ମିଶି କରିଥିବା ଖୋଳତାଡ଼ରୁ ଅଦ୍ୟାବଧି ୧୧୫ ଜଣଙ୍କ ନାମ ସାମ୍ନାକୁ ଆଣିଛନ୍ତି, ଯେଉଁମାନେ ପେଗାସସ୍ ଗୁପ୍ତଚରଗିରିର ଶିକାର ହୋଇଛନ୍ତି।

ଫ୍ରାନ୍ସଭିତ୍ତିକ ଅଣଲାଭକାରୀ ଗଣମାଧ୍ୟମ ସଂସ୍ଥା 'ଫରବିଡେନ୍ ଷ୍ଟୋରିଜ୍' ହାତରେ ପ୍ରଘଟ ହୋଇଥିବା ଏକ ଡାଟାବେସ୍ ଲାଗିଛି। ସେଥିରେ ୫୦,୦୦୦ ଫୋନ୍ ନମ୍ବର ରହିଛି, ଯାହାଙ୍କୁ ଏନ୍‌ଏସ୍‌ଓ ଗ୍ରୁପ୍‌ର କ୍ଲାଏଣ୍ଟମାନେ ସର୍ଭିଲାନ୍ସ ପାଇଁ ଟାର୍ଗେଟ କରିଥାଇପାରନ୍ତି। କେବଳ ଅଧିକୃତ ସରକାରମାନଙ୍କୁ ସ୍ପାଏୱେର ବିକ୍ରି କରାଯାଇଥିବା ଉକ୍ତ କମ୍ପାନୀ ଯୁକ୍ତି ବାଢ଼ିଛି। ତେଣୁ ଏହି ବ୍ୟକ୍ତିମାନେ ସରକାର କିମ୍ବା ସାମରିକ ସଂସ୍ଥାଗୁଡ଼ିକ ପକ୍ଷରୁ ଟାର୍ଗେଟ କରାଯାଇଥିବା ସନ୍ଦେହ ଦୃଢ଼ୀଭୂତ ହେବାରେ ଲାଗିଛି। ପେଗାସସ୍ ପ୍ରୋଜେକ୍ଟ ଉପରେ କାର୍ଯ୍ୟ କରୁଥିବା ନ୍ୟୁଜ୍ ଅର୍ଗାନାଇଜେଶନଗୁଡ଼ିକ ଅନ୍ୟୂନ ୧୦ ଦେଶର ୧୫୦୦ ନମ୍ବରକୁ ସ୍ୱାଧୀନ ଭାବେ ଚିହ୍ନଟ କରିବାରେ ସକ୍ଷମ ହୋଇଛନ୍ତି। ଟାର୍ଗେଟର ଶିକାର ହୋଇଥିବା ବ୍ୟକ୍ତିଙ୍କ ମଧ୍ୟରୁ କେତେଜଣଙ୍କ ଫୋନ୍‌କୁ ପେଗାସସ୍‌ର ଉପସ୍ଥିତି ସମ୍ପର୍କରେ ଜାଣିବା



ପାଇଁ ଫୋରେନ୍‌ସିକ୍ ଯାଞ୍ଚ କରାଯାଇଥିଲା। 'ଦି ୱେର'ର ମିଳିତ ଆନୁକୂଲ୍ୟରେ ଆମ୍‌ନେଷ୍ଟି ଇଣ୍ଟରନ୍ୟାଶନାଲ ପକ୍ଷରୁ ୧୦ ଜଣ ଭାରତୀୟଙ୍କ ଫୋନ୍ ଯାଞ୍ଚ କରାଯାଇଥିଲା। ସେଗୁଡ଼ିକୁ ହ୍ୟାକ୍ କରିବା ପାଇଁ ଉଦ୍ୟମ ହୋଇଥିବା ଅଥବା ସାଲିସ କରିବାରେ ସଫଳତା ମିଳିଥିବା ସମସ୍ତ ଫୋନ୍‌ରୁ ସଙ୍କେତ ମିଳିଛି।

ପ୍ରକାଶିତ ତାଲିକାରେ ରହିଛନ୍ତି, 'ଦି ୱେର'ର ପ୍ରତିଷ୍ଠାତା ସମ୍ପାଦକ ସିଦ୍ଧାର୍ଥ ବରଦାରଞ୍ଜନ ଓ ଖବରଦାତା ଏମ୍.କେ. ବେଣୁ। ଉଭୟଙ୍କ ଫୋନ୍‌ରେ ପେଗାସସ୍ ଇନ୍‌ଷ୍ଟଲ କରାଯାଇଥିଲା। ସେହିପରି ଜାତୀୟ ନିରାପତ୍ତା ସମ୍ପର୍କରେ ଲେଖୁଥିବା ଇଣ୍ଡିଆନ୍ ଏକ୍ସପ୍ରେସ୍ ପୂର୍ବତନ ଖବରଦାତା ସୁଶାନ୍ତ ସିଂ, ଆଉଟ୍‌ଲୁକ୍‌ର ଏସ୍.ଏନ୍.ଏମ୍. ଆବ୍‌ଦି, ଦି ହିନ୍ଦୁ ଖବରଦାତା ବିଜିତା ସିଂ। ହିନ୍ଦୁସ୍ଥାନ ଟାଇମ୍ସ ଏକ୍‌ଜିକ୍ୟୁଟିଭ୍ ଏଡିଟର ଶିଶିର ଗୁପ୍ତା ଓ ଦି ୱେରର ବିବାଦୀୟ ଲେଖିକା ରୋହିଣୀ ସିଂଙ୍କ ସମେତ ୨୭ ଜଣ ସାମ୍ବାଦିକଙ୍କ ନାମ ଏଥିରେ ପ୍ରକାଶ

### ଖୋଲୁଛି ପେଗାସସ୍ ପେଡ଼ି

ପାଇଛି। କଂଗ୍ରେସ ନେତା ରାହୁଲ ଗାନ୍ଧୀ, ତାଙ୍କ ଘନିଷ୍ଠ ସହଯୋଗୀ ଅଳଙ୍କାର ସୱାଇ, ସିଡବ୍ଲ୍ୟୁସି ସଦସ୍ୟ ସଚିନ ରାଓ, ନିର୍ବାଚନ ରଣନୀତିକାର ପ୍ରଶାନ୍ତ କିଶୋର, ଟିଏମ୍‌ସି ଏମ୍‌ପି ଅଭିଷେକ ବାନାର୍ଜୀ ଓ କେନ୍ଦ୍ରମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ। କେନ୍ଦ୍ରମନ୍ତ୍ରୀ ପ୍ରହ୍ଲାଦ ପଟେଲଙ୍କ ସହ ତାଙ୍କ ସ୍ତ୍ରୀ, ସଚିବ, ସହଯୋଗୀ, ରୋଷେୟା ଓ ମାଳୀଙ୍କ ଫୋନ୍ ମଧ୍ୟ ହ୍ୟାକ୍ କରାଯାଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବିରୋଧୀ ଭାବେ ଜଣାଶୁଣା ବିଶ୍ୱହିନ୍ଦୁ ପରିଷଦର ପୂର୍ବତନ ମୁଖ୍ୟ ପ୍ରବୀଣ ତୋଗାଡ଼ିଆ, କର୍ନାଟକର ପୂର୍ବତନ ଉପମୁଖ୍ୟମନ୍ତ୍ରୀ ଜି. ପରମେଶ୍ୱର ମଧ୍ୟ ଏହି ତାଲିକାରେ ଅଛନ୍ତି। ଟାର୍ଗେଟର ଶିକାର ହୋଇଥିବା ଅମଲାତନ୍ତ୍ରୀ ହେଲେ ପୂର୍ବତନ ନିର୍ବାଚନ କମିଶନର ଅଶୋକ ଲାଭାସା। ସେହିପରି ଏଲ୍‌ଗାର ପରିଷଦ ମାମଲାର ଅଭିଯୁକ୍ତ ଦିଲ୍ଲୀ ୟୁନିଭର୍ସିଟି ପ୍ରଫେସର ହାନି ବାବୁ, ଅଧିକାର କର୍ମୀ ରୋନା ୱିଲ୍‌ସନ, ଅବସରପ୍ରାପ୍ତ ପ୍ରାଧ୍ୟାପିକା ଶୋମା ସେନ, ଜର୍ନାଲିଷ୍ଟ ଆକ୍ଟିଭିଷ୍ଟ ଗୌତମ ନଭଲଖା, ଜେଏନ୍‌ୟୁର ପୂର୍ବତନ ଛାତ୍ର ଉମର ଖାଲିଦ, ତାଙ୍କ ସହ ଦେଶଦ୍ରୋହ ମାମଲାରେ ଗିରଫ ହୋଇଥିବା ଅନିର୍ବାଣ ଭଟ୍ଟାଚାର୍ଯ୍ୟଙ୍କ ସମେତ ୪୧ ଜଣଙ୍କୁ ଟାର୍ଗେଟ କରାଯାଇଥିଲା। ପୂର୍ବତନ ସିଜେଆଇ ରଞ୍ଜନ ଗୋଗୋଇଙ୍କ ବିରୋଧରେ ଯୌନ ଶୋଷଣ ଅଭିଯୋଗ ଆଣିଥିବା ସୁପ୍ରିମକୋର୍ଟର ଜଣେ ମହିଳା କର୍ମଚାରୀ ଓ ତାଙ୍କ ପରିବାରର ଅନେକ ସଦସ୍ୟଙ୍କୁ ମଧ୍ୟ ସର୍ଭିଲାନ୍ସ ଜରିଆରେ ଟାର୍ଗେଟ କରାଯାଇଥିବା 'ଦି ୱେର' କହିଛି। ଏହା ବ୍ୟତୀତ ୧୪ ଜଣ ବିଶ୍ୱନେତାଙ୍କ ସ୍ମାର୍ଟଫୋନ୍‌କୁ ସ୍ପାଏୱେର ପଠାଯାଇଥିଲା, ଯାହାଙ୍କ ମଧ୍ୟରେ ୧୦ ପ୍ରଧାନମନ୍ତ୍ରୀ, ୩ ରାଷ୍ଟ୍ରପତି ଓ ଜଣେ ରାଜା ଅଛନ୍ତି। ସାଉଦି ଶାସକଙ୍କ ସମାଲୋଚକ ଭାବେ ଜଣାଶୁଣା 'ୱାଶିଂଟନ ପୋଷ୍ଟ' ଖବରଦାତା ଜମାଲ ଖାସୋଗିଙ୍କୁ ତୁର୍କୀ ଦୂତାବାସରେ ହତ୍ୟା କରାଯାଇଥିଲା। ଖାସୋଗି ଓ ତାଙ୍କର କେତେଜଣ ସମ୍ପର୍କୀୟଙ୍କୁ ମଧ୍ୟ ସ୍ପାଏୱେର ଜରିଆରେ ଟାର୍ଗେଟ କରାଯାଇଥିଲା। ତିବ୍ବତୀୟ ଧର୍ମଗୁରୁ ଦଲାଇ ଲାମାଙ୍କ ପରାମର୍ଶଦାତା ଓ କେତେଜଣ କର୍ମଚାରୀଙ୍କ ବିରୋଧରେ ୨ ବର୍ଷ ଧରି ଗୁପ୍ତଚରଗିରି କରାଯାଇଥିବା ନେଇ ରିପୋର୍ଟ ପ୍ରକାଶ ପାଇବା ପରେ ହଇଚଇ ସୃଷ୍ଟି ହୋଇଛି।


ଜମାଲ ଖାସୋଗି


ଦଲାଇ ଲାମା

### ଜିନ୍ସ ପିନ୍ଧିବାରୁ ଝିଅକୁ ପିଟି ମାରିଦେଲେ

ଲକ୍ଷ୍ନୌ, ୨୨।୭

ଝିଅ ଜିନ୍ସ ପିନ୍ଧିବାରୁ ତାଙ୍କୁ ପିଟିପିଟି ହତ୍ୟା କରିଛନ୍ତି ପରିବାର ଲୋକେ। ଉତ୍ତରପ୍ରଦେଶର ଦେଓରିଆ ଜିଲା ଏକ ବ୍ରିଜ୍ ନିକଟରୁ ୧୭ ବର୍ଷୀୟା ବାଳିକାଙ୍କ ମୃତଦେହ ଜବତ ହୋଇଛି। ହତ୍ୟା ପରେ ମୃତଦେହକୁ ନାବାଳିକାଙ୍କ ଜେଜେ ବାପା ଓ ଦୁଇ ଦାଦା ବ୍ରିଜ୍ ନିକଟରେ ଫିଙ୍ଗି ଦେଇଥିବା ଅଭିଯୋଗ ହୋଇଛି। ନାବାଳିକାଙ୍କ ମା' କହିଛନ୍ତି, ଘରେ ପୂଜା ହେଉଥିବାବେଳେ ଝିଅ ଜିନ୍ସ ପିନ୍ଧିଥିଲେ। ପୋଷାକ ବଦଳାଇବାକୁ ବାପା କହିଥିଲେ ହେଁ ସେ ମାନି ନ ଥିଲେ। ଏଥିରେ ବିରକ୍ତ ହୋଇ ପରିବାର ଲୋକେ ତାଙ୍କୁ ମାଡ଼ ମାରିଥିଲେ। ଗୁରୁତର ହୋଇପଡ଼ିବାରୁ ସେମାନେ ନାବାଳିକାଙ୍କୁ ମେଡିକାଲ ନେବା ବାହାନାରେ ଫିଙ୍ଗି ଦେଇଥିଲେ।

### କରୋନା ଭୟ: ଘରେ ୧୫ ମାସ ବନ୍ଦୀ

ପୂର୍ବ ଗୋଦାବରୀ, ୨୨।୭

କୋଭିଡ୍-୧୯ ସଂକ୍ରମଣ ଭୟରେ ଆନ୍ଧ୍ରପ୍ରଦେଶର କଡାଲି ଗ୍ରାମରେ ଗୋଟିଏ ପରିବାର ୧୫ ମାସ ହେଲା ଏକ ଟେଷ୍ଟ ହାଉସ୍‌ରେ ବନ୍ଦୀ ଜୀବନ ବିତାଉଥିଲେ। ବୁଧବାର ପୋଲିସ ସେମାନଙ୍କୁ ଉଦ୍ଧାର କରିଛି। ଗାଁ ସରପଞ୍ଚଙ୍କ କହିବା ଅନୁଯାୟୀ ଜଣେ ପଡୋଶୀଙ୍କର କୋଭିଡ୍‌ରେ ମୃତ୍ୟୁ ହେବାରୁ ରୁଥମ୍ମା, କନ୍ଥାମଣି ଓ ରାନି ୧୫ ମାସ ପୂର୍ବରୁ ଟେଷ୍ଟ ହାଉସ୍ ଭିତରେ ନିଜକୁ ତାଲା ଦେଇ ରହିଥିଲେ। ସରକାରୀ ଯୋଜନାରେ ଘର ପ୍ଲଟ ଦେବା ପାଇଁ ଜଣେ ସ୍ୱେଚ୍ଛାସେବୀ ସେମାନଙ୍କ ଟିପଚିହ୍ନ ଆଣିବାକୁ ଯାଇ ଏ ସମ୍ପର୍କରେ ଜାଣିବାକୁ ପାଇଥିଲେ।

# ଯନ୍ତରମନ୍ତରରେ 'କିଷାନ ସଂସଦ'

ନୂଆଦିଲ୍ଲୀ, ୨୨।୭

କେନ୍ଦ୍ର ସରକାରଙ୍କ ବିବାଦୀୟ କୃଷି ଆଇନ ବିରୋଧରେ କୃଷକ ସଂଗଠନଗୁଡ଼ିକ ଗତବର୍ଷ ନଭେମ୍ବରରୁ ଆନ୍ଦୋଳନ ଚଳାଇଥିବାବେଳେ ପାର୍ଲାମେଣ୍ଟର ମୌସୁମୀ ଅଧିବେଶନ ଅବସରରେ ଗୁରୁବାର ୨୦୦ ଚାଷୀ ଯନ୍ତରମନ୍ତରରେ ପହଞ୍ଚି 'କିଷାନ ସଂସଦ' ଆରମ୍ଭ କରିଛନ୍ତି। ଏଥିପାଇଁ ଦିଲ୍ଲୀ ଉପରାଜ୍ୟପାଳ ଅନିଲ ବୈଜାଲ ବୁଧବାର ସେମାନଙ୍କୁ ସର୍ତ୍ତମୂଳକ ଅନୁମତି ଦେଇଥିଲେ। ବିକ୍ଷୋଭ ସ୍ଥଳରେ ୨୦୦ରୁ ଅଧିକ କୃଷକ ରହିବେ ନାହିଁ ଏବଂ ଆନ୍ଦୋଳନ ଅଗଷ୍ଟ ୯ ପର୍ଯ୍ୟନ୍ତ ପୂର୍ବାହ୍ନ ୧୧ରୁ ଅପରାହ୍ନ ୫ଟା ପର୍ଯ୍ୟନ୍ତ ଚଳାଇବାକୁ ସର୍ତ୍ତ ରଖାଯାଇଛି। ପ୍ରଥମ ଦିନର କୃଷକ ସଂସଦରେ ମଣ୍ଡି ଆଇନ, ୩



କୃଷି ଆଇନ ପ୍ରତ୍ୟାହାର, ପାର୍ଲାମେଣ୍ଟରେ ଏମ୍‌ପିମାନେ ଏହି ପ୍ରସଙ୍ଗ ଉଠାଇବା ଉପରେ ଆଲୋଚନା ହୋଇଥିଲା। ପାର୍ଲାମେଣ୍ଟରେ କୃଷି ଆଇନ ପ୍ରସଙ୍ଗ ଉଠାଇବା ଲାଗି ଆମେ ସମସ୍ତ ଏମ୍‌ପିଙ୍କୁ ହୁଇପ୍ ଜାରି କରିଛୁ ବୋଲି ଭାରତୀୟ କିଷାନ ୟୁନିୟନ ନେତା ରାକେଶ ଟିକାଏତ୍ କହିଛନ୍ତି। ଯଦି ସେମାନେ ଏହି ପ୍ରସଙ୍ଗ ନ ଉଠାନ୍ତି, ତେବେ ସେମାନଙ୍କ ନିର୍ବାଚନ ମଣ୍ଡଳୀରେ ଚାଷୀମାନେ ବିକ୍ଷୋଭ ପ୍ରଦର୍ଶନ କରିବେ ବୋଲି ସେ ଚେତାବନୀ ଦେଇଛନ୍ତି।

#### ଆନ୍ଦୋଳନ ଛାଡ଼ି ଆଲୋଚନାକୁ ଆସ: ତୋମାର

ଅନ୍ୟପକ୍ଷରେ ଚାଷୀମାନେ ଆନ୍ଦୋଳନ ପନ୍ଥା ଛାଡ଼ି ଆଲୋଚନା ପାଇଁ ଆଗେଇ ଆସିବାକୁ କେନ୍ଦ୍ର କୃଷିମନ୍ତ୍ରୀ ନରେନ୍ଦ୍ର ସିଂ ତୋମାର ଗୁରୁବାର ଆହ୍ୱାନ ଦେଇଛନ୍ତି। ସରକାର ଆଲୋଚନା ପାଇଁ ପ୍ରସ୍ତୁତ ଅଛନ୍ତି। ସାରା ଦେଶର ଚାଷୀ ନୂଆ କୃଷି ଆଇନକୁ ସମର୍ଥନ କରନ୍ତି ବୋଲି ସେ କହିଛନ୍ତି। ଯନ୍ତରମନ୍ତରରେ କୃଷକଙ୍କ ବିକ୍ଷୋଭ ପାଇଁ ବହୁସ୍ତରୀୟ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି।

# ଡବ୍ଲ୍ୟୁଏଚ୍‌ଓକୁ ଉହାନ ମନା

ବେଜିଂ, ୨୨।୭(ପି.ଟି.)

କରୋନା ଭୂତାଣୁର ମୂଳ ଉତ୍ସ ଖୋଜିବା ପାଇଁ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ଡବ୍ଲ୍ୟୁଏଚ୍‌ଓ)ର ବିଶେଷଜ୍ଞ ଟିମ୍ ଦ୍ୱିତୀୟ ଥର ଉହାନ ଲାବରେଟୋରି ଆସି ଯାଞ୍ଚ କରିବାକୁ ଯୋଜନା ରଖିଥିବାବେଳେ ଗୁରୁବାର ଚାଇନା ଏହାକୁ ପ୍ରତ୍ୟାଖ୍ୟାନ କରିଦେଇଛି। ଉହାନ ସହରକୁ କରୋନା ଭୂତାଣୁ ବ୍ୟାପିବା ପୂର୍ବରୁ ଲବ୍‌ରେଟୋରିର କେତେଜଣ କର୍ମଚାରୀ ପ୍ରଥମେ ସଂକ୍ରମିତ ହୋଇଥିବା ରିପୋର୍ଟକୁ ବେଜିଂ ଖଣ୍ଡନ କରିଆସୁଛି। ଡବ୍ଲ୍ୟୁଏଚ୍‌ଓର ପ୍ରସ୍ତାବିତ ଦ୍ୱିତୀୟ ପର୍ଯ୍ୟାୟ ଯାଞ୍ଚ ଯୋଜନାକୁ ଚାଇନା ଅନୁମତି ଦେବ ନାହିଁ ବୋଲି ଏହାର ଜାତୀୟ ସ୍ୱାସ୍ଥ୍ୟ କମିଶନର ଉପମନ୍ତ୍ରୀ ଜେଙ୍ଗ୍ ଇକ୍ସିନ୍ ଗଣମାଧ୍ୟମକୁ କହିଛନ୍ତି।

#### ଗସ୍ତ ଅନୁମତି ଦେଲାନି ଚାଇନା

ଡବ୍ଲ୍ୟୁଏଚ୍‌ଓ ଦ୍ୱାରା ପ୍ରସ୍ତାବିତ ଅଧ୍ୟୟନ କାର୍ଯ୍ୟଯୋଜନାରେ ଥିବା ଭାଷା ବିଜ୍ଞାନକୁ ସମ୍ମାନ ଦିଏନାହିଁ ବୋଲି ସେ କହିଛନ୍ତି। ପୂର୍ବରୁ ଡବ୍ଲ୍ୟୁଏଚ୍‌ଓ ମହାନିର୍ଦ୍ଦେଶକ ଟେଡ୍ରୋସ୍ ଆଧାନମ୍ ଘେବ୍ରେସେସସ୍‌ଙ୍କୁ ଚାଇନା ପ୍ରଶଂସା କରୁଥିଲା। ତେବେ କରୋନା ଭୂତାଣୁ ପ୍ରସଙ୍ଗରେ ଚାଇନା ସ୍ୱଚ୍ଛତା ଅବଲମ୍ବନ କରିବା ସହ ମୂଳ ତଥ୍ୟ ପ୍ରଦାନ କରୁ ବୋଲି ଟେଡ୍ରୋସ୍ କହିବା ପରେ ବେଜିଂ ତାଙ୍କୁ ବିରୋଧ କରିବା ଆରମ୍ଭ କରିଛି।

# ନ୍ୟାୟପାଳିକା ଚାପମୁକ୍ତ ହେବା ଜରୁରୀ

ନୂଆଦିଲ୍ଲୀ, ୨୨।୭

#### ଧନୀ, ଗରିବଙ୍କ ପାଇଁ ଅଲଗା ଆଇନ ହୋଇପାରିବ ନାହିଁ: ସୁପ୍ରିମକୋର୍ଟ

ଭାରତରେ ଧନୀ ଏବଂ ଗରିବଙ୍କ ଲାଗି ଅଲଗା ଆଇନ ବ୍ୟବସ୍ଥା ହୋଇପାରିବ ନାହିଁ ବୋଲି ସୁପ୍ରିମକୋର୍ଟ ଗୁରୁବାର କହିଛନ୍ତି। ଜିଲା ନ୍ୟାୟିକ ବ୍ୟବସ୍ଥାରେ ଉପନିବେଶୀୟ ମାନସିକତା ଚଳିଆସୁଛି। ନାଗରିକଙ୍କ ବିଶ୍ୱାସକୁ ବଜାୟ ରଖିବାକୁ ହେଲେ ଏଭଳି ମାନସିକତା ପରିବର୍ତ୍ତନ ହେବା ଜରୁରୀ। କଂଗ୍ରେସ ନେତା ଦେବେନ୍ଦ୍ର ଚୌରାସିଆ ହତ୍ୟା ଘଟଣାରେ ବିଏସ୍‌ପି ବିଧାୟିକାଙ୍କ ସ୍ୱାମୀ ଗୋବିନ୍ଦ ସିଂଙ୍କୁ ସୁରକ୍ଷା ଦେବା ପାଇଁ ଉଦ୍ୟମ କରୁଥିବା ମଧ୍ୟପ୍ରଦେଶ ପୋଲିସକୁ ଅଦାଲତ ଭର୍ତ୍ସନା କରିଛନ୍ତି। ୨ ବର୍ଷ ପୂର୍ବର ଏହି ମାମଲାରେ ଜଷ୍ଟିସ୍ ଡି.ୱାଇ. ଚନ୍ଦ୍ରଚୂଡ଼ଙ୍କ ଅଧ୍ୟକ୍ଷତାରେ ଗଠିତ ଖଣ୍ଡପୀଠ ଅଭିଯୁକ୍ତ ଗୋବିନ୍ଦଙ୍କ ଜାମିନକୁ ଖାରଜ କରିଦେଇଛନ୍ତି।

ସ୍ୱାଧୀନ ତଥା ନିରପେକ୍ଷ ବିଚାର ବ୍ୟବସ୍ଥା ଗଣତନ୍ତ୍ରର ଆଧାରଶିଳା। ଏହା ରାଜନୈତିକ ଚାପ ଓ ପ୍ରଭାବରୁ ମୁକ୍ତ ରହିବା ଜରୁରୀ। ଧନୀ ତଥା ଥିଲାବାଲା ଓ ରାଜନୈତିକ କ୍ଷମତା ପ୍ରୟୋଗ କରୁଥିବା ଲୋକଙ୍କ ପାଇଁ ଗୋଟିଏ ଏବଂ ଗରିବ ତଥା ନ୍ୟାୟ ପାଇବାକୁ ସାମର୍ଥ୍ୟ ନ ଥିବା ଲୋକଙ୍କ ପାଇଁ ଆଉ ଗୋଟିଏ ଆଇନ ବ୍ୟବସ୍ଥା ହୋଇପାରିବ ନାହିଁ। ଦୁଇ ପ୍ରକାର ବ୍ୟବସ୍ଥା ଆଇନର ବୈଧତାକୁ ଦୁର୍ବଳ କରିଦେବ ବୋଲି ସର୍ବୋଚ୍ଚ ଅଦାଲତ କହିଛନ୍ତି।

# ବର୍ଷକୁ ୨.୫ ବିଲିୟନ ଟନ୍ ଖାଦ୍ୟ ନଷ୍ଟ

ଲଣ୍ଡନ, ୨୨।୭

ସାରା ବିଶ୍ୱରେ ବର୍ଷକୁ ୨.୫ ବିଲିୟନ ଟନ୍ ଖାଦ୍ୟ ନଷ୍ଟ ହେଉଛି। ଏଥିଯୋଗୁ ବାୟୁମଣ୍ଡଳରେ ଅଙ୍ଗାରକାମ୍ଳ ସମେତ ଅନ୍ୟାନ୍ୟ ବିଷାକ୍ତ ଗ୍ୟାସ୍ ବୃଦ୍ଧି ପାଉଛି, ଯାହାକି ବାର୍ଷିକ ସବୁଜଗୃହ ପ୍ରଭାବଜନିତ ନିର୍ଗତ ଗ୍ୟାସ୍‌ର ୧୦ ପ୍ରତିଶତ ବୋଲି 'ଫିଗର୍ସ ଅଫ୍ ଡ୍ରିଭେନ୍ ଟୁ ୱେଷ୍ଟ' ରିପୋର୍ଟରେ ପ୍ରକାଶ ପାଇଛି। ୱାର୍ଲ୍ଡ ୱାଇଡ୍ ଫଣ୍ଡ ଅଫ ନେଚର(ଡବ୍ଲ୍ୟୁଡବ୍ଲ୍ୟୁଏଫ୍) ଏବଂ ବ୍ରିଟିଶ୍ ରିଟେଲିଂ ଜିଆଣ୍ଟ ଟେସ୍‌କୋ ପକ୍ଷରୁ ହୋଇଥିବା ଏକ ଅଧ୍ୟୟନରୁ ଏହା ଜଣାପଡ଼ିଛି। ୨୦୧୧ ପରେ ଏବେ




ପ୍ରକାଶିତ ଏହି ରିପୋର୍ଟ ଅନୁସାରେ, ମୋଟ ଖାଦ୍ୟଶସ୍ୟର ୪୦ ପ୍ରତିଶତ ନଷ୍ଟ ହେଉଛି। ଏଥିଯୋଗୁ ନିର୍ଗତ ବିଷାକ୍ତ ଗ୍ୟାସ୍ ୟୁରୋପ ଓ ଉତ୍ତର ଆମେରିକାରେ କାର୍‌ଗୁଡ଼ିକରୁ ବାହାରୁଥିବା ଗ୍ୟାସ୍‌ର ୨ ଗୁଣ ହେବ।

ରିପୋର୍ଟରେ କୁହାଯାଇଛି, ପ୍ରତିବର୍ଷ କେବଳ ୧.୨ ବିଲିୟନ ଟନ୍ ଖାଦ୍ୟଶସ୍ୟ ଚାଷ ବେଳେ ନଷ୍ଟ ହେଉଛି। ଏହା ଦିନକୁ ଦିନ ବଡ଼ ସମସ୍ୟାରେ ପରିଣତ ହେଉଥିବାରୁ ଖାଦ୍ୟ ନଷ୍ଟ ପରିମାଣକୁ କମାଇବାକୁ ପଡ଼ିବ ବୋଲି ଗ୍ଲୋବାଲ ଫୁଡ୍ ଲସ୍ ଆଣ୍ଡ ୱେଷ୍ଟ ଇନିସିଏଟିଭ୍‌ର ପେଟେ ପିୟର୍ସନ କହିଛନ୍ତି। ମୋଟ ଖାଦ୍ୟଶସ୍ୟର ୫୮ ପ୍ରତିଶତ ନଷ୍ଟ ପାଇଁ ୟୁରୋପ ଓ ଉତ୍ତର ଆମେରିକା ଭଳି ଶିଳ୍ପ ସମୃଦ୍ଧ ଦେଶଗୁଡ଼ିକ ଦାୟୀ। ଉଭୟ ସରକାରୀ ଓ ବେସରକାରୀ ସ୍ତରରେ କୃଷକମାନଙ୍କୁ ସହାୟତା କରିବା ସହ ଖାଦ୍ୟ ବର୍ଜ୍ୟବସ୍ତୁ ପରିମାଣ କମାଇବା ଜରୁରୀ ବୋଲି ୱେଷ୍ଟ ପ୍ରୋଗ୍ରାମ ମ୍ୟାନେଜର ଲିଲି ଡା ଗାମା କହିଛନ୍ତି। ଏ ଦିଗରେ ସାମ୍ପ୍ରତିକ ନୀତି ଯଥେଷ୍ଟ ନୁହେଁ ବୋଲି ସେ ପ୍ରକାଶ କରିଛନ୍ତି।

ଧରିତ୍ରୀ
DHARITRI

ସମ୍ବଲପୁର, ଶୁକ୍ରବାର, ଜୁଲାଇ ୨୩/୨୦୨୧ | Sambalpur, Friday, July 23/2021 | ପୃଷ୍ଠା-୧




### ଜାଡେଜାଙ୍କ କ୍ରମାଗତ ଅର୍ଦ୍ଧଶତକ

ଚେଷ୍ଟର-ଲି-ଷ୍ଟ୍ରିଟ୍‌ରେ ଅନୁଷ୍ଠିତ କାଉଣ୍ଟି ଏକାଦଶ ବିପକ୍ଷ ୱାର୍ମଅପ୍ କ୍ରିକେଟ ମ୍ୟାଚର ଉଭୟ ଇନିଂସରେ ଅର୍ଦ୍ଧଶତକ ହାସଲ କରିଛନ୍ତି ଭାରତର ରବୀନ୍ଦ୍ର ଜାଡେଜା।

୧୪

୧୨

### ଶୋ' ହୋଷ୍ଟ କରିବେନି ଆଦିତ୍ୟ

ଇଣ୍ଡିଆନ ଆଇଡଲ-୧୨ ଶୋ' ହୋଷ୍ଟ କରୁଥିବା ଆଦିତ୍ୟ ନାରାୟଣ ଉପସ୍ଥାପନା କାମରୁ ଛୁଟି ନେବେ ବୋଲି କହିଛନ୍ତି।



# ଆଜି ମହାପ୍ରଭୁଙ୍କ ନୀଳାଦ୍ରି ବିଜେ

## ଅପରାହ୍ଣ ୪ଟାରେ ହେବ ପହଣ୍ଡି

**ପୁରୀ ଅଫିସ,୨୨।୭**

ନବଦିନାତ୍ମକ ଯାତ୍ରା ସାରି ଜନ୍ମବେଦିରୁ ବାହୁଡ଼ି ଆସିଛନ୍ତି ମହାପ୍ରଭୁ। ଭଉଣୀ ଭାଇଙ୍କ ସହ ସିଂହଦ୍ୱାର ସମ୍ମୁଖରେ ତିନିରଥ ଉପରେ ଅଛନ୍ତି ମହାପ୍ରଭୁ। ଗୁରୁବାର ଅଧରପଣା ନୀତି ସମ୍ପନ୍ନ ହୋଇଥିବା ବେଳେ ଶୁକ୍ରବାର ନୀଳାଦ୍ରିବିଜେ ନୀତି ହେବ। ରତ୍ନବେଦିକୁ ବିଜେ କରିବେ ଦାରୁବିଗ୍ରହ। ଏଥିସହ ଶେଷ ହେବ ଚଳିତବର୍ଷ ଘୋଷଯାତ୍ରା। ଏହାପରେ ଶନିବାର ଭକ୍ତମାନେ ନୀଳାଚଳ ଅବଢ଼ା ପାଇବେ। ତେବେ କଟକଣା ଯୋଗୁ ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ଦର୍ଶନ ପାଇବେନି ଭକ୍ତ।

ନୀଳାଦ୍ରିବଜେ ପାଇଁ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ନୀତି ନିର୍ଘଣ୍ଟ ପ୍ରସ୍ତୁତ କରାଯାଇଛି। ମଙ୍ଗଳ ଆଳତି ପ୍ରାତଃ ୪ଟାରେ ହେବ। ମଇଲମ ତଡ଼ପଲାଗି ୪ଟା ୩୦, ଅବକାଶ ଭୋର ୫ଟା, ବେଶ ଶେଷ ୫ଟା ୩୦, ଗୋପାଳବଲ୍ଲଭ ସକାଳ ୬ଟା ୩୦, ସକାଳ ଧୂପ ୭ଟାରୁ ୮ଟା, ମଇଲମ ୮ଟା ୩୦, ମହାସ୍ନାନ ଓ ସର୍ବାଙ୍ଗ ୯ଟା ୩୦, ବେଶ ଶେଷ ୧୦ଟା, ମଧ୍ୟାହ୍ନ ଧୂପ ୧୦ଟା



୩୦ରୁ ୧୧ ଟା ୩୦, ମଇଲମ ଓ ବେଶ ୧୧ଟା ୪୫ରୁ ୧୨ଟା, ଚାରମାଳବନ୍ଧା ୧ଟା ୩୦ରୁ ୩ଟା ୩୦, ସିଂହାସନ ମାଜଣା ୩ଟା ୩୦, ପୁଷ୍ପାଞ୍ଜଳି ୩ଟା ୫୦, ପହଣ୍ଡି ଆରମ୍ଭ ୪ଟା, ପହଣ୍ଡି ଶେଷ ରାତି ୧୦ଟା, ଶ୍ରୀମୁଖ ଖଣ୍ଡୁଆ ୧ଟା ୧୦, ଚାରମାଳ ଫିଟା ୧ଟା ୧୫ରୁ ୨ଟା ୧୫, ସୁଦର୍ଶନ ସିଂହାସନକୁ ବିଜେ ୨ଟା ୩୦, ଶ୍ରୀମୁଖ ଖଣ୍ଡିଆ ମଇଲମ ୨ଟା ୩୦, ଚକା ପୋଛା ୨ଟା ୪୫, ସିଂହାସନ ଧୁଆ ୩ଟା, ମାଧବ, ଶ୍ରୀଦେବୀ ଓ ଭୂଦେବୀ ସିଂହାସନକୁ ବିଜେ ୩ଟା ୧୦, ମହାସ୍ନାନ ଶେଷ ୩ଟା ୩୦, ରୋଷହୋମ ୩ଟା ୩୫, ମଇଲମ ୩ଟା ୩୫, ଚନ୍ଦନଲାଗି ୩ଟା ୪୫, ସୂର୍ଯ୍ୟପୂଜା ୪ଟା, ଦ୍ୱାରପାଳ ପୂଜା ୪ଟା ୧୫, ବଡ଼ସିଂହାର ବେଶ ୪ଟା ୧୫, ବଡ଼ସିଂହାର ଭୋଗ ୪ଟା ୪୫ ଏବଂ ରାତ୍ର ପହୁଡ ଭୋର ୫ଟାରେ ହେବ।

# ୫ ବିଧାୟକଙ୍କୁ ତାଲା

**କେନ୍ଦ୍ରାପଡ଼ା ଅଫିସ, ୨୨।୭**

ନ୍ଦ୍ରାପଡ଼ା ରିଜର୍ଭ ପୋଲିସର ଜଣେ ମହିଳା କନ୍‌ଷ୍ଟେବଲ ଏସ୍‌ପିଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବୁଧବାର ୱେବ ପୋର୍ଟାଲ ଖବରଦାତା ଭୀମସେନ ସେଠୀଙ୍କୁ ମାଡ଼ ମାରିଥିଲେ। ଏହାର ଭିଡିଓ ଭାଇରାଲ ହେବା ପରେ ଉତ୍ତେଜନା ପ୍ରକାଶ ପାଇଛି। ଖବରଦାତାମାନେ ଗୁରୁବାର ଦିନସାରା ଜିଲାପାଳଙ୍କ କାର୍ଯ୍ୟାଳୟରେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ଭୀମସେନଙ୍କୁ ମାଡ଼ ମରାଯିବା ସମୟରେ ଉପସ୍ଥିତ ୩ ପୋଲିସ କର୍ମଚାରୀଙ୍କୁ ନିଲମ୍ବନ କରିବାକୁ ସେମାନେ ଦାବି କରିଥିଲେ। ଏହାକୁ ନେଇ ଉତ୍ତେଜନା ଲାଗି ରହିଥିବା ବେଳେ ମହାନଦୀର କୁଜଙ୍ଗଠାରେ ଏକ ଆନ୍ତଃଜିଲା ଜଳାଶୟ କରିବା ଲାଗି ଭର୍ଚ୍ଚୁଆଲ୍ ମିଟିଂରେ ଯୋଗଦେବାକୁ ଜିଲାପାଳଙ୍କ କାର୍ଯ୍ୟାଳୟକୁ ଆସିଥିବା ୫ ବିଜେଡି ବିଧାୟକଙ୍କୁ ତାଲା ପକାଇ ଦେଇଥିଲେ। ଫଳରେ ପ୍ରାୟ ଦେଢ଼ ଘଣ୍ଟା



ଜିଲାପାଳଙ୍କ କାର୍ଯ୍ୟାଳୟ ଭିତରେ ବିଧାୟକମାନେ।

ଧରି ଆଳି ବିଧାୟକ ପ୍ରତାପ କେଶରୀ ଦେବ, କେନ୍ଦ୍ରାପଡ଼ା ବିଧାୟକ ଶଶିଭୂଷଣ ବେହେରା, ରାଜନଗର ବିଧାୟକ ଧ୍ରୁବ ସାହୁ, ମହାକାଳପଡ଼ା ବିଧାୟକ ଅତନୁ ସବ୍ୟସାଚୀ ନାୟକ ଏବଂ ପାଟକୁରା ବିଧାୟିକା ସାବିତ୍ରୀ ଅଗ୍ରୱାଲ କାର୍ଯ୍ୟାଳୟ ପରିସରରେ ଅଟକି ରହିଥିଲେ।

'ଧରିତ୍ରୀ' କେନ୍ଦ୍ରାପଡ଼ା ଜିଲା ପ୍ରତିନିଧି ଜଗନ୍ନାଥ ଧଳଙ୍କ ସୂଚନା ଅନୁଯାୟୀ,

- ଖବରଦାତାଙ୍କୁ ମହିଳା କନ୍‌ଷ୍ଟେବଲଙ୍କ ମାଡ଼ର ପ୍ରତିବାଦ
- ଜିଲାପାଳଙ୍କ କାର୍ଯ୍ୟାଳୟ ଘେରାଉ
- ୩ ପୋଲିସ କର୍ମଚାରୀଙ୍କ ନିଲମ୍ବନ ଦାବି

ଭୀମସେନ ଗତ ୧୯ ତାରିଖରେ ଏସ୍‌ପିଙ୍କ କାର୍ଯ୍ୟାଳୟରେ କାର୍ଯ୍ୟରତ ମହିଳା କନ୍‌ଷ୍ଟେବଲ ପିନୁ ନାୟକ ମାସ୍କ ନ ପିନ୍ଧି କାମ କରୁଥିବା ବେଳର ଫଟୋକୁ ସୋସିଆଲ ମିଡିଆରେ ପୋଷ୍ଟ କରିଥିଲେ। ଏହି ଘଟଣାକୁ ନେଇ ଭୀମସେନଙ୍କ ଉପରେ କନ୍‌ଷ୍ଟେବଲ ନାୟକ ଆକ୍ରୋଶ ରଖିଥିଲେ। ☞ପୃଷ୍ଠା-୨

# ଅଶ୍ୱିନୀଙ୍କଠୁ ରିପୋର୍ଟ ଛଡ଼ାଇ ଚିରିଲେ

## ପେଗାସସ୍ ଝଡ଼ରେ ପାର୍ଲାମେଣ୍ଟ ଅଚଳ

**ନୂଆଦିଲ୍ଲୀ,୨୨।୭**

ପେଗାସସ୍ ସ୍ପାଏୱେରକୁ ନେଇ ଉଠିଥିବା ଝଡ଼ ପାର୍ଲାମେଣ୍ଟକୁ ଏକପ୍ରକାର ଅଚଳ କରିଦେଇଛି। ଏହି ପ୍ରସଙ୍ଗରେ ସୋମବାର ଓ ମଙ୍ଗଳବାର ଦୁଇଦିନ ଉଭୟ ଗୃହରେ ଅଚଳାବସ୍ଥା ସୃଷ୍ଟି ହୋଇଥିବାବେଳେ ବୁଧବାର ସଂସଦ ଛୁଟି ଥିଲା। ଗୁରୁବାର ପାର୍ଲାମେଣ୍ଟରେ ଆହୁରି ଅଭାବନୀୟ ଦୃଶ୍ୟ ଦେଖିବାକୁ ମିଳିଛି। ରାଜ୍ୟ ସଭାରେ ସୂଚନା ଓ ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ପେଗାସସ୍ ସ୍ପାଏୱେର ସମ୍ପର୍କରେ ବିବୃତି ରଖୁଥିବାବେଳେ ତୃଣମୂଳ କଂଗ୍ରେସ (ଟିଏମ୍‌ସି) ଏମ୍‌ପି ଶାନ୍ତନୁ ସେନ ତାଙ୍କ ହାତରୁ ରିପୋର୍ଟ ଛଡ଼ାଇନେଇ ଚିରି ଦେଇଛନ୍ତି। ଶାନ୍ତନୁଙ୍କ ସମେତ ହଟ୍ଟଗୋଳ କରି ଅଚଳାବସ୍ଥା ସୃଷ୍ଟି କରିଥିବା ବିରୋଧୀ ସଦସ୍ୟମାନଙ୍କ ଉପରେ ସରକାର କାର୍ଯ୍ୟାନୁଷ୍ଠାନ ନେବା ପାଇଁ ଗୃହର ଅଧ୍ୟକ୍ଷଙ୍କ ନିକଟରେ ଦାବି କରିବେ ବୋଲି ଜଣେ ମନ୍ତ୍ରୀ ନିଜ ନାମ ଗୋପନ ରଖିବା ସର୍ତ୍ତରେ କହିଛନ୍ତି। ମନ୍ତ୍ରୀ ଓ ଶାସକ

### ରାଜ୍ୟ ସଭାରେ ହାଇଡ୍ରାମା

- ଆଇଟି ମନ୍ତ୍ରୀଙ୍କୁ ବିବୃତି ରଖିବାକୁ ଦେଲେନି ଟିଏମ୍‌ସି ଏମ୍‌ପି
- ଶାନ୍ତନୁଙ୍କ ବିରୋଧରେ ସରକାର ଆଣିବେ ସ୍ୱାଧିକାର ଭଙ୍ଗ ପ୍ରସ୍ତାବ



ରାଜ୍ୟ ସଭାରେ ଆଇଟି ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ।

ପକ୍ଷର ସଦସ୍ୟଙ୍କୁ ଦୁର୍ବ୍ୟବହାର କରିଥିବା ଅଭିଯୋଗରେ ସେମାନଙ୍କ ବିରୋଧରେ ସ୍ୱାଧିକାର ଭଙ୍ଗ ପ୍ରସ୍ତାବ ଅଣାଯିବ ବୋଲି ପେଟ୍ରୋଲିୟମ୍ ଓ ପ୍ରାକୃତିକ ବାଷ୍ପ ମନ୍ତ୍ରୀ ହରଦୀପ ସିଂ ପୁରୀ ସୂଚନା ଦେଇଛନ୍ତି।

କଂଗ୍ରେସ, ଟିଏମ୍‌ସି ସମେତ ଅନ୍ୟ ବିରୋଧୀ ଦଳଗୁଡ଼ିକର ସଦସ୍ୟଙ୍କ ହଟ୍ଟଗୋଳ ଫଳରେ ପୂର୍ବରୁ ରାଜ୍ୟ ସଭାକୁ ଦୁଇଥର ସ୍ଥଗିତ କରିବାକୁ ପଡ଼ିଥିଲା। ପରେ ସେମାନେ ପେଗାସସ୍ ପ୍ରସଙ୍ଗରେ ସରକାରଙ୍କଠାରୁ ବିବୃତି ଦାବି କରି ଗୃହର ମଧ୍ୟଭାଗକୁ ଯାଇ ପୁଣି ହୋହଲ୍ଲା କରିଥିଲେ। ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଏହା ଉପରେ ବିବୃତି ରଖୁଥିବାବେଳେ ଟିଏମ୍‌ସି ସଦସ୍ୟ ଶାନ୍ତନୁ ସେନ ତାଙ୍କ ପାଖକୁ ଧାଇଁ ହାତରୁ ବିବୃତି ରିପୋର୍ଟକୁ ଛଡ଼ାଇ ନେଇଥିଲେ। ସେ ଉକ୍ତ ରିପୋର୍ଟକୁ ଚିରିଦେଇ ଉପରକୁ ଫିଙ୍ଗିଦେଇଥିଲେ। ଫଳରେ ଅଶ୍ୱିନୀ ଆଉ ବିବୃତି ରଖିପାରି ନ ଥିଲେ। ରାଜ୍ୟ ସଭା ଉପାଧ୍ୟକ୍ଷ ହରିବଂଶ ଏଭଳି ଅସଂସଦୀୟ ବ୍ୟବହାରରୁ ନିବୃତ୍ତ ରହିବାକୁ ସଦସ୍ୟମାନଙ୍କୁ ଅନୁରୋଧ କରିଥିଲେ। ସମସ୍ତ ଏମ୍‌ପି ଶୁଣିବାକୁ ଚାହୁଁଥିବା ରିପୋର୍ଟ ବର୍ତ୍ତମାନ ଗୃହର ଟେବୁଲରେ ରଖାଯାଇଛି। ☞ପୃଷ୍ଠା-୨

# ଟୋକିଓରେ ଆଜିଠାରୁ କ୍ରୀଡ଼ା ମହାକୁମ୍ଭ

- ନିରାଡମ୍ବର ହେବ ଉଦ୍‌ଘାଟନୀ ସମାରୋହ
- ୧୫ଟି ଦେଶର ବିଶ୍ୱସ୍ତରୀୟ ନେତା ଉପସ୍ଥିତ ରହିବେ

**ଟୋକିଓ, ୨୨।୭**

କରୋନା ମହାମାରୀର ପ୍ରଭାବ ସତ୍ତ୍ୱେ ଶୁକ୍ରବାରଠାରୁ ଆରମ୍ଭ ହେଉଛି ଅଲିମ୍ପିକ୍ସର ୩୨ତମ ସଂସ୍କରଣ। ଟୋକିଓର ଅଲିମ୍ପିକ୍ ଷ୍ଟାଡିୟମରେ ପ୍ରତିଯୋଗିତାର ଉଦ୍‌ଘାଟନୀ ସମାରୋହ ଅନୁଷ୍ଠିତ ହେବ। ଜାପାନରେ ସଂକ୍ରମଣ ଦିନକୁଦିନ ବୃଦ୍ଧି ପାଉଥିଲେ ହେଁ ସୁରକ୍ଷିତ ଭାବେ ଏହି କ୍ରୀଡ଼ା ମହାକୁମ୍ଭ ଆୟୋଜନ ପାଇଁ ଉଭୟ ଆୟୋଜକ କମିଟି ଏବଂ ଜାପାନ ସରକାର ବଦ୍ଧପରିକର। ମହାମାରୀ ଆତଙ୍କ ଯୋଗୁ ଏହି ମେଗା ପ୍ରତିଯୋଗିତା ୨୦୨୦ରେ ଆୟୋଜନ ହୋଇପାରି ନ ଥିଲା। ତେଣୁ ୨୦୨୧ରେ ଏହା ଅନୁଷ୍ଠିତ ହେବାକୁ ଯାଉଥିଲେ ହେଁ ପ୍ରତିଯୋଗିତାର ନାମ ଟୋକିଓ ଅଲିମ୍ପିକ୍ସ-





୨୦୨୦ ଅପରିବର୍ତ୍ତିତ ରହିଛି। ଅଲିମ୍ପିକ୍ସକୁ ଅନେକ ଜାପାନ ନାଗରିକଙ୍କ ବିରୋଧ ଏବଂ କରୋନା ସଂକ୍ରମଣର କ୍ରମବର୍ଦ୍ଧିଷ୍ଣୁ ସ୍ଥିତିକୁ ଦୃଷ୍ଟିରେ ରଖି ଟୋକିଓର ଆଖପାଖ ଅଞ୍ଚଳରେ ଇମର୍ଜେନ୍ସି ଜାରି କରାଯାଇଛି। କୋଭିଡ୍-୧୯ ଗାଇଡ୍‌ଲାଇନ ଅନୁସାରେ ବିଦେଶରୁ ଆସୁଥିବା ଆଥ୍‌ଲେଟଙ୍କୁ କଟକଣା ମଧ୍ୟରେ ଗେମ୍ସ ଭିଲେଜକୁ ପ୍ରବେଶ ଅନୁମତି ଦିଆଯାଉଛି। ସ୍ଥିତିକୁ ଦୃଷ୍ଟିରେ ରଖି ଉଦ୍‌ଘାଟନୀ ସମାରୋହକୁ ବିଶେଷ ଆଡମ୍ବର ନ କରିବା ପାଇଁ ନିଷ୍ପତ୍ତି ନିଆଯାଇଛି। ଉତ୍ସବରେ ୧୫ଟି ଦେଶର ବିଶ୍ୱସ୍ତରୀୟ ନେତା ଉପସ୍ଥିତ ରହିବେ ବୋଲି ପ୍ରକାଶ କରାଯାଇଛି। କଳାକାରଙ୍କୁ ମିଶାଇ ୧୦୦୦ରୁ କମ୍ ଲୋକଙ୍କୁ ନେଇ ଉଦ୍‌ଘାଟନୀ ସମାରୋହ ଅନୁଷ୍ଠିତ ହେବ। ଭାରତୀୟ ସମୟ ଶୁକ୍ରବାର ଅପରାହ୍ଣ ୪ଟା ୩୦ରେ ଏହି ଉତ୍ସବ ଆରମ୍ଭ ହେବ। ଏଥିରେ ଜାପାନ ସଂସ୍କୃତିର ଝଲକ ଦେଖିବାକୁ ମିଳିବ। ☞ପୃଷ୍ଠା-୨

# ଓଡ଼ିଆ ଆଇଆର୍‌ଏସ୍ ଅଫିସର ଜାତିସଂଘ ଟ୍ୟାକ୍ସ କମିଟି ବିଶେଷଜ୍ଞ



**ନୂଆଦିଲ୍ଲୀ, ୨୨।୭:** ଅର୍ଥ ମନ୍ତ୍ରଣାଳୟର ଯୁଗ୍ମ ସଚିବ ଥିବା ଓଡ଼ିଆ ଆଇଆର୍‌ଏସ୍ ଅଫିସର ରଶ୍ମିରଞ୍ଜନ ଦାସ ୨୦୨୧-୨୦୨୫ ବର୍ଷ ପାଇଁ ଜାତିସଂଘ ଟ୍ୟାକ୍ସ କମିଟି ସଦସ୍ୟ ନିଯୁକ୍ତ ହୋଇ ବିଶ୍ୱର ୨୫ ଜଣ ଟିକସ ବିଶେଷଜ୍ଞଙ୍କ ମଧ୍ୟରେ ଏକମାତ୍ର ଭାରତୀୟ ଭାବେ ସ୍ଥାନ ପାଇଛନ୍ତି। ଭାରତୀୟ ରାଜସ୍ୱ ସେବା (ଆଇଆର୍‌ଏସ୍) ଅଧିକାରୀ ରଶ୍ମିରଞ୍ଜନଙ୍କର ନୀତି ନିର୍ଦ୍ଧାରଣ ଏବଂ ପ୍ରତ୍ୟକ୍ଷ ଟିକସ ଆଇନ କାର୍ଯ୍ୟକାରୀ କରିବାରେ ୨୮ ବର୍ଷର ଅଭିଜ୍ଞତା ରହିଛି। ୧୩୫ରୁ ଊର୍ଦ୍ଧ୍ୱ ଦେଶ ଯାଞ୍ଚ କରୁଥିବା ବିଇପିଏସ୍ ଗ୍ରୁପ୍ ଇନ୍‌କ୍ଲୁସିଭ୍ ଫ୍ରେମ୍‌ୱାର୍କରେ ସେ ଭାରତର ପ୍ରତିନିଧି ରହିବା ସହ ଏହାର ଷ୍ଟିୟରିଂ କମିଟି ସଦସ୍ୟ ରହିଛନ୍ତି। ☞ପୃଷ୍ଠା-୨

# ଶ୍ୱାସରୁଦ୍ଧ ହୋଇ ୩ ଜୀବନ ଗଲା

## ପାଇଖାନା ଟାଙ୍କି ସେଣ୍ଟ୍ରିଂ ଖୋଲିବା କାଳ ହେଲା

**ଗୋପାଳପୁର,୨୨।୭(ଡି.ଏନ୍.ଏ.):** ଗଞ୍ଜାମ ଜିଲା ଗୋପାଳପୁର ଥାନା ଅନ୍ତର୍ଗତ ବିକ୍ରମପୁର ଗ୍ରାମରେ ଗୁରୁବାର ସନ୍ଧ୍ୟାରେ ଏକ ଅଭାବନୀୟ ଘଟଣା ଘଟିଛି। ନିର୍ମାଣାଧୀନ ଏକ ପାଇଖାନା ଟାଙ୍କିରେ ଶ୍ୱାସରୁଦ୍ଧ ହୋଇ ୩ ଜଣଙ୍କ ଜୀବନ ଯାଇଛି। ମୃତକମାନେ ହେଲେ ଏମ୍.ସଦାନନ୍ଦମ୍ (୫୦), ପି .କ୍ରିଷ୍ଣା ରେଡ୍ଡୀ (୫୦) ଓ ଅବସରପ୍ରାପ୍ତ ସେନା କର୍ମଚାରୀ ପି.ତରେନେୟା (୪୫)। ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛି।

ବିକ୍ରମପୁର ପମ୍ପହାଉସ ସାହିର ଟି.ସିଦ୍ଧେଶ୍ୱଙ୍କ ନିର୍ମାଣାଧୀନ ପାଇଖାନା ଟାଙ୍କିର ସେଣ୍ଟ୍ରିଂ ଖୋଲିବା ପାଇଁ ପ୍ରଥମେ ମିସ୍ତ୍ରି ଏମ୍. ସଦାନନ୍ଦମ ଭିତରକୁ ଯାଇଥିଲେ। ସେ ବହୁ ସମୟ ପର୍ଯ୍ୟନ୍ତ ନ ବାହାରିବାରୁ ପଡ଼ୋଶୀ ପି. କ୍ରିଷ୍ଣା ଟାଙ୍କି ଭିତରକୁ ଯାଇଥିଲେ। ଉଭୟଙ୍କ ପାଟି ଶୁଣା ନ ☞ପୃଷ୍ଠା-୨

ଆଜିର ସମ୍ପାଦକୀୟ ଆମେରିକା ଶେୟାର ବଜାର ଓ ଚାଇନା କମ୍ପାନୀ






+ Based on TVSM internal test conditions. As compared to BS-IV models. T&C apply. ^ Mobile charger is available in select variants. ^^ Ex-showroom price of XL100 Comfort Kick Start variant. ' Finance at the sole discretion of the financier. Schemes cannot be clubbed. T&C apply. *This is not a daily collection / repayment scheme and the EMI for the month will be ₹ 1 470/-. ##Applicable under Low ROI scheme offered by IDFC First Bank. T&C Apply.

TVS CREDIT | L&T Financial Services | IDFC FIRST Bank ALWAYS YOU FIRST | SHRIRAM City | 3 YEAR WARRANTY

FOR ALL INSTITUTIONAL/BULK REQUIREMENTS PLEASE MAIL corporate.customersupport@tvsmotor.com Authorised Main Dealers: SAMBALPUR: Kishore TVS, Ph.: 9778371171. BOLANGIR: Rajlaxmi TVS, Ph.: 918260437538. BARGARH: Subhamm TVS, Ph.: 8860625628; ROURKELA: Unique TVS, Ph: 8114372182, 8114372181, Guru Gobind TVS, Ph: 9776280601, 9437203299; JHARSUGUDA: Gunnu TVS, Ph: 8586977624; SONEPUR: Minerva TVS, Ph: 6370700730, 6370700732; BHAWANIPATNA: Raj Rajeswari TVS, Ph: 7682809880. Authorised Dealers: Rengali, Ph.: 9437052831; Deogarh, Ph : 9437392892; Charbahal, Ph.: 9853406294; Junagarh, Ph.: 9437092284, 9437939586; Raj Khariar, Ph : 9439144433; Muniguda, Ph : 9583860028; Dharmagarh, Ph : 9938883405; Kutra, Ph : 6370312667, 7796501441; Belpahar, Ph.: 9238581791; Attabira, Ph : 9853157276; Barpali, Ph.: 9777703149; Patnagarh, Ph.: 9938621078; Dungripally, Ph.: 9937926986; Sundergarh, Ph.: 06622-274361, 9437139011; Rajgangpur, Ph : 9861265188 ; Khariar Road, Ph.: 9938098888; Sohela, Ph.: 9938739550; Bhatli, Ph : 9090140103; Boudh, Ph.: 9439238768; Kantabanji, Ph : 9437210599; Gaisilat, Ph : 9937408645; Jaipatna, Ph : 9178280401; Sambalpur, Ph : 9337016000; Bamra, Ph : 9437535172; Kuchinda, Ph : 9437058129; Redhakhol : Ph : 7978349822; Saintala : Ph : 9853781372; Gaisilat, Ph: 7683848645, Kantapali, Ph: 8342939695; Paikmal, Ph : 9938119999, 9777822622; Laikera, Ph : 9938465363 Bheden, Ph : 7008024042, 7008822177; Godbhaga, Ph : 6372444931, 6372445813; Bangamunda, Ph: 9937526500; Tusura, Ph : 9437890955, 9439581200; Bandhabahal, Ph : 6371909005; Bagdehi, Ph : 7008977491; Udanbandh, Ph : 7326042333, 7326042335; Lathor, Ph : 7008086417; Kantamal, Ph : 7008225996; Diptipur, Ph : 7894726957, 9937219913; Dhama, Ph : 7735079641; Birmaharajpur, Ph : 8018860710.

dentsuindia/dha sam/04/21

**ଆଜିର ମନ୍ତବ୍ୟ**

"ଭାରତରେ ପେଗାସସ୍ ଗୁପ୍ତଚରଗିରି ଆମେରିକାର ୱାଟର ଗେଟ୍ ଦୁର୍ନୀତିଠାରୁ ମଧ ଖରାପ। ସ୍ପାଏୱେର ବ୍ୟବହାର ବିଶେଷ ଜରୁରିକାଳୀନ ପରିସ୍ଥିତି ସୃଷ୍ଟି କରିଛି।
– ମମତା ବାନାର୍ଜୀ, ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ



## ଜନ୍ମଦିନର ଶୁଭେଚ୍ଛା

ନାମ: ......................................
ବୟସ: ......................................
ଜନ୍ମ ତାରିଖ: ......................................


ବିଦ୍ୟାଶ୍ରୀ
ପରିବାରବର୍ଗ


ସୁଶାନ୍ତ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# କେନ୍ଦ୍ରମନ୍ତ୍ରୀ ବିଶ୍ୱେଶ୍ୱର ଟୁଡୁ ଏମ୍ସରେ ଭର୍ତ୍ତି


ବିଶ୍ୱେଶ୍ୱର ଟୁଡୁ

**ନୂଆଦିଲ୍ଲୀ, ୨୨।୭:** କେନ୍ଦ୍ର ଆଦିବାସୀ ବ୍ୟାପାର ରାଷ୍ଟ୍ରମନ୍ତ୍ରୀ ବିଶ୍ୱେଶ୍ୱର ଟୁଡୁ ଚିକିତ୍ସା ପାଇଁ ଦିଲ୍ଲୀ ଏମ୍ସରେ ଭର୍ତ୍ତି ହୋଇଛନ୍ତି। ପୂର୍ବରୁ କୋଭିଡ୍ ସଂକ୍ରମିତ ହୋଇଥିବା ଟୁଡୁଙ୍କ ଆଖି ଓ ଦାନ୍ତ ବିନ୍ଧା ହେବାରୁ ବୁଧବାର ଏମ୍ସ ଯାଇଥିଲେ। ସେଠାରେ ଡାକ୍ତରମାନଙ୍କର ଏକ ଟିମ୍ ତାଙ୍କର ବିଭିନ୍ନ ପରୀକ୍ଷା କରାଇବା ସହ ଚିକିତ୍ସା କରୁଛନ୍ତି। ଓଡ଼ିଶାର ଏହି ଏମ୍ପି ଗତ ୭ ତାରିଖରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନୂଆ କ୍ୟାବିନେଟରେ ସ୍ଥାନ ପାଇଥିଲେ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ତାଙ୍କର ଆଶୁ ଆରୋଗ୍ୟ ଓ ଉତ୍ତମ ସ୍ୱାସ୍ଥ୍ୟ କାମନା କରିଛନ୍ତି।

# ସନ୍ତୋଷ ତ୍ରିପାଠୀ ଫକୀରମୋହନ ବିଶ୍ୱବିଦ୍ୟାଳୟର ନୂତନ କୁଳପତି

**ଭୁବନେଶ୍ୱର, ୨୨।୭(ବ୍ୟୁରୋ)**

ବାଲେଶ୍ୱରସ୍ଥିତ ଫକୀର ମୋହନ ବିଶ୍ୱବିଦ୍ୟାଳୟର ନୂତନ କୁଳପତି ଭାବେ ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀଙ୍କୁ ନିଯୁକ୍ତି ଦିଆଯାଇଛି। ଗୁରୁବାର ରାଜ୍ୟପାଳ ତଥା ବିଶ୍ୱବିଦ୍ୟାଳୟ କୁଳାଧିପତି ପ୍ରଫେସର ଗଣେଶୀ ଲାଲ ତାଙ୍କୁ ଏହି ନିଯୁକ୍ତି ପ୍ରଦାନ କରିଛନ୍ତି। ଏ ନେଇ ଏକ ଆଦେଶନାମା ଜାରି ହୋଇଛି। ପ୍ରଫେସର ତ୍ରିପାଠୀ ୪ବର୍ଷ ପାଇଁ କୁଳପତି ପଦରେ ରହିବେ। କାର୍ଯ୍ୟଭାର ଗ୍ରହଣ କରିବା ଦିନଠାରୁ ଓ ପରବର୍ତ୍ତୀ ଆଦେଶ ପର୍ଯ୍ୟନ୍ତ ସେ କୁଳପତି ଦାୟିତ୍ୱ ତୁଲାଇବେ। ପ୍ରଫେସର ତ୍ରିପାଠୀ ଉତ୍କଳ ବିଶ୍ୱବିଦ୍ୟାଳୟର ପର୍ସନେଲ ମ୍ୟାନେଜମେଣ୍ଟ ଆଣ୍ଡ ଇଣ୍ଡଷ୍ଟ୍ରିଆଲ ରିଲେସନ୍ସ (ପିଏମ୍ ଆଣ୍ଡ୍ ଆଇଆର୍) ବିଭାଗର ପ୍ରଫେସର ଭାବେ କାର୍ଯ୍ୟ କରୁଥିଲେ। ଶିକ୍ଷାଦାନ କ୍ଷେତ୍ରରେ ତାଙ୍କର ୩୦ ବର୍ଷରୁ ଊର୍ଦ୍ଧ୍ୱ ଅଭିଜ୍ଞତା ରହିଛି। ସେ ପ୍ରାୟ


ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ

୧୩ଟି ପୁସ୍ତକ ରଚନା ଓ ସମ୍ପାଦନା କରିଛନ୍ତି। ସେହିପରି ୧୭ ପିଏଚ୍‌ଡି ଏବଂ ୪୦ ଏମ୍‌ଫିଲ୍ ସ୍କଲାରଙ୍କୁ ଗାଇଡ୍ କରିଛନ୍ତି। ସେ ୧୯୮୪ରେ ପିଜିରେ ପ୍ରଥମ ସ୍ଥାନ ହାସଲ କରି ବିଶ୍ୱବିଦ୍ୟାଳୟ ସ୍ୱର୍ଣ୍ଣ ପଦକ ପାଇଥିଲେ। ଏହି ସଫଳତା ପାଇଁ ତାଙ୍କୁ ୧୯୮୫ରେ ଏନ୍‌ଆଇପିଏମ୍ ପୁରସ୍କାର ମିଳିଥିଲା। ସେ ୨୦୦୨ରୁ ୨୦୦୫ ପର୍ଯ୍ୟନ୍ତ ୟୁଜିସି ରିସର୍ଚ୍ଚ ଆୱାର୍ଡ ମଧ୍ୟ ପାଇଥିଲେ।

# 'ସ୍କୁଲ ଖୋଲିବାରେ ଟିକାକରଣ ବାଧକ ହେବନି'

**ଭୁବନେଶ୍ୱର, ୨୨।୭(ବ୍ୟୁରୋ)**

ରାଜ୍ୟରେ କରୋନା କଟକଣା ଭିତରେ ଆସନ୍ତା ୨୬ ତାରିଖରୁ ସ୍କୁଲ ଖୋଲିବ। କେବଳ ଦଶମ ଓ ଦ୍ୱାଦଶ ଶ୍ରେଣୀ ଛାତ୍ରୀଛାତ୍ର ବିଦ୍ୟାଳୟକୁ ଆସିବେ। ତେବେ ପ୍ରାଥମିକତା ଭିତ୍ତିରେ ଶିକ୍ଷକଙ୍କୁ ଟିକା ଦିଆଯିବ ବୋଲି ଗଣଶିକ୍ଷା ବିଭାଗ କହିଥିଲା। କିନ୍ତୁ ସ୍କୁଲ ଖୋଲିବାକୁ ଆଉ ମାତ୍ର ଦୁଇଦିନ ଥିବାବେଳେ ସେଭଳି କୌଣସି ବ୍ୟବସ୍ଥା ହୋଇ ନ ଥିବା ଜଣାପଡ଼ିଛି। ତେଣୁ କେତେଜଣ ଅଭିଭାବକ ସେମାନଙ୍କ ପିଲାଙ୍କୁ ସ୍କୁଲ ଛାଡ଼ିବା ଲାଗି ସୁରକ୍ଷିତ ମଣୁନାହାନ୍ତି। ଅନ୍ୟପକ୍ଷରେ ସ୍କୁଲ ଖୋଲିବାରେ ଟିକାକରଣ ବାଧକ ସାଜିବନି ବୋଲି ଗୁରୁବାର ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ କହିଛନ୍ତି। ସେ କହିଛନ୍ତି, ପ୍ରାୟ ସମସ୍ତ ଶିକ୍ଷକ ଓ କର୍ମଚାରୀ ଟିକା ନେଇଛନ୍ତି। ଯେଉଁମାନେ ନେଇ ନ ଥିବେ ସେମାନଙ୍କୁ ଅଗ୍ରାଧିକାର ଭିତ୍ତିରେ


ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ।

ଟିକା ଦେବାକୁ ସ୍ୱାସ୍ଥ୍ୟ ବିଭାଗକୁ କହିଛୁ। ସେହିପରି ବିଦ୍ୟାଳୟକୁ ଆସୁଥିବା ପିଲାଙ୍କ ଅଭିଭାବକଙ୍କ ସହମତି ଆବଶ୍ୟକ। ଏଥିପାଇଁ ସମସ୍ତ ବିଦ୍ୟାଳୟର ପ୍ରଧାନଶିକ୍ଷକଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଏ ନେଇ ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡା. ବିଜୟ ମହାପାତ୍ର କହିଛନ୍ତି, ଶିକ୍ଷକମାନଙ୍କ ପାଇଁ ସ୍ୱତନ୍ତ୍ର ଟିକାକରଣ ବ୍ୟବସ୍ଥା ନାହିଁ। ଆମେ ଯେଉଁ ବୟସ ଅନୁଯାୟୀ ଟିକାକରଣ କରୁଛୁ, ସମସ୍ତ ଶିକ୍ଷକ ସେଥିରେ ଅନ୍ତର୍ଭୁକ୍ତ। ସମସ୍ତଙ୍କୁ ଟିକା ନେବାକୁ କୁହାଯାଇଛି। ସେମାନେ ଟିକା ନେବା କଥା। ଯଦି ଏପର୍ଯ୍ୟନ୍ତ ଟିକା ନେଇନାହାନ୍ତି, ତେବେ ସ୍ୱତଃପ୍ରବୃତ୍ତ ଭାବରେ ଆସି ଟିକା ନିଅନ୍ତୁ।

ସୂଚନାଯୋଗ୍ୟ, କରୋନା ଯୋଗୁ ସମସ୍ତ ଶିକ୍ଷାନୁଷ୍ଠାନ ବନ୍ଦ ରହିଛି। କିନ୍ତୁ ପିଲାଙ୍କ ପାଠପଢ଼ାକୁ ଗୁରୁତ୍ୱ ଦେଇ ୨୬ତାରିଖରୁ ଦଶମ ଓ ଦ୍ୱାଦଶ ଶ୍ରେଣୀ ଛାତ୍ରୀଛାତ୍ରଙ୍କ ନିମନ୍ତେ ସ୍କୁଲ ଖୋଲିବାକୁ ସରକାର ନିଷ୍ପତ୍ତି ନେଇଛନ୍ତି। ସ୍କୁଲ ଖୋଲିବା ପାଇଁ ଗାଇଡ୍‌ଲାଇନ ମଧ୍ୟ ଜାରି ହୋଇଛି। ଶ୍ରେଣୀଗୃହରେ ସାମାଜିକ ଦୂରତା ରଖି ୨୦ରୁ ୨୫ ଜଣ ପିଲା ବସିବେ। ସମସ୍ତଙ୍କ ପାଇଁ ମାସ୍କ ବାଧ୍ୟତାମୂଳକ। ନିୟମିତ ଭାବେ ସ୍କୁଲକୁ ବିଶୋଧନ କରାଯିବ। ସେହିପରି ପ୍ରବେଶ ପଥରେ ସାନିଟାଇଜର ଓ ଥର୍ମାଲ ସ୍କ୍ରିନିଂ ବ୍ୟବସ୍ଥା ରହିବ। ଏଥିସହ ସ୍କୁଲରେ ଆଇସୋଲେସନ ରୁମ୍ ବ୍ୟବସ୍ଥା ହେବ। ୫୦ ପ୍ରତିଶତ ସିଟ୍ ଖାଲି ରଖି ଛାତ୍ରୀଛାତ୍ରଙ୍କୁ ପରିବହନ ସୁବିଧା ଯୋଗାଇ ଦିଆଯିବ। ସେହିପରି ୨୬ରୁ ହଷ୍ଟେଲ ଖୋଲିବା ନେଇ ବୁଧବାର ଗଣଶିକ୍ଷା ବିଭାଗ ପକ୍ଷରୁ ଏସ୍‌ଓପି ଜାରି କରାଯାଇଥିଲା।

# ୟୁସି ଦେଇ ନ ଥିବାରୁ ଓଡ଼ିଶାକୁ ମିଳିନି କେନ୍ଦ୍ରୀୟ ସହାୟତା

**ନୂଆଦିଲ୍ଲୀ, ୨୨।୭**

ଓଡ଼ିଶା ସରକାର ପୂର୍ବବର୍ଷ ପାଇଥିବା ଅନୁଦାନର ବିନିଯୋଗ ପ୍ରମାଣପତ୍ର (ୟୁସି) ଦାଖଲ କରି ନ ଥିବାରୁ ୨୦୨୧-୨୨ ବର୍ଷ ଲାଗି ଆଦିବାସୀ ଯୋଜନାକୁ ସ୍ୱତନ୍ତ୍ର କେନ୍ଦ୍ରୀୟ ସହାୟତା (ଏସ୍‌ସିଏ ଟୁ ଟିଏସ୍‌ଏସ୍)ରେ ରାଜ୍ୟକୁ ଏପର୍ଯ୍ୟନ୍ତ କେନ୍ଦ୍ର ସରକାର ପାଣ୍ଠି ଯୋଗାଇ ନାହାନ୍ତି। ବିଜେଡି ଏମ୍‌ପି ଅମର ପଟ୍ଟନାୟକଙ୍କ ଏକ ଲିଖିତ ପ୍ରଶ୍ନର ଉତ୍ତରରେ ଆଦିବାସୀ ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ଏହା କୁହାଯାଇଛି। ରାଜ୍ୟ ସରକାର ପୂର୍ବବର୍ଷର ବିନିଯୋଗ ପ୍ରମାଣପତ୍ର ଏବଂ ଫିଜିକାଲ ପ୍ରୋଗ୍ରେସିଭ୍ ରିପୋର୍ଟ ଦାଖଲ କରି ନ ଥିବାରୁ ଉପରୋକ୍ତ ଯୋଜନା ଏବଂ ସମ୍ବିଧାନର ଅନୁଚ୍ଛେଦ ୨୭୫(୧)ରେ ଅନୁଦାନ ଦିଆଯାଇ ନ ଥିବା ମନ୍ତ୍ରଣାଳୟ କହିଛି। ୨୦୨୦-୨୧ ଆର୍ଥିକ ବର୍ଷରେ କେନ୍ଦ୍ର ସରକାର ଏସ୍‌ସିଏ ଟୁ ଟିଏସ୍‌ଏସ୍‌ରେ ଓଡ଼ିଶାକୁ ୯୦.୧୦ କୋଟି ଏବଂ ଅନୁଚ୍ଛେଦ ୨୭୫(୧) ଅନୁଯାୟୀ ୬୩.୦୪ କୋଟି ଟଙ୍କା ଯୋଗାଇ ଦେଇଥିଲେ। ଟିଏସ୍‌ଏସ୍‌ରେ ଯୋଗାଇ ଦିଆଯାଇଥିବା ଅର୍ଥରୁ ରାଜ୍ୟ ସରକାର ୫୬.୩୫ କୋଟି ଟଙ୍କା ବିନିଯୋଗ କରିଥିବାବେଳେ ଧାରା ୨୭୫(୧)ରେ ମିଳିଥିବା ଅର୍ଥ ଆଦୌ ଖର୍ଚ୍ଚ କରିନାହାନ୍ତି। ସେଥିପାଇଁ ଚଳିତ ବର୍ଷ ପାଣ୍ଠି ମଞ୍ଜୁର ହୋଇଥିଲେ ମଧ୍ୟ ଦିଆଯାଇ ନ ଥିବା ଆଦିବାସୀ ବ୍ୟାପାର ରାଷ୍ଟ୍ରମନ୍ତ୍ରୀ ରେଣୁକା ସିଂ ସାରୁତା କହିଛନ୍ତି।

ଆଦିବାସୀମାନଙ୍କ କଲ୍ୟାଣ ଓ ବିକାଶ ଲାଗି ୨୭ ରାଜ୍ୟକୁ ଉପରୋକ୍ତ ଯୋଜନାରେ ସ୍ୱତନ୍ତ୍ର କେନ୍ଦ୍ରୀୟ ସହାୟତା ଯୋଗାଇ ଦିଆଯାଇଛି। ଆଦିବାସୀ ଉପଯୋଜନା (ଟିଏସ୍‌ଏସ୍)ରେ ମିଳୁଥିବା ଅର୍ଥ ସେମାନଙ୍କ ଅଞ୍ଚଳର ପ୍ରମୁଖ ଭିତ୍ତିଭୂମି ବିକାଶରେ ବିନିଯୋଗ କରାଯାଇଥାଏ। ସେହିପରି ଧାରା ୨୭୫(୧)ରେ ମିଳୁଥିବା ଅର୍ଥ ଅନୁସୂଚିତ ଜନଜାତିର କଲ୍ୟାଣ ପାଇଁ ଖର୍ଚ୍ଚ ହୋଇଥାଏ।

## ଢଗଢମାଳି



(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**କାଖରେ ପତର, ହାତରେ ଲୁଣ;**
**ମିଛେ ବୋଲୁଥାଏ ତିନି ତିଅଣ।**

ଘରେ ପଛେ ଖାଇବାକୁ ମୁଠେ ଦାନା ନ ଥାଉ ବାହାରେ କିନ୍ତୁ ଚାତୁରି କାହିଁରେ କେତେ। ଅନେକ କ୍ଷେତ୍ରରେ କିଛି ନ ଥିବା ବ୍ୟକ୍ତି ସମାଜରେ ନିଜ ଫମ୍ପା ଆଭିଜାତ୍ୟ ଦେଖେଇ ହେବାରେ କାଣିଚାଏ ହେଳା କରୁ ନ ଥିବାର ଲକ୍ଷ୍ୟ କରାଯାଇଥାଏ। ଦୈନନ୍ଦିନ ଗୁଜୁରାଣ ମେଣ୍ଟେଇବାକୁ ଅସମର୍ଥ ହେଉଥିବା ବ୍ୟକ୍ତି ବାହାରେ ବୁଲି ନିଜର ପ୍ରୌଢ଼ି ପ୍ରକାଶ କରିବାରେ କୌଣସି ଯଥାର୍ଥତା ରହୁ ନ ଥିବା ଅର୍ଥରେ ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

**କଖାରୁ କାଟିଲି ଚେକି,**
**ସୁନ୍ଦର କଲିରେ ପଡ଼ିଲା ଆଖି,**
**ନାକ ଫୁଲଗୁଣା ଦେଖି।**

ଚେହେରାରୁ ପ୍ରେମର ପରିପ୍ରକାଶ। ସାଧାରଣତଃ ସୌନ୍ଦର୍ଯ୍ୟ ପ୍ରତି ସଭିଙ୍କ ମନରେ ଦୁର୍ବଳତା ଭାବ ରହିଥାଏ। ସୁନ୍ଦରତା ଆଡ଼କୁ ସଭିଙ୍କ ମନ ଅଚିରେ ଟାଣି ହୋଇଯାଇଥାଏ। ସୁନ୍ଦର ଚେହେରା ଦେଖି ଆଖି ଲାଖି ରହିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ନିର୍ବାଚିତ ଢଗଢ଼ମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ – ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ


## classifieds Everyday 0674-2580101, 2549302




**SALE**

ଭୁବନେଶ୍ୱର ଜଟଣୀଗେଟ୍‌ରୁ କିଛି ଦୂରତାରେ 1200sqft. 2,80,000/-, ନଖରା ତ୍ରିନାଥ ବଜାର sqft.-150/- (outright). 9348232008, 9348817649. D-70869

**Residential cum Commercial Road side Plot, Niali Road @ 750 Sft., Residential Plots with Boundary Wall, Electricity System, Homely Temple, Nakhara 7 K.M., BBSR - 12 K.M. 8249851363, 7809525452.** D-70462

ଭୁବନେଶ୍ୱରରେ ପ୍ଲଟ୍ ବିକ୍ରିହେବ। Near Rabi Talkies ଘରବାରି ପାଚେରି ଲାଇନ୍ ସହିତ। 9178660666. D-71120




Fully furnished 1BHK accommodation with household amenities only Family/Girls Bhubaneswar, Baramunda Nilakantheswar Road Contact- 7978027914. D-21144




New opening Saikrupa Panchakarma and Spa jointpain, fullbody massage, 8984068077. D-65918

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


## ପ୍ରଥମ ପୃଷ୍ଠାରୁ...

### ୫ ବିଧାୟକଙ୍କୁ...

ବୁଧବାର ଅପରାହ୍ଣରେ ଭାଜପାର ଏକ ଆନ୍ଦୋଳନ ସମ୍ପର୍କିତ କାର୍ଯ୍ୟକ୍ରମରେ ଖବର ସଂଗ୍ରହ କରିବାକୁ ଯାଇଥିବା ବେଳେ ଭୀମସେନଙ୍କୁ ମହିଳା କନ୍‌ଷ୍ଟେବଲ ଜଣକ ଟଣାଓଟରା କରିବା ସହ ମୁହଁକୁ ଚାପୁଡ଼ା ମାରିଥିଲେ। ଏହାର ଭିଡିଓ ଭାଇରାଲ ହେବା ପରେ ଖବରଦାତାଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଥିଲା। ଗୁରୁବାର ପୂର୍ବାହ୍ଣରେ ଶତାଧିକ ଗଣମାଧ୍ୟମ ପ୍ରତିନିଧି ପୋଲିସର ଏପରି ବ୍ୟବହାର ପ୍ରତିବାଦରେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ସରକାରୀ କାର୍ଯ୍ୟକ୍ରମ ସମ୍ପର୍କିତ ଏକ ବୈଠକରେ ଯୋଗଦେବାକୁ ଜିଲାପାଳଙ୍କ କାର୍ଯ୍ୟାଳୟକୁ ଆସିଥିବା ସମ୍ପୃକ୍ତ ୫ ବିଧାୟକ ଖବରଦାତାଙ୍କ ରୋଷରୁ ବର୍ତ୍ତି ନ ଥିଲେ। ବିଧାୟକମାନଙ୍କୁ ତାଲା ପକାଇ କାର୍ଯ୍ୟାଳୟରେ ଅଟକ ରଖିବା ସହିତ ମାଡ଼ ମାରିଥିବା ମହିଳା କନ୍‌ଷ୍ଟେବଲ ଏବଂ ଘଟଣା ବେଳେ ଉପସ୍ଥିତ ଅନ୍ୟ ଦୁଇଜଣ ପୋଲିସ କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଲାଗି ଦୃଢ଼ ଦାବି କରିଥିଲେ। ବିଧାୟକମାନେ ବିକ୍ଷୋଭକାରୀଙ୍କ ମଧ୍ୟରୁ ଏକ ୫ ଜଣିଆ ଟିମ୍‌କୁ ଡକାଇ ଆଲୋଚନା କରିଥିଲେ। ଜିଲାପାଳ ଓ ଏସ୍‌ପିଙ୍କ ସହ କଥା ହୋଇ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହି ବିଧାୟକମାନେ ଜିଲାପାଳଙ୍କ କାର୍ଯ୍ୟାଳୟରୁ ବାହାରି ଯାଇଥିଲେ। ବିକ୍ଷୋଭକାରୀମାନେ ଜିଲାପାଳଙ୍କ ଆବାସିକ କାର୍ଯ୍ୟାଳୟକୁ ଯାଇ ସମ୍ପୃକ୍ତ କର୍ମଚାରୀଙ୍କ ନିଲମ୍ବନ ଦାବି କରି ଏକ ସ୍ମାରକପତ୍ର ଦେଇଛନ୍ତି। ଜିଲାପାଳ ଅମ୍ରିତ ଋତୁରାଜ ଏସ୍‌ପିଙ୍କ ସହ ଆଲୋଚନା କରିବା ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି।

ଏହି ଘଟଣାକୁ ନେଇ କେନ୍ଦ୍ରାପଡ଼ା ବ୍ଲକ କଂସାର ଗ୍ରାମର ସାଗର ଜେନା ଜାତୀୟ ମାନବାଧିକାର କମିଶନର (ଏନ୍‌ଏଚ୍‌ଆର୍‌ସି)ଙ୍କ ନିକଟରେ ଅଭିଯୋଗ (ନଂ. ୧୨୨୫୫/ ୨୧) କରିଛନ୍ତି। ମାନବାଧିକାର କ୍ଷୁଣ୍ଣ ପାଇଁ ସମ୍ପୃକ୍ତ ପୋଲିସ କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସେ ଦାବି କରିଛନ୍ତି। ରିପୋର୍ଟ ଲେଖାହେବା ପର୍ଯ୍ୟନ୍ତ ଜିଲାପାଳଙ୍କ ଆବାସିକ କାର୍ଯ୍ୟାଳୟରେ ଖବରଦାତାମାନେ ବିକ୍ଷୋଭ ପ୍ରଦର୍ଶନ ଜାରି ରଖିଛନ୍ତି। କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ ହେବା ପର୍ଯ୍ୟନ୍ତ ବିକ୍ଷୋଭ ଜାରି ରହିବ ବୋଲି ରାଜ୍ୟ ୱେବ ମିଡିଆ ସଂଘ ସଭାପତି ପୂର୍ଣ୍ଣଚନ୍ଦ୍ର ଦାସ ସୂଚନା ଦେଇଛନ୍ତି।

ଡେରାବିଶ ବ୍ଲକ ପ୍ରତିନିଧି ବେବର୍ତ୍ତା ଅଜୟ ଦାସ ଜଣାଇଛନ୍ତି ଯେ, ଖବରଦାତାମାନେ ସେଠାରେ ଉପସ୍ଥିତ ଥିବା ସମ୍ପୃକ୍ତ ବିଧାୟକଙ୍କୁ ପୋଲିସ କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବା ଦିଗରେ ତୁରନ୍ତ ପଦକ୍ଷେପ ନେବାକୁ କହିଥିଲେ। ଏଥିସହ ମହିଳା କନ୍‌ଷ୍ଟେବଲ ସର୍ବସମ୍ମୁଖରେ ଭୁଲ ମାଗିବା ସହ ତାଙ୍କର ନିଲମ୍ବନ ଦାବି କରିଥିଲେ। ବିଧାୟକ ପ୍ରତାପ ଦେବ ଜିଲାପାଳ ଏବଂ ଏସ୍‌ପିଙ୍କ ସହ ଆଲୋଚନା କରି ଘଟଣାକୁ ଦେଖିବେ। ତେବେ ଜନପ୍ରତିନିଧିମାନେ ପ୍ରସଙ୍ଗକୁ ହାଲୁକା ଭାବେ ନେବାରୁ ଖବରଦାତାମାନେ ଉତ୍ୟକ୍ତ ହୋଇପଡ଼ିଥିଲେ ଏବଂ କାର୍ଯ୍ୟାଳୟ ଭିତରେ ଥିବା ବିଧାୟକଙ୍କ ସମେତ ପ୍ରଶାସନିକ ଅଧିକାରୀଙ୍କୁ ତାଲା ପକାଇ ଦେଇଥିଲେ।

### ଟୋକିଓରେ ଆଜିଠାରୁ...

ଜାପାନ ସମ୍ରାଟ ନରୁହିତୋ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିବା ସମ୍ଭାବନା ରହିଛି। କୋଭିଡ୍-୧୯ ସଂକ୍ରମଣକୁ ଦୃଷ୍ଟିରେ ରଖି ପ୍ରଥମଥର ପାଇଁ ବିନା ଦର୍ଶକରେ ଅଲିମ୍ପିକ୍ସ ଇଭେଣ୍ଟଗୁଡ଼ିକ ଆୟୋଜିତ ହେବ। ପ୍ରତିଯୋଗିତାରେ ୨୦୪ ଦେଶର ୧୧,୨୩୮ରୁ ଊର୍ଦ୍ଧ୍ୱ ଆଥ୍‌ଲେଟ ଅଂଶଗ୍ରହଣ କରିବେ। ୩୩ଟି କ୍ରୀଡ଼ାର ୩୩୯ ଇଭେଣ୍ଟ ପାଇଁ ପ୍ରତିଯୋଗିତା ଅନୁଷ୍ଠିତ ହେବ। ଅଗଷ୍ଟ ୮ରେ ଉଦ୍‌ଯାପନୀ ସମାରୋହ ଅନୁଷ୍ଠିତ ହେବ।

ଅଲିମ୍ପିକ୍ସର ଉଦ୍‌ଘାଟନୀ ସମାରୋହରେ ଭାରତର ୨୦ ଆଥ୍‌ଲେଟ ଅଂଶଗ୍ରହଣ କରିବେ। ଶୁଟିଂ, ବ୍ୟାଡ୍‌ମିଣ୍ଟନ, ଜୁଡୋ, ଭାରୋତ୍ତୋଳନ, ଆର୍ଚ୍ଚେରୀ ଓ ହକିକୁ ମିଶାଇ ୭ଟି କ୍ରୀଡ଼ା ଇଭେଣ୍ଟର ଖେଳାଳିମାନେ ଏଥିରେ ଭାଗ ନେବେନାହିଁ। କୋଭିଡ୍-୧୯ ସଂକ୍ରମଣ ଭୟ ଏବଂ ପରଦିନ ଅର୍ଥାତ୍ ଶନିବାର ଏହି ଖେଳାଳିଙ୍କର ଇଭେଣ୍ଟ ଥିବାରୁ ଅଭ୍ୟାସରେ ବ୍ୟସ୍ତ ରହିବେ। ଭାରତୀୟ ହକି ଦଳରୁ କେବଳ ଅଧିନାୟକ ମନ୍‌ପ୍ରୀତ ସିଂ ଏଥିରେ ଯୋଗଦେବେ। କାରଣ ମନ୍‌ପ୍ରୀତ ଏବଂ ତାରକା ମହିଳା ବକ୍ସର ଏମ୍.ସି. ମେରୀକମ୍ ଭାରତୀୟ ପ୍ରତିନିଧି ଦଳ ପକ୍ଷରୁ ଜାତୀୟ ପତାକାଧାରୀ ହେବେ। ମନୀକା ବାତ୍ରା, ଏ. ଶରଥ କମଲଙ୍କୁ ମିଶାଇ ୪ ଟେବୁଲ ଟେନିସ, ୪ ସେଲିଂ ଦଳର ସଦସ୍ୟ, ଏକମାତ୍ର ଫେନ୍‌ସର ସି.ଏ. ଭବାନୀ ଦେବୀ, ଜିମ୍ନାଷ୍ଟ ପ୍ରଣତି ନାୟକ, ସନ୍ତରଣକାରୀ ସାଜନ ପ୍ରକାଶ, ବକ୍ସର ମେରୀକମ୍, ଲଭଲିନା ବୋର୍ଗୋହେଁ, ପୂଜା ରାଣୀ, ଅମିତ ପଙ୍ଘାଲ, ମନୀଷ କୌଶିକ, ଆଶିଷ କୁମାର ଓ ସତୀଶ କୁମାର ଉଦ୍‌ଘାଟନୀରେ ଭାରତର ପ୍ରତିନିଧିତ୍ୱ କରିବେ। ଏଥିରେ ଅଂଶଗ୍ରହଣ କରିବାକୁ ଯାଉଥିବା ଭାରତର ୬ ଅଫିସିଆଲ ହେଲେ ଚିଫ୍ ଡି'ମିଶନ ବୀରେନ୍ଦର ପ୍ରସାଦ ବୈଶ୍ୟ, ଡେପୁଟି ଚିଫ୍ ଡି'ମିଶନ ପ୍ରେମ୍ ବର୍ମା, ଟିମ୍ ଡାକ୍ତର ଅରୁଣ ବାସିଲ ମାଥ୍ୟୁ, ଟେବୁଲ ଟେନିସ ଟିମ୍ ମ୍ୟାନେଜର ଏମ୍.ପି. ସିଂ, ବକ୍ସିଂ କୋଚ୍ ମହମ୍ମଦ ଅଲୀ କ୍ୱାମାର ଏବଂ ଜିମ୍ନାଷ୍ଟିକ୍ସ କୋଚ୍ ଲଖନ ଶର୍ମା।

ମାର୍ଚ୍ଚପାଷ୍ଟ ଜାପାନ ବର୍ଣ୍ଣମାଳା କ୍ରମରେ ରହିବ। ତେଣୁ ଭାରତୀୟ ପ୍ରତିନିଧି ଦଳ ୨୧ତମ ସ୍ଥାନରେ ଆସିବେ। ପ୍ରତି ଦେଶରୁ ମାତ୍ର ୬ ଜଣ ଲେଖାଏ ଅଫିସିଆଲଙ୍କୁ ଭାଗ ନେବାର ସୁଯୋଗ ମିଳିବ। ଉଦ୍‌ଘାଟନୀରେ ଭାରତରୁ ଅଧିକ ସଂଖ୍ୟକ ଆଥ୍‌ଲେଟ ସାମିଲ ହେବେ ନାହିଁ ବୋଲି ଭାରତୀୟ ଅଲିମ୍ପିକ୍ ଆସୋସିଏଶନ ମହାସଚିବ ରାଜୀବ ମେହେଟା ପୂର୍ବରୁ ସ୍ପଷ୍ଟ କରି ଦେଇଥିଲେ। ଅଲିମ୍ପିକ୍ସରେ ଭାରତରୁ ୧୨୦ରୁ ଊର୍ଦ୍ଧ୍ୱ ଆଥ୍‌ଲେଟ ଭାଗନେବେ। କୋଚ୍, ଅଫିସିଆଲ୍ସ, ସପୋର୍ଟ ଷ୍ଟାଫ୍ ଏବଂ କୋଭିଡ୍-୧୯ ପାଇଁ ବିକଳ୍ପ ଆଥ୍‌ଲେଟଙ୍କୁ ମିଶାଇ ମୋଟ ପ୍ରତିନିଧି ଦଳର ସଂଖ୍ୟା ୨୨୮ ରହିବ। ଉଦ୍‌ଘାଟନୀ ସମାରୋହ ପରଦିନ ଶୁଟର ଏବଂ ଆର୍ଚ୍ଚରଙ୍କ ବ୍ୟତୀତ ଉଭୟ ମହିଳା ଓ ପୁରୁଷ ହକି ଦଳର ମଧ୍ୟ ମ୍ୟାଚ ରହିବ। ବିଳମ୍ବରେ ଜାପାନରେ ପହଞ୍ଚି କ୍ୱାରାଣ୍ଟାଇନ୍‌ରେ ଥିବା ବ୍ୟକ୍ତିଙ୍କୁ ଅନୁମତି ମିଳିବ ନାହିଁ ବୋଲି ଡେପୁଟି ଚିଫ୍ ଡି ମିଶନ ପ୍ରେମ୍ କୁମାର ବର୍ମା ପ୍ରକାଶ କରିଛନ୍ତି। ଅନ୍ୟ ଦେଶ ଭଳି ବ୍ରିଟେନ ମଧ୍ୟ ଏଥର କରୋନା ଭୟକୁ ଦୃଷ୍ଟିରେ ରଖି ୩୦ ଆଥ୍‌ଲେଟଙ୍କୁ ଉଦ୍‌ଘାଟନୀ ସମାରୋହ ପାଇଁ ଅନୁମତି ଦେଇଛି। ୟୁନାଇଟେଡ କିଙ୍ଗଡମ୍‌ର ମୋଟ ୩୭୬ ଆଥ୍‌ଲେଟ ଅଲିମ୍ପିକ୍ସରେ ଅଂଶଗ୍ରହଣ କରିବେ।

### ଅଶ୍ୱିନୀଙ୍କଠୁ ରିପୋର୍ଟ...

ଏହା ଉପରେ ଆଲୋଚନା କରାଯାଇପାରିବ ବୋଲି ଉପାଧ୍ୟକ୍ଷ କହିଥିଲେ। ଏଥିସହ ଅଶ୍ୱିନୀଙ୍କୁ ଅଳ୍ପ କେତୋଟି ବାକ୍ୟ ପଢ଼ିବା ପାଇଁ ପରାମର୍ଶ ଦେଇଥିଲେ। ତେବେ ସଦସ୍ୟମାନେ ପୁଣି ହଟ୍ଟଗୋଳ କରିବାରୁ ତାଙ୍କ କଥା ଆଉ ଶୁଭି ନ ଥିଲା। ଉପାଧ୍ୟକ୍ଷ କହିଥିଲେ, ଆପଣମାନେ ଯେଉଁ ପ୍ରସଙ୍ଗରେ ବିକ୍ଷୋଭ କରୁଛନ୍ତି ତା' ଉପରେ ଆଲୋଚନା ହେଉ ବୋଲି ଚାହୁଁନାହାନ୍ତି। ଏହା ଅଗଣତାନ୍ତ୍ରିକ। ସୁଚିଂ ବିବାଦକୁ ନେଇ ସରକାର ବିରୋଧୀ ସ୍ଲୋଗାନ ଅସ୍ୱାଭାବିକ ସ୍ଥିତି ସୃଷ୍ଟି କରିଥିବାବେଳେ ଉପାଧ୍ୟକ୍ଷ ବାରମ୍ବାର ଶାନ୍ତ ରହିବାକୁ ଅନୁରୋଧ କରିଥିଲେ। ହେଲେ ତାଙ୍କ କଥା କେହି ଶୁଣି ନ ଥିଲେ। ଫଳରେ ଉପାଧ୍ୟକ୍ଷ ଗୃହକାର୍ଯ୍ୟକୁ ଦିନକ ପାଇଁ ସ୍ଥଗିତ ରଖିଥିଲେ।

ଇସ୍ରାଏଲର ଏନ୍‌ଏସ୍‌ଓ କମ୍ପାନୀ ଦ୍ୱାରା ପ୍ରସ୍ତୁତ ପେଗାସସ୍ ସ୍ପାଏୱେର ଜରିଆରେ ଦେଶର ଖବରଦାତା, ବିରୋଧୀ ଦଳ ନେତା ଓ ସରକାରଙ୍କ ସମାଲୋଚକମାନଙ୍କ ଫୋନ୍‌କୁ ସର୍ଭିଲାନ୍ସରେ ରଖାଯାଇଥିବା ନେଇ ଗତ ୧୮ରେ ରିପୋର୍ଟ ପ୍ରକାଶ ପାଇଥିଲା। ଏହାକୁ ନେଇ ୧୯ ତାରିଖରେ ଆଇଟି ମନ୍ତ୍ରୀ ବୈଷ୍ଣବ ଗୃହରେ ଯାହା କହିଥିଲେ ଗୁରୁବାରର ବିବୃତି ମଧ୍ୟ ଅନୁରୂପ ଥିଲା। ଅଶ୍ୱିନୀ ନିଜ ବିବୃତିରେ କହିଥିଲେ, କେତେଜଣଙ୍କ ଫୋନ୍ ନମ୍ବରକୁ ଟାର୍ଗେଟ କରାଯାଇଥିବା ନେଇ ୱାଶିଂଟନ ପୋଷ୍ଟ ପ୍ରକାଶ କରିଛି। ଭାରତୀୟ ଗଣତନ୍ତ୍ର ଓ ଦେଶର ସୁପ୍ରତିଷ୍ଠିତ ସଂସ୍ଥାଗୁଡ଼ିକୁ ବଦନାମ କରିବା ପାଇଁ ଏହା ଉଦ୍ଦିଷ୍ଟ। ପାର୍ଲାମେଣ୍ଟର ମୌସୁମୀ ଅଧିବେଶନ ଆରମ୍ଭ ହେବାର ଦିନକ ପୂର୍ବରୁ ଏହାକୁ ଏକ ୱେବ୍ ପୋର୍ଟାଲ ପ୍ରକାଶ କରିଛି। ଏହା ଏକ ସଂଯୋଗ ନୁହେଁ।

### ଓଡ଼ିଆ ଆଇଆର୍‌ଏସ୍...

ସେ ଆଇଆଇଏମ୍ ବାଙ୍ଗାଲୋରରୁ ପବ୍ଲିକ୍ ପଲିସି ଆଣ୍ଡ୍ ମ୍ୟାନେଜ୍‌ମେଣ୍ଟରେ ପିଜି ଡିପ୍ଲୋମା କରିବା ସହ ଜେଏନ୍‌ୟୁରୁ ଇଣ୍ଟରନ୍ୟାଶନାଲ ରିଲେଶନ୍ସ ଉପରେ ସ୍ନାତକ ଡିଗ୍ରୀ ହାସଲ କରିଛନ୍ତି। ଜାତିସଂଘର ନୂଆ ଟ୍ୟାକ୍ସ କମିଟି ଦ୍ୱୈତ ଟିକସ ଚୁକ୍ତିନାମା, ମୂଲ୍ୟ ସ୍ଥାନାନ୍ତର, ଟିକସ ବିବାଦ ସମାଧାନ, ଏକ୍ସଟ୍ରାକ୍ଟିଭ୍ ଇଣ୍ଡଷ୍ଟ୍ରିଜ୍ ଏବଂ ଡିଜିଟାଲ ଅର୍ଥନୀତିର ଟିକସ ବ୍ୟବସ୍ଥା ପରିବେଶ ଟିକସ, ମୂଲ୍ୟଯୁକ୍ତ ଟିକସ ଇତ୍ୟାଦିର ସମାଧାନ ଦିଗରେ କାର୍ଯ୍ୟ କରିବ। ଏହା ବିକାଶଶୀଳ ଦେଶ ଏବଂ ସେମାନଙ୍କ ନୀତି ଉପରେ ସ୍ୱତନ୍ତ୍ର ଗୁରୁତ୍ୱ ଦେବ।

### ଶ୍ୱାସରୁଦ୍ଧ ହୋଇ...

ଯିବାରୁ ଉଦ୍ଧାର ପାଇଁ ଅନ୍ୟ ଜଣେ ପଡୋଶୀ ତଥା ଅବସରପ୍ରାପ୍ତ ସେନା କର୍ମଚାରୀ ପି.ତରେନେୟା ଟାଙ୍କି ଭିତରକୁ ଯାଇ ଆଉ ଫେରି ନ ଥିଲେ। ସ୍ଥାନୀୟ ଲୋକେ ଏହା ଜାଣିପାରି ୩ ଜଣଙ୍କ ନାଁ ଧରି ଡାକିଥିଲେ ମଧ୍ୟ ଭିତରୁ କୌଣସି ଶବ୍ଦ ଆସି ନ ଥିଲା। ସନ୍ଦେହ ହେବାରୁ ଗ୍ରାମବାସୀ ପହଞ୍ଚି ଟାଙ୍କି ଭିତରୁ ଅଚେତ ଅବସ୍ଥାରେ ୩ ଜଣଙ୍କୁ ଉଦ୍ଧାର କରି ବ୍ରହ୍ମପୁର ବଡ଼ ମେଡିକାଲ୍ ପଠାଇଥିଲେ। ସେଠାରେ ସେମାନଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ରିପୋର୍ଟ ଲେଖାଯିବା ସୁଦ୍ଧା ଏ ନେଇ କୌଣସି ମାମଲା ରୁଜୁ ହୋଇନି। ଶୁକ୍ରବାର ମୃତଦେହ ବ୍ୟବଚ୍ଛେଦ କରାଯିବ ବୋଲି ଥାନା ଅଧିକାରୀ ମାଧବାନନ୍ଦ ନାୟକ କହିଛନ୍ତି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ:** ଧନାଧିପ ଶୁକ୍ରଙ୍କ ଶୁଭ ପ୍ରଭାବରୁ ଆର୍ଥିକ ଅଭାବ, ଅନଟନ ରହିବନାହିଁ। କିନ୍ତୁ ଶତ୍ରୁତା କାରଣରୁ ବନ୍ଧୁଙ୍କ ସଦ୍‌ଭାବ ସହକର୍ମୀମାନଙ୍କ ସହଯୋଗ ମଧ୍ୟ ପାଇବେ ନାହିଁ। ଦୀର୍ଘ ଦିନରୁ ଲାଗି ରହିଥିବା ସ୍ୱାସ୍ଥ୍ୟ ଓ ପାରିବାରିକ ସମସ୍ୟା ମନକୁ ଆନ୍ଦୋଳିତ କରିବ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ ଓ ପରିବହନ ପାଇଁ ଦିନଟି ବହୁତ ଶୁଭଙ୍କରୀ ହେବ।

**ବୃଷ:** ଧନାଧିପ ବୁଧଙ୍କ ସୁପ୍ରଭାବରୁ ବନ୍ଧୁ ପ୍ରତିଶ୍ରୁତି ରକ୍ଷାକରି ସାହାଯ୍ୟ କରିବେ। କର୍ମକ୍ଷେତ୍ରରେ ଭୁଲ୍ ଖବର ପାଇ ସାମୟିକ ଭାବରେ ବିବ୍ରତ ହୋଇପାରନ୍ତି। ପ୍ରଶାସନ, ଆଇନ, ଅଦାଲତ ସମ୍ବନ୍ଧୀୟ ଝମେଲାର ଅବସାନ ଘଟିବ। ପାରିବାରିକ ସ୍ଥିତି ପୂର୍ବପରି ରହିବ କିନ୍ତୁ ବିବାଦୀୟ କଥାରେ ମୁଣ୍ଡ ନ ପୂରାଇବା ଭଲ।

**ମିଥୁନ:** ଆଜି ରାଶ୍ୟାଧିପ ସ୍ୱଗୃହୀ ହେତୁ ସ୍ୱାସ୍ଥ୍ୟ ସମସ୍ୟା ନିୟନ୍ତ୍ରଣରେ ରହିବ। ପାରିବାରିକ, ପ୍ରଶାସନ, ଯାନବାହନ, ନିର୍ମାଣ ଓ ଯାତ୍ରାରୁ ସୁଫଳ ପାଇବେ। କଚେରୀ ମାମଲା କିମ୍ବା ପାରିବାରିକ ସମସ୍ୟା ବୃଦ୍ଧି ପାଇବା ହେତୁ ବ୍ୟସ୍ତତା ବଢ଼ିଯାଇପାରେ। ସାହିତ୍ୟ, ସାମ୍ବାଦିକତା, ପ୍ରଶାସନ, ପ୍ରକାଶନ, ରାଜନୀତି କ୍ଷେତ୍ରରେ ଆଶାନୁରୂପ ଫଳ ମିଳିବ।

**କର୍କଟ:** ରାଶିରେ ରବି ଉନ୍ନତ ଆର୍ଥିକ ସ୍ଥିତି ସହ ବିଶିଷ୍ଟବ୍ୟକ୍ତିଙ୍କ ସାନ୍ନିଧ୍ୟ ଲାଭ କରିବେ। କୌଣସି ବିବାଦୀୟ ପରିସ୍ଥିତିରେ ପଦସ୍ଥ ବ୍ୟକ୍ତିଙ୍କ ସହଯୋଗରୁ ସମସ୍ୟା ସମାଧାନ ହୋଇଯିବ। ଶିଳ୍ପ, ବାଣିଜ୍ୟ, ପରିବହନ ଓ ବ୍ୟବସାୟରେ ପ୍ରତିଦ୍ୱନ୍ଦ୍ୱିତା ବଢ଼ିପାରେ। ପଡ଼ୋଶୀମାନଙ୍କ ସହମତିରେ କାମ କଲେ ଅପେକ୍ଷାକୃତ ସଫଳତା ପାଇପାରନ୍ତି।

**ସିଂହ:** କେତୁଙ୍କ ସ୍ଥିତିଜନିତ ପରିବାରରେ ସାଧାରଣ କଥାରେ ସନ୍ଦେହ ଓ ଭୁଲ୍ ବୁଝାମଣା ହେତୁ ସମସ୍ୟା ବଢ଼ିପାରେ। ବିଭିନ୍ନ ଆବଶ୍ୟକତାକୁ ନେଇ ଖର୍ଚ୍ଚ ପରିମାଣ କ୍ରମଶଃ ବୃଦ୍ଧି ପାଇବ। କର୍ମକ୍ଷେତ୍ରରେ ସ୍ଥଗିତ କାମପାଇଁ ଅନ୍ୟକୁ କୈଫିୟତ୍ ଦେବାକୁ ପଡିପାରେ। ଜମିଜମା, ନିର୍ମାଣ, କଳ, କାରଖାନା, ହୋଟେଲ, ରେଷ୍ଟୁରାଣ୍ଟ ପ୍ରଭୃତିରୁ ଲାଭବାନ୍ ହେବେ।

**କନ୍ୟା:** ଭାଗ୍ୟସ୍ଥ ରାହୁଙ୍କ ଯୋଗୁ ବାରମ୍ବାର ଅସଫଳତା ହେତୁ କୌଣସି କାମ ଉତ୍ସାହପ୍ରଦ ହେବ ନାହିଁ। ପଡୋଶୀଙ୍କ ହସ୍ତକ୍ଷେପ ଫଳରେ ପରିବାରରେ ପୁନର୍ବାର ଶାନ୍ତି ଫେରି ଆସିବ। ନିମନ୍ତ୍ରଣ ପ୍ରାପ୍ତ ହୋଇ ହଠାତ୍ ଦୂରଯାତ୍ରା କରିବାକୁ ପଡିପାରେ। ଜମା ଭଲ ସମ୍ପର୍କ ନ ଥିବା ବ୍ୟକ୍ତିମାନଙ୍କ ଦ୍ୱାରା ପ୍ରଚାରିତ ମିଥ୍ୟା ଗୁଜବ ପ୍ରତି ମନ ଦିଅନ୍ତୁ ନାହିଁ।

**ତୁଳା:** ଶୁକ୍ର ଓ ଶନିଙ୍କ ସ୍ଥିତିଜନିତ ପରିବାରରେ ବିଶୃଙ୍ଖଳା ଲାଗି ରହିବ। ମାନସିକ ଅସ୍ଥିରତା ହେତୁ ଛୋଟ କଥାରେ ଅନ୍ୟ ଉପରେ ବିରକ୍ତ ହୋଇପାରନ୍ତି। ଗୃହ ସମସ୍ୟା ଆନୁଷ୍ଠାନିକ କାମ, ଯାନ୍ତ୍ରିକ ଶିଳ୍ପ ଓ ପରିବହନ କ୍ଷେତ୍ରରେ ଆଶାନୁରୂପ ଫଳ ପାଇବେ। ଆଲୋଚନା ପରିସରରେ ମିଥ୍ୟା ଭାଷଣରୁ ସମାଲୋଚନାର ପାତ୍ର ହେବାକୁ ପଡ଼ିପାରେ।

**ବିଛା:** ଚନ୍ଦ୍ରଙ୍କ ପ୍ରତି ଅଷ୍ଟମାଧିପତିଙ୍କ ଦୃଷ୍ଟି ମାନସିକ ଅସ୍ଥିରତା ଓ ବିଭିନ୍ନ ସମସ୍ୟା ଭିତରେ ଗତି କରିବାକୁ ପଡିବ। ଓଲଟା କଥା କହି ଅପଦସ୍ଥ ହେବେ। ଅତି ନିଜର ବୋଲି ଭାବୁଥିବା ବନ୍ଧୁଟି ହିଁ ସମସ୍ୟାର କାରଣ ହୋଇପଡ଼ିବ। ସାହିତ୍ୟ, କଳା, ଗବେଷଣା ଓ ରଚନାତ୍ମକ କାମରେ ଉଚ୍ଚ ପ୍ରଶଂସା ପାଇବେ।

**ଧନୁ:** ପ୍ରତ୍ୟେକ କ୍ଷେତ୍ରରେ ପଡ଼ୋଶୀମାନେ ସହଯୋଗର ହାତ ବଢ଼ାଇବେ। ଚନ୍ଦ୍ର ଅଶୁଭଭାବାଧିପତି ହୋଇ ରାଶିରେ ରହିଥିବାରୁ ପରୋକ୍ଷ ଶତ୍ରୁତା ଓ ପ୍ରତିବନ୍ଧକ ସତ୍ତ୍ୱେ କାମ ହାସଲ କରିବେ। ନିର୍ମାଣ କାମରେ ପ୍ରତିବନ୍ଧକ ଯୋଗୁ ଅଗ୍ରଗତି ବାଧା ପ୍ରାପ୍ତ ହେବ। ଈର୍ଷା ପରାୟଣ ହୋଇ ନିଜ ଲୋକମାନେ ବିଶ୍ୱାସଘାତକତା କରିପାରନ୍ତି।

**ମକର:** ଦୁଃଶ୍ଥାନସ୍ଥ ଚନ୍ଦ୍ର ପ୍ରଭାବରେ ବୃଥା ଚିନ୍ତା ପରିହାର କରି ପରିସ୍ଥିତିକୁ ସାମନା କରିବାକୁ ଚେଷ୍ଟା କରିବା ଭଲ ହେବ। ପରିବାରରେ ସନ୍ଦେହ ଓ ଭୁଲ୍ ବୁଝାମଣା ହେତୁ ସମସ୍ୟା ବଢ଼ିପାରେ। ନିଜ ଲୋକମାନଙ୍କ ସ୍ୱାସ୍ଥ୍ୟ ଓ ସ୍ୱଭାବରେ ପରିବର୍ତ୍ତନ ଯୋଗୁ ବିଚଳିତ ହେବେ।

**କୁମ୍ଭ:** ଦ୍ୱିତୀୟସ୍ଥ ବୃହସ୍ପତିଙ୍କ ହେତୁ ପୂର୍ବ ସ୍ଥିରୀକୃତ ଯୋଜନାବଦ୍ଧ ନୂତନ କର୍ମାରମ୍ଭ ପ୍ରୀତିପ୍ରଦ ରହିବ। ଯାନବାହନ, ଲୋକସମ୍ପର୍କ, ସଭାସମିତି ଓ ପାରିବାରିକ ସମସ୍ୟା ନେଇ ଚିନ୍ତା କରିବେ। ଅନ୍ୟ ଦ୍ୱାରା ପ୍ରଭାବିତ ହୋଇ ଭଲ ସମ୍ପର୍କ ଥିବା ବନ୍ଧୁଟି ଭୁଲ୍ ବୁଝିବେ। ନିଜର ଲୋକମାନେ ଈର୍ଷା ପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେଇ ପାରନ୍ତି।

**ମୀନ:** ମଙ୍ଗଳଙ୍କ ଦୁର୍ବଳତା କାରଣରୁ ସାମାନ୍ୟ କଥାରେ ଧୈର୍ଯ୍ୟହରା ନ ହୋଇ ପରିସ୍ଥିତିର ମୁକାବିଲା କରିବା ଠିକ୍ ହେବ। ଆବଶ୍ୟକତା ଅନୁଯାୟୀ ଜଣେ ବନ୍ଧୁଙ୍କଠାରୁ ଆଶାନୁଯାୟୀ ଅର୍ଥ ସାହାଯ୍ୟ ପାଇବେ। ଦେହ ଭଲ ରହିଲେ ମଧ୍ୟ ସାମୟିକ ପେଟ ଓ ମୁଣ୍ଡର ରୋଗରେ କଷ୍ଟ ପାଇବେ। ଦୀର୍ଘଦିନରୁ ଚିନ୍ତା କରିଥିବା କାମଟି ହଠାତ୍ ହୋଇଯିବ।

ଆଜି ନୀଳାଦ୍ରିବିଜେ, ରସଗୋଲା ଦିବସ, ଆଷାଢ଼ ଶୁକ୍ଳ ଚତୁର୍ଦ୍ଦଶୀ ଯୁକ୍ତ ପୂର୍ଣ୍ଣିମା ଶୁକ୍ରବାର, ଜୁଲାଇ ୨୩ ତାରିଖ, ଲୋକମାନ୍ୟ ବାଲ୍ ଗଙ୍ଗାଧର ତିଳକ ଜୟନ୍ତୀ, ରାଶିନକ୍ଷତ୍ର-ଦିବା ଘ.୦୨,୨୫ମି. ପର୍ଯ୍ୟନ୍ତ ପୂର୍ବାଷାଢ଼ା/ଧନୁ, ଚତୁର୍ଦ୍ଦଶୀର ଏକୋଦ୍ଦିଷ୍ଟ ଓ ପୂର୍ଣ୍ଣିମାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ଦିବା ଘ.୦୫.୨୨ମି. ଗତେ ଘ.୦୬.୧୪ମି. ମଧ୍ୟେ, ଘ.୦୭.୦୬ମି. ଗତେ ଘ.୦୯.୪୩ମି. ମଧ୍ୟେ, ଘ.୧୨.୧୯ମି. ଗତେ ଘ.୦୨.୫୫ମି. ମଧ୍ୟେ, ଘ.୦୪.୩୯ମି. ଗତେ ଘ.୦୬.୨୩ମି. ମଧ୍ୟେ ଅମୃତବେଳା। ରାତ୍ରି ଘ.୦୯.୧୯ମି. ଗତେ ଘ.୧୦.୦୩ମି. ମଧ୍ୟେ ମାହେନ୍ଦ୍ରବେଳା। ଦିବା ଘ.୧୦.୧୫ମି. ଗତେ ଘ.୧୧.୫୩ମି. ମଧ୍ୟେ ରାହୁକାଳ।




72198 21111 | www.bajajauto.com | BAJAJ FINANCE LTD - AF | *ସର୍ତ୍ତ ଓ ନିୟମାବଳୀ ଲାଗୁ । ଫାଇନାନ୍‌ସ କେବଳ ଫାଇନାନ୍‌ସିଅର୍‌ଙ୍କ ନିଜସ୍ୱ ବିଚାରରେ । ₹7 058/- ର ଡାଉନ୍ ପେମେଣ୍ଟ ଦୃଷ୍ଟାନ୍ତମୂଳକ ଏବଂ ପ୍ଲାଟିନାର ଏକ ପ୍ରକାର ପାଇଁ ପ୍ରଯୁଜ୍ୟ ଅଟେ । ଡିସିସି ଚାର୍ଜ୍ ଏବଂ ପ୍ରୋସେସିଂ ଫି ଅତିରିକ୍ତ । #ଏକ୍ସ-ଶୋରୁମ୍ ମୂଲ୍ୟ ଓଡ଼ିଶା ।

Authorised Dealers for Bajaj Auto Ltd.: Sambalpur: UJJWAL BAJAJ 9853155550, Sonepur UJJWAL BAJAJ 9348711920 • Rourkela: RM BAJAJ 90780 83803 • Baragrh CHANDAN BAJAJ 8895591155 • Bolangir URBASI BAJAJ 7381052046 • Bhawanipatna KALINGA AUTO SERVICE 8895088261 • Jharsuguda UTKAL BAJAJ 9337200356. Authorised Service Centre: Binika 9437151684, Dunguripali 9937006819, Boudh 7978833033, Kuchinda 9437392099, Laikara 9658855530, Jamankira 9437393978 Titilagarh 9658050722, Bangamunda 6372790284Patnagarh 9937301752, Padampur 9437417977, Gaisilet 9937517018, Barpali 9861368656, Junagarh 9437092196, Muniguda 9124600099, Rajkhariar 9437072917, Udyanbandh 9668115670, Khariar Road 9437188542, Brajrajnagar 9937124444, Bamara 9937108643, Bagdhi 7873430989,Kuchinda 9437392099, Laikara 9658855530, Jamankira 9437393978 Deogarh 9437020444, Rajgangpur 8908908901, Bonaigarh 9078083800 Diptipur-7750039856, Godbhaga – 9937514987, Saintala-8114662939 / 9658030100, Kesinga- 6371162632, Baliguda 7008301945, M Rampur 9337897005, Tusura 8908577144, Tarbha 7008133010, Lathor 8018785694, Kantamanjhi 7205911835, Narla 9337025341, Charbahal 7008814200.






E-book today at www.marutisuzuki.com or visit your nearest Maruti Suzuki dealership | All Maruti Suzuki vehicles now available under CSD & CPC | For bulk orders, mail at: Pradosh.Jena@maruti.co.in

**LEGEND CARS**
JEYPORE: 7894442905.
BHAWANIPATNA: 7894442907.

**SKY AUTOMOBILES**
BERHAMPUR: 9778202019.
BHANJANAGAR: 9778202019.
PARALAKHEMUNDI: 9778202019.
PHULBANI: 9778202019.

**ODYSSEY MOTORS**
SAMBALPUR: 7381433909. BOLANGIR: 9438068327.
BARGARH: 9556352943. NUAPADA: 7381017851.
SONEPUR: 9438068327. JHARSUGUDA: 9439892153.
BOUDH: 8594908009.

**ORBIT MOTORS**
ROURKELA: 9040404444, 9040404333.
SUNDARGARH: 9437049161.
DEOGARH: 9437061223.

*Offer includes consumer offer, exchange bonus and institutional/rural offer (wherever applicable) on selected models/ variants. Above mentioned savings amount is the value of maximum savings on selected models. **Terms and conditions apply. Finance scheme details mentioned in the advertisement are at the sole discretion of the financier and terms and conditions as specified by the financier shall apply. Credit at the sole discretion of the Bank. ^Low interest rate at 7.25% is provided by Bank of Baroda. ^100% on-road funding is provided by select financiers only. The terms and conditions are subject to change without any prior notice. For more details, please contact your nearest ARENA dealership. Features and accessories shown may not be part of standard fitment. Black Glass Shade on the vehicle is due to the lighting effect. Images used are for illustration purposes only. Offers vary across variants. Maruti Suzuki India Limited reserves the right to discontinue offers without notice. Above offers are valid till 31st July, 2021.

ସ୍ୱାଧୀନତାର ଅର୍ଥ- ଅନ୍ୟପ୍ରଦତ୍ତ ନିୟମ ପାଳନ କରିବା ନୁହଁ- ନିଜ ଉପରେ ନିଜ ପ୍ରଦତ୍ତ ନିୟମ ପାଳନ କରିବା ହିଁ ସ୍ୱାଧୀନତା। ଅବଶ୍ୟ-ଆମର ଅପରିଶୁଦ୍ଧ ପ୍ରାକୃତ ଅବସ୍ଥାରେ। କିନ୍ତୁ ପରିପୂର୍ଣ୍ଣ ସ୍ୱାଧୀନତା ଆମେ ସେତିକି ବେଳେ ଉପଭୋଗ କରିବୁ - ଯେତେବେଳେ ଆମ ଉପରେ ଭଗବାନ ଓ ଅଧ୍ୟାତ୍ମଚେତନାର ଏକାଧିପତ୍ୟ ରହିବ। -ଶ୍ରୀଅରବିନ୍ଦ



# ଆମେରିକା ଶେୟାର ବଜାର ଓ ଚାଇନା କମ୍ପାନୀ



ଶାଙ୍ଗ ଜିନ୍ ୱି

ହଂକଂ କିମ୍ବା ଅଫ୍‌ଶୋର ସେଣ୍ଟର୍‌ରେ ପଞ୍ଜୀକୃତ ହୋଇଥିବା ବ୍ୟବସାୟିକ ସଂସ୍ଥାଗୁଡ଼ିକ ସମେତ ୨୫୦ ଚାଇନା କମ୍ପାନୀ ସେମାନଙ୍କର ବାର୍ଷିକ ଆୟ ଏବଂ ଲାଭ ଚାଇନା ଓ ଆମେରିକା ଶେୟାର ବଜାରରୁ ହିଁ ପାଉଛନ୍ତି। କିନ୍ତୁ ନିକଟରେ ଚାଇନା ଓ ଆମେରିକାରେ ଶେୟାର ବଜାର କ୍ଷେତ୍ରରେ ନିଆଯାଇଥିବା ସରକାରୀ ପଦକ୍ଷେପ ସୂଚାଉଛି କି ଉଭୟ ସରକାର ଆମେରିକା ଶେୟାର ବଜାରରେ ଚାଇନା କମ୍ପାନୀଗୁଡ଼ିକର ସୂଚୀଭୁକ୍ତ ବା ଲିଷ୍ଟିଂ ପ୍ରକ୍ରିୟା ଜାରି ରଖିବାକୁ ଆଗ୍ରହୀ ହେଉନାହାନ୍ତି। ସମ୍ପ୍ରତି ଚାଇନାର ପ୍ରଭାବଶାଳୀ ଅନ୍‌ଲାଇନ କମ୍ପାନୀ ଡିଡି ଗ୍ଲୋବାଲ ୩୦ ଜୁନ୍‌ରେ ନ୍ୟୁୟର୍କ ଶେୟାର ବଜାରରେ ଇନିସିଆଲ ପବ୍ଲିକ ଅଫରିଂ ବା ଆଇପିଓରେ ସଫଳତାର ସହ ୪.୪ ବିଲିୟନ ଡଲାର ବୃଦ୍ଧି କରିପାରିଛି। ଏହାର ୪୮ ଘଣ୍ଟା ମଧ୍ୟରେ ସାଇବର ଆଡ୍‌ମିନିଷ୍ଟ୍ରେଶନ ଅଫ୍ ଚାଇନା( ସିଏସି)ତଥ୍ୟ ସୁରକ୍ଷା ଭଙ୍ଗ ହେବାର ସନ୍ଦେହ ପ୍ରକାଶ କରିଥିଲା ଏବଂ ଘୋଷଣା କରିଛି ଯେ,ନୂଆ ୟୁଜରମାନଙ୍କୁ ସାମିଲ କରିବାରେ କମ୍ପାନୀର କ୍ଷମତା ଉପରେ କଟକଣା ଲଗାଇବ। ତା'ପରେ ସିଏସି ଡିଡିକୁ ଚାଇନାର ଡୋମେଷ୍ଟିକ ଆପ୍‌ରୁ ହଟାଇ ଦେବାକୁ ନିର୍ଦ୍ଦେଶ ଦେଇଛି। ଏହାସହ ଷ୍ଟେଟ୍ ଆଡ୍‌ମିନିଷ୍ଟ୍ରେଶନ ଅଫ୍ ମାର୍କେଟ ରେଗୁଲେଶନ ଯାହା ଏକଚାଟିଆ ମନୋଭାବକୁ ଆୟତ୍ତ କରି ଏକ ସ୍ୱଚ୍ଛ ପ୍ରତିଯୋଗିତା ସମ୍ପନ୍ନ ବ୍ୟବସାୟକୁ ଉତ୍ସାହିତ କରେ, ତାହା ଡିଡି ଉପରେ ମଧ୍ୟ ଜରିମାନା ଲାଗୁ କରିଛି। ଅନ୍ୟ କମ୍ପାନୀ ସହ ପ୍ରଥମରୁ ମିଶିବା ଓ ଅଧିଗ୍ରହଣ କରିବା ପାଇଁ ବିଧିବଦ୍ଧ ଅନୁମୋଦନ ଲାଭ କରି ନ ଥିବାରୁ ଏହି ଜରିମାନା ଲାଗୁ କରାଯାଇଛି। ଯେଉଁ କମ୍ପାନୀଗୁଡ଼ିକ ବିନା ଅନୁମତିରେ ଆମେରିକା ଶେୟାର ବଜାରରେ ସୂଚୀଭୁକ୍ତ ହେଉଛନ୍ତି ସେମାନଙ୍କ ବିରୋଧରେ ଡିଡି ଉପରେ ଲାଗୁ କରାଯାଇଥିବା ଜରିମାନା ଏକ ସତର୍କଘଣ୍ଟି ବୋଲି ବିବେଚନା କରାଯାଉଛି। ଏହାଯୋଗୁ ଚାଇନାର ନୀତି ନିର୍ଦ୍ଧାରକମାନଙ୍କ ମଧ୍ୟରେ ତିନୋଟି ଭୟ ପ୍ରକାଶ ପାଇଛି। ଚାଇନାର ଗୁରୁତ୍ୱପୂର୍ଣ୍ଣ ସ୍ଥାନର ଠିକଣା ସମେତ ସମ୍ବେଦନଶୀଳ ଡିଜିଟାଲ ଡେଟା ଆମେରିକାର ଗୋଇନ୍ଦା ଏବଂ ପ୍ରତିରକ୍ଷା ହାତରେ ପଡ଼ିଯିବ ବୋଲି ଅଧିକାରୀମାନେ ବିବ୍ରତ ହୋଇଯାଇଛନ୍ତି। ସେମାନେ ଚାଇନାର ଟେକ୍‌ନୋଲୋଜି କମ୍ପାନୀଗୁଡ଼ିକୁ ଅଧିକ କ୍ଷମତାଶାଳୀ ହେବା ଲାଗି ଚାହୁଁ ନାହାନ୍ତି। ବୃହତ ଟେକ୍‌ନୋଲୋଜି କମ୍ପାନୀଗୁଡ଼ିକ ଆର୍ଥିକ ବଜାରରେ ପ୍ରବେଶ କଲେ ତାହା ଆର୍ଥିକ ସ୍ଥିରତାକୁ ଦୁର୍ବଳ କରି ଦେବାର ସମ୍ଭାବନା ରହିଛି ବୋଲି ସେମାନେ ଭୟ କରୁଛନ୍ତି।

ତେବେ ଏହା ପଛରେ ୪ର୍ଥ କାରଣ ରହିଥିବାର ମୁଁ ସନ୍ଦେହ କରୁଛି। ଆମେରିକାର ଲାଭ କମାଇବା ଲାଗି ଚାଇନା ଅଧିକାରୀମାନେ ଏହା କରୁଥିବାର ଅନୁମାନ କରାଯାଉଛି। ଆମେରିକାର ପୂର୍ବତନ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ତାଙ୍କ କାର୍ଯ୍ୟକାଳର ଶେଷ ଆଡ଼କୁ ଆମେରିକାର ହୋଲଡିଂ ଫରେନ୍ କମ୍ପାନିଜ୍ ଆକାଉଣ୍ଟେବଲ୍ ଆକ୍ଟ ଲାଗୁ କରିଥିଲେ। ଏହି ଆଇନ ଆମେରିକା ଶେୟାର ବଜାରରୁ ଚାଇନା କମ୍ପାନୀଗୁଡ଼ିକୁ ହଟେଇ ଦେବାର ଅଧିକାର ଦେଇଛି। ଏହାବାଦ୍ ଆଇନରେ ଅଛି, ଯଦି ଆମେରିକାର ପବ୍ଲିକ୍ କମ୍ପାନୀ ଆକାଉଣ୍ଟିଂ ଓଭରସାଇଟ୍ ବୋର୍ଡ(ପିସିଏଓବି)କୁ ଲଗାତର ତିନି ବର୍ଷ ପରେ କମ୍ପାନୀର ଅଡିଟରମାନଙ୍କ ୱାର୍କସିଟ୍ ପାଇବାକୁ ଅନୁମତି ଦେବାରେ ଚାଇନା ବିଫଳ ହୁଏ,ତେବେ ତା'କମ୍ପାନୀଗୁଡ଼ିକୁ ହଟାଇ ଦିଆଯିବ। ୨୨ ଜୁନ୍‌ରେ ଆମେରିକା ସିନେଟ୍‌ମଧ ଆଉ ଏକ ବିଲ୍ ପାସ୍ କରିଛି, ଯାହାଦ୍ୱାରା କମ୍ପାନୀକୁ ହଟାଇବା ପ୍ରକ୍ରିୟା ଆଗକୁ ବର୍ଷେ ଯାଏ କରାଯାଇପାରିବ। ବହୁ ସଂଖ୍ୟାରେ ଓ ବିଶୃଙ୍ଖଳିତ ଢଙ୍ଗରେ ଚାଇନା କମ୍ପାନୀଗୁଡ଼ିକୁ ଶେୟାର ବଜାର ସୂଚୀରୁ ହଟାଇ ଦେବାର ବିକଳ୍ପ ରହିଥିବାରୁ ଆମେରିକା ତାହାକୁ ଚାଇନା ଅର୍ଥବ୍ୟବସ୍ଥାରେ ଅସ୍ଥିରତା ସୃଷ୍ଟି କରିବାକୁ ଉପଯୋଗ କରିବାର ସମ୍ଭାବନା ରହିଛି। ଏଣୁ ଚାଇନା ଅଧିକାରୀମାନେ ଏଭଳି ପ୍ରଭାବକୁ କମାଇବା ବା ଦୂର କରିବାକୁ ସାବଧାନତାର ସହ ନିଷ୍ପତ୍ତି ନେବା ଦରକାର।

ଚାଇନାର ବ୍ୟବସାୟିକ ସଂସ୍ଥାଗୁଡ଼ିକୁ ହଟାଇ ଦେବାର ଧମକ ପଛରେ ଆମେରିକା ନୀତିନିର୍ଦ୍ଧାରକମାନଙ୍କର ତଥାକଥିତ କାରଣ ରହିଛି। ଆମେରିକୀୟ ନିବେଶକମାନଙ୍କୁ ସମ୍ଭାବ୍ୟ ଆକାଉଣ୍ଟିଂ ଫ୍ରଡ୍ ବା ଆୟବ୍ୟୟ ଠକାମୀକୁ ସୁରକ୍ଷା ଦେବାକୁ ଏହା କରାଯାଉଛି। ଆମେରିକୀୟ ନିବେଶକମାନେ ଆମେରିକାର କମ୍ପାନୀଗୁଡ଼ିକର ଆକାଉଣ୍ଟିଂ ସ୍କାଣ୍ଡାଲ ବା ଘୋଟାଲାରେ ଅତ୍ୟଧିକ ଟଙ୍କା ହରାଇଛନ୍ତି। ଏଥିରେ ଏନରୋନ୍, ୱାର୍ଲ୍ଡକମ୍, ହେଲଥ୍‌ସାଉଥ୍, ଫ୍ରିଡି ମ୍ୟାକ୍, ଆମେରିକାନ ଇଣ୍ଟରନ୍ୟାଶନାଲ ଗ୍ରୁପ୍ ଏବଂ ଲେହେମ୍ୟାନ ବ୍ରଦର୍ସ ଜଡ଼ିତ ଅଛନ୍ତି। ଏଭଳି ଅନିୟମିତତା ମଧ୍ୟରୁ କେତୋଟି ପିସିଏଓବି ଗଠନ ହେବା ପରେ ହିଁ ଘଟିଛି। ତେବେ ଚାଇନା କମ୍ପାନୀର ସବୁଠୁ ଭୟଙ୍କର ଆକାଉଣ୍ଟିଂ ଫ୍ରଡ୍ ପ୍ରଫେଶନାଲ ଶର୍ଟ୍ ସେଲର୍ ଦ୍ୱାରା ବାହାରକୁ ଆସିପାରେ। ଏହା ଗୁପ୍ତରେ କମ୍ପାନୀ ପରିଦର୍ଶନ କରିବା କୌଶଳ ଉପଯୋଗରେ ହେବ। କିନ୍ତୁ ଅଡିଟିଂ ଫାର୍ମ ଏହା କାର୍ଯ୍ୟକାରୀ କରୁନାହାନ୍ତି।

ସମୟଥିଲା ଚାଇନା ଅଧିକାରୀମାନେ କାହାକୁ କିଛି ନ ଜଣାଇ ଆମେରିକା ଶେୟାର ବଜାରରେ ତାଲିକାଭୁକ୍ତ ହେବା ଲାଗି ବ୍ୟବସାୟିକ ସଂସ୍ଥାଗୁଡ଼ିକୁ ଉତ୍ସାହିତ କରୁଥିଲେ ଓ ଚାଇନା ବିଶ୍ୱ ପୁଞ୍ଜି ବଜାରକୁ କୋଳେଇ ନେଇଛି ବୋଲି ଜଣାଇଦେବାକୁ ଚାହୁଁଥିଲେ। ଚାଇନାର ବହୁ ଟେକ୍‌ନୋଲୋଜି ଫାର୍ମ ପାଇଁ ୨୦୧୮ ପୂର୍ବରୁ ଆମେରିକା ଶେୟାର ବଜାରରେ ତାଲିକାଭୁକ୍ତ ହେବାର କମ୍ ବିକଳ୍ପ ରହିଥିଲା। କିନ୍ତୁ ଏବେ ସ୍ଥିତି ସମ୍ପୂର୍ଣ୍ଣ ଭିନ୍ନ ହୋଇଯାଇଛି। ପୂର୍ବରୁ ଚାଇନା କମ୍ପାନୀଗୁଡ଼ିକ ସାଂଘାଇ କିମ୍ବା ସେନ୍‌ଚେନ ବଦଳରେ ନ୍ୟୁୟର୍କରେ ତାଲିକାଭୁକ୍ତ ହେବା ଲାଗି ଚାହୁଁଥିଲେ। କାରଣ ସେମାନଙ୍କର ଫରେନ୍ ପ୍ରାଇଭେଟ୍ ଇକ୍ୟୁଟି କିମ୍ବା ଭେଞ୍ଚର କ୍ୟାପିଟାଲ ଇନ୍‌ଭେଷ୍ଟର୍‌ମାନେ ଚାଇନାର ବୈଦେଶିକ ବିନିମୟ ନିୟନ୍ତ୍ରଣରୁ ଦୂରେଇ ରହିବାକୁ ଚାହୁଁଥିଲେ। ତେବେ ଚାଇନାରେ ଶେୟାର ବଜାରରେ ତାଲିକୁଭୁକ୍ତ ହେବାରେ ଜଟିଳତା ରହିଛି। ନିୟମିତ ସ୍ୱୀକୃତି ପାଇଁ ଦୀର୍ଘଦିନ ଅପେକ୍ଷା କରିବାକୁ ହୁଏ ଏବଂ ସେଥିରେ କୌଣସି ନିର୍ଦ୍ଦିଷ୍ଟତା ନ ଥାଏ। ଉଦାହରଣ ସ୍ୱରୂପ ଆମାଜନ ଏବଂ ଫେସବୁକ୍ ଚାଇନାରେ ତାଲିକାଭୁକ୍ତ ହେବା ଲାଗି ଅନୁମତି ପାଇନାହାନ୍ତି। ସେହିଭଳି ଯଦିଓ ହଂକଂ ଷ୍ଟକ୍ ଏକ୍ସଚେଞ୍ଜ କୌଣସି ପୁଞ୍ଜି ନିୟନ୍ତ୍ରଣ ଲାଗୁ କରିନାହିଁ, ତେବେ ୨୦୧୮ ପର୍ଯ୍ୟନ୍ତ ଶେୟାର ବଜାରରେ କାରବାର କରିବା ଆମେରିକାଠାରୁ ଜଟିଳ ଥିଲା। ନିର୍ଦ୍ଦିଷ୍ଟ ଭାବେ ଆମେରିକା ବିଭିନ୍ନ ଭୋଟିଂ ରାଇଟ୍ ଥାଇ ବିଭିନ୍ନ ବର୍ଗର ଶେୟାରକୁ ଅନୁମତି ଦେଉଛି, ଯାହା ଅଲିବାବା ଓ ଜିଡି କ୍ଷେତ୍ରରେ ଘଟିଛି। କିନ୍ତୁ ହଂକଂରେ ଭୋଟିଂ ଅଧିକାର ଓ ଫାଇନାନସିଆଲ ଷ୍ଟେକ୍ ପୂରା ସମାନ ହେବା ଦରକାର। ଅଧିକାଂଶ ଦେଶରେ ଭୋଟିଂ ରାଇଟ୍ ଓ କ୍ୟାସ୍ ଫ୍ଲୋ ରାଇଟ୍ ମଧ୍ୟରେ ପ୍ରଭେଦ ରହିଥିବାରୁ ସେଠାରେ କର୍ପୋରେଟ ସମ୍ବନ୍ଧିତ ଶାସନ ପଦ୍ଧତି ଖରାପ ଅବସ୍ଥାରେ ରହିଛି। ଏଣୁ ଚାଇନାର ଅନେକ କମ୍ପାନୀ ନ୍ୟୁୟର୍କ ଷ୍ଟକ ଏକ୍ସଚେଞ୍ଜକୁ ପସନ୍ଦ କରୁଥିବାରୁ ହଂକଂ ଷ୍ଟକ୍ ଏକ୍ସଚେଞ୍ଜ ଟେକ୍‌ନୋଲୋଜି ପାଇଁ ଆମେରିକା ଆପଣାଇଥିବା ବିବିଧ ଶେୟାର ବର୍ଗର ଶୈଳୀକୁ ଅନୁମତି ଦେବା ପାଇଁ ନିଷ୍ପତ୍ତି ନେଲା। ସେବେଠୁ ଅଧିକ ଚାଇନା କମ୍ପାନୀ ହଂକଂ ଷ୍ଟକ୍ ଏକ୍ସଚେଞ୍ଜରେ ସୂଚୀଭୁକ୍ତ ହୋଇଛନ୍ତି କିମ୍ବା ହଂକଂ ଓ ଆମେରିକା ଉଭୟ ଶେୟାର ବଜାରରେ ପ୍ରବେଶ କରିଛନ୍ତି।

ଏଥିରୁ ଜଣାପଡୁଛି, ଶେୟାର ବଜାରରୁ ଚାଇନା କମ୍ପାନୀଗୁଡ଼ିକୁ ହଟାଇ ଦେବା ପ୍ରଭାବକୁ ଉଭୟ ଚାଇନା ଓ ଆମେରିକା ନିୟନ୍ତ୍ରଣରେ ରଖିପାରିବେ। ଉଚ୍ଚ ସଞ୍ଚୟକାରୀ ତଥା ପୁଞ୍ଜି ଯୋଗଣକାରୀ ଦେଶ ଭାବେ ଚାଇନାକୁ ଅଧି ପୁଞ୍ଜି ସଂଗ୍ରହ କରିବାକୁ ଆମେରିକା ଶେୟାର ବଜାରରେ ସୂଚୀଭୁକ୍ତ କରାଇବାକୁ ଦରକାର ପଡିବ ନାହିଁ। ସେହିଭଳି ଆମେରିକାର ଅଧିକାଂଶ ହେଜ୍ ଫଣ୍ଡ, ମ୍ୟୁଚୁଆଲ ଫଣ୍ଡ ଏବଂ ଧନୀବର୍ଗର ବ୍ୟକ୍ତି ହଂକଂ ଷ୍ଟକ୍ ଏକ୍ସଚେଞ୍ଜରେ କାରବାର କରୁଥିବା ଚାଇନା କମ୍ପାନୀଗୁଡ଼ିକରେ ନିବେଶ କରିବାକୁ ସକ୍ଷମ। ଏପରି କି ଚାଇନା ଶେୟାର ବଜାରରେ ଥିବା କମ୍ପାନୀଗୁଡ଼ିକ କମ୍ ସୁବିଧାଜନକ ହେଲେ ବି ସେଠାରେ ଏମାନେ ନିବେଶ କରିପାରିବେ। ଆମେରିକା ଶେୟାର ବଜାରରୁ ଚାଇନା କମ୍ପାନୀଗୁଡ଼ିକୁ ହଟାଇ ଦେଲେ କମ୍ପାନୀଗୁଡ଼ିକ ଆମେରିକାର ମଧ୍ୟବିତ୍ତ ପରିବାର ଯାହାଙ୍କର ପେନ୍‌ସନ ଫଣ୍ଡ କେବଳ ଆମେରିକା ତାଲିକାଭୁକ୍ତ ସୁକ୍ୟୁରିଟି ମଧ୍ୟରେ ସୀମିତ ରହିଛି ସେମାନଙ୍କ ପାଇଁ ରିଟର୍ନ କମ୍ କରିପାରନ୍ତି। ସାଧାରଣ ଆମେରିକୀୟ ସେମାନଙ୍କ ପେନ୍‌ସନ ବଣ୍ଡ ଉପରେ କମ୍ ରିଟର୍ନ ପାଇବା ଉପରେ ଗୁରୁତ୍ୱ ଦେଉ ନ ଥିବାରୁ ଚାଇନା କମ୍ପାନୀଗୁଡ଼ିକୁ ଶେୟାର ବଜାରରୁ ହଟାଇବାରେ ଆମେରିକୀୟ ରାଜନେତାମାନେ ଦୃଢ଼ ବିରୋଧର ସମ୍ମୁଖୀନ ହେବାର ସମ୍ଭାବନା ନାହିଁ। ଏହି କାରଣରୁ ଚାଇନା କମ୍ପାନୀଗୁଡ଼ିକୁ ଶେୟାର ବଜାରରୁ ହଟାଇ ଦେବାର ଅଧିକ ସମ୍ଭାବନା ଦେଖାଯାଇଛି।

**ପୂର୍ବତନ ମୁଖ୍ୟ ଅର୍ଥନୀତିଜ୍ଞ, ଆସିଆନ ଡେଭଲପମେଣ୍ଟ ବ୍ୟାଙ୍କ**

# ସର୍ବୋତ୍ତମ ମୁହୂର୍ତ୍ତ



ଡ. କିଶୋର ମହାନ୍ତି

ଭାରତରେ ପ୍ରତ୍ୟେକ ବର୍ଷ ଜୁଲାଇ ୨୩କୁ ଜାତୀୟ ପ୍ରସାରଣ ଦିବସ ଭାବେ ପାଳନ କରାଯାଇଥାଏ। ଭାରତରେ ରେଡିଓ ପ୍ରସାରଣର ଅୟମାରମ୍ଭ ୧୯୨୦ରୁ ପ୍ରାୟତଃ ଆରମ୍ଭ ହୋଇଥିଲା। ପ୍ରଥମ ପ୍ରଚାର କାର୍ଯ୍ୟକ୍ରମ ୧୯୨୭ରେ ମୁମ୍ବାଇସ୍ଥିତ ରେଡିଓ କ୍ଲବ ଦ୍ୱାରା ପ୍ରସାରିତ ହୋଇଥିଲା। ୧୯୩୦ରେ ସରକାର ଟ୍ରାନ୍ସମିଟରଗୁଡ଼ିକୁ ନିଜ ଅଧୀନକୁ ନେଇଯାଇଥିଲେ ଏବଂ ଭାରତୀୟ ପ୍ରସାରଣ ସେବା ନାମରେ ଏହା ଦେଶରେ ପରିଚାଳିତ ହୋଇଥିଲା। କିନ୍ତୁ ୧୯୩୬ରେ ଏହାର ନାମ ବଦଳାଇ ଅଲ୍‌ଇଣ୍ଡିଆ ରେଡିଓ କରିଦିଆଗଲା। ୧୯୫୭ରେ ଏହାକୁ ଆକାଶବାଣୀ ନାମରେ ନାମିତ କରାଗଲା। ଯେବେ ଏହା ଆକାଶବାଣୀରେ ପରିଣତ ହେଲା ସେତେବେଳେ ଏହାର ମୁଖ୍ୟ ଉଦ୍ଦେଶ୍ୟ ଥିଲା କୃଷକ, ଡ୍ରାଇଭର, ଶ୍ରମିକ ଓ ବିଦ୍ୟାର୍ଥୀଙ୍କ ପାଇଁ କାର୍ଯ୍ୟକ୍ରମ ପ୍ରଚାରିତ ହେବ। ପ୍ରଥମେ ମନୋରଞ୍ଜନ ପାଇଁ କୌଣସି ସାଧନ ନ ଥିଲା। ଆକାଶବାଣୀ ପ୍ରତିଷ୍ଠା ହେବା ପରେ ଲୋକମାନଙ୍କ ପାଇଁ କେବଳ ମନୋରଞ୍ଜନ ନୁହେଁ, ବିଭିନ୍ନ ବିଷୟ ପ୍ରଚାରିତ ହେଲା।

ଆକାଶବାଣୀରେ ବିବିଧ ଭାଷାରେ କାର୍ଯ୍ୟକ୍ରମ ପ୍ରଚାରିତ ହେଲା। ଏବେ ୪୧୩ଟି ଷ୍ଟେଶନରୁ ଅଧିକ ଷ୍ଟେଶନ ସ୍ଥାପିତ ହୋଇଛି। ଦେଶର ୯୯.୧୯ ଶତାଂଶ ଭାଗ ଏଥିରୁ ଉପକୃତ ହେଉଛନ୍ତି। ୨୩ଟି ଭାଷା ୧୭୯ଟି ଆଞ୍ଚଳିକ ଭାଷାରେ ଏହାର ପ୍ରସାରଣ ଚାଲୁ ରହିଛି। ଏହା ଭିତରେ ସାଧାରଣ ଜନତାଙ୍କ ପାଇଁ ୧୯୭୭ରେ ସରକାରୀ ସ୍ତରରେ ଏଫ୍‌ଏମ୍ ରେଡିଓ ଷ୍ଟେଶନର ପ୍ରସାରଣ ମଧ୍ୟ ଆରମ୍ଭ ହୋଇଛି। ସରକାରୀ ସ୍ତରରେ ଏଫ୍‌ଏମ୍ ଗୋଲ୍ଡ ଓ ଏଫ ଏମ୍ ରେନ୍‌ବୋ

## ଜାତୀୟ ପ୍ରସାରଣ ଦିବସ ଉପଲକ୍ଷେ

ମାଧ୍ୟମରେ ସବୁ ବର୍ଗର ଶ୍ରୋତାଙ୍କ ପାଇଁ କାର୍ଯ୍ୟକ୍ରମ ମାନ ପ୍ରସାରିତ ହେଉଛି। ଆକାଶବାଣୀ ମଧ୍ୟ ନିଜର ଚ୍ୟାନେଲ ସହ ବିବିଧ ଭାରତୀ ସେବା ଓ ତତ୍‌ସଙ୍ଗେସଙ୍ଗେ ବିଜ୍ଞାପନ ପ୍ରସାରଣ ସେବା ଏବଂ ବିଦେଶ ପ୍ରସାରଣ ଚ୍ୟାନେଲ ମଧ୍ୟ କାର୍ଯ୍ୟକାରୀ କରୁଛନ୍ତି। କିଛି କିଛି କାର୍ଯ୍ୟକ୍ରମ ଡି.ଟି.ଏଚ୍. ସେବା ମାଧ୍ୟମରେ ଉପଲବ୍ଧ। ଏହା ଏବେ ସମସ୍ତ ଷ୍ଟେଶନ ପ୍ରସାର ଭାରତୀ ଅଧୀନରେ କାର୍ଯ୍ୟକାରୀ ହେଉଛି। ପ୍ରସାର ଭାରତୀ ଅଧିନିୟମ ତଥା ବୈଧାନିକ ସ୍ୱାଧୀନତା ୨୩।୧୧।୧୯୯୭ରେ କାର୍ଯ୍ୟକ୍ଷମ ହେଲା। ଏହି ଦେଶର ନାଗରିକ ବା ଲୋକ ଲୋକସେବା ପ୍ରସାରକ ଅଟନ୍ତି।

ହିନ୍ଦୀ ଚଳଚ୍ଚିତ୍ରର ଗୀତ ସହ ବିଭିନ୍ନ ଲୋକଗୀତ, ନାଟକ, ସଂଗୀତ ପ୍ରସାର କରି ଲୋକମାନଙ୍କର ମନ କିଣିନେଇପାରିଛନ୍ତି। ଅକ୍ଟୋବର ୫ ତାରିଖ ୨୦୦୮ ମସିହାରୁ ବିବିଧ ଭାରତୀ ଡିଟିଏଚ୍ ସେବା ଆରମ୍ଭ ହୋଇଛି; ଯାହା ୨୪ଘଣ୍ଟିଆ କାର୍ଯ୍ୟକ୍ରମ ପ୍ରସାର କରୁଛି। ପ୍ରାୟତଃ ଦେଶରେ ୩୭ଟି ବିବିଧଭାରତୀ କେନ୍ଦ୍ର ଏବଂ କିଛି କିଛି ଲୋକାଲ ରେଡିଓ ଷ୍ଟେଶନ ପ୍ରତିଷ୍ଠା ହେବା ଫଳରେ ଆମ ଜନସଂଖ୍ୟାର ପ୍ରାୟତଃ ୯୭ ଶତାଂଶ ଭାଗ ଉପକୃତ ହେଉଛନ୍ତି। ଆକାଶବାଣୀ ଦିଲ୍ଲୀ ମୁମ୍ବାଇ କଲିକତା ବହୁ ପୁରାତନ ରେଡିଓ ଷ୍ଟେଶନ। ଏମାନଙ୍କ ମଧ୍ୟରେ ବି ଚେନ୍ନାଇ ଆକାଶବାଣୀ କେନ୍ଦ୍ର ଭାବେ ପ୍ରଥମେ ପ୍ରତିଷ୍ଠା ହୋଇଥିଲା ଓ କାର୍ଯ୍ୟକ୍ରମ ପ୍ରସାରଣ କରୁଥିଲା।

କହିବାକୁ ଗଲେ ଭାରତରେ ପ୍ରସାରଣ ପାଇଁ ଫିଲଡେନଙ୍କ ଭୂମିକା ଖୁବ୍ ତାତ୍ପର୍ଯ୍ୟପୂର୍ଣ୍ଣ। ସେତେବେଳେ ଭାରତରେ ବେତାର ପ୍ରସାରଣ ପାଇଁ ଅନୁକୂଳ ପାଣିପାଗ ଥିଲା। ସ୍ୱାଧୀନତା ପୂର୍ବରୁ ରେଡିଓ ଥିଲା ସାଂସ୍କୃତିକ ଜାଗରଣର ମୁଖ୍ୟ ଆୟୁଧ। ସମସ୍ତଙ୍କୁ ଏକାଠି କରିବାର ମୋହନ ମନ୍ତ୍ରରେ ବାନ୍ଧି ରଖି ପାରୁଥିଲା। ଏଣୁ ସ୍ୱାଧୀନତା ସଂଗ୍ରାମୀମାନଙ୍କୁ ଏହି ଆକାଶବାଣୀ ବେଶି ସୁହାଇଲା।

ଆମ ରାଜ୍ୟରେ ବେତାର ଇତିହାସ ପୃଷ୍ଠାରେ ଆଉ ଗୋଟିଏ ଅଧ୍ୟାୟ ଯୋଡ଼ି ହୋଇଥିଲା। ଯେତେବେଳେ ୧୯୪୮ ଜାନୁୟାରୀ ୨୮ରେ ପ୍ରତିଷ୍ଠା ହୋଇଥିଲା ମଧୁପୁରକୋଠିରେ ଆକାଶବାଣୀ କଟକ। ସାଂପ୍ରତିକ କାଳରେ ରେଡିଓ ପ୍ରତି ଲୋକମାନଙ୍କର ଆଗ୍ରହ ବୃଦ୍ଧି ପାଇଛି। ରେଡିଓର ଶ୍ରୋତା ଅନେକ। ଆଦିବାସୀ ଡଙ୍ଗର ପାହାଡିଆ ଅଞ୍ଚଳରେ ଅଧିକ ଭାବେ ରେଡିଓକୁ ଲୋକେ ଆପଣାଇ ନେଇଛନ୍ତି। ମୋବାଇଲ ମାଧ୍ୟମରେ ହେଉ କାରରେ ଅବା ବସରେ ଯାତ୍ରା କରିଲା ବେଳେ ହେଉ ଲୋକେ ରେଡିଓ ସେଣ୍ଟରକୁ ଟ୍ୟୁନ କରୁଛନ୍ତି। ଶ୍ରମିକଟିଏ କାମ କଲା ବେଳେ, ଚାଷୀଟିଏ ଚାଷ କର୍ମ କଲାବେଳେ ରେଡିଓ ହାତଛଡା କରେ ନାହିଁ। ଦେଶରେ କମ୍ୟୁନିଟି ରେଡିଓ ସହ ଏଫ୍‌ଏମ୍ ରେଡିଓ ସେବା ଜାରି ରହିଛି। ଏଣୁ ଶିକ୍ଷା ସମ୍ବାଦ ଓ ମନୋରଞ୍ଜନ କ୍ଷେତ୍ରରେ ଏ ଏକ ସଶକ୍ତ ଗଣମାଧ୍ୟମ। ଏହା ଜନ ଜୀବନର ସେବାରେ ଅଭିପ୍ରେତ। ବେଦର ବାଣୀ ବହୁଜନ ହିତାୟ ବହୁ ଜନ ସୁଖାୟକୁ ଏକନିଷ୍ଠ ପୂଜାରୀ ଭାବେ ସାକାର କରି ଚାଲିଛି। ଶବ୍ଦ ଓ ଧ୍ୱନି ତରଙ୍ଗର ଯେଉଁ ମାୟା ତାହା ସତରେ ବେଶ୍ ଆକର୍ଷଣୀୟ। ରେଡିଓ ହିଁ ଏକମାତ୍ର ମାଧ୍ୟମ, ଯାହା ଏତେ ପ୍ରିୟ ଯେ, ସକାଳୁ ଉଠିଲେ ସେ ଦିବ୍ୟ ଚେତନାର ଉଦ୍‌ବୁଦ୍ଧ କରେ। ଦେଶ ପ୍ରେମର ସାତ୍ତ୍ୱିକ ଭାବଧାରାରେ ଉନ୍ନତ କରେ। ମାଟି ମା'ର ଗୀତ ଗାଏ ମାଟିର ସଙ୍ଗୀତ। ଆମକୁ କର୍ମ ପ୍ରବଣ କରେ। ତେଣୁ ରେଡିଓ ଆଜି ସଭିଙ୍କର ସାଥୀ।

ମୋ:୯୪୩୭୭୨୮୪୭୫

## ଏଇ ଭାରତରେ

ପରୀକ୍ଷାରେ ଭଲ ନମ୍ବର ରଖି ପାସ୍ କରିଥିବା ପିଲାଙ୍କୁ ଉତ୍ସାହିତ କରିବା ପାଇଁ ବିଭିନ୍ନ ଅନୁଷ୍ଠାନ କିମ୍ବା ବ୍ୟକ୍ତି ପୁରସ୍କୃତ କରିଥାନ୍ତି। କିନ୍ତୁ ଫେଲ୍ ହୋଇଥିବା ପିଲାଙ୍କୁ ପୁରସ୍କାର କି ଉପହାର ଦେବା କଥା କେବେ ଶୁଣିଛନ୍ତି ! ହେଲେ ଏମିତି ଏକ ଘଟଣା ଦେଖିବାକୁ ମିଳିଛି କେରଳରେ। ନିକଟରେ କେରଳରେ ଦଶମ ଶ୍ରେଣୀ ପିଲାଙ୍କ ରେଜଲ୍ଟ ବାହାରିଥିବାରୁ ଏକ ଭିନ୍ନ ଢଙ୍ଗରେ ସ୍ୱତନ୍ତ୍ର ଅଫର୍ ଦେଇଛନ୍ତି କେରଳ ଚେଡିୟାର ପାର୍କ ନିକଟରେ ଥିବା ଏକ ହୋଟେଲ ମାଲିକ କେ. ସୁଧୀଶ। ସେ କହିଛନ୍ତି ଯେଉଁ ପିଲାମାନେ ପରୀକ୍ଷାରେ ଫେଲ୍ ହୋଇଛନ୍ତି ସେମାନେ ତାଙ୍କ ହୋଟେଲରେ ମାଗଣାରେ ରହିବାର ସୁଯୋଗ ପାଇପାରିବେ। ସୁଧୀଶ ହୋଟେଲ ମ୍ୟାନେଜମେଣ୍ଟ କରିବା ପରେ ୨୦୦୩ ମସିହାରେ ହୋଟେଲ ବ୍ୟବସାୟ ଆରମ୍ଭ କରିଥିଲେ। ଏବେ ସେ ଦଶମ ଫେଲ୍ ହୋଇଥିବା ପିଲାଙ୍କ ପାଇଁ ଫେସ୍‌ବୁକ୍‌ରେ ଏଭଳି ଏକ ଅଫର୍ ଦେଇଛନ୍ତି। ତାଙ୍କର ଏହି ଅଫର୍ ଏବେ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ପରୀକ୍ଷାରେ ଫେଲ୍ ହୋଇଯିବା ପରେ ପିଲାମାନେ ଡିପ୍ରେସନର ଶିକାର ହୋଇ କିଭଳି ଭାବେ ନିଜ ଜୀବନକୁ ନଷ୍ଟ କରି ଦେଇଛନ୍ତି ସେ ବିଷୟରେ କେତେଜଣଙ୍କ ଉଦାହରଣ ଶୁଣିଥିଲେ। ଏହାପରେ ସେ ଏଭଳି ଏକ ନିଷ୍ପତ୍ତି ନେଇ ହୋଟେଲରେ ରହିବା ପାଇଁ ଅଫର୍ ଦେଇଛନ୍ତି। ଏହି ଅଫର୍ ବିଷୟରେ ଜାଣିବା ପରେ ଫେଲ୍ ହୋଇଥିବା ପିଲାମାନେ ଡିପ୍ରେସନରୁ କିଛି ମାତ୍ରାରେ ମୁକୁଳି ପାରିବେ ବୋଲି ସେ ବିଶ୍ୱାସ ରଖିଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

**୨୩ ଜୁଲାଇ ୧୯୯୬**

- ଦକ୍ଷିଣ ଆଫ୍ରିକାର ଡ୍ରିଏଫେଣ୍ଟେନ ସୁନା ଖଣିରେ ରକ୍ତାକ୍ତ ସଂଘର୍ଷ ଘଟି ୧୧ ନିହତ।
- ଶ୍ରୀଲଙ୍କାର ଉତ୍ତର-ପୂର୍ବାଞ୍ଚଳର ପ୍ରମୁଖ ସାମରିକ ଶିବିର ମୁଲାଇତିଭୁରୁ ନିକଟରେ ସାନି ସଂଘର୍ଷରେ ପ୍ରାଣ ହରାଇଥିବା ୫୦୦ ସୈନ୍ୟଙ୍କ ମର ଶରୀରକୁ ତାମିଲ ଗେରିଲାଙ୍କ ଦ୍ୱାରା ଆନ୍ତର୍ଜାତିକ ରେଡ୍‌କ୍ରସ୍ କମିଟିକୁ ହସ୍ତାନ୍ତର।
- ରାୟଗଡ଼ା ଜିଲାର ଆଦିବାସୀ ଅଧ୍ୟୁଷିତ କାଶୀପୁର ବ୍ଲକ୍‌ର ବିଭିନ୍ନ ଗ୍ରାମରେ ଝାଡ଼ାବାନ୍ତି ରୋଗରେ ଆକ୍ରାନ୍ତ ହୋଇ ୭ ଶିଶୁଙ୍କ ସମେତ ୧୫ ମୃତ।

## su|do|ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | 5 | | | | 3 | | | |
| 1 | | | | | | 7 | | 3 |
| | | | | 1 | | 9 | | |
| | 8 | | 5 | 4 | | | | |
| | 4 | | | 8 | | | 7 | |
| | 9 | | | 7 | 2 | | | 6 |
| 5 | | | | | | 8 | | 1 |
| | | | | | 8 | 2 | | |
| 2 | | | | | | | 3 | 9 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 1 | 9 | 5 | 6 | 3 | 7 | 2 | 4 | 8 |
| 8 | 2 | 6 | 4 | 9 | 5 | 7 | 1 | 3 |
| 4 | 3 | 7 | 1 | 2 | 8 | 6 | 9 | 5 |
| 6 | 4 | 2 | 8 | 1 | 3 | 9 | 5 | 7 |
| 7 | 5 | 3 | 9 | 4 | 6 | 1 | 8 | 2 |
| 9 | 1 | 8 | 5 | 7 | 2 | 4 | 3 | 6 |
| 3 | 6 | 4 | 7 | 8 | 9 | 5 | 2 | 1 |
| 5 | 8 | 1 | 2 | 6 | 4 | 3 | 7 | 9 |
| 2 | 7 | 9 | 3 | 5 | 1 | 8 | 6 | 4 |

ଗତକାଲିର ଉତ୍ତର

# ମହାପ୍ରଭୁଙ୍କ ଘର କଳି



ଅଧ୍ୟାପକ ପ୍ରଫୁଲ୍ଲ କୁମାର ସାହୁ

ଜଗତର ନାଥ ଜଗନ୍ନାଥ ମାନବବାଦର ଠାକୁର। ତାଙ୍କ ମାନବୀୟ ଲୀଳାର ସର୍ବଶ୍ରେଷ୍ଠ ଜାଜ୍ୱଲ୍ୟମାନ ଦୃଷ୍ଟାନ୍ତ ହେଉଛି ଶ୍ରୀଗୁଣ୍ଡିଚା ଯାତ୍ରା। ହେରାପଞ୍ଚମୀ ସେହି ନବଦିନ ବ୍ୟାପି ଯାତ୍ରାର ଏକ ଅଂଶ ବିଶେଷ ବା ଉପଯାତ୍ରା। ରଥଯାତ୍ରାର ପଞ୍ଚମ ଦିନ ମହାପ୍ରଭୁଙ୍କୁ ହେରିବା ବା ଦର୍ଶନ କରିବା ନିମନ୍ତେ ମହାଲକ୍ଷ୍ମୀ ଶ୍ରୀଗୁଣ୍ଡିଚା ମନ୍ଦିର ଅଭିମୁଖେ ଯାତ୍ରା କରୁଥିବାରୁ ଏହା ହେରାପଞ୍ଚମୀ ନାମରେ ଖ୍ୟାତ। ଦାମ୍ପତ୍ୟ ବିରହ, କଳହ ଓ ବିଳାସ ଆଦି ମୌଳିକ ବିଭବ ଉପରେ ପର୍ଯ୍ୟବସିତ ହେଲେ ବି ଘଟଣା ବିନ୍ୟାସ ଦୃଷ୍ଟିରୁ ଏହା ପାରିବାରିକ ସଂପ୍ରୀତି ଓ ସହାବସ୍ଥାନର ଏକ ସାଙ୍କେତିକ ପ୍ରତିରୂପ।

ଶ୍ରୀଜଗନ୍ନାଥ କେବଳ ଆମର ରାଷ୍ଟ୍ର ଦେବତା ନୁହନ୍ତି, ସେ ଓଡ଼ିଆ ଜାତିର ସାଂସ୍କୃତିକ ପ୍ରାଣପିଣ୍ଡ। ଆମ ଆଧ୍ୟାତ୍ମିକ ଆସ୍ଥା, ଆବେଗ ଓ ଆକର୍ଷଣର କେନ୍ଦ୍ର ତଥା ଆରାଧ୍ୟ ଏବଂ ଆଧାର। ତାଙ୍କର ପ୍ରତ୍ୟେକଟି ରୀତିନୀତି, ପର୍ବପର୍ବାଣି, ଯାନିଯାତ୍ରା, ସେବାପୂଜା ତଥା ଶୁଚିଶୁଦ୍ଧ ଉଚ୍ଚାଙ୍ଗ ଜୀବନ ଚର୍ଯ୍ୟା ସହିତ ନିବିଡ଼ ଭାବେ ଯୋଡ଼ି ହୋଇ ରହିଛି ଉତ୍କଳୀୟ ସଂସ୍କୃତି, ପରମ୍ପରା ଓ ସାମାଜିକ ଚଳଣି। ସେହି ଅନୁବନ୍ଧନର ସର୍ବଶ୍ରେଷ୍ଠ ପ୍ରତୀକ ହେଉଛି ତ୍ରିମୂର୍ତ୍ତି କଳ୍ପନା। ଅର୍ଥାତ୍ ବଡ଼ ଦେଉଳରେ ଭାଇ ଭଉଣୀଙ୍କୁ ସାଙ୍ଗରେ ନେଇ ମହାପ୍ରଭୁ ରତନ ବେଦିରେ ବସିଥିବା ବେଳେ ଲକ୍ଷ୍ମୀଠାକୁରାଣୀ ଅଛନ୍ତି ପଛ କୋଠରିରେ, ଭିତର ଘରେ। ଏହା ହିଁ ତ ଓଡ଼ିଆ ଘରର ସାମାଜିକ ଚଳଣି। ରଥଯାତ୍ରା ବେଳେ ବି ସେହି ମର୍ଯ୍ୟାଦାପୂର୍ଣ୍ଣ ଚଳଣିର ପୁନରାବୃତ୍ତି। ବଡ଼ଭାଇ ବଳଭଦ୍ର ଓ ଭଗିନୀ ସୁଭଦ୍ରାଙ୍କୁ ନେଇ ମହାପ୍ରଭୁ ଗୁଣ୍ଡିଚା ମନ୍ଦିରକୁ ଯାତ୍ରା କଲାବେଳେ ବଡ଼ଦେଉଳରେ ଏକୁଟିଆ ରହି ଯାଆନ୍ତି ମହିମାମୟୀ ମହାଲକ୍ଷ୍ମୀ। ସ୍ୱାମୀଙ୍କ ସହିତ ରଥରେ ବସି ବୁଲିଯିବା ପାଇଁ ତାଙ୍କର ଯେ ଅନୁଯୋଗ ନ ଥାଏ ତାହା ନୁହେଁ, ମାତ୍ର କୁଳବଧୂର ସମ୍ଭ୍ରମତା ନେଇ ଶେଷରେ ସେ ମାନିନେବାକୁ ବାଧ୍ୟ ହୁଅନ୍ତି ସ୍ୱାମୀଙ୍କ ଆକଟ। ଅଭିମାନିନୀ ପତ୍ନୀକୁ ମନେଇବା ପାଇଁ ଅବଶ୍ୟ କମ୍ ପ୍ରୟାସ କରିନାହାନ୍ତି ମହାପ୍ରଭୁ। ସହଳ ଫେରିଆସିବାର ମିଥ୍ୟା ମଧୁର ପ୍ରତିଶ୍ରୁତି ବି ଦେଇଛନ୍ତି ଜାଣିଶୁଣି। ଅର୍ଥାତ୍ ଦାମ୍ପତ୍ୟ ଜୀବନରେ ଏମିତି ଛୋଟ ଛୋଟ ମିଛର ଉପଯୋଗିତା ରହିଛି, ଯାହା ସମ୍ପର୍କର କ୍ଷତକୁ ଉପଶମ କରାଏ ବା ଦାମ୍ପତ୍ୟ ଜୀବନରେ ଭରିଦିଏ ନୂଆ ରଙ୍ଗ।

ମହାପ୍ରଭୁ ଶ୍ରୀଗୁଣ୍ଡିଚା ମନ୍ଦିର ଯାତ୍ରା କଲାପରେ ବଡ଼ ଦେଉଳରେ ତାଙ୍କ ଦର୍ଶନ ନ ପାଇ ଅଭିମାନରେ ଜର୍ଜରିତ ହୁଅନ୍ତି ମହାଲକ୍ଷ୍ମୀ। ରଥଯାତ୍ରାର ପଞ୍ଚମ ଦିନ ବେଳକୁ ପ୍ରତୀକ୍ଷାଜନିତ ଯନ୍ତ୍ରଣାରେ ତୁଟିଯାଏ ତାଙ୍କର ଧୈର୍ଯ୍ୟର କବଚ। ସକାଳ ହେବାମାତ୍ରେ ସିଂହାରି ଓ ପତିମହାପାତ୍ର ଆଦିଙ୍କୁ ସାଙ୍ଗରେ ଧରି ପାଲିଙ୍କିରେ ଯାତ୍ରା କରନ୍ତି ଶ୍ରୀଗୁଣ୍ଡିଚା ମନ୍ଦିର ଅଭିମୁଖେ। ସେଠାରେ ଏକାନ୍ତରେ ମହାପ୍ରଭୁଙ୍କୁ ଦର୍ଶନ କରିବା ସହିତ ତାଙ୍କଠାରୁ ପ୍ରାପ୍ତ ହୁଅନ୍ତି ଶୀଘ୍ର ଫେରିଆସିବାର ନିର୍ଭର ପ୍ରତିଶ୍ରୁତି। ତଥାପି ସମ୍ପୂର୍ଣ୍ଣ ଥମେନି ନିଃସଙ୍ଗତାଜନିତ କ୍ରୋଧ ଓ ଅଭିମାନ। ବଡ଼ ଦେଉଳକୁ ଫେରିବା ବାଟରେ ରଥକାଠ ଭାଙ୍ଗିବା ସେହି କ୍ରୋଧ ଓ ଅଭିମାନର ନିଦର୍ଶନ। ମାତ୍ର ଏହା ତାଙ୍କ କ୍ରୋଧାଗ୍ନିର ଉଦ୍‌ଗିରଣ ନୁହେଁ, ବରଂ ପୁଞ୍ଜୀଭୂତ ଅଭିମାନର ଉଦ୍‌ବେଳିତ ପ୍ରତିକ୍ରିୟା। ଶୁଦ୍ଧ ଦାମ୍ପତ୍ୟ ପ୍ରେମର ଏକ ଛଳଛଳ ପ୍ରବାହ; ଯାହା ଆତ୍ମୀୟତା ମନ୍ତ୍ରରେ ସ୍ୱୟଂସିଦ୍ଧ। ଏହି ପ୍ରବାହର ଗଭୀରତା ଆହୁରି ସ୍ପଷ୍ଟଭାବରେ ବାରି ହୋଇପଡ଼େ ମହାପ୍ରଭୁଙ୍କ ବାହୁଡ଼ାବିଜେ ଅବସରରେ।

ବାହୁଡ଼ାଯାତ୍ରା ପରେ ବଡ଼ଦେଉଳକୁ ପ୍ରବେଶ ନିମନ୍ତେ ଆରମ୍ଭ ହୁଏ ମହାପ୍ରଭୁଙ୍କ ପହଣ୍ଡିବିଜେ। ଢଳିଢଳି ସିଂହଦ୍ୱାର ନିକଟରେ ପହଞ୍ଚିଲା ବେଳକୁ ଅତ୍ୟଧିକ ବିଳମ୍ବ ଯୋଗୁ କ୍ଷୁବ୍ଧ ହୋଇପଡ଼ନ୍ତି ବିରହ ବିଧୁରା ମହାଲକ୍ଷ୍ମୀ। ଅଭିମାନରେ ପ୍ରଭୁଙ୍କ ପଥରୋଧ ପାଇଁ ବନ୍ଦ କରି ଦିଅନ୍ତି ସିଂହଦ୍ୱାର। ଦ୍ୱାର ଉନ୍ମୁକ୍ତ କରିବା ପାଇଁ ସେବକ ସ୍ୱାଇଁ ମହାପାତ୍ରଙ୍କ ଜରିଆରେ ମହାପ୍ରଭୁ ବାରମ୍ବାର ଅନୁରୋଧ କରିବା ସତ୍ତ୍ୱେ ସର୍ତ୍ତ ରଖନ୍ତି ମହାଲକ୍ଷ୍ମୀ। ସେ ସର୍ତ୍ତ ଅନୁସାରେ ଆଉ କେବେ ବି ମନ୍ଦିର ଛାଡ଼ି ଯିବେ ନାହିଁ ବୋଲି ମହାପ୍ରଭୁ ଅଙ୍ଗୀକାର କରିବା ଦରକାର। ଗୋଟିଏ ପାଖରେ ପ୍ରାଣପ୍ରିୟାଙ୍କ ଜିଦ୍, ଅନ୍ୟ ପାଖରେ କର୍ତ୍ତବ୍ୟର ଆହ୍ୱାନ। ଅଡୁଆରେ ପଡ଼ିଗଲେ ମହାପ୍ରଭୁ। ଫିବର୍ଷ ଜନ୍ମବେଦିକୁ ବୁଲିଯିବେ ବୋଲି ଗୁଣ୍ଡିଚାଦେବୀଙ୍କୁ ଦେଇଥିବା ପ୍ରତିଶ୍ରୁତିକୁ ସେ ଅନ୍ୟଥା କରିବେ କେମିତି? ପତିତପାବନ ନାମ ଧାରଣ କରି କେମିତି ସେ ପରିହାର କରିବେ ପତିତପାବନ ଯାତ୍ରା? ଭକ୍ତବତ୍ସଳ ଭାବରେ ସେ ତ ଅନ୍ୟ କାହାରି ନୁହନ୍ତି, କେବଳ ଭକ୍ତର। ତେଣୁ ବରଂ ଜନ୍ମବେଦିକୁ ସେ ଫେରିଯିବେ ସବୁଦିନ ପାଇଁ, ହେଲେ ମାନି ନେଇପାରିବେନି ମହାଲକ୍ଷ୍ମୀଙ୍କ ସର୍ତ୍ତ। ମାତ୍ର ଜଣେ ଆଦର୍ଶ ସ୍ୱାମୀ ଭାବରେ ଏକଥା ସିଏ ରୋକ୍‌ଠୋକ୍ ଭାବରେ କହିବା ପରିବର୍ତ୍ତେ ଲକ୍ଷ୍ମୀଠାକୁରାଣୀଙ୍କ ମନ ଜିଣିବା ପାଇଁ ଉଠେଇଥିଲେ ସାମ୍ୟଧର୍ମ ପ୍ରସଙ୍ଗ। ଖୁବ୍ କୋମଳ ଭାବରେ କହିଥିଲେ, ଜାତି ଧର୍ମ ନିର୍ବିଶେଷରେ ତମେ ଯେମିତି ସମସ୍ତଙ୍କ ଘରକୁ ଅବାଧ ପ୍ରବେଶ କରିବାକୁ ଚାହଁ, ମୁଁ ସେମିତି ବର୍ଷରେ ଥରୁଟିଏ ଚଣ୍ଡାଳଠୁ ବ୍ରାହ୍ମଣ ଯାଏ, ଏପରି କି ଭିନ୍ନ ଧର୍ମର ଲୋକଙ୍କୁ ବି ଦର୍ଶନ ଦେବାକୁ ଚାହେଁ ବଡ଼ଦାଣ୍ଡରେ। ମତେ ସେଥିରୁ ତମେ ବଞ୍ଚିତ କରୁଛ କାହିଁକି? ମହାପ୍ରଭୁଙ୍କ ଏହି କୋମଳ କଥାରେ ପ୍ରଶମିଯାଏ ଦ୍ୱାର। ଖୋଲିବେନି ବୋଲି ଖୁବ୍ ଆଣ୍ଟ କରି କହୁଥିବା ମହାଲକ୍ଷ୍ମୀଙ୍କ କ୍ରୋଧ। ତେଣୁ ଦାସୀକୁ ଇସାରାରେ କହିଦିଅନ୍ତି - "ମୋର ନ ଜାଣିବା ପ୍ରାୟକ ହେଉ, ଫେଡ଼ କବାଟ ଆସୁ ମହାବାହୁ"। ତା'ପରେ ଖୋଲିଯାଏ ଦ୍ୱାର। ମହାପ୍ରଭୁଙ୍କ ପ୍ରେମପୂର୍ଣ୍ଣ ସମ୍ଭାଷଣ ତଥା ତାଙ୍କ ହାତରୁ ରସଗୋଲା ଖାଇ ଅଭିମାନ ଭାଙ୍ଗନ୍ତି ମହାଲକ୍ଷ୍ମୀ। ଗମ୍ଭିରା ଭିତରେ ପୁଣି ଭରିଯାଏ ହସଖୁସିର ଆସର। ଅନ୍ଧାର ଯୋଗୁ ଆଲୋକର ମହିମା ପ୍ରକଟିତ ହେଲାପରି ବିରହ ପରେ ଆହୁରି ନିବିଡ଼ ହୋଇଉଠେ ମିଳନର ସ୍ୱାଦ। ବସ୍ତୁତଃ ଦାମ୍ପତ୍ୟ ଜୀବନ କେବଳ ମିଳନର କୁଞ୍ଜବନ ନୁହେଁ, ବରଂ ତପସ୍ୟାର ତପୋବନ। ଛୋଟ ଛୋଟ କଥାରେ ମାନ ଅଭିମାନ ଦାମ୍ପତ୍ୟ ସମ୍ପର୍କରେ ଭରିଦିଏ ମଧୁରତା। ସେଥିପାଇଁ ନୀଳାଦ୍ରି ବିଜୟ ବେଳେ ମହାପ୍ରଭୁ ସହିଯାଆନ୍ତି ଲକ୍ଷ୍ମୀଙ୍କର କଟୁ କଥା। ଏହି ତ୍ୟାଗ ଓ ସହିଷ୍ଣୁତାର ସ୍ୱର୍ଗୀୟ ବିଭବରେ ସୁଖମୟ ହୁଏ ଦାମ୍ପତ୍ୟ ଜୀବନ। ସମଗ୍ର ଜଗତ ପାଇଁ ଏହି ଅମୃତମୟ ବାର୍ତ୍ତା ବହନ କରେ ଜଗନ୍ନାଥ ଚେତନା। ବିଶେଷ କରି ହେରା ପଞ୍ଚମୀ ତା'ର ଏକ ପ୍ରେରଣାପୂର୍ଣ୍ଣ ପ୍ରଚୋଦନା।

**ବିଜୁପଟ୍ଟନାୟକ ନଗର, ଭଦ୍ରକ**
**ମୋ.-୯୪୩୮୮୫୫୦୮୮**

## ପାଠକ ଶ୍ରେଷ୍ଠ ବିଚାରକ

### ଆଫଗାନିସ୍ତାନ ଓ ଆମ ପଡ଼ୋଶୀ

ମହାଶୟ,

ନଅ/ଏଗାର ଅଘଟଣ ପୂର୍ବରୁ ଭାରତ ଯେତେବେଳେ ରାଷ୍ଟ୍ର ପ୍ରାୟୋଜିତ ଆତଙ୍କବାଦ ସମସ୍ୟା ଜାତିସଂଘରେ ଉତ୍ଥାପନ କରୁଥିଲା ପଶ୍ଚିମ ଦେଶଗୁଡ଼ିକ କର୍ଣ୍ଣପାତ କରୁ ନ ଥିଲେ। ଲାଡେନକୁ ଧରିବା ପାଇଁ ଆମେରିକା ଦିନେ ଯେଉଁ ଅଭିଯାନ ଆରମ୍ଭ କରିଥିଲା ଏବେ ଶେଷ ଦୃଶ୍ୟ ଆରମ୍ଭ ହୋଇଛି। ସମ୍ପ୍ରତି ସତର ଶହ ଭାରତୀୟ ଆଫଗାନିସ୍ତାନର ବିଭିନ୍ନ ଉନ୍ନୟନ କାମରେ ଲାଗିଛନ୍ତି। ଆଫଗାନିସ୍ତାନରେ ସମ୍ପୂର୍ଣ୍ଣ ଶାନ୍ତି ଫେରି ନ ଥିବାବେଳେ ଆମେରିକା ଅଧାବାଟରେ ପଛଘୁଞ୍ଚା ଦେଲା। ଏକଦା ତାଲିବାନ ସରକାରକୁ ପାକିସ୍ତାନ ତତ୍କାଳୀନ ରାଷ୍ଟ୍ରପତି ପରଭେଜ ମୁଶରଫ ସ୍ୱୀକୃତି ପ୍ରଦାନ କରି ଆନ୍ତର୍ଜାତିକ ସମୁଦାୟ ଚାପ ଆଗରେ ମୁଣ୍ଡ ନୁଆଁଇ ପୁଣି ପ୍ରତ୍ୟାହାର କରିଥିଲେ। ପାକିସ୍ତାନ ଡିଏନଏରେ ତାଲିବାନ ଅଛି। ଆଫଗାନିସ୍ତାନରେ ଭାରତର ନିବେଶ ଓ ଆଧିପତ୍ୟକୁ ସହି ନ ପାରି ତାଲିବାନ୍ ଫେରିବା ଖୁସିରେ ପାକିସ୍ତାନ ଭାରତର ଲାଭ କ୍ଷତି ଆକଳନ କରୁଛି। ଆତଙ୍କବାଦୀଙ୍କୁ ପାଳିବା କାରଣରୁ ଏଫଏଟିଏଫରେ ପାକିସ୍ତାନ ଗ୍ରେ ଲିଷ୍ଟରୁ ବ୍ଲାକ ଲିଷ୍ଟକୁ ଆସିବା ସୁନିଶ୍ଚିତ ଥିବାବେଳେ ବାରମ୍ବାର ଚାଇନା ଲବି ବଞ୍ଚେଇ ଦେଉଛି। ନିଜ ଦେଶରେ ଉଇଗର ମୁସଲମାନଙ୍କ ଉପରେ ଚଳାଇଥିବା ଅତ୍ୟାଚାର ହେତୁ ବିଶ୍ୱ ସମୁଦାୟ କାନ୍ଦୁଛି କିନ୍ତୁ କାହାରି ଆଖିରୁ ଲୁହ ଗଡୁ ନାହିଁ। ବିଶେଷତଃ ମୁସଲମାନ ବହୁଳ ଦେଶଗୁଡ଼ିକର ନୀରବତା ନାନା ପ୍ରଶ୍ନ ଜନ୍ମ ଦେଉଛି।

- ମନୋରଞ୍ଜନ ପାତ୍ର, ସୁନହଟ, ବାଲେଶ୍ୱର

### ଚିରନ୍ତନୀ

ଶତ କୋଟି ବିଶ୍ୱ କ୍ରୀଡ଼େ
ଅହରହ ଲୋମକୂପେ ତବ
ବିସ୍ମୃତି ନୁହଇ ବୁଝି
କଳ୍ପନା-ଅତୀତ ଅବୟବ! -(ଶୂନ୍ୟ ଚିନ୍ତା)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

**କରୋନା ସଂକ୍ରମଣ ସ୍ଥିତି**



| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୧୯,୩୦,୯୭,୨୫୬ | ୪୧,୪୬,୯୭୯ | ୧୭,୫୫,୩୨,୧୨୦ |
| ଭାରତ | ୩,୧୨,୮୯,୧୧୫ | ୪,୧୯,୪୭୧ | ୩,୦୪,୫୪,୭୫୭ |
| ଓଡ଼ିଶା | ୯,୬୧,୯୩୪ | ୫୩୦୮(+୫୩) | ୯,୩୯,୧୬୦ |

ଗୁରୁବାର ରାତି ୧୦ଟା ସୁଦ୍ଧା
(+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ଏବଂ ଓଡ଼ିଶା ସରକାର




# ଶିକ୍ଷକରୁ ପ୍ରଶାସକ

ଭାରତୀୟ ପ୍ରଶାସନିକ ସେବା (ଆଇଏଏସ୍)ଅଧିକାରୀ ବିଜୟ ଅମୃତା କୁଲାଙ୍ଗେ କେବଳ ଗଞ୍ଜାମ ନୁହେଁ ସାରା ଓଡ଼ିଶାରେ ଜଣେ ଚର୍ଚ୍ଚିତ ଚେହେରା। ନିଜର ସ୍ୱତନ୍ତ୍ର କାର୍ଯ୍ୟଶୈଳୀ ଯୋଗୁ ସେ ମୁଖ୍ୟମନ୍ତ୍ରୀଙ୍କ ପ୍ରଶଂସା ମଧ୍ୟ ସାଉଁଟିଛନ୍ତି। ବିଜୟଙ୍କ ଘର ମହାରାଷ୍ଟ୍ରରେ। ପ୍ରାଥମିକ ଶିକ୍ଷକ ଭାବେ ବୃତ୍ତିଗତ ଜୀବନ ଆରମ୍ଭ କରିଥିବା ବିଜୟ ପ୍ରଥମେ ମହାରାଷ୍ଟ୍ର ସିଭିଲ ସର୍ଭିସ ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିଲେ। ହେଲେ ଏତିକିରେ ତାଙ୍କ ଲକ୍ଷ୍ୟ ପୂରଣ ହୋଇ ନ ଥିଲା। ୨୦୧୩ରେ ଭାରତୀୟ ସିଭିଲ ସର୍ଭିସ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ଓଡ଼ିଶାକୁ ନିଜର କର୍ମଭୂମି ଭାବେ ବାଛି ନେଇଛନ୍ତି। ସେ ଏବେ ଗଞ୍ଜାମର ଜିଲାପାଳ। ଦୃଢ଼ ମନୋବଳ ଓ ଇଚ୍ଛାଶକ୍ତି ଥିଲେ ସଫଳତା ନିଶ୍ଚିତ ମିଳିବ ବୋଲି ସେ ବିଶ୍ୱାସ କରନ୍ତି। ବୃତ୍ତିରେ ପ୍ରଶାସକ ଏବଂ ପ୍ରବୃତ୍ତିରେ ଜଣେ ଲେଖକ। ଏଭଳି ଜଣେ ବ୍ୟକ୍ତିତ୍ୱଙ୍କ ଜୀବନଶୈଳୀ ଓ କାର୍ଯ୍ୟଧାରାକୁ ନେଇ ଧରିତ୍ରୀର ଏହି ସ୍ୱତନ୍ତ୍ର ଆଳାପ...



**ଧରିତ୍ରୀ ଆଳାପ**

ବିଜୟ ଅମୃତା କୁଲାଙ୍ଗେ

**ଶିକ୍ଷକତାରୁ ପ୍ରଶାସକ, ଯାତ୍ରା କେମିତି ଥିଲା ?**

❖ ଆଇଏଏସ୍ ଅଫିସର ହେବା ମୋର ଲକ୍ଷ୍ୟ ନ ଥିଲା। ଛୋଟ ବେଳରୁ ଡାକ୍ତର ହେବା ଲକ୍ଷ୍ୟ ଥିଲା। କିନ୍ତୁ ଘରର ଆର୍ଥିକ ଅବସ୍ଥା ଠିକ୍ ନ ଥିବାରୁ ଡାକ୍ତରୀ ପାଠ ପଢ଼ି ପାରିଲି ନାହିଁ। ତେଣୁ ଘର ଚଳାଇବା ପାଇଁ ପ୍ରଥମେ ମୁଁ ପ୍ରାଥମିକ ସ୍କୁଲରେ ଶିକ୍ଷକତା ଆରମ୍ଭ କରିଥିଲି। ନିଜ ଜିଲାରେ ପ୍ରାୟ ୭ବର୍ଷ ଶିକ୍ଷକତା କଲି। ସେ ସମୟରେ ମୁଁ ଷ୍ଟେଟ୍ ସିଭିଲ୍ ସର୍ଭିସ ପାଇଲି। ସେଥିରେ ମୁଁ ଶ୍ରେଷ୍ଠ ଦ୍ୱିତୀୟ ସ୍ଥାନ ପାଇଥିଲି। ତେଣୁ ମୋର ଆତ୍ମବିଶ୍ୱାସ ବଢ଼ିଗଲା ଓ ୟୁପିଏସ୍‌ସି ପାଇଁ ଚେଷ୍ଟା କଲି। ୨୦୧୩ରେ ଓଡ଼ିଶା କ୍ୟାଡରରେ ଆଇଏଏସ୍ ପାଇଲି।

**ନିକଟରେ ଆପଣଙ୍କ ଆତ୍ମଜୀବନୀ ‘ଆଜିର ଦିନ ମୋର’ ପ୍ରକାଶ ପାଇଥିଲା। ତାହାକୁ ନେଇ ବହୁ ଚର୍ଚ୍ଚା ମଧ୍ୟ ହୋଇଥିଲା। ଏ ସମ୍ପର୍କରେ କିଛି ଅନୁଭୂତି ?**

❖ ସମସ୍ତଙ୍କ ଜୀବନରେ କିଛି ନା କିଛି ଲକ୍ଷ୍ୟ ରହୁଛି। ମୋ ଜୀବନରେ ବି ଲକ୍ଷ୍ୟ ଥିଲା। ଜୀବନରେ ସଫଳତା ହାସଲ କଲାପରେ ମୋ ଜୀବନ କିପରି ଲାଗୁଛି ତାକୁ ଜାଣିବା ପାଇଁ ଓ ନିଜକୁ ସମୀକ୍ଷା କରିବା ପାଇଁ ବହିଟି ଲେଖିଲି। କହିବାକୁ ଗଲେ ଆତ୍ମପରୀକ୍ଷା ପାଇଁ ଲେଖିଥିଲି।

**ଆଗକୁ ଆଉ କିଛି ନୂଆ ପୁସ୍ତକ ପ୍ରକାଶ ପାଇବା ନେଇ ଲକ୍ଷ୍ୟ ରହିଛି କି ?**

❖ ଲେଖିବା ପ୍ରତି ରୁଚି ରହିଛି। ସମୟ ମିଳିଲେ ଆଗକୁ ନିଶ୍ଚୟ ଲେଖିବି। ଯୁବପିଢ଼ିଙ୍କ ପାଇଁ କିଛି ଲେଖିବାକୁ ଇଚ୍ଛା ରହିଛି, ଯାହାକି ସେମାନଙ୍କ ଜୀବନରେ କିଛି ସହାୟକ ହେବା ସହ ପ୍ରେରଣା ଯୋଗାଇପାରିବ।

**କରୋନା ପରିଚାଳନାରେ ଗଞ୍ଜାମ ଜିଲା ରୋଲ ମଡେଲ ହୋଇଥିଲା। କିଭଳି ରହିଥିଲା ଷ୍ଟ୍ରାଟେଜି?**

❖ କରୋନା ମୁକାବିଲାରେ ପଞ୍ଚାୟତସ୍ତରରୁ ଆରମ୍ଭ କରି ସବୁ ଅଫିସର, ପୋଲିସ, ଜନତା ମିଳିତ ଭାବେ ଏକତ୍ର ହୋଇଥିଲୁ। ଲୋକଙ୍କୁ ସଚେତନ କରାଇବା ଏବଂ ସମୟୋଚିତ ପଦକ୍ଷେପ ସଂକ୍ରମଣକୁ ରୋକିବାରେ ସହାୟକ ହୋଇପାରିଲା। ତେଣୁ ଏଥିପାଇଁ ସବୁ ଶ୍ରେୟ ଗଞ୍ଜାମ ଟିମ୍‌କୁ ଦେବା ପାଇଁ ଚାହିଁବି।

**କରୋନା ପ୍ରଥମ ଲହରରେ ଗଞ୍ଜାମ ଜିଲାର ଦାଦନ ଶ୍ରମିକଙ୍କ ଦୁଃଖଦ ଚିତ୍ର ସାମ୍ନାକୁ ଆସିଥିଲା। ଦାଦନ ରୋକିବା ଦିଗରେ ଜିଲା ପ୍ରଶାସନ କି ପ୍ରକାର ପଦକ୍ଷେପ ନେଇଛି ?**

❖ ଗଞ୍ଜାମକୁ ଯେତିକି ମୁଁ ଦେଖୁଛି, ଲୋକଙ୍କ ସହିତ ମିଶୁଛି, ସେଥିରୁ ମୁଁ ଭାବୁଛି ସେମାନେ ସମସ୍ତେ ଦାଦନ ଶ୍ରମିକ ନୁହନ୍ତି। ଅନେକ ଲୋକ ବାହାର ରାଜ୍ୟର ଫ୍ୟାକ୍ଟ୍ରିରେ କାମ କରୁଛନ୍ତି। ସେମାନେ ସେଠାରେ ପରିବାର ସହିତ ଦୀର୍ଘବର୍ଷ ଧରି ବାସିନ୍ଦା ହୋଇଯାଇଛନ୍ତି, କରୋନା ପ୍ରଥମ ଲହର ସମୟରେ ସବୁ ବନ୍ଦ ଥିବାରୁ କାମ ନ ପାଇ ନିଜ ଗ୍ରାମକୁ ଲୋକମାନେ ଚାଲି ଆସିଥିଲେ। ସ୍ଥିତି ସ୍ୱାଭାବିକ ପରେ ବହୁ କମ୍ପାନୀ ସେହି ଲୋକଙ୍କୁ ବସ୍, ରେଳ ମାଧ୍ୟମରେ ପୁଣି କାର୍ଯ୍ୟସ୍ଥଳକୁ ନେଇଛନ୍ତି। ସେମାନେ ଦକ୍ଷ ମାନବ ସମ୍ବଳ। ତେଣୁ ସେମାନଙ୍କୁ ଆମେ ଦାଦନ ବୋଲି କହିପାରିବା ନାହିଁ। ସେମାନାଙ୍କର ଦକ୍ଷତାକୁ ଏଠାରେ କିପରି ବ୍ୟବହାର କରିହେବ ସେ ନେଇ ଆମେ ଚିନ୍ତା କରୁଛୁ।

**ପର୍ଯ୍ୟଟନର ବିକାଶ ଉପରେ କ’ଣ କାର୍ଯ୍ୟ ଚାଲିଛି?**

❖ ଜିଲାରେ ବହୁ ପର୍ଯ୍ୟଟନସ୍ଥଳୀ ରହିଛି। ସେସବୁକୁ ନେଇ ଏକ ସର୍କିଟ ହିସାବରେ ବିକାଶ କରିବା ପାଇଁ ଆମର ଲକ୍ଷ୍ୟ ରହିଛି। ବହୁ ସ୍ଥାନରେ ବିକାଶମୂଳକ କାର୍ଯ୍ୟ ଆରମ୍ଭ ହୋଇଯାଇଛି। ଖୁବ୍‌ଶୀଘ୍ର ଗଞ୍ଜାମ ବି ପର୍ଯ୍ୟଟନ ମ୍ୟାପ୍‌ରେ ସ୍ଥାନ ପାଇବ। କେବଳ ଓଡ଼ିଶା ନୁହେଁ, ଜାତୀୟ ପର୍ଯ୍ୟଟନ ମ୍ୟାପ୍‌ରେ ବି ଗଞ୍ଜାମ ସ୍ଥାନ ପାଇବ।

**ଗଞ୍ଜାମ ଜିଲାରେ ଆଉ କ’ଣ ପରିବର୍ତ୍ତନ ଚାହୁଁଛନ୍ତି?**

ଗଞ୍ଜାମ ଟିମ୍‌କୁ ଦୃଢ଼ କରିବା ଲକ୍ଷ୍ୟ ରହିଛି। ଯେଉଁ କାମ କରିବା ତାକୁ କିପରି ଭବିଷ୍ୟତରେ ନିରନ୍ତର ବିକାଶ ଭାବେ ଗ୍ରହଣ କରାଯାଇ ପାରିବ ସେନେଇ ଗୁରୁତ୍ୱ ଦିଆଯିବ। ଭିତ୍ତିଭୂମି, କୃଷି, ପାନୀୟ ଜଳ ଭଳି ବିଭିନ୍ନ ଦିଗରେ ଅଗ୍ରଗତି କରିବା ପାଇଁ କାର୍ଯ୍ୟ ଜାରି ରହିବ।

**ଯୁବଗୋଷ୍ଠୀଙ୍କ ପାଇଁ ସନ୍ଦେଶ କ’ଣ ରହିବ?**

❖ ଜୀବନରେ ପରିବାର ଓ ସମାଜ ପାଇଁ କିଛି ଭଲ କାମ କରିବାକୁ ପଡ଼ିବ। ତେଣୁ ଯାହାବି କରୁଛନ୍ତି ତାକୁ ଦୃଢ଼ ଓ ଦକ୍ଷତାର ସହ କରନ୍ତୁ। ସଫଳତା ନିଶ୍ଚିତ ମିଳିବ।

– ଅସମାପିକା ସାହୁ

# ଡେଲ୍‌ଟା ଭାଇରସ୍ ଦ୍ୱାରା ୯୨% ସଂକ୍ରମିତ

ଭୁବନେଶ୍ୱର, ୨୨।୭(ବ୍ୟୁରୋ)

କରୋନାର ଡେଲ୍‌ଟା ଭାଇରସ୍ ଯୋଗୁ ଦ୍ୱିତୀୟ ଲହର ସଂକ୍ରମଣ ସ୍ଥିତି ସଙ୍ଗିନ ହୋଇଥିଲା। ଦେଶ ତଥା ରାଜ୍ୟରେ ଅଧିକାଂଶ ସଂକ୍ରମିତଙ୍କ ଶରୀରରେ ଡେଲ୍ଟା ଭାଇରସ୍ ଚିହ୍ନଟ ହୋଇଥିଲା। ଦେଶରେ ୯୦ରୁ ୯୬ ପ୍ରତିଶତ ଲୋକ ଡେଲ୍‌ଟା ଭାଇରସ୍‌ରେ ସଂକ୍ରମିତ ହୋଇଥିବାବେଳେ ଓଡ଼ିଶାରେ ମଧ୍ୟ ଏହି ସଂଖ୍ୟା ୯୨ରୁ ୯୩ ପ୍ରତିଶତ ରହିଛି। ଏ ନେଇ ଗୁରୁବାର ଜୀବ ବିଜ୍ଞାନ ପ୍ରତିଷ୍ଠାନ (ଆଇଏଲ୍‌ଏସ୍) ନିର୍ଦ୍ଦେଶକ ଅଜୟ ପରିଡ଼ା ସୂଚନା ଦେଇଛନ୍ତି। ସେ ଆହୁରି କହିଛନ୍ତି ଯେ, ପୂର୍ବରୁ ସଂକ୍ରମିତ ବ୍ୟକ୍ତିଙ୍କର ୧୫ ଦିନରେ ନେଗେଟିଭ ରିପୋର୍ଟ ଆସୁଥିଲା। କିନ୍ତୁ ଏବେ ସଂକ୍ରମିତ ହେଉଥିବା ବ୍ୟକ୍ତିଙ୍କ ଶରୀରରେ ୩ରୁ ୪ ସପ୍ତାହ ଅର୍ଥାତ ପାଖାପାଖି ମାସେ ପର୍ଯ୍ୟନ୍ତ ଭାଇରସ୍ ସକ୍ରିୟ ରହୁଛି। ଏସବୁ ଭିତରେ କୋଭିଡ୍ କଟକଣା କୋହଳ ହୋଇଥିବାରୁ କିଛି ଜିଲାରେ ସଂକ୍ରମଣ ଏବେ ବି କମୁନାହିଁ। ଯଦି ଏବେଠୁ ସଚେତନ ଓ ସତର୍କ ନ ହେବା ତେବେ ତୃତୀୟ ଲହରର ଆଶଙ୍କାକୁ ଏଡ଼ାଇ ଦିଆଯାଇ ନ ପାରେ। ତେବେ ଏଥିପାଇଁ ତିନୋଟି ଦିଗ ଉପରେ ଆଇଏଲ୍‌ଏସ୍ ନିର୍ଦ୍ଦେଶକ ଗୁରୁତ୍ୱ ଦେଇଛନ୍ତି। ବିଶେଷକରି ଟିକାକରଣ, ଲୋକଙ୍କ ବ୍ୟବହାର ଓ ଭାଇରସ୍ ଯଦି ରୂପ ବଦଳାଏ ତେବେ ତୃତୀୟ ଲହରର ଆଶଙ୍କା ଅଧିକ ବଢ଼ିବ। ଏସବୁ ବାଦ୍ ଆଣ୍ଟିଜେନ ଏବଂ ଆର୍‌ଟି-ପିସିଆର୍ ଟେଷ୍ଟିଂକୁ ନେଇ ସେ ଗୁରୁତ୍ୱପୂର୍ଣ୍ଣ ସୂଚନା ଦେଇଛନ୍ତି। ଆଣ୍ଟିଜେନ ଟେଷ୍ଟରେ ପଜିଟିଭ୍ ଆସିଲେ କରୋନା ସଂକ୍ରମିତ ନିଶ୍ଚିତ ବୋଲି ସେ କହିଛନ୍ତି। ସେହିଭଳି ଆଣ୍ଟିଜେନ ଟେଷ୍ଟରେ ନେଗେଟିଭ ଆସିଲେ ମଧ୍ୟ ଆର୍‌ଟି-ପିସିଆର୍ ଟେଷ୍ଟରେ ପଜିଟିଭ୍ ଆସୁଛନ୍ତି। ତେଣୁ ସଂକ୍ରମଣ ବାବଦରେ ନିଶ୍ଚିତ ହେବାକୁ ଆର୍‌ଟି-ପିସିଆର୍ ଟେଷ୍ଟ ଉପରେ ଗୁରୁତ୍ୱ ଦିଆଯାଉଛି। ଏଥିସହ ୨ଟି ଡୋଜ୍ ଟିକା ନେବା ପରେ ସଂକ୍ରମିତ ହେବାର ସମ୍ଭାବନା କମ୍ ବୋଲି ନିର୍ଦ୍ଦେଶକ ପରିଡ଼ା କହିଛନ୍ତି।



# ସୌମ୍ୟଙ୍କ କ୍ୱାର୍ଟର୍ସରେ ହୋଇଛି ଅପରାଧ



ମୃତ ଏସିଏଫ୍ ସୌମ୍ୟରଞ୍ଜନ ମହାପାତ୍ରଙ୍କ ବାସଭବନରେ କ୍ରାଇମବ୍ରାଞ୍ଚ ଏକ୍ସପର୍ଟ ଟିମ୍ ଯାଞ୍ଚ କରୁଛି।

**ଏସିଏଫ୍ ମୃତ୍ୟୁ ଘଟଣା**

**କ୍ରାଇମବ୍ରାଞ୍ଚ ଏକ୍ସପର୍ଟ ଟିମ୍‌ର ସୂଚନା**

ପାରଳାଖେମୁଣ୍ଡି,୨୨।୭(ଡି.ଏନ୍.ଏ.)

ଗଜପତି ଜିଲା ପାରଳାଖେମୁଣ୍ଡି ସହକାରୀ ବନ ସଂରକ୍ଷକ (ଏସିଏଫ୍) ସୌମ୍ୟରଞ୍ଜନ ମହାପାତ୍ରଙ୍କ ମୃତ୍ୟୁ ଘଟଣାର ତଦନ୍ତ ଜାରି ରହିଛି। ଗୁରୁବାର ପୂର୍ବାହ୍ନରେ ପୋଲିସ, କ୍ରାଇମ୍‌ବ୍ରାଞ୍ଚ ଟିମ୍ ଓ ଅପରାହ୍ନରେ ଦକ୍ଷିଣାଞ୍ଚଳ ଡିଆଇଜି ସତ୍ୟବ୍ରତ ଭୋଇ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛନ୍ତି। ସରକାରୀ ବାସଭବନରୁ ସୌମ୍ୟଙ୍କ ଅର୍ଦ୍ଧଦଗ୍ଧ ଶରୀର ଉଦ୍ଧାର କରାଯାଇଥିଲା। ସେହିଠାରେ ହିଁ ତାଙ୍କ ଦେହରେ ନିଆଁ ଲାଗିଛି ବୋଲି କ୍ରାଇମବ୍ରାଞ୍ଚ ଏକ୍ସପର୍ଟ ଟିମ୍‌ର ମୁଖ୍ୟ ଡିଏସ୍‌ପି ବିଜୟ କୁମାର ମଲ୍ଲିକ କହିଛନ୍ତି। କ୍ୱାର୍ଟର୍ସରୁ ପୂର୍ବରୁ କିରୋସିନ ଜବତ ହୋଇଥିଲା। ଗୁରୁବାର ଅଧିକ ଯାଞ୍ଚ ବେଳେ ଘର ଚଟାଣରେ ପୋଡ଼ାଦାଗ ରହିଥିବା ଦେଖାଯାଇଛି। ଝରକାରେ ଲାଗିଥିବା ଜାଲି ମଧ୍ୟ ପୋଡିଥିବା ପ୍ରମାଣ ମିଳିଥିବାରୁ ଡିଏସ୍‌ପି ଏହା ସ୍ପଷ୍ଟ କରିଛନ୍ତି। ସୌମ୍ୟଙ୍କ ମୃତଦେହ ବ୍ୟବଚ୍ଛେଦ ରିପୋର୍ଟ ଆସିନାହିଁ। ସାଇଣ୍ଟିଫିକ୍ ଟିମ୍ ରିପୋର୍ଟ, କ୍ୱାର୍ଟର୍ସରୁ ମିଳିଥିବା ଜିନିଷ, ବାଲେଶ୍ୱରରୁ ସୌମ୍ୟଙ୍କ ପରିବାର ଓ ମୟୂରଭଞ୍ଜରୁ ସ୍ତ୍ରୀ ବିଦ୍ୟାଭାରତୀଙ୍କଠାରୁ ପାରଳାଖେମୁଣ୍ଡି ଥାନା ଅଧିକାରୀ ଆଣିଥିବା ତଥ୍ୟକୁ କ୍ରାଇମ୍‌ବ୍ରାଞ୍ଚ ଟିମ୍ ତନ୍ନତନ୍ନ କରି ଯାଞ୍ଚ କରୁଛି । ତେବେ ଘଟଣାର ଦଶ ଦିନ ପରେ ବି କୌଣସି ଠୋସ୍ ପ୍ରମାଣ ମିଳିପାରି ନ ଥିବାରୁ ସୌମ୍ୟଙ୍କ ମୃତ୍ୟୁ ରହସ୍ୟ ଉପରୁ ପରଦା ହଟିପାରୁନି। ପୂର୍ବାହ୍ନରେ ଗଜପତି ଏସ୍‌ପି ତପନ କୁମାର ପଟ୍ଟନାୟକ, ଏସ୍‌ଡିପିଓ ରାମକୃଷ୍ଣ ପତି, ମାମଲାର ତଦନ୍ତକାରୀ ଅଧିକାରୀ ପାରଳାଖେମୁଣ୍ଡି ଥାନା ଅଧିକାରୀ ବିବେକାନନ୍ଦ ସ୍ୱାଇଁଙ୍କ ସହ କ୍ରାଇମବ୍ରାଞ୍ଚ ଟିମ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲେ। ଅପରାହ୍ନରେ ଦକ୍ଷିଣାଞ୍ଚଳ ଡିଆଇଜି ସତ୍ୟବ୍ରତ ଭୋଇ ପହଞ୍ଚି କ୍ରାଇମବ୍ରାଞ୍ଚ ଟିମ୍ ଓ ଗଜପତି ପୋଲିସ ସହ ଆଲୋଚନା କରି ଏସିଏଫ ସୌମ୍ୟଙ୍କ କ୍ୱାର୍ଟର୍ସକୁ ଯାଇ ଅନୁଧ୍ୟାନ କରିଛନ୍ତି। ସେ କହିଛନ୍ତି, ଏ ପର୍ଯ୍ୟନ୍ତ ଯେତିକି ତଦନ୍ତ ଠିକ ଚାଲିଛି, ବହୁ ଗୁରୁତ୍ୱପୂର୍ଣ୍ଣ ସୁରାକ ମଧ୍ୟ ମିଳିଛି। ଘଟଣାର ଆହୁରି ଅଧିକ ତଦନ୍ତ କରାଯିବାର ଅଛି । ଘଟଣାରେ ଯେଉଁମାନେ ବି ସମ୍ପୃକ୍ତ ଅଛନ୍ତି ସମସ୍ତେ ତଦନ୍ତ ପରିସର ଭୁକ୍ତହେବେ। ସମସ୍ତଙ୍କୁ ଜେରା କରାଯିବ ବୋଲି ଡିଆଇଜି କହିଛନ୍ତି। ସୂଚନାଯୋଗ୍ୟ, ପୂର୍ବରୁ ସୌମ୍ୟଙ୍କ ପରିବାର ଲୋକଙ୍କ ଅଭିଯୋଗକ୍ରମେ ରୋଷେୟା ମନ୍ମଥ କୁମ୍ଭ, ସୌମ୍ୟଙ୍କ ସ୍ତ୍ରୀ ବିଦ୍ୟାଭାରତୀ ପଣ୍ଡା ଓ ଡିଏଫ୍‌ଓଙ୍କ ନାମରେ ହତ୍ୟା ମାମଲା ରୁଜୁ ହୋଇଛି। ରୋଷେୟା ଓ ସ୍ତ୍ରୀ ବିଦ୍ୟାଭାରତୀଙ୍କୁ ପୋଲିସ ଜେରା କରିଥିବା ବେଳେ ଡିଏଫ୍‌ଓ ସଂଗ୍ରାମ କେଶରୀ ବେହେରାଙ୍କୁ ଏ ପର୍ଯ୍ୟନ୍ତ ଜେରା କରାଯାଇନାହିଁ।

## ଭଗବାନ ଡିଭର୍ସ କରାଇ ଦିଅ

**ବିଦ୍ୟାଭାରତୀଙ୍କ ଆଉ ଏକ ହାତଲେଖା**

ଏସିଏଫ୍ ସୌମ୍ୟରଞ୍ଜନଙ୍କ ସ୍ତ୍ରୀ ବିଦ୍ୟାଭାରତୀଙ୍କ ହାତ ଲେଖା କୁହାଯାଉଥିବା ଅନ୍ୟ ଏକ ଚିଠିକୁ ନେଇ ଚର୍ଚ୍ଚା ଜୋର ଧରିଛି। ଘୃଣାପୂର୍ଣ୍ଣ ଏହି ଚିଠିରେ ‘ହେ ଭଗବାନ କିଛି ବି କରି ଡିଭର୍ସ କରାଇ ଦିଅ’ ବୋଲି ଉଲ୍ଲେଖ ରହିଛି। ଯେଉଁଥିରୁ ସ୍ୱାମୀ,ସ୍ତ୍ରୀଙ୍କ ଝଗଡ଼ା ଚରମ ସୀମାରେ ପହଞ୍ଚି ଥିବା ବାରି ହୋଇ ପଡୁଛି। ଭଗବାନ ଶତ୍ରୁକୁ ବି ଏମିତି ଲୋକ ନ ଦିଅନ୍ତୁ। ବାବା ସାଇ ତୁମ ପାଖରେ ସାରା ଜୀବନ ଋଣୀ ହୋଇ ରହିବି। ପୁରୀ ମନ୍ଦିରରେ ଦାସୀ ହୋଇ ସେବା କରିବି। ଏତେ ଦୁଃଖରେ କହିଲି ମୋ ଆଖି ଲୁହ ବି ଦେଖା ଗଲାନି ବୋଲି ଏହି ଚିଠିରେ ଲେଖା ହୋଇଛି। ତେବେ ବର୍ତ୍ତମାନ ପ୍ରଶ୍ନ ଉଠୁଛି, ଏହି ଚିଠି ସୌମ୍ୟଙ୍କ ଉଦ୍ଦେଶ୍ୟରେ ଲେଖିଥିଲେ କି ବିଦ୍ୟାଭାରତୀ। ଚିଠିରେ କାହା ନାଁ ଲେଖାଯାଇ ନ ଥିବା ବେଳେ ଏହାକୁ ନେଇ ନାନା ପ୍ରଶ୍ନ ଉଠୁଛି। ସୂଚନା ଥାଉ କି, ଏହା ପୂର୍ବରୁ ‘ମୁଁ ତୁମକୁ ଘୃଣା କରେ’ ସମ୍ପର୍କିତ ଏକ ଚିଠିକୁ ନେଇ ବିଦ୍ୟା ତାଙ୍କ ହାତ ଲେଖା ବୋଲି ସ୍ୱୀକାର କରି ମନ ଅତ୍ୟନ୍ତ ଦୁଃଖ ଥିବା ବେଳେ ସେ ଏମିତି କିଛି ଲେଖିଥିଲେ ବୋଲି କହିଥିଲେ।



# ଗିରଫ ହେଲେ ମା’ ବାପା

**୨ ଶିଶୁଙ୍କୁ କୂଅକୁ ଠେଲି ହତ୍ୟା ଘଟଣା**

ରାଇକିଆ,୨୨।୭(ଡି.ଏନ୍.ଏ.)

କନ୍ଧମାଳ ଜିଲା ରାଇକିଆରେ ଗତ ୧୭ ତାରିଖରେ ୨ ଶିଶୁଙ୍କୁ କୂଅକୁ ଠେଲି ହତ୍ୟା ଘଟଣାରେ ଗୁରୁବାର ମା’ବାପା ଗିରଫ ହୋଇଛନ୍ତି। ସେମାନେ ହେଲେ ମା’ ଭାଗ୍ୟଲକ୍ଷ୍ମୀ ପାତ୍ର ଏବଂ ବାପା ଏମ୍. ରାଜେଶ ପାତ୍ର। ରାଇକିଆ ପୋଲିସ ଉଭୟଙ୍କୁ କୋର୍ଟ ଚାଲାଣ କରିଛି। ଭଉଣୀଙ୍କୁ ତାଙ୍କ ସ୍ୱାମୀ ନିର୍ଯାତନା ଦେଇଥିବା ଓ ଆତ୍ମହତ୍ୟା କରିବା ପାଇଁ ବାଧ୍ୟ କରାଉଥିଲେ ବୋଲି ଭାଗ୍ୟଲକ୍ଷ୍ମୀଙ୍କ ଭାଇଙ୍କ ଥାନାରେ ଅଭିଯୋଗ କରିଥିଲେ। ଏହାକୁ ଭିତ୍ତିକରି ରୁଜୁ ହୋଇଥିବା ମାମଲା ନଂ.୭୧/୨୧ରେ ଭାଗ୍ୟଲକ୍ଷ୍ମୀଙ୍କ ସ୍ୱାମୀ ଏମ୍. ରାଜେଶଙ୍କୁ ଗିରଫ କରାଯାଇଛି। ଅନ୍ୟପକ୍ଷରେ ୯ ବର୍ଷୀୟା ଝିଅ ବୈଷ୍ଣବୀ ଏବଂ ୪ ବର୍ଷର ପୁଅ ଯୁବରାଜଙ୍କୁ କୂଅରେ ପକାଇ ହତ୍ୟା କରିବା ଘଟଣାରେ ଭାଗ୍ୟଲକ୍ଷ୍ମୀଙ୍କୁ ଗିରଫ କରାଯାଇଥିବା ରାଇକିଆ ଥାନା ଅଧିକାରୀ ଶ୍ରୀକାନ୍ତ ଖମାରୀ ସୂଚନା ଦେଇଛନ୍ତି।

ରାଜେଶଙ୍କର ଅନ୍ୟ ଜଣେ ମହିଳାଙ୍କ ସହ ଅନୈତିକ ସମ୍ପର୍କ ଥିବାରୁ ଦମ୍ପତିଙ୍କ ମଧ୍ୟରେ କଳହ ଲାଗି ରହୁଥିଲା। ଗତ ୧୬ ତାରିଖରେ ମଧ୍ୟ ପ୍ରବଳ ପାଟିତୁଣ୍ଡ ହୋଇଥଲା। ରାଜେଶ ୨ ପିଲାଙ୍କୁ ନେଇ ଘର ଛାଡି ଚାଲିଯିବାକୁ ଭାଗ୍ୟଲକ୍ଷ୍ମୀଙ୍କୁ କହିଥିଲେ। ସ୍ୱାମୀଙ୍କ ନିର୍ଯାତନା ସହି ନ ପାରି ଭାଗ୍ୟଲକ୍ଷ୍ମୀ ଆତ୍ମହତ୍ୟା କରିବାକୁ ନିଷ୍ପତ୍ତି ନେଇ ପିଲାଙ୍କୁ ଧରି ଘର ଛାଡ଼ି ଚାଲି ଯାଇଥିଲେ। ପିଲାମାନେ ମଧ୍ୟ ବାପାଙ୍କ ସହ ରହିବାକୁ ଚାହୁଁ ନ ଥିଲେ। ଘର ଛାଡ଼ିବା ପରେ ଭାଗ୍ୟଲକ୍ଷ୍ମୀ ତାଙ୍କ ଭାଇଙ୍କୁ ଏ ସମ୍ପର୍କରେ ସୂଚନା ଦେବା ସହ ଅଳିମାହା ଅଞ୍ଚଳରେ ଥିବା ଏକ କୂଅ ପାଖରେ ପିଲାଙ୍କୁ ଧରି ରାତିସାରା ବସିଥିଲେ। ୧୭ ତାରିଖ ଭୋରରେ ଝିଅ ବୈଷ୍ଣବୀଙ୍କୁ କୂଅ ଉପରେ ଚଢ଼ାଇ ଦେଇ ଡେଇଁ ପଡ଼ିବାକୁ କହିଥିଲେ। ଝିଅ କୂଅକୁ ଡେଇଁବାର ୧୦ ମିନିଟ ପରେ ଭାଗ୍ୟଲକ୍ଷ୍ମୀ ପୁଅ ଯୁବରାଜଙ୍କୁ କୂଅରେ ପକାଇ ଦେଇଥିଲେ । କିଛି ସମୟ ପରେ ପୁଅ ଝିଅ କୂଅରେ ଦେଖା ନ ଯିବାରୁ ସେ ସମୟରେ ସେଠାରେ ଜଣେ ପରିଚିତ ବ୍ୟକ୍ତିଙ୍କୁ ଭାଗ୍ୟଲକ୍ଷ୍ମୀ ଘଟଣା ସମ୍ପର୍କରେ ଜଣାଇଥିଲେ । ଖବରପାଇ ଅଗ୍ନିଶମବାହିନୀ ପହଞ୍ଚି ୨ ପିଲାଙ୍କୁ ଗୁରୁତର ଅବସ୍ଥାରେ କୂଅରୁ ଉଦ୍ଧାର କରି ରାଇକିଆ ମେଡିକାଲକୁ ନେଇଥିଲେ ମଧ୍ୟ ଉଭୟଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ।



ଗିରଫ ଏମ୍. ରାଜେଶ ଓ ତାଙ୍କ ସ୍ତ୍ରୀ ଭାଗ୍ୟଲକ୍ଷ୍ମୀ ପାତ୍ର।

# ଚଳିତ ବର୍ଷ ହେବ ସ୍ୱତନ୍ତ୍ର ଓଜେଇଇ

**ଆଜିଠୁ ଆବେଦନ**

ଭୁବନେଶ୍ୱର, ୨୨।୭(ବ୍ୟୁରୋ)

ବିଟେକ୍ ପ୍ରଥମ ବର୍ଷ ପାଠ୍ୟକ୍ରମରେ ନାମ ଲେଖାଇବା ପାଇଁ ଚଳିତ ବର୍ଷ ସ୍ୱତନ୍ତ୍ର ଓଡ଼ିଶା ଯୁଗ୍ମ ପ୍ରବେଶିକା ପରୀକ୍ଷା (ଓଜେଇଇ) କରାଯିବ। ଏଥିପାଇଁ ୨୩ରୁ ଅନ୍‌ଲାଇନରେ ଆବେଦନ ପ୍ରକ୍ରିୟା ଆରମ୍ଭ ହୋଇ ଅଗଷ୍ଟ ୧୦ ତାରିଖ ପର୍ଯ୍ୟନ୍ତ ଚାଲିବ। ଅଗଷ୍ଟ ୧୨ ତାରିଖ ରାତ୍ରି ୧୧ଟା ୫୯ ମିନିଟ୍ ପର୍ଯ୍ୟନ୍ତ ପରୀକ୍ଷା ଫି’ ଦାଖଲ କରିହେବ। ଯେଉଁ ଛାତ୍ରୀଛାତ୍ରମାନେ ଜେଇଇ (ମେନ୍) ପାଇଁ ଆବେଦନ କରିନାହାନ୍ତି ବା କରିବେ ନାହିଁ, କେବଳ ସେମାନେ ସ୍ୱତନ୍ତ୍ର ଓଜେଇଇ ପାଇଁ ଆବେଦନ କରିପାରିବେ। ଛାତ୍ରୀଛାତ୍ରମାନେ https://ojee.nic.in/କୁ ଯାଇ ଆବେଦନ କରିବା ସହ ଅନ୍ୟାନ୍ୟ ସବିଶେଷ ତଥ୍ୟ ପାଇପାରିବେ। ପରୀକ୍ଷା ତାରିଖ ଓ ଆଡ୍‌ମିଟ୍ କାର୍ଡ ସମ୍ବନ୍ଧୀୟ ସୂଚନା ଠିକ୍ ସମୟରେ ଜଣାଇ ଦିଆଯିବ। ଅପଡେଟ୍ ସୂଚନା ପାଇଁ ନିୟମିତ ଭାବେ ଓଜେଇଇର ଅଫିସିଆଲ୍ ୱେବସାଇଟ୍ ପରିଦର୍ଶନ କରିବାକୁ ପ୍ରାର୍ଥୀମାନଙ୍କୁ ପରାମର୍ଶ ଦିଆଯାଇଛି। ସୂଚନାଯୋଗ୍ୟ, ଗତବର୍ଷ କରୋନା ଯୋଗୁ ସ୍ୱତନ୍ତ୍ର ଓଜେଇଇ ହୋଇପାରି ନ ଥିଲା। ତେବେ ଏବର୍ଷ ମହାମାରୀ ସତ୍ତ୍ୱେ ପରୀକ୍ଷା କରିବାକୁ ନିଷ୍ପତ୍ତି ନିଆଯାଇଛି। ପ୍ରଥମ ପର୍ଯ୍ୟାୟ ଓଜେଇଇ କାଉନସେଲିଂ ପରେ ଖାଲି ପଡ଼ିଥିବା ସରକାରୀ ଓ ଘରୋଇ ଇଞ୍ଜିନିୟରିଂ କଲେଜର ପ୍ରଥମ ବର୍ଷ ବିଟେକ୍ ସିଟ୍‌ଗୁଡ଼ିକୁ ପୂରଣ କରିବାକୁ ସ୍ୱତନ୍ତ୍ର ଓଜେଇଇ କରାଯାଇଥାଏ।

# ସୁଆଣ୍ଡୋରେ ଉନ୍ନୟନ କାର୍ଯ୍ୟ ସମୀକ୍ଷା କଲେ ସଂସ୍କୃତି ସଚିବ

ଭୁବନେଶ୍ୱର, ୨୨।୭(ବ୍ୟୁରୋ)

ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର କମିଶନର ତଥା ଶାସନ ସଚିବ ସୁରେଶ ଚନ୍ଦ୍ର ଦଳେଇ ଗୁରୁବାର ଉତ୍କଳମଣି ଗୋପବନ୍ଧୁଙ୍କ ଜନ୍ମପୀଠ ସୁଆଣ୍ଡୋ ଗସ୍ତ କରିଛନ୍ତି। ଉତ୍କଳମଣିଙ୍କ ଜନ୍ମପୀଠରେ ରାଜ୍ୟ ସରକାରଙ୍କ ଦ୍ୱାରା ହେଉଥିବା ଉନ୍ନୟନ କାର୍ଯ୍ୟର ସେ ସମୀକ୍ଷା କରିଛନ୍ତି। ନିର୍ଦ୍ଧାରିତ ସମୟ ମଧ୍ୟରେ କାର୍ଯ୍ୟ ସମ୍ପନ୍ନ କରିବା ଏବଂ କାର୍ଯ୍ୟର ମାନ ବଜାୟ ରଖିବା ଉପରେ ସଚିବ ଗୁରୁତ୍ୱ ଆରୋପ କରିଥିଲେ। ନିର୍ବାହୀ ସଂସ୍ଥା ଓବିସିସିର ନିର୍ବାହୀ ଯନ୍ତ୍ରୀ ଇଂ. ସୁନ୍ଦର ମାଧବ ପାଢ଼ୀ କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ସଚିବଙ୍କୁ ଅବଗତ କରାଇଥିଲେ। ଏହି ଅବସରରେ ବିଭାଗୀୟ ଅତିରିକ୍ତ ଶାସନ ସଚିବ ତଥା ନିର୍ଦ୍ଦେଶକ ରଞ୍ଜନ କୁମାର ଦାସଙ୍କ ସମେତ ସତ୍ୟବାଦୀ ତହସିଲଦାର ଓ ପୁରୀ ଜିଲା ସଂସ୍କୃତି ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।



ସଂସ୍କୃତି ବିଭାଗ କମିଶନର ଉନ୍ନୟନ କାର୍ଯ୍ୟ ଦେଖୁଛନ୍ତି।

## ଭାଜପା ମହିଳା ମୋର୍ଚ୍ଚା ଜିଲା କମିଟି ଘୋଷଣା

ଝାରସୁଗୁଡ଼ା ଅଫିସ: ଝାରସୁଗୁଡ଼ା ଜିଲା ଭାଜପା ସଭାପତି ମଙ୍ଗଳ ସାହୁଙ୍କ ଅନୁମୋଦନ କ୍ରମେ ଗୁରୁବାର ଭାଜପା ମହିଳା ମୋର୍ଚ୍ଚାର ୫୩ ଜଣିଆ ଜିଲା କମିଟି ଘୋଷଣା କରାଯାଇଛି। ମହିଳା ମୋର୍ଚ୍ଚା ଜିଲା ସଭାପତି ରୀନା ପଟେଲ, ଉପସଭାପତି ସାଧନା ପାଣ୍ଡେ, କିରଣବାଳା ନାୟକ, ଟିକିନା ଧଳ, ବୈଜୟନ୍ତୀ ପଟେଲ ମନୋନୀତ ହାଇଛନ୍ତି। ସାଧାରଣ ସମ୍ପାଦିକା ଭାବେ ସ୍ନିଗ୍ଧା ବହିଦାର ଓ ମମତା ଦୀପ୍, ସମ୍ପାଦିକା କୁମୁଦିନୀ ରାଉତ, ଆରତୀ ନାୟକ, ସାବିତ୍ରୀ ଧୁରୁଆ, ସରସ୍ୱତୀ କର,ଚନ୍ଦ୍ରମା ବରିହା ଓ କୋଷାଧ୍ୟକ୍ଷ ଭାବେ ପ୍ରତିମା ସାହୁ ପ୍ରମୁଖ କମିଟିରେ ସ୍ଥାନ ପାଇଛନ୍ତି।

## ସଂକ୍ଷେପରେ

### ସରବତୀ ଦେବୀ ମହିଳା ମହାବିଦ୍ୟାଳୟରେ କାର୍ଗିଲ ବିଜୟ ସପ୍ତାହ

ରାଜଗାଙ୍ଗପୁର,୨୨।୭(ଡି.ଏନ୍.ଏ.): ରାଜଗାଙ୍ଗପୁରସ୍ଥିତ ସରବତୀ ଦେବୀ ମହିଳା ମହାବିଦ୍ୟାଳୟରେ ଗୁରୁବାର କାର୍ଗିଲ ବିଜୟ ସପ୍ତାହ ପାଳିତ ହୋଇଯାଇଛି। ଏହି ଅବସରରେ ଏନ୍‌ସିସି କ୍ୟାଡେଟମାନଙ୍କୁ ନେଇ ଏକ ରାଲି ରାଜଗାଙ୍ଗପୁର ସହର ପରିକ୍ରମା କରିଥିଲା। ସିଟିଓ ସସ୍ମିତା ଟପ୍ପୋଙ୍କ ତତ୍ତ୍ୱାବଧାନରେ ମହାବିଦ୍ୟାଳୟର ଅଧ୍ୟକ୍ଷ ବିପିନ୍ ଚୌଧୁରୀ ପତାକା ଦେଖାଇ ରାଲିର ଶୁଭାରମ୍ଭ କରିଥିଲେ। ଏହି ରାଲି ସହର ପରିକ୍ରମା କରିବା ସହ କାର୍ଗିଲ ଯୁଦ୍ଧରେ ଶହୀଦ ହୋଇଥିବା ବିକ୍ରମ ବାତ୍ରାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ଅଧ୍ୟକ୍ଷ ଏହି ଦିବସର ମହତ୍ତ୍ୱ ସମ୍ପର୍କରେ ଆଲୋକପାତ କରିଥିଲେ। ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପିକା, ଅଧ୍ୟାପକ ଓ କର୍ମଚାରୀମାନେ ଉପସ୍ଥିତ ଥିଲେ।

### ଅଙ୍ଗନୱାଡ଼ି କେନ୍ଦ୍ର ସ୍ଥାନାନ୍ତରକୁ ବିରୋଧ: ଦେଢ଼ କି.ମି. ଚାଲିଚାଲି କେନ୍ଦ୍ରକୁ ଯିବେ ଶିଶୁ

ବଡ଼ଗାଁ, ୨୨।୭(ଡି.ଏନ୍.ଏ.): ସୁନ୍ଦରଗଡ଼ ଜିଲା ବଡ଼ଗାଁ ବ୍ଲକ ରୁନଗାଁ ଗ୍ରାମର ୱାର୍ଡ ନଂ. ୩ରେ ଅଛି ଏକ ଅଙ୍ଗନୱାଡ଼ି କେନ୍ଦ୍ର। ଏହି କେନ୍ଦ୍ର ବିପଦସଂକୁଳ ଅବସ୍ଥାରେ ଥିବାରୁ ଏକ ନୂତନ କୋଠା ନିର୍ମାଣ ପାଇଁ ଅନୁଦାନ ଆସିଛି। ଏହି କୋଠା ଗାଁଠାରୁ ଦେଢ଼ କି.ମି. ଦୂର ସ୍କୁଲ ପଡ଼ାରେ ନିର୍ମିତ ହେଉଛି। କିନ୍ତୁ ପରିତାପର ବିଷୟ, ଯେଉଁ ବିପଦସଂକୁଳ ପୁରୁଣା କେନ୍ଦ୍ର ଅଛି, ତାକୁ ଭାଙ୍ଗି ସେଠାରେ କେନ୍ଦ୍ର ନିର୍ମାଣ ନ କରି ଦେଢ଼ରୁ ୨ କି.ମି. ଦୂରରେ ନିର୍ମାଣ କରିବା ଦେଖିଲେ ଦୂରଦୃଷ୍ଟିର ଅଭାବ ପରିଲକ୍ଷିତ ହେଉଥିଲାବେଳେ କେତେକ ବ୍ୟକ୍ତିଙ୍କ ସ୍ୱାର୍ଥ ସିଦ୍ଧି ପାଇଁ ଶିଶୁମାନଙ୍କ ପ୍ରତି ଅନ୍ୟାୟ କରାଯାଉଛି। ଏ ନେଇ ଗ୍ରାମବାସୀ ଜିଲାପାଳଙ୍କଠାରେ ଲିଖିତ ଅଭିଯୋଗ କରିଛନ୍ତି। ଯେଉଁଠି ଅଙ୍ଗନୱାଡ଼ି କେନ୍ଦ୍ର ଥିଲା ତାକୁ ଭାଙ୍ଗି ସେଠାରେ ନୂତନ କୋଠା ନିର୍ମାଣ କରାଯିବାକୁ ଦାବିପତ୍ରରେ ଉଲ୍ଲେଖ କରାଯାଇଛି। ସୂଚନାଯୋଗ୍ୟ ଯେ, ପୁରୁଣା ଅଙ୍ଗନୱାଡ଼ି କେନ୍ଦ୍ର ୱାର୍ଡ ନମ୍ବର ୩ରେ ଥିଲାବେଳେ ଦେଢ଼କି.ମି. ଦୂର ୱାର୍ଡ ନଂ. ୪ ସ୍କୁଲପଡ଼ାରେ ନୂତନ କୋଠା ନିର୍ମାଣ କରାଯାଉଛି। ସେଠାରେ ପୂର୍ବରୁ ଏକ ଅଙ୍ଗନୱାଡ଼ି କେନ୍ଦ୍ର ଥିବା ସତ୍ତ୍ୱେ କାହାର କେଉଁ ଉଦ୍ଦେଶ୍ୟ ପୂରଣ ପାଇଁ ଏପରି ପଦକ୍ଷେପ ନିଆଯାଉଛି ତାକୁ ନେଇ ଗ୍ରାମବାସୀ ପ୍ରଶ୍ନ ଉଠାଇଛନ୍ତି। ରାଜ୍ୟ ସରକାର ପ୍ରାଥମିକ ସ୍କୁଲ ଛାତ୍ରୀଛାତ୍ରଙ୍କୁ ଗାଁ ନିକଟ କମ୍ ଦୂରତ୍ୱରେ ପଢ଼ିବା ପାଇଁ ସ୍କୁଲ କରିଥିଲାବେଳେ ଏଠାରେ ପ୍ରଶାସନର ବିଚିତ୍ର ନୀତି ଯୋଗୁ ଶିଶୁମାନେ ଦେଢ଼ କି.ମି. ଦୂର ଯିବାକୁ ପରୋକ୍ଷରେ ବାଧ କରିବା ବାସ୍ତବିକ ଚିନ୍ତାଜନକ। ଏ ସମ୍ପର୍କରେ ଗ୍ରାମବାସୀ ବଡ଼ଗାଁ ବିଡ଼ିଓ, ସିଡ଼ିପିଓଙ୍କୁ ଜଣାଇ ନିରାଶ ହେବାରୁ ଜିଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଉଲ୍ଲେଖଯୋଗ୍ୟ ଯେ, କେତେକ ବ୍ୟକ୍ତିଙ୍କ ହାତବାରିସୀ ସାଜିଥିବା ପ୍ରଶାସନଠାରେ ଏଭଳି ଅଭିଯୋଗ ମୂଲ୍ୟହୀନ ହେବା ନୂଆକଥା ନୁହେଁ। ଯେଉଁ କାରଣରୁ ଛୋଟ ଛୋଟ ସମସ୍ୟାର ଦୂରୀକରଣ କରିବାରେ ସ୍ଥାନୀୟ ପ୍ରଶାସନ ବିଫଳ ହୋଇଆସୁଛି। ଜିଲାପାଳ ଶିଶୁମାନଙ୍କ ବାସ୍ତବ ସମସ୍ୟାକୁ ବୁଝି ପଦକ୍ଷେପ ନେବାକୁ ଦାବି ହେଉଛି।

# ଫାଟକ ଉଚ୍ଛେଦକୁ ତୀବ୍ର ବିରୋଧ

ରାଜଗାଙ୍ଗପୁର, ୨୨।୭ (ଡି.ଏନ୍.ଏ.)

- ରେଳ ଓଭରବ୍ରିଜ ନିର୍ମାଣ ପାଇଁ ଫାଟକ ଉଚ୍ଛେଦର ଜନଶୁଣାଣି
- ଫାଟକସ୍ଥାନରେ ଅଣ୍ଡର ପାସ୍ ନିର୍ମାଣ ଦାବି କଲେ ଜନସାଧାରଣ

ରାଜଗାଙ୍ଗପୁର ରେଳ ଓଭରବ୍ରିଜ ନିର୍ମାଣ ପାଇଁ ଫାଟକ ଉଚ୍ଛେଦ ନିମନ୍ତେ ଗୁରୁବାର ସ୍ଥାନୀୟ ବିଜୁ ପଟ୍ଟନାୟକ କଲ୍ୟାଣ ମଣ୍ଡପଠାରେ ଜନଶୁଣାଣି ହୋଇଥିଲା। ଏଥିରେ ଉପସ୍ଥିତ ଜନସାଧାରଣ ରେଳଫାଟକ ଉଚ୍ଛେଦକୁ ତୀବ୍ର ବିରୋଧ କରିଥିଲେ। ତହସିଲଦାର ଶରତ ବାଗଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଜନଶୁଣାଣିରେ ରେଳବିଭାଗର ସିନିୟର ସେକ୍ସନ ଇଞ୍ଜିନିୟର ରମେଶ ଚନ୍ଦ୍ର ଦେବଗନ, ପୌରନିର୍ବାହୀ ଅଧିକାରୀ ବିନୋଦ ଚନ୍ଦ୍ର ପଣ୍ଡା, ରାଜଗାଙ୍ଗପୁର ଥାନା ଅଧିକାରୀ ବିଭସ୍ର ପ୍ରଧାନ ଓ ରାଜଗାଙ୍ଗପୁର ବିଧାୟକ ଡ. ସି.ଏସ.ରାଜନ ଏକ୍କା ଉପସ୍ଥିତ ଥିଲେ।

ପ୍ରଥମେ ରେଳବିଭାଗ ଅଧିକାରୀ ଫାଟକ ଉଚ୍ଛେଦର କାରଣ ବର୍ଣ୍ଣନା କରିଥିଲେ। ସେ କହିଥିଲେ ସାଧାରଣ ଜନତାଙ୍କ ସହମତିହୋଇ ଜିଲାପାଳଙ୍କଠାରୁ ଏନ୍‌ଓସି ପାଇଲେ ଏହି ଉଚ୍ଛେଦ ସମ୍ଭବ ହୋଇପାରିବ। ତେଣୁ ଏହି ଶୁଣାଣି ଅନୁଷ୍ଠିତ ହେଉଛି। ଶୁଣାଣିରେ ରାଜଗାଙ୍ଗପୁରର ବିଭିନ୍ନ ବର୍ଗର ଜନତା ଯୋଗଦେଇ କ୍ଷୋଭ


ଜନଶୁଣାଣିରେ ବିଧାୟକ ଡ.ସି.ଏସ.ରାଜନ ଏକ୍କା ଓ ଅନ୍ୟ ଅଧିକାରୀମାନେ ଉପସ୍ଥିତ।

ପ୍ରକାଶ କରି ସାମୂହିକ ଭାବେ ବିରୋଧ କରିଥିଲେ। ଲୋକମାନେ କହିଥିଲେ ଯେ,ଦୀର୍ଘ ବର୍ଷ ଧରି ଆରମ୍ଭ ହୋଇଥିବା ରେଳ ଓଭରବ୍ରିଜ ନିର୍ମାଣ କାର୍ଯ୍ୟ ଠିକ ଭାବେ ହେଉନାହିଁ। ୩ଟି ପିଲର ଠିଆ ହୋଇ ପଡିରହିଛି। ରାଜଗାଙ୍ଗପୁର ପ୍ରତି ଏପରି ବୈମାତୃକ ଭାବ କାହିଁକି ରହିଛି। ଓଭରବ୍ରିଜ ନିର୍ମାଣ ଲାଗି ଜମି ଅଧିଗ୍ରହଣ କାର୍ଯ୍ୟ ଓ ଅନ୍ୟାନ୍ୟ ଆନୁସଙ୍ଗିକ କାର୍ଯ୍ୟ ତତ୍ପରତା ସହ କାହିଁକି ହେଉନାହିଁ ବୋଲି ପ୍ରଶ୍ନ କରିଥିଲେ। ଓଭରବ୍ରିଜ କାମ ଶେଷ ହୋଇ ନ ଥିବାବେଳେ ଫାଟକ ଉଚ୍ଛେଦ ହେଲେ ଲୋକଙ୍କର ଯିବାଆସିବା ସମ୍ପୂର୍ଣ୍ଣ ବନ୍ଦ ହୋଇଯିବ। ଭବିଷ୍ୟତରେ ଓଭରବ୍ରିଜ୍ କାମ ଶେଷ ହେଲେ ବି ଫାଟକ ବନ୍ଦ କରା ନ ଯାଉ। କାରଣ ଫାଟକକୁ ଲାଗି ଗୋଟିଏ ପଟେ ସହର ଓ ଚିକିତ୍ସାଳୟ, ଅନ୍ୟ ପଟେ ପୌରାଞ୍ଚଳର ବିଭିନ୍ନ ୱାର୍ଡ ଓ ଅନେକ ପଞ୍ଚାୟତ ରହିଛି। ଏହି ଫାଟକ ଦେଇ ପ୍ରତିଦିନ ହଜାର ହଜାର ଲୋକଙ୍କ ଯାଆସ ହେଉଛି। ଏହା ଏକ ଅତି ଜରୁରୀ ଓ ସହଜ ରାସ୍ତା ହୋଇଥିବାବେଳେ ଏହା ଉଚ୍ଛେଦ ହେଲେ ସାଧାରଣ ଜନତା ବହୁବିଧ ଅସୁବିଧାରେ ପଡିବେ। ବରଂ ଫାଟକ ସ୍ଥାନରେ ଏକ ରେଳ ଅଣ୍ଡରପାସ ନିର୍ମାଣ କରାଯାଇ ଜନସାଧାରଣଙ୍କୁ ସୁବିଧା ପ୍ରଦାନ କରାଯାଉ ବୋଲି ଦାବିକରିଥିଲେ। ଦିନ ସମୟରେ କାରଖାନାକୁ ପରିବହନ ହେଉଥିବା ଟ୍ରେନ ଯୋଗୁ ଜନସାଧାରଣଙ୍କୁ ଫାଟକ ଠାରେ ବିଭିନ୍ନ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି। ତେଣୁ ଏହି ଟ୍ରେନଗୁଡିକ ରାତିରେ ଚଳାଇବା ପାଇଁ ମତ ଉପସ୍ଥାପନା କରିଥିଲେ। ଶୁଣାଣି ଶେଷରେ କାର୍ଯ୍ୟ ନିର୍ବାହୀ ଅଧିକାରୀ ପ୍ରକାଶ ପାଇଥିବା ମତକୁ ପଢି ଶୁଣାଇଥିଲେ। ଶୁଣାଣିରେ ମୁଖ୍ୟତଃ ଟାଉନ କଂଗ୍ରେସ ସଭାପତି ପାକା ବାବୁ, ଭାଜପା ଟାଉନ ସଭାପତି ଶଙ୍କର ସିଂ, ରାଜଗାଙ୍ଗପୁର ସେବାଦଳ ସଭାପତି ଅମରେଶ ପଣ୍ଡା, ବିଜେଡି ସଖ୍ୟା ଲଘୁର ସୋଏବ ଆଲମ ପ୍ରମୁଖଙ୍କ ସହ ବହୁ ଅନୁଷ୍ଠାନର ପଦାଧିକାରୀ ଓ ସାଧାରଣ ଜନତା ଉପସ୍ଥିତ ଥିଲେ।

# ଗ୍ରାମ୍ୟ ସମୃଦ୍ଧି ପାଇଁ ନାବାର୍ଡ ସମର୍ପିତ

ସୁନ୍ଦରଗଡ଼,୨୨।୭ (ଡି.ଏନ୍.ଏ)

**ନାବାର୍ଡର ୪୦ତମ ପ୍ରତିଷ୍ଠା ଦିବସ**

ରାଜ୍ୟବ୍ୟାପୀ ଏନ୍‌ଆଇସି ମାଧ୍ୟମରେ ନାବାର୍ଡର ୪୦ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ଆୟୋଜିତ ସମାରୋହରେ ରାଜ୍ୟପାଳ ପ୍ରଫେସର ଗଣେଶୀଲାଲ ମୁଖ୍ୟ ଅତିଥି ଭାବେ ଯୋଗଦେଇ ରାଷ୍ଟ୍ରର ଗ୍ରାମ୍ୟ ସମୃଦ୍ଧି ପାଇଁ ନାବାର୍ଡର ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ। ଉନ୍ନୟନ କମିଶନର ପି.କେ ଜେନା, ଅର୍ଥବିଭାଗର ପ୍ରମୁଖ ସଚିବ ଏ.କେ ମୀନା, ନାବାର୍ଡର ଚିଫ୍ ଜେନେରାଲ ମ୍ୟାନେଜର ସି ଉଦୟ ଭାସ୍କର, ରିଜର୍ଭ ବ୍ୟାଙ୍କର ଆଞ୍ଚଳିକ ନିର୍ଦ୍ଦେଶକ ଏଚ.ଏନ୍ ପଣ୍ଡା, ଏ ଜେନା ପ୍ରମୁଖ ଯୋଗ ଦେଇଥିଲେ। ସୁନ୍ଦରଗଡରେ ଆୟୋଜିତ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ ବିଶ୍ୱଜିତ ମହାପାତ୍ର, ନାବାର୍ଡର ଡିଡିଏମ୍ ତାପସ କୁମାର ବେହେରା ପ୍ରମୁଖ ଅଧିକାରୀମାନେ ଯୋଗଦେଇ କୃଷିକ୍ଷେତ୍ରରେ ଋଣ ବ୍ୟବସ୍ଥା, ରାଜ୍ୟର ସର୍ବାଙ୍ଗୀନ ବିକାଶରେ ନାବାର୍ଡର ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ଅବସରରେ ରାଜ୍ୟପାଳଙ୍କ ଦ୍ୱାରା ପ୍ରତ୍ୟେକ ଜିଲାରୁ ଜଣେ ଲେଖାଏଁ କୃଷକ, ସ୍ୱୟଂ ସହାୟକ ଗୋଷ୍ଠୀର ସଭ୍ୟାସଭ୍ୟମାନଙ୍କୁ ପୁରସ୍କୃତ କରାଯାଇଥିଲା। ସୁନ୍ଦରଗଡ ଜିଲାରୁ ମଧୁସୂଦନ ମାଝୀଙ୍କୁ ଜିଲାର ବିଶିଷ୍ଟ ଚାଷୀ ଭାବେ ନାବାର୍ଡ ସହାୟତାରେ କୃଷି ଉତ୍ପାଦିତ ଗୋଷ୍ଠୀର କାର୍ଯ୍ୟକ୍ରମ ଦିଗରେ ବିଶେଷ ଅବଦାନ ପାଇଁ ପୁରସ୍କୃତ କରାଯାଇଥିଲା। ଏହି ଅବସରରେ ନାବାର୍ଡ ଦ୍ୱାରା ପ୍ରକାଶିତ ରିଫ୍ଲେକ୍ସନ -୨୦୨୦ -୨୦୨୧ ଏବଂ ୟୁନିଟ କଷ୍ଟ ବୁକ୍ ୨୦୨୧-୨୨ କୃଷିଋଣ ମାର୍ଗଦର୍ଶିକା ପୁସ୍ତିକାକୁ ରାଜ୍ୟପାଳ ଉନ୍ମୋଚନ କରିଥିଲେ।

# ଆଇଟିଡିଏ ସମ୍ମୁଖରେ ଭାଜପାର ବିକ୍ଷୋଭ

ରାଉରକେଲା ଅଫିସ, ୨୨।୭

**ବିନା ଟେଣ୍ଡରରେ ହେଉଛି ଜିଲା ଖଣିଜ ପାଣ୍ଠିରୁ ୬କୋଟି ଟଙ୍କାର କାମ**

ଜିଲା ଖଣିଜ ପାଣ୍ଠିର ୬ କୋଟି ଟଙ୍କାର କାମ ବିନା ଟେଣ୍ଡରରେ କରାଯାଉଛି। ଏହାକୁ ବିରୋଧ କରିଛି ଭାଜପା। ପାନପୋଷ ସାଙ୍ଗଠନିକ ଜିଲା ତରଫରୁ ସଭାନେତ୍ରୀ ଲତିକା ପଟ୍ଟନାୟକଙ୍କ ନେତୃତ୍ୱରେ ଗୁରୁବାର ପାନପୋଷ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା (ଆଇଟିଡିଏ) କାର୍ଯ୍ୟାଳୟ ସମ୍ମୁଖରେ ବିନା ଟେଣ୍ଡରରେ କରାଯାଉଥିବା କାର୍ଯ୍ୟ ବିରୋଧରେ ଭାଜପା ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଆଇଟିଡିଏକୁ ମାଧ୍ୟମ କରି ବିନା ଟେଣ୍ଡରରେ ବିଜେଡି ନେତାମାନେ ବେନିୟମ ଭାବେ ୬କୋଟି ଟଙ୍କାର ଜିଲା ଖଣିଜ ପାଣ୍ଠିକୁ ସ୍କୁଲ ମରାମତି ଆଳରେ ଦଳୀୟ ଠିକାଦାରମାନଙ୍କ ମଧ୍ୟରେ ବାଣ୍ଟି ଦିଆଯାଇଛି ଓ କାମ ମଧ୍ୟ ଆରମ୍ଭ କରାଯାଇଛି। ଯାହା ଅତ୍ୟନ୍ତ ନିନ୍ଦନୀୟ ବୋଲି ଭାଜପା ନେତାମାନେ ପ୍ରକାଶ କରିଛନ୍ତି। ଭାଜପା ଜିଲା ସଭାନେତ୍ରୀ ପଟ୍ଟନାୟକ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ନିହାର ରାୟ, ଜଗବନ୍ଧୁ ବେହେରା, ବରିଷ୍ଠ ଆଇନଜୀବୀ ନୃସିଂହ ଚରଣ ଜେନା, ଜିଲା ଉପସଭାପତି ରାଇସନ ତିର୍କୀ, ସୁବ୍ରତ ପଟ୍ଟନାୟକ,


ପାନପୋଷ ଆଇଟିଡିଏ କାର୍ଯ୍ୟାଳୟ ସମ୍ମୁଖରେ ଭାଜପା କର୍ମକର୍ତ୍ତା ବିକ୍ଷୋଭ କରୁଛନ୍ତି।

ବରିଷ୍ଠ ନେତା ତପନ କୁମାର ସ୍ୱାଇଁ, ଜିଲା ସମ୍ପାଦକ ପ୍ରବାଳ ରଞ୍ଜନ ବାରିକ, ଜିଲା ଯୁବମୋର୍ଚ୍ଚା ସଭାପତି ଅଙ୍କୁଶ ବର୍ମା ପ୍ରମୁଖ ରାଜ୍ୟ ସରକାରଙ୍କୁ ସମାଲୋଚନା କରିଥିଲେ। ଆଇଟିଡିଏ ଓ ବିଜେଡି ନେତାଙ୍କ ମଧ୍ୟରେ ଚାଲିଥିବା ଦୁର୍ନୀତିକୁ ଲୋକଲୋଚନକୁ ଆଣିବା ସହ ବିନାଟେଣ୍ଡରରେ ବଣ୍ଟା ଯାଇଥିବା କାମକୁ ରଦ୍ଦ କରି ଟେଣ୍ଡର ମାଧ୍ୟମରେ କାର୍ଯ୍ୟ କରିବାକୁ ଦାବି କରିଥିଲେ। ଯଦି ରାଜ୍ୟ ସରକାର ଏହି ଦାବିକୁ କର୍ଣ୍ଣପାତ ନ କରନ୍ତି, ତା ହେଲେ ଆଗାମୀ ଦିନରେ ଭାଜପା ରାଜରାସ୍ତାକୁ ଓହ୍ଲାଇବ ପାଇଁ ବାଧ୍ୟ ହେବ ବୋଲି ନେତୃବୃନ୍ଦ ଚେତାବନୀ ଦେଇଛନ୍ତି। ଜିଲା ଉପସଭାପତି ଦିଲ୍ଲୀପ ଦାଶ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଭ୍ରମରବର ବେହେରା, ମଳୟ ମହାପାତ୍ର, ଶଶାଙ୍କ ଶେଖର ଜେନା, ଅଜୟ ସଂସାରୀ, ମମତା ଗୌତମ, ବାବୁଲି ମୁର୍ମୁ, ଭବାନୀ କବି, ଭଗବାନ ରାଉତ, ବିନ୍ଦର ସିଂ, ପ୍ରଶାନ୍ତ କୁମାର ପଣ୍ଡା, ସନ୍ତୋଷ କୁମାର ଦାସ, ଶକ୍ତେଶ୍ୱର ପାତ୍ର, ଅମ୍ରିତଲାଲ ଓରାମ, ସରୋଜ ଦାସ, ମନୋରନ ମୁନୀ, ରାଜକୁମାର ପଣ୍ଡା, ବ୍ୟାସଦେବ ନାଥ, ଭଗବାନ ମହାପାତ୍ର, ଆଲୋକ ନାୟକ ପ୍ରମୁଖ ଅଂଶଗ୍ରହଣ କରିଥିଲେ। କାର୍ଯ୍ୟକ୍ରମ ଶେଷରେ ଜିଲା ମୁଖପାତ୍ର ଗଙ୍ଗାଧର ଦାଶ ଧନ୍ୟବାଦ ଦେଇଥିଲେ।

## ବାର୍ ଆସୋସିଏଶନର ଆଇନଜୀବୀଙ୍କ ଦେହାନ୍ତ

ଝାରସୁଗୁଡ଼ା ଅଫିସ,୨୨।୭

ଝାରସୁଗୁଡା ବାର୍ ଆସୋସିଏଶନର ବରିଷ୍ଠ ସଦସ୍ୟ ଆଇନଜୀବୀ ବଳରାମ ପ୍ରଧାନଙ୍କ ଚାନ୍ଦିନୀମାଳସ୍ଥିତ ବାସଭବନରେ ବୁଧବାର ଦେହାନ୍ତ ହୋଇଛି। ତାଙ୍କୁ ୭୭ବର୍ଷ ହୋଇଥିଲା। ଗାଁ ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା। ଏକମାତ୍ର ପୁଅ ପ୍ରତାପ ପ୍ରଧାନ ମୁଖାଗ୍ନି ଦେଇଥିଲେ। ତାଙ୍କର ୪ଝିଅ ଓ ପୁଅ ଅଛନ୍ତି। ଖବରପାଇ ଆଇନଜୀବୀ, ଜନପ୍ରତିନିଧି ଓ ସାମାଜିକ କର୍ମୀ ତାଙ୍କ ଶେଷ ଦର୍ଶନ କରିଥିଲେ। ଏହି ଅବସରରେ ଗୁରୁବାର ଆଇନଜୀବୀମାନେ କୋର୍ଟ କାର୍ଯ୍ୟରୁ ନିବୃତ୍ତ ରହିଥିଲେ। ଗୋଟିଏ ଦିନ ପାଇଁ କୋର୍ଟକୁ ସସ୍‌ପେଣ୍ଡ କରାଯାଇଥିଲା। ଜିଲା ସେସନ୍ସ ଜଜ୍‌ପ୍ରଦ୍ୟୁମ୍ନକୁମାର ନାୟକଙ୍କ ଅଧ୍ୟକ୍ଷତାରେ ଏକ ଶୋକସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ଜିଲା ବାର୍ ଆସୋସିଏଶନ ସଭାପତି ତ୍ରିନାଥ ଗୁଆଲ, ଉପସଭାପତି ରାଧାକାନ୍ତ ସା, ସାଧାରଣ ସମ୍ପାଦକ ତୁଳସୀ ପ୍ରସାଦ ଦାଶ, ସହସମ୍ପାଦକ କବିରାଜ ପରିଡା ପ୍ରମୁଖ ଯୋଗଦେଇଥିଲେ। ସ୍ୱର୍ଗତ ପ୍ରଧାନ ୧୯୮୨ରୁ ଦୀର୍ଘ ୩୯ବର୍ଷ ଧରି ଓକିଲାତି କରିଥିଲେ। ୨୦୦୦ରୁ ୨୦୦୯ ପର୍ଯ୍ୟନ୍ତ ସରକାରୀ ଓକିଲ ଭାବେ କାର୍ଯ୍ୟ ତୁଲାଇଥିଲେ।

## ସୁନ୍ଦରଗଡ଼ ସରକାରୀ ମହାବିଦ୍ୟାଳୟରେ କାର୍ଗିଲ ବିଜୟ ସପ୍ତାହର ଶୁଭାରମ୍ଭ


ଏସ୍‌ପି ସାଗରିକା ନାଥ ଏନ୍‌ସିସି କ୍ୟାଡେଟମାନଙ୍କ ରାଲିକୁ ପତାକା ଦେଖାଇ ଶୁଭାରମ୍ଭ କରୁଛନ୍ତି।

ସୁନ୍ଦରଗଡ଼,୨୨।୭ (ଡି.ଏନ୍.ଏ)

କାର୍ଗିଲ ଯୁଦ୍ଧବିଜୟର ୨୨ବର୍ଷପୂର୍ତ୍ତିଉପଲକ୍ଷେ ସୁନ୍ଦରଗଡ ସରକାରୀ ମହାବିଦ୍ୟାଳୟ ଏନସିସି ତରଫରୁ କାର୍ଗିଲ ବିଜୟ ସପ୍ତାହ ପାଳନ ଶୁଭାରମ୍ଭ ହୋଇଛି। ଗୁରୁବାର ଏହି ଅବସରରେ ମହାବିଦ୍ୟାଳୟରେ ଆୟୋଜିତ କାର୍ଯ୍ୟକ୍ରମରେ ଏସ୍‌ପି ସାଗରିକା ନାଥ ଯୋଗଦେଇ ଏନ୍‌ସିସି କ୍ୟାଡେଟମାନଙ୍କର ସାଇକେଲ ରାଲିକୁ ପତାକା ଦେଖାଇ ଉଦ୍‌ଘାଟନ କରିଥିଲେ। ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ଲଳିତ ରଂଜନ ସାହୁ ଛାତ୍ରୀ ଛାତ୍ରଙ୍କ ମଧ୍ୟରେ ଦେଶପ୍ରେମକୁ ଜାଗ୍ରତ ପାଇଁ କହିଥିଲେ। ରାଲିରେ ସୁନ୍ଦରଗଡ ସରକାରୀ ମହାବିଦ୍ୟାଳୟ, ସରକାରୀ ମହିଳା ମହାବିଦ୍ୟାଳୟ ଏନ୍‌ସିସି କ୍ୟାଡେଟମାନେ ଯୋଗଦେଇ ସହର ପରିକ୍ରମା କରିଥିଲେ। ଭବାନୀ ଶଙ୍କର ଉଚ୍ଚ ବିଦ୍ୟାଳୟର ଏନସିସି ଅଧିକାରୀ ସୁଧାଂଶୁ ଶେଖର ଚୌଧୁରୀ ଉପସ୍ଥିତ ରହିଥିଲେ। ସରକାରୀ ମହାବିଦ୍ୟାଳୟର ଏନସିସି ଅଧିକାରୀ ଲେଫ୍‌ଟନାଣ୍ଟ ଆର୍ଯ୍ୟ ବିଭାସ କୁମାର କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ମହାବିଦ୍ୟାଳୟର ପ୍ରାଧ୍ୟାପିକା ଡ. କୁମୁଦିନୀ ରାଉତରାୟ, ବିଭୂତିଭୂଷଣ ସାହୁ, ଡ. ବିନୋଦ ବିହାରୀ ମଲ୍ଲିକ, ପ୍ରତାପ ତ୍ରିପାଠୀ, ପ୍ରଦୀପ କୁମାର ବହିଦାର, ଡ. ହରପ୍ରସାଦ ମହାପାତ୍ର, ନୂତନ କୁମାର ଖମାରୀ, ଆଂଜେଲିନା କିଣ୍ଡୋ, ପ୍ରଜ୍ଞା ପରମିତା ଦାଶ ପ୍ରମୁଖ ଯୋଗ ଦେଇଥିଲେ।

# ଚାଷୀଙ୍କୁ ସାମାନ୍ୟ ଆଶ୍ୱସ୍ତି ଦେଇଛି ବର୍ଷା

କୁତ୍ରା, ୨୨।୭(ଡି.ଏନ.ଏ)

ସୁନ୍ଦରଗଡ ଜିଲା ଏକ ଆଦିବାସୀ ବହୁଳ ଅଞ୍ଚଳ। ଜିଲାର ଅଧିକାଂଶ ଲୋକ ଚାଷ ଉପରେ ନିର୍ଭର କରିଥାନ୍ତି। ଜୀବନ ଜୀବିକା ପାଇଁ ଚାଷ କାମ ହିଁ ସୁନ୍ଦରଗଡ ଜିଲାର ଲୋକଙ୍କ ମୁଖ୍ୟ। କିନ୍ତୁ କିଛିଦିନ ହେବ ଚାଷୀଙ୍କ ମୁହଁରୁ ହସ ଛଡ଼ାଇନେଇଥିଲା ବର୍ଷା। ବର୍ଷାର ଦେଖା ନ ଥିଲା। ଚାଷ କରିଥିବା ଜମି ଫାଟି ଆଁ କରିଥିଲା। ଆଗାମୀ ୨ରୁ ୩ଦିନ ମଧ୍ୟରେ ବର୍ଷା ନ ହୋଇଥିଲେ ମରୁଡି ହେବା ସୁନିଶ୍ଚିତ ହୋଇଯାଇଥିଲା। ଠିକ୍ ସମୟରେ ବର୍ଷା ନ ହେବାରୁ ବାସୀଙ୍କ ମନରେ ମରୁଡି ହେବାର ଆଶଙ୍କା ବଢ଼ିବାରେ ଲାଗିଥିଲା। ପ୍ରାୟ ପ୍ରତିବର୍ଷ ଜୁନ ଶେଷ ଓ ଜୁଲାଇ ପହିଲାରୁ ଧାନ ରୁଆ କାର୍ଯ୍ୟ ଶେଷ ହୋଇଯାଇଥାଏ, କିନ୍ତୁ ଏବର୍ଷ ସ୍ଥିତି ଅଲଗା। ଚଳିତ ବର୍ଷ ଚାଷ କାମରେ ବିଳମ୍ବ ହେବାରୁ ଚାଷୀଙ୍କ ମନରେ ଆଶଙ୍କା ପଶିଛି। ଶହଶହ ଜମି ପଡିଆ ପଡିଛି। କରୋନାର ପ୍ରଥମ ଓ ଦ୍ୱିତୀୟ ଲହରୀ ଭିତରେ ଚାଷୀ ତାଙ୍କ ଅଣ୍ଟା ସଳଖି ପାରିନାହାନ୍ତି। ନିର୍ଦ୍ଧାରିତ ସମୟରେ ମୌସୁମୀ ଆଗମନକୁ ନେଇ ଚାଷୀ ବେଶ ଖୁସି ହୋଇଥିଲେ। ଆଗୁଆ ଧାନ, ହରଡ଼, ମକା, ମାଦାମ ଇତ୍ୟାଦି ଚାଷ କରିଥିଲେ। କିନ୍ତୁ ବର୍ଷା ଅଭାବରୁ ଜମି ଶୁଖିଲା ପଡିଥିଲା। ତେବେ ବୁଧବାର ବର୍ଷା ହେବାରୁ ଚାଷୀଙ୍କ ମନରେ ସାମନ୍ୟ ଆସ୍ୱସ୍ତି ମିଳିଛି। ସେମାନଙ୍କ ମୁହଁରେ ହସ ଦେଖିବାକୁ ମିଳିଛି। ବର୍ଷା ଯୋଗୁ ଖାଲୁଆ ଜମିରେ ପାଣି ଜମାହୋଇଛି। ଚାଷୀମାନେ ଗୁରୁବାର ସକାଳୁ ଚାଷ କାମ ଆରମ୍ଭ କରିଦେଇଛନ୍ତି। ଆଗକୁ ଆହୁରି ବର୍ଷା ହେବ ବୋଲି ଚାଷୀଙ୍କ ମନରେ ବିଶ୍ୱାସ ଜାଗୃତ ହୋଇଥିବା ବେଳେ କଣ ହବ ତାହା ସମୟ କହିବ।

## ରାଉରକେଲାରେ ସିଆଇଟିୟୁର ବିକ୍ଷୋଭ



ସିଆଇଟିୟୁ ପକ୍ଷରୁ ବିଶ୍ରାଛକଠାରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

ରାଉରକେଲା ଅଫିସ, ୨୨।୭

ସିଆଇଟିୟୁ କେନ୍ଦ୍ର କମିଟି ଆହ୍ୱାନରେ ସଙ୍ଗଠନର ସୁନ୍ଦରଗଡ଼ ଜିଲା କମିଟି ପକ୍ଷରୁ ଗୁରୁବାର କ୍ୟୁବା ବିରୋଧରେ ଆମେରିକାର ଅର୍ଥନୈତିକ ଅବରୋଧକୁ ବିରୋଧ କରାଯାଇଛି। କ୍ୟୁବା ସଂହତି ଦିବସ ସହ ଅପରାହ୍ନରେ ବିଶ୍ରାଛକଠାରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ସିଆଇଟିୟୁ ରାଷ୍ଟ୍ରୀୟ ଉପାଧ୍ୟକ୍ଷ ବିଷ୍ଣୁ ମହାନ୍ତି, ଜିଲା ସଭାପତି ତଥା ବଣାଇ ବିଧାୟକ ଲକ୍ଷ୍ମଣ ମୁଣ୍ଡା, ସାଧାରଣ ସମ୍ପାଦକ ବିମାନ ମାଇତି, ରାଜ୍ୟ କମିଟି ଉପସଭାପତି ପ୍ରମୋଦ ସାମଲ, ଜାହାଙ୍ଗୀର ଅଲ୍ଲୀ ପ୍ରମୁଖ ଯୋଗଦେଇ ଉଦ୍‌ବୋଧନ ଦେଇଥିଲେ।

# ବିଦ୍ୟୁତ୍ ଶୁଳ୍କ ବୃଦ୍ଧି ପ୍ରତିବାଦରେ ବିକ୍ଷୋଭ

ଦେବଗଡ଼,୨୨।୭(ଡି.ଏନ୍.ଏ.)

ବିଦ୍ୟୁତ୍ ବିଭାଗ ପକ୍ଷରୁ ଅଘୋଷିତ ବିଦ୍ୟୁତ୍ କାଟ୍ ଓ ଅହେତୁକ ଶୁଳ୍କ ବୃଦ୍ଧିର ପ୍ରତିବାଦରେ ଗୁରୁବାର ଭାଜପା ଦେବଗଡ଼ ମଣ୍ଡଳ ପକ୍ଷରୁ ବିଭାଗୀୟ ସବଡିଭିଜନ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଏଥିସହ ୧୦୦ ୟୁନିଟ ପର୍ଯ୍ୟନ୍ତ ବିଦ୍ୟୁତ୍ ବ୍ୟବହାର ନିମନ୍ତେ ଗୋଟିଏ ଦର ଧାର୍ଯ୍ୟ କରାଯିବା ଦାବିରେ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଦେବଗଡ ବିଦ୍ୟୁତ୍ ବିଭାଗ (ଟିପିଡବ୍ଲୁଡିଏଲ୍) ନିର୍ବାହୀ ଯନ୍ତ୍ରୀଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା । ଦେବଗଡ଼ ବିଧାୟକ ସୁବାସ ଚନ୍ଦ୍ର ପାଣିଗ୍ରାହୀଙ୍କ ନିର୍ଦ୍ଦେଶ କ୍ରମେ ଭାଜପା ଦେବଗଡ଼ ନଗର ମଣ୍ଡଳ ସଭାପତି ଦିବ୍ୟଶଙ୍କର ଖୁଣ୍ଟିଆଙ୍କ ନେତୃତ୍ୱରେ ନଗର ସାଧାରଣ ସମ୍ପାଦକ ଜଗନ୍ନାଥ ବେହେରା, ସମ୍ପାଦକ ରମଣୀରଞ୍ଜନ ଆଚାର୍ଯ୍ୟ, ସୁଧିର କୁମାର ବ୍ରହ୍ମା, କିଶୋର ବେହେରା, ଚନ୍ଦ୍ରଶେଖର ମହାପାତ୍ର, ସୁଧିର କୁମାର ପାତ୍ର, ପ୍ରତାପ ପଣ୍ଡା, ପ୍ରଦୀପ କୁମାର ଭୋଇ, ସୁଧିର ପ୍ରଧାନ, ତାପସ ମହାପାତ୍ର, ସାଗର ସାହୁ, ଶାନ୍ତନୁ ନାୟକ, ଶତ୍ରୁଘ୍ନ ପାତ୍ର, ସତ୍ୟ ନାୟକ, ଡୋଳାମଣୀ ସୁହୁଲା, ଭବାନୀ ଗିରି ଓ ଚଗଲା ସାହୁଙ୍କ ସମେତ ବହୁ ନେତା ଓ କର୍ମୀ ସ୍ଥାନୀୟ ବିଦ୍ୟୁତ୍ ବିଭାଗ ଡିଭିଜନ କାର୍ଯ୍ୟାଳୟକୁ ଯାଇ ରାଜ୍ୟ ସରକାରଙ୍କ ବିରୋଧରେ ବିଭିନ୍ନ ସ୍ଲୋଗାନ ଦେଇ ବିକ୍ଷୋଭ ପ୍ରଦର୍ଶନ କରିବା ସହ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ନିର୍ବାହୀ ଯନ୍ତ୍ରୀ ସତ୍ୟବ୍ରତ ପଣ୍ଡାଙ୍କୁ ଉପରୋକ୍ତ ସ୍ମାରକପତ୍ର ପ୍ରଦାନ କରିଥିଲେ।


ଭାଜପା ପକ୍ଷରୁ ବିଦ୍ୟୁତ୍ ବିଭାଗ ନିର୍ବାହୀଯନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

# ଉତ୍ସାହିତ କରିବାକୁ ମହାନଗର ନିଗମର କ୍ୟାମ୍ପେନ

ରାଉରକେଲା ଅଫିସ, ୨୨।୭

**ଟୋକିଓ ଅଲିମ୍ପିକ୍ସରେ ସୁନ୍ଦରଗଡ଼ ଜିଲାର ୪ ହକି ଖେଳାଳି**

ଟୋକିଓ ଅଲିମ୍ପିକ୍ସରେ ସାମିଲ ହୋଇଥିବା ଭାରତୀୟ ହକି ଟିମରେ ସୁନ୍ଦରଗଡ଼ ଜିଲାର ୪ ଜଣ ଖେଳାଳି ସ୍ଥାନ ପାଇଛନ୍ତି। ଭାରତୀୟ ହକି ଟିମ୍ ସହିତ ସ୍ଥାନୀୟ ଖେଳାଳିମାନଙ୍କ ମନରେ ଉତ୍ସାହ ଭରିବା ପାଇଁ ରାଉରକେଲା ମହାନଗର ନିଗମ ପକ୍ଷରୁ #Cheer4India କ୍ୟାମ୍ପେନ କରାଯାଇଛି। ନିଗମ କାର୍ଯ୍ୟାଳୟ ପରିସରରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ କମିଶନର ଦିବ୍ୟଜ୍ୟୋତି ପରିଡ଼ା, ହକି ତାରକା ଲାଜରୁସ ବାର୍ଲାଙ୍କ ସମେତ ବହୁ ଖେଳାଳି, କୋଚ ଏବଂ କ୍ରୀଡ଼ା ସହ ଜଡ଼ିତ ବ୍ୟକ୍ତି ସାମିଲ ହୋଇ ଶୁଭେଚ୍ଛା ଜଣାଇଥିଲେ। ସୁନ୍ଦରଗଡ଼ ହେଉଛି ହକିର ଗଡ଼। ଏହି ମାଟିରୁ ଅନେକ ହକି ଖେଳାଳି ବାହାରି ଜାତୀୟ ତଥା ଅନ୍ତର୍ଜାତୀୟ ସ୍ତରରେ ନିଜର ପ୍ରତିଭା ଦେଖାଇଛନ୍ତି। ଏବେ ଟୋକିଓ ଅଲିମ୍ପିକ୍ସରେ ସୁନ୍ଦରଗଡ଼ ଜିଲାର ୪ ଜଣ ପ୍ରତିଭାବାନ ହକି ଖେଳାଳି ସାମିଲ



ରାଉରକେଲା ମହାନଗର ନିଗମ ପକ୍ଷରୁ କରାଯାଇଥିବା କ୍ୟାମ୍ପେନ।

ହୋଇଛନ୍ତି। ଏହା ଆମ ପାଇଁ ଗର୍ବର କଥା। ଏହି ଖେଳାଳିମାନଙ୍କୁ ଉତ୍ସାହିତ କରିବା ସହିତ ସେମାନଙ୍କ ବିଷୟରେ ଲୋକମାନଙ୍କୁ ଅବଗତ କରାଇବା ପାଇଁ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି ବୋଲି ରାଉରକେଲା ମହାନଗର ନିଗମ କମିଶନର ଦିବ୍ୟଜ୍ୟୋତି ପରିଡ଼ା କହିଛନ୍ତି। ଭାରତୀୟ ପୁରୁଷ ହକି ଟିମରେ ସୁନ୍ଦରଗଡ଼ ଜିଲାର ବୀରେନ୍ଦ୍ର ଲାକ୍ରା ଏବଂ ଅମିତ ରୋହିଦାସ ଭାଗ ନେଇଥିବାବେଳେ ମହିଳା ହକି ଟିମ୍ ଲାଗି ନମିତା ଟପ୍ପୋ ଏବଂ ଦୀପଗ୍ରେସ ଏକ୍କା ମନୋନୀତ ହୋଇଛନ୍ତି। ଟୋକିଓ ଅଲିମ୍ପିକ୍ସରେ ସୁନ୍ଦରଗଡ଼ ଜିଲାରୁ ଭାଗ ନେଇଥିବା ୪ଜଣ ଖେଳାଳିଙ୍କ ମନୋବଳ ବଢାଇବା ଲାଗି ଏହି କ୍ୟାମ୍ପେନ କରାଯାଉଛି। ଯେଉଁ ୪ଜଣ ମନୋନୀତ ହୋଇଛନ୍ତି ସେମାନେ ଭଲ ଖେଳାଳି। ସେମାନଙ୍କ ପ୍ରଦର୍ଶନରେ ଭାରତ ପଦକ ଜିତିବ ବୋଲି ମୋର ଦୃଢ଼ ଆଶା ରହିଛି ବୋଲି ହକି ତାରକା ଲାଜରୁସ ବାର୍ଲା କହିଛନ୍ତି। ଟୋକିଓ ଅଲିମ୍ପିକ୍ସରେ ଭାଗ ନେଇଥିବା ଭାରତର ସମସ୍ତ ଖେଳାଳିମାନଙ୍କୁ ଉତ୍ସାହିତ କରିବା ଲାଗି କେନ୍ଦ୍ର କ୍ରୀଡ଼ା ମନ୍ତ୍ରଣାଳୟ ପକ୍ଷରୁ #Cheer4India କ୍ୟାମ୍ପେନ କରାଯାଉଛି। ସାରା ଦେଶରେ ଏହି କ୍ୟାମ୍ପେନ ଚାଲିଛି। ରାଉରକେଲା ମହାନଗର ନିଗମ ପକ୍ଷରୁ ଆୟୋଜିତ ଏହି କ୍ୟାମ୍ପେନରେ ପୂର୍ବତନ କ୍ରୀଡ଼ାବିତ ଭାରତୀ ମିଶ୍ର, ଆଥଲେଟିକ୍ କୋଚ ଅଶୋକ କୁମାର ପ୍ରସାଦ, ଅର୍ପିତା ପରି, ବରିଷ୍ଠ ହକି କୋଚ ଅମୂଲ୍ୟନନ୍ଦ ବିହାରୀ ପ୍ରମୁଖ ଉପସ୍ଥିତ ରହି ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ।

## ୭କେଜି ଗଞ୍ଜେଇ ଜବତ, ଜଣେ ଗିରଫ

ରେଢ଼ାଖୋଲ,(ଡି.ଏନ.ଏ.): ରେଢ଼ାଖୋଲ ଅବକାରୀ ବିଭାଗ ବୁଧବାର ଅପରାହ୍ନରେ କନ୍ଧରା ଗ୍ରାମର ଶିବ ପ୍ରଧାନ (୫୨)ଙ୍କଠାରୁ ୭ କେଜି ଗଞ୍ଜେଇ ଜବତ କରି ତାଙ୍କୁ ଗିରଫ କରିଛି। ଏ ନେଇ ଏକ ମାମଲା ରୁଜୁ ପରେ ଅଭିଯୁକ୍ତଙ୍କୁ ରେଢ଼ାଖୋଲ ଏଡିଜେଙ୍କ କୋର୍ଟ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି। ସୂଚନାମତେ ଅବକାରୀ ଇନ୍ସପେକ୍ଟର ଅନ୍ନପୂର୍ଣ୍ଣା ରଥ, ସବ୍ଇନ୍ସପେକ୍ଟର ବିଷ୍ଣୁଚରଣ ମଲ୍ଲିକ, କନ୍ଷ୍ଟେବଲ ମୋହନ ବେହେରା, ଶ୍ୟାମ ଭୋଇ ପ୍ରମୁଖ କଦଳିଗଡ ଅଞ୍ଚଳରେ ପାଟ୍ରୋଲିଂ କରୁଥିଲେ। କନ୍ଧରା ଗ୍ରାମ ନିକଟରେ ଶିବ ଏକ ଜରିବସ୍ତାରେ ଗଞ୍ଜେଇ ଧରି ଯାଉଥିବା ସନ୍ଦେହ କରି ସେମାନେ ତାଙ୍କୁ ଅଟକାଇ ଯାଞ୍ଚ କରିଥିଲେ। ଜରିବସ୍ତାରେ ଗଞ୍ଜେଇ ଥିବା ଜଣାପଡିବା ପରେ ତାଙ୍କୁ ଗିରଫ କରିଥିଲେ।

### ସଂକ୍ଷେପରେ

## ୨ କାର୍ ମୁହାଁମୁହିଁ ଧକ୍କା: ଜଣେ ମୃତ, ୫ ଗୁରୁତର

ରେଢ଼ାଖୋଲ,୨୨।୭(ଡି.ଏନ.ଏ.): ଚାରମାଳ ଥାନା ଅଧୀନ ୫୫ନଂ. ଜାତୀୟ ରାଜପଥର ବ୍ରହ୍ମପୁରା ଛକ ନିକଟରେ ଗୁରୁବାର ୨ଟି କାର୍ ମୁହାଁମୁହିଁ ଧକ୍କା ହୋଇଛି। ଏଥିରେ ଜଣେ ମହିଳାଙ୍କ ମୃତ୍ୟୁ ହୋଇଥିବାବେଳେ ୫ଜଣ ଗୁରୁତର ଆହତ ହୋଇଛନ୍ତି। ମୃତକ ହେଲେ ବେଲପାହାଡ ଜୁନାଡିହିର ମନୋରମା ଦାସ (୫୫)। ଆହତମାନେ ପଲ ଦାସ (୭୦), ଅଜିତ ଦାସ (୩୫), ଦିନ ଦାସ (୨୭), ହରପ୍ରିୟା ଦାସ (୩୫) ଓ ୬ ବର୍ଷର ରୂପେଶ ଦାସ। ପୋଲିସ ସୂତ୍ରରୁ ପ୍ରକାଶ ଯେ, ଝାରସୁଗୁଡ଼ା ଜିଲା ବେଲପାହାଡ଼ ଜୁନାଡିହିରୁ ଉପରୋକ୍ତ ସମସ୍ତ ବ୍ୟକ୍ତି ଏକ ମାରୁତି କାର୍‌ରେ ରେଢ଼ାଖୋଲର ଡମିରିକୁଦା ଡ୍ରାଇଁ ଘରକୁ ଯାଉଥିଲେ। ଏହି ସମୟରେ ବୌଦ୍ଧ ବଘିଆପଡ଼ାରୁ ସମ୍ବଲପୁର ଯାଉଥିବା ଇନୋଭା କାର ସହିତ ସେମାନଙ୍କର ଧକ୍କା ହୋଇଥିଲା। ଚାରମାଳ ପୋଲିସ ପହଞ୍ଚି ଆହତମାନଙ୍କୁ ଉଦ୍ଧାର କରି ଚାରମାଳ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରେ ମନୋରମାଙ୍କ ମୃତ୍ୟୁ ହୋଇଥିବାବେଳେ ଆହତମାନଙ୍କୁ ବୁର୍ଲା ସ୍ଥାନାନ୍ତର କରାଯାଇଛି। ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

## ଜଳ ସମସ୍ୟା ସମାଧାନ ନେଇ ଦାବିପତ୍ର

ସମ୍ବଲପୁର,୨୨।୭(ବ୍ୟୁରୋ): ସମ୍ବଲପୁର ମହାନଗର ନିଗମ ସାକ୍ଷୀପଡା ଅଞ୍ଚଳରେ ପାନୀୟ ଜଳ ସମସ୍ୟା ଲାଗିରହିଛି। ଏହାର ସମାଧାନ ପାଇଁ ଗୁରୁବାର ୱାର୍ଡବାସୀ ଜନସ୍ୱାସ୍ଥ୍ୟ ବିଭାଗ ଅଧିକ୍ଷଣ ଯନ୍ତ୍ରୀ ଭାଗ୍ୟଧର ମହାନ୍ତିଙ୍କୁ ଭେଟି ଦାବିପତ୍ର ଦେଇଛନ୍ତି। ବରିଷ୍ଠ ନାଗରିକ ସନ୍ତୋଷ କୁମାର ସେଠ, ପ୍ରଫୁଲ୍ଲ କୁମାର ନାଏକ, ସମୀର କୁମାର ସେନ ଗୁପ୍ତା, ଶଙ୍କର୍ଷଣ ପଣ୍ଡା, ଗୋପାଳ ଗୁପ୍ତାଙ୍କ ସମେତ ପଶ୍ଚିମାଞ୍ଚଳ ଏକତାମଞ୍ଚର ମାନସ ରଞ୍ଜନ ବକ୍ସି, ରାଜେଶ ସ୍ୱାଇଁ, ରାହୁଲ ଗୁପ୍ତା ଉପସ୍ଥିତ ଥିଲେ । ସର୍ଲାକାନୀ,କୁରେଟୁଲା, ନ୍ୟୁ ବ୍ୟାଙ୍କ କଲୋନୀ, ସମଲେଇପଦର, ମହାନ୍ତିପଡା, ଗୋସେଁଇଟୋଲା ଅଞ୍ଚଳରେ ଜଳ ସମସ୍ୟା ଲାଗି ରହିଥିବା ଦର୍ଶାଇଥିଲେ।

# କେନ୍ଦ୍ର, ରାଜ୍ୟର ଆଭିମୁଖ୍ୟ ସମାନ: ଚାଷୀ ସଙ୍ଗଠନ

### ଅଗଷ୍ଟ ୧୫ରୁ ପ୍ରତି ଗ୍ରାମରେ ସଚେତନତା

ସମ୍ବଲପୁର,୨୨।୭(ବ୍ୟୁରୋ)

ପ୍ରାୟ ୩ବର୍ଷରୁ ଅଧିକ ହେବ ଉଭୟ ଖରିଫ ଓ ରବି ଋତୁରେ ଧାନ କିଣାବିକାରେ ଚାଷୀମାନେ ବିଶେଷ ଅସୁବିଧାର ସମ୍ମୁଖୀନ ହୋଇଛନ୍ତି। ଟୋକନ୍ ସମସ୍ୟା, ମଣ୍ଡିରେ ଅବ୍ୟବସ୍ଥା ଯୋଗୁ ଚାଷୀଙ୍କୁ ଅଭାବୀ ବିକ୍ରିର ଶିକାର ହେବାକୁ ପଡିଛି। ନିଜ ମୁଣ୍ଡରୁ ଦୋଷ ଛଡାଇବାକୁ ରାଜ୍ୟରେ ଥିବା ବିଜେଡି ସରକାର ଓ କେନ୍ଦ୍ରରେ ଥିବା ଭାଜପା ନେତୃତ୍ୱାଧୀନ ଏନ୍‌ଡିଏ ସରକାର ଚାଷୀ ପ୍ରତି ଦରଦ ଥିବା ଡ୍ରାମା କରୁଛନ୍ତି। ମଣ୍ଡି ବନ୍ଦ ହେଲେ ଭାଜପା ରାଲି ଓ ଆନ୍ଦୋଳନ କରୁଛି। ଅନ୍ୟପଟେ ବୋନସ ଓ ତ୍ରୁଟିପୂର୍ଣ୍ଣ ଧାନ ସଂଗ୍ରହ ନୀତି ଭୁବନେଶ୍ୱରରେ ନିର୍ଦ୍ଧାରଣ କରି ଚାଷୀଙ୍କୁ ସମବେଦନା ଦେଉଛନ୍ତି ନେତା ଓ କର୍ମକର୍ତ୍ତା। ହେଲେ ଦେଖିବାକୁ ଗଲେ ଉଭୟ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଆଭିମୁଖ୍ୟ ସମାନ ବୋଲି ଓଡ଼ିଶା ସାଂସ୍କୃତିକ ସମାଜ ଭବନରେ ଗୁରୁବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଚାଷୀ ସଂଗଠନ ପକ୍ଷରୁ ଅଭିଯୋଗ ହୋଇଛି। ପଶ୍ଚିମ ଓଡ଼ିଶା କୃଷକ ସଂଗଠନ ଆବାହକ ଅଶୋକ ପ୍ରଧାନ, ଅନ୍ୟତମ ଆବାହକ ଲିଙ୍ଗରାଜ ପ୍ରଧାନ, ସରୋଜ ମହାନ୍ତି, ଜିଲା ସଭାପତି ମୁରାରୀ ପ୍ରସାଦ ପୁରୋହିତ ଓ ସାଧାରଣ ସମ୍ପାଦକ ବ୍ୟୋମକେଶ ଠାକୁର ଉପସ୍ଥିତ ଥିଲେ।



ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଉଛି।

ସଙ୍ଗଠନ କର୍ମକର୍ତ୍ତା ଦର୍ଶାଇଥିଲେ ଏବେ ଧାନ ଚାଷ ଆରମ୍ଭ କରିବା ସମୟ। ବର୍ଷା ଅଭାବରୁ ଚାଷୀ ଧାନ ରୁଆ କରିପାରି ନାହାଁନ୍ତି। ଏଭଳି ସମୟରେ ପଞ୍ଜିକରଣ କରିବାକୁ ସମୟ ଅବଧି ଦିଆଯାଇଛି। କେତେ ଜମିରେ ଚାଷ ହେବ ଚାଷୀ ଜାଣି ନାହିଁ। ହେଲେ ଧାନ ବିକ୍ରି କରିବା ନେଇ ଚୁକ୍ତିନାମା ଦେବାକୁ ପଡୁଛି। ରାଜ୍ୟ ସରକାରଙ୍କ ତ୍ରୁଟିପୂର୍ଣ୍ଣ ନୀତିକୁ ଚାଷୀ ବିରୋଧ କରୁଛି। ପୂର୍ବରୁ ଟୋକନରେ ଧାନ ବିକ୍ରି ସମୟ ସୀମା ୩୦ଦିନ ରହିଥିଲା ଯାହା ୧୨ଦିନ କରି ଦିଆଗଲା। ଫଳରେ ଗତ ଖରିଫ ଓ ରବି ସମୟରେ ଲକ୍ଷାଧିକ କୁଇଣ୍ଟାଲ ଧାନ ଚାଷୀ ବିକ୍ରି କରିପାରିଲା ନାହିଁ। ଜିଲା ସ୍ତରରେ ଧାନ ସଂଗ୍ରହ ବୈଠକ ହୋଇ ନିୟମ କରାଯାଉଥିଲା। ଏବେ ଭୁବନେଶ୍ୱରରେ ବସି ନୀତି ନିର୍ଦ୍ଧାରଣ ହେଉଛି। ୨୦୦୫ରେ ରାଜ୍ୟ ସରକାର ଏଫ୍‌ସିଆଇ ସହିତ କେବଳ ଚାଉଳ ନେବାକୁ ଚୁକ୍ତି କରିଛନ୍ତି। ଏବେ ଏଫ୍‌ସିଆଇ ଚାଉଳ ନେବାକୁ ମନା କରୁଛି। ଯାହା ଚାଷୀଙ୍କ ପାଇଁ ସମସ୍ୟା ସୃଷ୍ଟିକରିଛି। ଅନ୍ୟପଟେ କେନ୍ଦ୍ର ସରକାର ଯେଉଁ ନୂତନ କୃଷି ଆଇନ ଆଣିଛନ୍ତି ତାହାକୁ କଳା ଆଇନ ଭାବେ ଚାଷୀମାନେ ଘୋଷଣା କରି ଦୀର୍ଘ ୮ ମାସ ହେବ ଆନ୍ଦୋଳନ କରିଆସୁଛନ୍ତି। ହେଲେ ଜିଦ କରି ଆଲୋଚନା କରୁନାହାନ୍ତି। ରାଜ୍ୟରେ ଭାଜପା ନେତାମାନେ ଚାଷୀ ସମସ୍ୟା ନେଇ ଆନ୍ଦୋଳନ କରୁଥିଲେ ବି କୌଣସି ସୁଫଳ ଚାଷୀ ପାଇପାରୁ ନାହିଁ। ଅଗଷ୍ଟ ୧୫ଠାରୁ ଚାଷୀ ସଙ୍ଗଠନ ସଦସ୍ୟମାନେ ପ୍ରତ୍ୟେକ ଗ୍ରାମକୁ ଯାଇ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଚାଷୀ ମାରଣ ନୀତି ଉପରେ ସଚେତନ କରିବେ। ଚାଷୀ ସଚେତନ ହେଲେ ହୀରାକୁଦ ଆନ୍ଦୋଳନ ଭଳି ଏକ ବିରାଟ ଆନ୍ଦୋଳନ ମୁଣ୍ଡ ଟେକିବ। ଏହା ହେଲେ ଚାଷୀମାନଙ୍କ ସହ ଆଲୋଚନା କରିବାକୁ ସରକାର ବାଧ ହେବେ ବୋଲି କହିଥିଲେ।

# ସର୍ଭେ ପ୍ରକ୍ରିୟାକୁ ବିସ୍ଥାପିତଙ୍କ ବିରୋଧ


ବିସ୍ଥାପିତଙ୍କ ସହ ଆଲୋଚନା କରୁଛନ୍ତି ଅଧିକାରୀ ଓ ପୋଲିସ ।

ସମ୍ବଲପୁର,୨୨।୭(ବ୍ୟୁରୋ)

ସମ୍ବଲପୁର ଜିଲା କ୍ଷେତରାଜପୁର ଥାନା ଘୁନଘୁଟି ପଡାରେ ଗୁରୁବାର ସମଲେଇ ମନ୍ଦିର ପାରିପାର୍ଶ୍ୱିକ ବିକାଶ ଯୋଜନାରେ ଜମି ଅଧିଗ୍ରହଣ ପାଇଁ ସର୍ଭେ କରାଯାଉଥିବା ସମୟରେ ଉତ୍ତେଜନା ପ୍ରକାଶ ପାଇଥିଲା। ବିସ୍ଥାପିତ ପଡାବାସୀ ଏହାକୁ ବିରୋଧକରି ପ୍ରଶାସନିକ ଅଧିକାରୀଙ୍କୁ ଫେରାଇ ଦେଇଥିଲେ। ପ୍ରଥମେ ଥଇଥାନ ଓ ପରେ ସର୍ଭେ କରିବାକୁ ଜିଦ୍ କରିଥିଲେ। ଆସନ୍ତା ସୋମବାର ଆଲୋଚନା ପରେ ପରବର୍ତ୍ତୀ ପଦକ୍ଷେପ ନିଆଯିବ ବୋଲି ସ୍ଥିର ହୋଇଥିଲା।

ପୂର୍ବାହ୍ନ ୧୦ଟାରେ ସର୍ଭେକୁ ବିରୋଧ କରି ପଡାବାସୀ ହୋହଲ୍ଲା କରୁଥିବାବେଳେ ଏସ୍‌ଏମସି କମିଶନର ଅନିରୁଦ୍ଧ ପ୍ରଧାନ, ତହସିଲଦାର ଲକ୍ଷ୍ମଣ ଅମାତ, ଏସ୍‌ଡିପିଓ ତପନ କୁମାର ମହାନ୍ତି ପ୍ରମୁଖ ପହଞ୍ଚି ସେମାନଙ୍କ ସହ ଆଲୋଚନା କରିଥିଲେ। ବିସ୍ଥାପିତମାନେ ଦର୍ଶାଇଥିଲେ, ଶହ ଶହ ବର୍ଷ ଧରି ଏହି ପଡାରେ ରହିଆସୁଛନ୍ତି। ମନ୍ଦିର ସେବାରେ ପୂର୍ବଜମାନେ ନିୟୋଜିତ ରହିଥିଲେ। ବିକାଶ କାମକୁ ବିରୋଧ କରାଯାଉ ନାହିଁ। ହେଲେ ଅନ୍ୟ ବିସ୍ଥାପିତଙ୍କ ଭଳି କ୍ଷତିପୂରଣ ଓ ଥଇଥାନ ବ୍ୟବସ୍ଥା କରାଯାଉ। ସରକାର ଘୋଷଣା କରିଥିବା କ୍ଷତିପୂରଣ ରାଶିରେ ମଧ୍ୟ ପାତରଅନ୍ତର କରାଯାଉଛି ବୋଲି ଅଭିଯୋଗ କରିଥିଲେ। ସୂଚନାଯୋଗ୍ୟ ସମ୍ବଲପୁର ଜିଲା ଗସ୍ତରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗତ ଜାନୁୟାରୀ ୨୧ରେ ଆସି ମା' ସମଲେଇଙ୍କୁ ଦର୍ଶନ କରିବାସହ ମନ୍ଦିର ବିକାଶ କାମ ନେଇ ଘୋଷଣା କରିଥିଲେ। ଭିତ୍ତିଭୂମିର ବିକାଶ, ସୌନ୍ଦର୍ଯ୍ୟକରଣ, ପର୍ଯ୍ୟଟକ ଓ ଭକ୍ତମାନଙ୍କ ପାଇଁ ରହିବା ଓ ଅନ୍ୟାନ ସୁବିଧା କରିବାକୁ ଯୋଜନା କରାଯାଇଛି। ପ୍ରାୟ ୨ ଶହ କୋଟି ଟଙ୍କା ଅନୁଦାନ ଦେବାକୁ ଘେଷଣା କରାଯାଇଛି।

# ଶୁଖିଲା ପଡ଼ିଛି ଚାଷଜମି, ଚିନ୍ତାରେ ଚାଷୀ

ଜମନକିରା, ୨୨।୭(ଡି.ଏନ.ଏ.)

ସମ୍ବଲପୁର ଜିଲା ଜମନକିରା ବ୍ଲକ ଅଞ୍ଚଳରେ ଚଳିତବର୍ଷ ବର୍ଷା କମ୍ ହୋଇଥିବାରୁ ଚାଷକାର୍ଯ୍ୟ ବାଧାପ୍ରାପ୍ତ ହୋଇଛି। ଜମି ଫାଟି ଆଁ କରିଥିବାବେଳେ ତଳି ଧାନ ହଳଦିଆ ପଡ଼ିଗଲାଣି। ତେବେ ଆଉ ସପ୍ତାହେ ମଧ୍ୟରେ ବର୍ଷା ନ ହେଲେ ଚାଷ ସମ୍ପୂର୍ଣ୍ଣ ଉଜୁଡ଼ିଯିବ ବୋଲି ଆଶଙ୍କା ପ୍ରକାଶ ପାଇଛି। ରୁଆ ବିହୁଡ଼ା କାର୍ଯ୍ୟ ଅଦ୍ୟାବଧି ହୋଇପାରିନାହିଁ। ଚାଷର ଏଭଳି ସ୍ଥିତିକୁ ନେଇ ଚାଷୀ ଚିନ୍ତାରେ ପଡ଼ିଛି।

ସୂଚନା ଅନୁସାରେ, ଜମନକିରା ବ୍ଲକ୍‌ରେ ପ୍ରାୟ ୨୧ ଶହ ହେକ୍ଟର ଚାଷ ଜମି ରହିଥିବା ବେଳେ ସେଥିମଧ୍ୟରୁ ପ୍ରାୟ ୭୦ ପ୍ରତିଶତ ଅର୍ଥାତ୍ ୩୬୭୫ ଏକର ଜମିରେ ଧାନ ଚାଷ ହେଉଛି। ଚାଷ ଉପରେ ସମ୍ପୂର୍ଣ୍ଣ ନିର୍ଭରଶୀଳ ଥିବା ଚାଷୀଙ୍କ ସ୍ଥିତି ଅତ୍ୟନ୍ତ ଉଦ୍‌ବେଗଜନକ ରହିଛି। ବ୍ଲକ୍ ପାଣିପାଗ ବିଭାଗ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ୨୦୨୦ ଜୁଲାଇ ୨୦ ସୁଦ୍ଧା ୧୫୬.୮ ମିଲିମିଟର ବର୍ଷା ହୋଇଥିବା ବେଳେ ଚଳିତ ୨୦୨୧ ଜୁଲାଇ ୨୦ ତାରିଖ ପର୍ଯ୍ୟନ୍ତ ମାତ୍ର ୪୭.୨ ମିଲିମିଟର ବର୍ଷା ହୋଇଛି। ଗତବର୍ଷ ତୁଳନାରେ ବହୁ କମ୍ ବର୍ଷା ହୋଇଥିବାରୁ ଚାଷଜମି ସମ୍ପୂର୍ଣ୍ଣ ଶୁଖିଲା ପଡ଼ିଛି। ଗତବର୍ଷ ଏହି ସମୟ ବେଳକୁ ଚାଷୀ ରୁଆ ବିହୁଡ଼ା କାର୍ଯ୍ୟ ସାରିଥିବା ବେଳେ ଚଳିତବର୍ଷ ଚାଷକାର୍ଯ୍ୟ ଆଦୌ ଅନୁକୂଳ ହୋଇ ନ ଥିବା ଦେଖାଯାଇଛି। ଆଗାମୀ ସପ୍ତାହେ ମଧ୍ୟରେ ବର୍ଷା ନ ହେଲେ ସଅଳ କିସମ ଧାନ ଉପରେ ଏହା ପ୍ରଭାବ ପକାଇବ ବୋଲି ଚାଷୀମାନେ କହୁଛନ୍ତି। ଧାନ ଗଛ ପିଲ ମାରିବାରେ ଅସୁବିଧା ହେବା ସହ ଜମିରେ ଘାସର ପରିମାଣ ବୃଦ୍ଧି ପାଇ ଧାନ ଗଛକୁ ନଷ୍ଟ କରିଦେବ। ଏଥିସହ ରୋଗ ପୋକଙ୍କ ପ୍ରାଦୁର୍ଭାବ ବଢ଼ିବ। ବର୍ତ୍ତମାନ ସମୟରେ ଜଳାଭାବରୁ ଧାନ ଗଛ ହଳଦିଆ ଦେଖାଯାଉଥିବା ବେଳେ କେତେକ ସ୍ଥାନରେ ଧାନ ମରିଗଲାଣି। କେତେକ ଚାଷୀ ଟ୍ୟାଙ୍କରରେ ପାଣି ନେଇ ଜମିରେ ମଡ଼ାଉଥିବା ଦେଖାଯାଉଛି। ଖୁବ୍‌ଶୀଘ୍ର ପ୍ରଶାସନ ତଥା ସରକାରଙ୍କ ପକ୍ଷରୁ ବିକଳ୍ପ ବ୍ୟବସ୍ଥା ଗ୍ରହଣ ପାଇଁ ଚାଷୀ ମହଲରେ ଦାବି ହେଉଛି। ଏ ସମ୍ପର୍କରେ ବ୍ଲକ କୃଷି ଅଧିକାରୀ ଲୋଚନ ଚନ୍ଦ୍ର ମାଝିଙ୍କୁ ପଚାରିବାରୁ ସେ କହିଥିଲେ, ବର୍ଷା ଅଭାବ ଯୋଗୁ ସ୍ଥିତି ଗମ୍ଭୀର ରହିଛି। ଜମିରେ ପାଣି ମଡାଇବା ପାଇଁ ଆମର ସେଭଳି କିଛି ସୁବିଧା ନାହିଁ। କିନ୍ତୁ ବର୍ଷା ହେବା ପର୍ଯ୍ୟନ୍ତ ନିକଟସ୍ଥ ଜଳାଶୟ କିମ୍ବା ଟ୍ୟାଙ୍କର ଯୋଗେ ଜମିରେ ପାଣି ମଡ଼ାଇବାକୁ ଚାଷୀଙ୍କୁ ସଚେତନ କରୁଛୁ।


ବର୍ଷାଭାବରୁ ବ୍ଲକର ଏକ ଧାନଜମି ଫାଟି ଆଁ କରିଛି।

# ସ୍ୱାଭାବିକ ବ୍ୟବସାୟ ଅନୁମତି ଦିଆଯାଉ

### ହୋଟେଲ ମାଲିକ ସଂଘର ଦାବି

ସମ୍ବଲପୁର,୨୨।୭(ବ୍ୟୁରୋ): କୋଭିଡ୍ କଟକଣା ଯୋଗୁ ହୋଟେଲ ବ୍ୟବସାୟ ପ୍ରଭାବିତ ହୋଇଛି। ପ୍ରାୟ ୧୫ମାସ ହେବ କଟକଣା ଭିତରେ ବ୍ୟବସାୟ କରାଯାଉଛି। ସ୍ୱଳ୍ପ ରୋଜଗାରରେ ବିଦ୍ୟୁତ୍ ବିଲ, କର୍ମଚାରୀ ଦରମା, ସରକାରଙ୍କ ଜିଏସ୍‌ଟି ଓ ଅନ୍ୟାନ କର, ବ୍ୟାଙ୍କ ଋଣ ପରିଶୋଦ କରିବା କଷ୍ଟକର ହୋଇପଡିଛି। ପଶ୍ଚିମ ଓଡ଼ିଶାର ଅଧିକାଂଶ ଜିଲାରେ କୋଭିଡ୍ ସଂକ୍ରମଣ ହ୍ରାସ ପାଇଛି। ସଂକ୍ରମଣ ହାରକୁ ନେଇ ସରକାର ମଧ୍ୟ ଏ' କାଟାଗୋରିରେ ରଖିଛନ୍ତି। ତେଣୁ ପଶ୍ଚିମ ଓଡ଼ିଶାରେ ହୋଟେଲ ବ୍ୟବସାୟକୁ ପୂର୍ବ ଭଳି ସ୍ୱାଭାବିକ କରିବାକୁ ଅନୁମତି ଦିଆଯାଉ ବୋଲି ଗୁରୁବାର ହୋଟେଲ ଗ୍ରାଣ୍ଡ ଶିବାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ହୋଟେଲ ଓ ରେଷ୍ଟୁରାଣ୍ଟ ସଂଘ ଦାବି କରିଛି। ସେମାନେ ସରକାରଙ୍କୁ ଅନୁରୋଧ କରିଛନ୍ତି ଯେ, ଏ' କାଟାଗୋରି ସହରରେ ସକାଳ ୬ଟାରୁ ରାତି ୮ଟା ପର୍ଯ୍ୟନ୍ତ ଦୋକାନବଜାର ଖୋଲିବାକୁ ଅନୁମତି ଦିଆଯାଇଛି। ହେଲେ ହୋଟେଲ, ରେଷ୍ଟୁରାଣ୍ଟ, ବାର ପାଇଁ କଟକଣା ଲାଗୁହୋଇଛି। ଫଳରେ ସମାଜିକ, ମାଙ୍ଗଳିକ, ସଭାସମିତି, ଅଫିସ ମିଟିଂ ଆୟୋଜନ ହୋଇପାରୁ ନାହିଁ। ପର୍ଯ୍ୟଟନ ବିକାଶରେ ହୋଟେଲର ଭୂମିକା ରହିଛି। ହୋଟେଲ ବନ୍ଦ ଥିବାରୁ ପର୍ଯ୍ୟଟକ ସଂଖ୍ୟା ହ୍ରାସ ପାଉଛି । ତେଣୁ ମଦବାର ମାସିକିଆ ଲାଇସେନ୍ସ ଫି ସଂଗ୍ରହକୁ ସରକାର ପ୍ରତ୍ୟାହାର କରିବା ସହିତ ବାର୍ଷିକ ଦେୟ ବ୍ୟବସ୍ଥା କରନ୍ତୁ। କଟକଣା ସମୟରେ ବାର ବ୍ୟବସାୟ କରି ନ ଥିବା ହୋଟେଲ ମାଲିକଙ୍କୁ ଅବକାରୀ ଲାଇସେନ୍ସ ଫି ଫେରାଇ ଦିଆଯାଉ। ପ୍ରଦୂଷଣ ଲାଇସେନ୍ସ, ଅଗ୍ନିଶମ ଲାଇସେନ୍ସ, ପୌର ଶୁଳ୍କ, ଟ୍ରେଡ଼ ଲାଇସେନ୍ସ, ସମ୍ପତ୍ତି କରକୁ ପ୍ରତ୍ୟାହାର କରିବା ସହିତ ସମସ୍ତ ଲାଇସେନ୍ସର ଅବଧି ୨୦୨୨ ମାର୍ଚ୍ଚ ୩୧ ପର୍ଯ୍ୟନ୍ତ ନବୀକରଣ ପାଇଁ ସମୟ ଦିଆଯାଉ। ସଂଘ ସଭାପତି ଜସବୀର ସିଂ ହୁରା, ଉପସଭାପତି ଆଦିତ୍ୟ କୁମାର ମହାପାତ୍ର, ଶିଳା ଶିବ ପ୍ରସାଦ, ସାଧାରଣ ସମ୍ପାଦକ ଅଭିଶେଖ ଲାଠ, କୋଷାଧ୍ୟକ୍ଷ ଗୋପାଳ କୃଷ୍ଣ ସାମନ୍ତରାୟ, ଧୀରେଶ୍ୱର ଷଡ଼ଙ୍ଗୀ, ନୀତିନ ଅଗ୍ରୱାଲ, କୈଳାସ ଅଗ୍ରୱାଲ ପ୍ରମୁଖ ଉପସ୍ଥିତ ଥିଲେ।

**TPWODL**
**TP WESTERN ODISHA DISTRIBUTION LIMITED**
(A Tata Power & Odisha Govt. Joint venture)
Corporate Office : Burla, Dist.-Sambalpur (Odisha)-768017
**Corrigendum to Notice Inviting Tender (NIT)**
Tender Notice No. TPWODL/RB/O/SER/018 Date: 15.07.2021
RC for Supply, Installation and Maintenance of Network Equipment (DC Router, DC switches and Network Rack) for Substation Automation at TPWODL.
The EMD and tender fees for MSME have been changed. The time period is hereby extended for Submission of Tender Participation Fee and Authorization Letter through e-mail till 29th July 2021, 1500Hrs, after which link from e-Tender system shall be shared. A Corrigendum to the said notice has been uploaded in our website www.tpwesternodisha.com. Prospective bidders are requested to visit the website for detailed amendment and updated tender document.
Sd/-
Chief Contracts and Store

**ODISHA UNIVERSITY OF AGRICULTURE & TECHNOLOGY**
BHUBANESWAR - 751003, ODISHA
Tele/Fax: 0674-2397424 (O), Email: registrarouat@gmail.com
File No. Acd-III-II/38/2021- UAT/ Dt.
**SHORT TENDER CALL NOTICE**
Sealed tenders are invited from the manufacturer/reputed registered jewellers having GST No. for supply of Gold Medals (236 Nos. approximate) for 39th Convocation of OUAT, Bhubaneswar. The detailed specifications/terms and conditions are available in OUAT website **(ouat.nic.in)**. The last date for receipt of tender paper is on 06.08.2021 upto 5.00 P.M.
Sd./- Registrar

**RAJENDRA UNIVERSITY**
BALANGIR-767002
No.862/RU Date: 20.07.2021
**TENDER CALL NOTICE**
Sealed tenders are invited under two-bid system from reputed and experienced manpower Service Providers for outsourcing of different services by the office of the undersigned on contract basis. Tender should reach the office of the undersigned latest by 4.00 P.M. of dated 04.08.2021. For terms & conditions and other details, please visit our website www.rajendracollege.nic.in. The undersigned reserves the right to reject any / all tenders without assigning any reason thereof.
Sd./- Registrar

**BHUBANESWAR DEVELOPMENT AUTHORITY**
Akash Shova Building, Sachivalaya Marg, Kharvel Nagar, Unit-III, Bhubaneswar
No. 24741/BDA, Bhubaneswar Dated: 20.07.2021
PLANNING - 97/2020
**NOTIFICATION**
No. CAD-665: This is for information of general public that the Draft Bhubaneswar Development Authority (Planning and Building Standards) Amendment Regulations, 2021 has been published in the extraordinay issue No. 1113 of the Odisha Gazette dated the 15th July 2021. The same is available in the BDA website: **www.bda.gov.in**. Any objection or suggestion on the aforesaid draft regulations may be submitted to the Secretary, Bhubaneswar Development Authority within the expiry of 15 days from the date of publication of the said draft in the Odisha Gazette.
Sd./- Secretary
BDA, Bhubaneswar
OIPR-13033/11/0016/2122

भारत सरकार /GOVERNMENT OF INDIA
कार्यालय प्रधान मुख्य आयकर आयुक्त, ओडीशा
**OFFICE OF THE PRINCIPAL CHIEF COMMISSIONER OF INCOME TAX, ODISHA**
आयकर भवन, राजस्व विहार /AAYAKAR BHAWAN, RAJASWA VIHAR, भुबनेश्वर /BHUBANESWAR - 751 007
Phone: (0674) 2589925, Fax: (0674) 2589125, 2589118
**ADVERTISEMENT**
Income Tax has completed 161 years of Journey in India. A webinar to reflect upon its rich history and legacy and future would be held on Income Tax Day on 24th July, 2021 at 12 Noon. The panellists would include serving and retired members of the Department and representative from taxpayers, ICAI, bar and other stakeholders. All are welcome to join the webinar through link - **https://bit.ly/3wRlouQ**.
Sd./- (L.N. Dash)
Dy. Commissioner of Income Tax
(Hqrs.) (Admn. & Vig.), Bhubaneswar

**OFFICE OF THE MUNICIPAL COUNCIL, BARBIL**
No. 3754 Date: 20.07.2021
**QUOTATION CALL NOTICE**
No. C-624: Sealed quotations are invited from the registered firms/authorized dealers/distributors/ suppliers/manufacturers for supply, installation and commissioning of office wiring work etc. as mentioned below to newly Constructed Poura Bhawan at Barbil. The prescribed quotation schedule can be obtained from the office of the Barbil Municipality on payment of paper cost (Quotation Schedule) including GST (Non-refundable) in shape of Cash/Bank Draft/Bankers Cheque drawn in favour of the Executive Officer, Barbil Municipality payable at Barbil from any Nationalized Bank from **Dt.22.07.2021 to Dt.30.07.2021 upto 5.00 P.M.** during office hour except holidays. The quotation paper along with all documents should reach the undersigned by Regd. Post/Speed Post or by person on or before **Dt.02.08.2021 upto 12.30 P.M.** The quotation will be opened on **Dt.03.08.2021 at 11.30 A.M.** in presence of the quotatiner or their authorized representative if any. The quotation received beyond the schedule date and time will not be considered at all. The undersigned has right to accept, cancel or reject any or all the quotations without assigning any reason thereof.
1. **Electrical Installation and Fire fighting system to newly constructed Poura Bhawan at Barbil - Cost of Quotation Schedule Rs.4,200/-.**
2. **Provision of Lift, Lighting Arestor and D.G. Set to newly constructed Poura Bhawan at Barbil - Cost of Quotation Schedule Rs.4,200/-.**
All terms and conditions may be seen in the quotation schedule. The undersigned has the right to accept, cancel or reject any or all the quotations without assigning any reason thereof.
Sd./- Executive Officer
Barbil Municipality
OIPR-13108/11/0007/2122

**MADHUSUDAN LAW UNIVERSITY**
STATION ROAD, CUTTACK - 753 003, ODISHA
No. MLU / 177 / 2021 Date : 22.07.2021
**WALK-IN-INTERVIEW**
Interested retired University employees / retired Government employees in the rank of Sr. Asst / Section Officer basically dealing with Establishment / Accounts matter are invited to an interview at Madhusudan Law University for re-engagement for one year. They will be provided with conslidated pay as per the Finance Department Office **Memorandum No. 7022 dated 17.03.2018** as admissible. Candidates are required to report on or before **11.00 A.M.** on **27.07.2021** before the undersigned. No TA / DA will be paid for attending the interview (No. of posts 5).
Further retired persons are invited to appear the undersigned re-engagement before **3.00 P.M.** on the same date (No. of posts 5).
Sd/-Registrar,
Madhusudan Law University,
Cuttack.

**ବଳଭଦ୍ର ଆରୁଖ କୃଷକ ବଜାର**
ସ୍ଥାନ: ନିୟନ୍ତ୍ରିତ ବଜାର କମିଟି, ଭଞ୍ଜନଗର
**ଶୁଭ ଉଦ୍‌ଘାଟନ ଉତ୍ସବ**
ତା୨୩।୦୭।୨୦୨୧ରିଖ (ଶୁକ୍ରବାର) ସମୟ: ଅପରାହ୍ନ ୪.୩୦ ମି.
– ଉଦ୍‌ଘାଟକ –
**ଶ୍ରୀଯୁକ୍ତ ରଣେନ୍ଦ୍ର ପ୍ରତାପ ସ୍ୱାଇଁ**
ମାନ୍ୟବର ମନ୍ତ୍ରୀ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ, ସମବାୟ, ଓଡ଼ିଶା
– ମୁଖ୍ୟ ଅତିଥି –
**ଶ୍ରୀଯୁକ୍ତ ବିକ୍ରମ କେଶରୀ ଆରୁଖ**
ମାନ୍ୟବର ମନ୍ତ୍ରୀ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ, ସଂସଦୀୟ ବ୍ୟାପାର, ଓଡ଼ିଶା
ଉତ୍ସବକୁ ସାଫଲ୍ୟମଣ୍ଡିତ କରିବାକୁ ଅନୁରୋଧ ।
ନିବେଦକ - ନିୟନ୍ତ୍ରିତ ବଜାର କମିଟି, ଭଞ୍ଜନଗର

**ODISHA JOINT ENTRANCE EXAMINATION - 2021 (OJEE - 2021)**
No. OJEE/245 Date: 22.07.2021
**NOTICE INVITING APPLICATION FOR B.TECH. COURSE UNDER OJEE - 2021**
No. h-12: In view of the ongoing COVID Pandemic and rescheduling of the academic session for 2021-22, **it has been decided to conduct, as an integral part of OJEE - 2021, a Special Entrance Examination (Special OJEE) for admission into 1st year B.Tech courses of all Government and Private Engineering Colleges of Odisha against the vacant seats left out after 1st Phase OJEE Counselling only for those Students, who have not appeared and/or will not appear in the JEE (Main) - 2021 examination due to some reason or other.**
The process of online application for this B.Tech course will start from 23.07.2021 and the last date will be 10.08.2021. Fees can be paid till 12.08.2021 (11.59 P.M.)
Detailed instructions and terms and conditions for online application will be like other forms as per the Information Brochure available in the website i.e. **www.ojee.nic.in**.
The syllabus for the examination will be as per the JE (Main) - 2021.
The detailed schedule regarding dates of the Examination and of downloading of Admit Cards etc. will be notified in due course of time, on assessment of the COVID pandemic situation.
Candidates are advised to visit the official websites of OJEE regularly for updated information.
Sd./- CHAIRMAN, OJEE, Odisha
OIPR-14020/11/0006/2122

ଧରିତ୍ରୀ
DHARITRI
ଶୁକ୍ରବାର, ୨୩ ଜୁଲାଇ, ୨୦୨୧



## ସଂକ୍ଷେପରେ

### ସୁପ୍ରିମକୋର୍ଟ ଯିବାକୁ ହାଇକୋର୍ଟଙ୍କ ପରାମର୍ଶ

**ଖଣି ଦୁର୍ନୀତି ମାମଲା**

**କଟକ ଅଫିସ, ୨୨।୭:** ଓଡ଼ିଶାରେ ଖଣି ଦୁର୍ନୀତି ନେଇ ହୋଇଥିବା ଏକ ମାମଲାର ଶୁଣାଣି ଗତ ୨୦ ତାରିଖରେ ହାଇକୋର୍ଟରେ ହୋଇଥିଲା। ମୁଖ୍ୟ ବିଚାରପତି ଏସ୍. ମୁରଲୀଧର ଓ ଜଷ୍ଟିସ ବି.ପି. ରାଉତରାୟଙ୍କ ମିଳିତ ଖଣ୍ଡପୀଠ ଏହାର ଶୁଣାଣି କରି କହିଛନ୍ତି, ସୁପ୍ରିମକୋର୍ଟରେ ଓଡ଼ିଶାର ଖଣି ଦୁର୍ନୀତି ନେଇ ଅନ୍ୟ ଏକ ମାମଲାର ଶୁଣାଣି ଚାଲିଛି। ତେଣୁ ହାଇକୋର୍ଟ ଓ ସୁପ୍ରିମ୍‌କୋର୍ଟରେ ଏକପ୍ରକାର ମାମଲାର ଶୁଣାଣି ଚାଲିପାରିବ ନାହିଁ। ଉକ୍ତ ମାମଲା ସୁପ୍ରିମ୍‌କୋର୍ଟ ଗଲେ, ସେଠାରେ ଏକତ୍ର ଶୁଣାଣି ହୋଇପାରିବ। ଏଠାରେ ଯେଉଁ ତଥ୍ୟ ଉପସ୍ଥାପନ କରିଛ, ତାହା ସୁପ୍ରିମ୍‌କୋର୍ଟରେ ଦର୍ଶାଇବ ବୋଲି ଆବେଦନକାରୀଙ୍କୁ ହାଇକୋର୍ଟ ପରାମର୍ଶ ଦେଇଛନ୍ତି। ଆବେଦନକାରୀ ସୁଦର୍ଶନ ନାୟକ ଓ ଅନ୍ୟମାନଙ୍କ ଦ୍ୱାରା ହାଇକୋର୍ଟରେ ଖଣି ଦୁର୍ନୀତି ନେଇ ପିଟିଶନ ଦାଏର ହୋଇଥିଲା।

### ପ୍ରଦର୍ଶନ ମାପଦଣ୍ଡରେ ରାଜ୍ୟ ସରକାର ଫେଲ୍: ତରୁଣ

**ଭୁବନେଶ୍ୱର, ୨୨।୭(ବ୍ୟୁରୋ):** ରାଜ୍ୟ ସରକାର କେନ୍ଦ୍ରୀୟ ଯୋଜନାକୁ କପି ପେଷ୍ଟ କରି ନିଜର ଆତ୍ମପ୍ରଚାର କରୁଛନ୍ତି। କେନ୍ଦ୍ରୀୟ ଅର୍ଥରେ ନିଜ ପୋଷ୍ଟର ମାରି ରାଜ୍ୟ ସରକାର ବାହାବା ନେଉଛନ୍ତି। ପ୍ରକୃତପକ୍ଷେ ପ୍ରଦର୍ଶନ ମାପଦଣ୍ଡରେ ରାଜ୍ୟ ସରକାର ଫେଲ୍ ମାରିଛନ୍ତି ବୋଲି ଭାଜପା ରାଷ୍ଟ୍ରୀୟ ସାଧାରଣ ସମ୍ପାଦକ ତରୁଣ ଚୁଗ ଅଭିଯୋଗ କରିଛନ୍ତି। ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ଗୁରୁବାର ଆୟୋଜିତ ଖବରଦାତା ସମ୍ମିଳନୀରେ ତରୁଣ କହିଛନ୍ତି, ନବୀନ ସରକାରଙ୍କ ଶାସନରେ ଓଡ଼ିଶାର ଜନତା ଅତିଷ୍ଠ ହୋଇପଡ଼ିଲେଣି। ସମସ୍ତ ବର୍ଗର ଲୋକ ରାଜ୍ୟ ସରକାରଙ୍କ ଉପରେ ଅସନ୍ତୁଷ୍ଟ ଅଛନ୍ତି। କିନ୍ତୁ ଭାଜପା ସବୁବେଳେ ଲୋକଙ୍କ ସାଙ୍ଗରେ ରହି ସେମାନଙ୍କ ସମସ୍ୟା ପାଇଁ ମୁଖ୍ୟ ବିରୋଧୀ ଦଳ ଭାବେ ଲଢ଼େଇ କରୁଛି। ଲୋକଙ୍କ ପାଖରେ ପହଞ୍ଚି ସେମାନଙ୍କ ସମସ୍ୟା ନେଇ ଆନ୍ଦୋଳନ କରି ନ୍ୟାୟ ପ୍ରଦାନ କରିବା ଦିଗରେ କାର୍ଯ୍ୟ କରୁଛି। ଏପରି ସେ କହିଥିଲେ ଏବେ ମଧ ରାଜ୍ୟରେ ଅନେକ ଗରିବ ଲୋକଙ୍କ ଘରେ ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଅନ୍ନ ଯୋଜନାରେ ମାଗଣା ରାଶନ ପହଞ୍ଚି ପାରିନାହିଁ। ପ୍ରଧାନମନ୍ତ୍ରୀ ଲକ୍ଷ ଲକ୍ଷ ଚାଷୀଙ୍କୁ କୃଷକ ସମ୍ମାନ ନିଧି ଯୋଜନାରେ ଆର୍ଥିକ ସହାୟତା ଯୋଗାଇ ଦେଉଥିବା ସମୟରେ ରାଜ୍ୟ ସରକାର ଚାଷୀଙ୍କୁ ଧାନର ଏମ୍‌ଏସ୍‌ପି ଦେଇପାରୁ ନାହାନ୍ତି ବୋଲି ୩ ଦିନିଆ ଓଡ଼ିଶା ଗସ୍ତରେ ଆସି ତରୁଣ କହିଛନ୍ତି।

# ପରିଚୟ ଖୋଜୁଛି କମିଶନରେଟ ପୋଲିସ

## କୁଆଖାଇ ନଦୀପଠାରୁ ଯୁବକଙ୍କ ମୃତଦେହ ଜବତ



ନଦୀପଠାରୁ ପୋଲିସ ଓ ସାଇଣ୍ଟିଫିକ୍ ଟିମ୍ ଉପସ୍ଥିତିରେ ମୃତଦେହକୁ ଜରିରେ ବାନ୍ଧି ବ୍ୟବଚ୍ଛେଦ ପାଇଁ ନିଆଯାଉଛି।

**ଭୁବନେଶ୍ୱର,୨୨।୭(ବ୍ୟୁରୋ)**

ମଞ୍ଚେଶ୍ୱର ଥାନା ବରିମୁଣ୍ଡ ଗ୍ରାମପଞ୍ଚାୟତ କୁଆଖାଇ ନଦୀପଠା ବାଲିରେ ପୋତି ହୋଇ ରହିଥିବା ମୃତଦେହକୁ ଗୁରୁବାର କମିଶନରେଟ ପୋଲିସ ଜବତ କରିଛି। ମୃତଦେହ ଜଣେ ଯୁବକଙ୍କ ହୋଇଥିବାବେଳେ ତାଙ୍କ ପରିଚୟ ମିଳିପାରି ନାହିଁ। ପାରିପାର୍ଶ୍ୱିକ ସ୍ଥିତିରୁ ଏହା ଏକ ହତ୍ୟାକାଣ୍ଡ ବୋଲି ଜଣାପଡୁଥିବାବେଳେ କିଏ ଓ କାହିଁକି ଏପରି କଲେ, ସେନେଇ ପୋଲିସ ବିଭିନ୍ନ ଦିଗକୁ ନେଇ ତଦନ୍ତ ଜାରି ରଖିଛି। ମୃତଦେହ ପଚି ଯାଇ ଦୁର୍ଗନ୍ଧ ବାହାରୁଥିବାରୁ ଏହି ଘଟଣା ୩ଦିନ ତଳର ବୋଲି ଅନୁମାନ କରାଯାଉଛି। ବୁଧବାର ଅପରାହ୍ନରେ ବାଲି ପଠାରେ ଏକ ମୃତଦେହ ପୋତି ହୋଇ ରହିଥିବା ଜଣାପଡ଼ିଥିଲା। ପୋଲିସ ଘଟଣାସ୍ଥଳରେ ପହଞ୍ଚିଥିଲା। ହେଲେ ରାତି ହୋଇଯାଇଥିବାରୁ ବାଲିରୁ ମୃତ ଦେହ ଉଦ୍ଧାର କରିପାରି ନ ଥିଲା। ଗୁରୁବାର ସକାଳୁ ପୋଲିସ ସହ ସାଇଣ୍ଟିଫିକ୍ ଟିମ୍ ପହଞ୍ଚି ଉକ୍ତ ସ୍ଥାନକୁ ଯାଞ୍ଚ କରି ପରୀକ୍ଷା କରିବା ସହ ବିଭିନ୍ନ ନମୁନା ସଂଗ୍ରହ କରିଥିଲା। ଡିସିପି ଉମାଶଙ୍କର ଦାଶ, ଜୋନ୍-୫ ଏସିପି ଅନିଲ କୁମାର ମିଶ୍ର, ସ୍ପେଶାଲ ସ୍କ୍ୱାଡ୍ ଏସିପି ସଞ୍ଜୀବ ଶତପଥୀ ଓ ମଞ୍ଚେଶ୍ୱର ଥାନା ଅଧିକାରୀ ସୁଧୀର କୁମାର ସାହୁ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲେ। ପ୍ରଥମ ଥର ପାଇଁ ସାଇଣ୍ଟିଫିକ୍ ଟିମ୍ ପକ୍ଷରୁ ଥ୍ରୀ-ଡି ସ୍କାନରରେ କ୍ରାଇମ୍ ସିନ ପାଇଁ ଫଟୋ ଭିଡିଓ ଉତ୍ତୋଳନ କରାଯାଇଥିଲା। ମୃତ ଯୁବକଙ୍କର ବୟସ ୧୮ରୁ ୨୫ ବର୍ଷ ମଧ୍ୟରେ ହେବ ବୋଲି ଅନୁମାନ କରାଯାଉଛି। ମୃତ ଯୁବକଙ୍କ ମୁହଁର ୫୦ ଭାଗ ନଷ୍ଟ ହୋଇଯାଇଛି। ତାଙ୍କର ଡାହାଣ କାନରେ ଏକ କୁଣ୍ଡଳ ରହିଛି। ମୃତଦେହ ନିକଟରୁ ଦୁଇଟି ଚପଲକୁ ପେଲିସ ଜବତ କରିଛି। ସେ ଫୁଲ୍ ପ୍ୟାଣ୍ଟ ସହ ଶାର୍ଟ ପିନ୍ଧିଥିବାବେଳେ ଶରୀରରେ କୌଣସି ସ୍ଥାନରେ କ୍ଷତ ଚିହ୍ନ ମିଳିନାହିଁ। ତାଙ୍କୁ ଗାମୁଛାରେ ବେକକୁ ଭିଡି ଅଥବା ବିଷ ପିଆଇ ହତ୍ୟା କରାଯାଇଥିବା ଚର୍ଚ୍ଚା ହେଉଛି। ଏହି ଘଟଣାରେ ଏକାଧିକ ବ୍ୟକ୍ତିଙ୍କ ସମ୍ପୃକ୍ତି ଥିବା ପାରିପାର୍ଶ୍ୱିକ ସ୍ଥିତିରୁ ଜଣାପଡିଛି। ମୃତଦେହ ଜବତ ପରେ ବ୍ୟବଚ୍ଛେଦ ପାଇଁ ଏମ୍‌ସ ହସ୍ପିଟାଲକୁ ପଠାଯାଇଛି। ପୋଲିସ ଏକ ଅପମୃତ୍ୟୁ ମାମଲା(ନଂ.୪୨/୨୦୨୧) ରୁଜୁ କରିଛି।

ଡିସିପି ଉମାଶଙ୍କର ଦାଶ କହିଛନ୍ତି, ରାଜଧାନୀ ଓ ଏହାର ଆଖପାଖ ଜିଲାର ଥାନାଗୁଡ଼ିକରୁ ଗତ କିଛିଦିନ ମଧ୍ୟରେ ନିଖୋଜ ମାମଲା ସଂକ୍ରାନ୍ତରେ ହୋଇଥିବା ରିପୋର୍ଟ ସଂଗ୍ରହ କରାଯିବ। ଯୁବକଙ୍କ ପରିଚୟ ସଂକ୍ରାନ୍ତରେ ତଥ୍ୟ ମିଳିବା ପରେ ତଦନ୍ତ ତ୍ୱରାନ୍ୱିତ ହେବ ବୋଲି ସେ କହିଛନ୍ତି। ଅପରପକ୍ଷରେ ଥାନା ଅଧିକାରୀ ସୁଧୀର କୁମାର ସାହୁ କହିଛନ୍ତି, ମୃତ ଯୁବକଙ୍କ ବ୍ୟବଚ୍ଛେଦ କରାଯାଇଛି। ରିପୋର୍ଟ ଆସିଲେ ମୃତ୍ୟୁର ପ୍ରକୃତ କାରଣ ଜଣାପଡ଼ିବ। ତେବେ ମୃତ ଯୁବକଙ୍କ ପରିଚୟ ମିଳି ନ ଥିବାରୁ ଏହାର ତଦନ୍ତ ପୋଲିସ ପାଇଁ ବଡ଼ ଚ୍ୟାଲେଞ୍ଜ ହେବ ବୋଲି ଚର୍ଚ୍ଚା ହେଉଛି।



ଘଟଣାସ୍ଥଳ ନିକଟରୁ ମିଳିଥିବା ଗାମୁଛା

### ଶ୍ୱାସରୁଦ୍ଧ କିମ୍ବା ବିଷ ପିଆଇ ହତ୍ୟା ସନ୍ଦେହ

ମୃତ ଯୁବକଙ୍କ ଶରୀରରେ ସାଇଣ୍ଟିଫିକ୍ ଟିମ୍ କୌଣସି କ୍ଷତଚିହ୍ନ ପାଇନାହିଁ। ତେଣୁ ତାଙ୍କୁ ଶ୍ୱାସରୁଦ୍ଧ କିମ୍ବା ବିଷ ପିଆଇ ହତ୍ୟା କରାଯାଇଥିବା ନେଇ ସାଇଣ୍ଟିଫିକ୍ ଟିମ୍ ସନ୍ଦେହ କରୁଛି। ତେବେ ବ୍ୟବଚ୍ଛେଦ ପରେ ମୃତ୍ୟୁର ପ୍ରକୃତ କାରଣ ଜଣାପଡ଼ିବ ବୋଲି କୁହାଯାଉଛି। ଘଟଣାସ୍ଥଳର କିଛିଦୂରରେ ଏକ ଗାମୁଛା ପଡ଼ିଥିବାରୁ ଘଟଣାକୁ ଅଧିକ ରହସ୍ୟାବୃତ୍ତ କରିଛି।

### ଥ୍ରୀ-ଡି ସ୍କାନ୍‌ରେ ଚିତ୍ର ଉତ୍ତୋଳନ

ମୃତଦେହ ନିକଟରୁ ଗୁରୁବାର କମିଶନରେଟ ପୋଲିସ ଓ ସାଇଣ୍ଟିଫିକ୍ ଟିମ୍ ବିଭିନ୍ନ ନମୁନା ସଂଗ୍ରହ କରିଥିଲା। ତେବେ ସାଇଣ୍ଟିଫିକ୍ ଟିମ୍ ପ୍ରଥମ ଥର ପାଇଁ ମୃତଦେହ ପଡ଼ିଥିବା ସ୍ଥାନରେ ଅତ୍ୟାଧୁନିକ ଥ୍ରୀ-ଡି ସ୍କାନର ଦ୍ୱାରା ୩୬୦ କୋଣରେ ଫଟୋ ଓ ଭିଡିଓ ଉତ୍ତୋଳନ କରିଛି। ଏହା ପରବର୍ତ୍ତୀ ସମୟରେ କ୍ରାଇମ୍ ସିନ୍ ରିକ୍ରିଏଶନ୍ କରିବା ବେଳେ ଉତ୍ତୋଳିତ ହେବାକୁ ଥିବା ଫଟୋ ଓ ଭିଡିଓ ପାଇଁ ଅଧିକ ଫଳପ୍ରଦ ହେବ। ଏପରିକି ମାଜିଷ୍ଟ୍ରେଟଙ୍କ ନିକଟରେ ମାମଲାର ବିଚାର ସମୟରେ ଏହି ଚିତ୍ର ଅଧିକ ସାହାଯ୍ୟ କରିବ ବୋଲି ସାଇଣ୍ଟିଫିକ୍ ଟିମ୍ ପକ୍ଷରୁ କୁହାଯାଇଛି।

### ପରିଚୟ ମିଳିଲେ ତଦନ୍ତ ଆଗେଇବ

ଯୁବକଙ୍କ ପରିଚୟ ମିଳି ନ ଥିବାବେଳେ ତାଙ୍କ ମୃତ୍ୟୁ କେଉଁ କାରଣରୁ ହୋଇଛି ତାହା ଏବେ ରହସ୍ୟ ହୋଇରହିଛି। ତେବେ କାହା ସହ ଗଣ୍ଡଗୋଳ କିମ୍ବା ପ୍ରେମଜନିତ କାରଣରୁ ହତ୍ୟାକାଣ୍ଡ ବୋଲି ଅନୁମାନ କରାଯାଉଛି। ଏଭଳିସ୍ଥିତିରେ ଯୁବକଙ୍କ ପିରଚୟ ମିଳିଲେ ବିଭିନ୍ନ ଦିଗକୁ ନେଇ ତଦନ୍ତ ଆଗେଇବ। ତେଣୁ ମୃତଦେହ ନିକଟରୁ ପଡ଼ିଥିବା ଚପଲ, ସେ ପିନ୍ଧିଥିବା ପ୍ୟାଣ୍ଟ ଓ ଶାର୍ଟ ଏବଂ କାନରେ ପିନ୍ଧିଥିବା କୁଣ୍ଡଳକୁ ନେଇ ପୋଲିସ ଏବେ ତଦନ୍ତ କରୁଛି।

### ଘଟଣାସ୍ଥଳରେ ୪ଦିନ ତଳେ ହୋଇଥିଲା ଗଣ୍ଡଗୋଳ

ରାଜଧାନୀରେ କରୋନା କଟକଣା କଡ଼ାକଡ଼ି ଥିବାରୁ ସ୍ଥାନୀୟ ଯୁବକମାନେ ପ୍ରତିଦିନ ଅପରାହ୍ନରେ ଏହି ନଦୀପଠାକୁ ଆସୁଥିଲେ। ଏହା ଏକ ନିଛାଟିଆ ସ୍ଥାନ ହୋଇଥିବାରୁ ଏଠାରେ ଅସାମାଜିକ ଯୁବକମାନେ ମଧ ମଦ୍ୟପାନ କରିବା ସହ ନିଶା ସେବନ କରିଥାନ୍ତି। ତେବେ ୪ଦିନ ତଳେ ଘଟଣାସ୍ଥଳରେ କେତେଜଣ ଯୁବକ ଗଣ୍ଡଗୋଳ କରୁଥିବାର ଦେଖିଥିଲି। ଏହି ସମୟରେ ଜୋରରେ ପାଟିତୁଣ୍ଡ ଶୁଭୁଥିଲା। ତେବେ ଏଠାରେ ଅନେକ ସମୟରେ ଏଭଳି ଘଟୁଥିବାରୁ ଧ୍ୟାନ ଦେଇ ନ ଥିଲି ବୋଲି ଶ୍ରୀଧର ନାମକ ଜଣେ ଯୁବକ କହିଛନ୍ତି।

### ସୂଚନା ପାଇଁ ଫୋନ୍ ନମ୍ବର ଜାରି

ନଦୀ ପଠାରୁ ଉଦ୍ଧାର ମୃତ ଯୁବକଙ୍କ ବୟସ ୧୮ରୁ ୨୫ ବର୍ଷବୟସ ହୋଇଥିବାବେଳେ ଉଚ୍ଚତା ୫ ଫୁଟ୍ ୮ ଇଞ୍ଚ, ଓଜନ ୪୬ କେଜି। ସେ ଏକ କଳାରଙ୍ଗର ଟ୍ରାକ୍ ପ୍ୟାଣ୍ଟ ପିନ୍ଧିଥିବା ସହ ଫୁଲ୍ ହାତ ଧଳା ରଙ୍ଗର ଶାର୍ଟ ପିନ୍ଧିଛନ୍ତି। ମୃତକଙ୍କ ଡାହଣ କାନରେ ଏକ କୁଣ୍ଡଳ ରହିଛି। ଏହାସହ ଲାଲ-ନୀଳ ରଙ୍ଗର ଏକ ଚପଲ ମୃତଦେହ ନିକଟରୁ ମିଳିଛି। ଯଦି କୌଣସି ବ୍ୟକ୍ତି ଉପରୋକ୍ତ ପ୍ରମାଣ ଥିବା ଯୁବକଙ୍କ ସମ୍ବନ୍ଧରେ ଜାଣିଥାଆନ୍ତି ତେବେ ମଞ୍ଚେଶ୍ୱର ଥାନା ଅଧିକାରୀଙ୍କୁ ଜଣାଇବାକୁ କୁହାଯାଇଛି। ଏଥିପାଇଁ ମୋବାଇଲ୍ ନଂ ୮୨୮୦୩୩୮୩୨୧ କିମ୍ବା କମିଶନରେଟ ପୋଲିସ ଭୁବନେଶ୍ୱର ୟୁପିଡିର ଟେଲିଫୋନ୍ ନମ୍ବର ୦୬୭୪-୨୫୪୦୫୫୫କୁ କଲ୍ କରି ଜଣାଇବା ପାଇଁ ଅନୁରୋଧ କରାଯାଇଛି।

### ରାତିସାରା ଜଗି ରହିଲା ପୋଲିସ

କୁଆଖାଇ ନଦୀପଠାକୁ ବୁଧବାର ଅପରାହ୍ନରେ ସ୍ଥାନୀୟ ଅଞ୍ଚଳର କିଛି ଯୁବକ ବୁଲିବାକୁ ଯାଇଥିଲେ। ଏହି ସମୟରେ ଯୁବକମାନେ ବାଲିରେ ଏକ ହାତ ପାପୁଲି, ପ୍ୟାଣ୍ଟ ଓ ଚପଲ ବାହାରକୁ ବାହାରିଥିବା ସେମାନେ ଦେଖିବାକୁ ପାଇଥିଲେ। ସେଥିରୁ ପ୍ରବଳ ଦୁର୍ଗନ୍ଧ ହେଉଥିଲା। ଏନେଇ ସେମାନେ ପୋଲିସକୁ ଖବର ଦେଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ଅନୁସନ୍ଧାନ ଆରମ୍ଭ କରିଥିଲା। ତେବେ ରାତି ଅଧିକ ହୋଇଯିବାରୁ ବାଲି ଭିତରେ ପୋତା ହୋଇଥିବା ମୃତଦେହକୁ ପୋଲିସ ଉଦ୍ଧାର କରିପାରି ନ ଥିଲା। ଘଟଣାସ୍ଥଳର କିଛି ଦୂରରେ ଏକ ଅସ୍ଥାୟୀ କ୍ୟାମ୍ପ କରି ଲାଇଟ୍ ଲଗାଇ ରାତିସାରା ପୋଲିସ ଜଗି ରହିଥିଲା।

## ଚର୍ଚ୍ଚାରେ ବିଦ୍ୟାଭାରତୀଙ୍କ ବଲାଙ୍ଗୀର ଲିଙ୍କ୍

**ବଲାଙ୍ଗୀର ଅଫିସ,୨୨।୭**

**ପାରଳାଖେମୁଣ୍ଡି ଏସିଏଫ୍ ମୃତ୍ୟୁ ଘଟଣା**

ଗଜପତି ଜିଲା ପାରଳାଖେମୁଣ୍ଡି ଏସିଏଫ୍ ସୌମ୍ୟରଞ୍ଜନ ମହାପାତ୍ର ମୃତ୍ୟୁ ଘଟଣାର ବିଭିନ୍ନ ଦିଗ ଉପରେ ତଦନ୍ତ ଜାରି ରହିଛି। ଏଭଳି ସମୟରେ ମୃତ ଏସିଏଫ୍ ସୌମ୍ୟରଞ୍ଜନଙ୍କ ସ୍ତ୍ରୀ ବିଦ୍ୟାଭାରତୀଙ୍କ ବଲାଙ୍ଗୀର ବ୍ୟାଚେଲର ପାର୍ଟି ଚର୍ଚ୍ଚାର ବିଷୟ ହୋଇଛି। ବିଦ୍ୟାଭାରତୀ ସାଙ୍ଗମାନଙ୍କ ସହ ବଲାଙ୍ଗୀରରେ ବ୍ୟାଚେଲର ପାର୍ଟି କରିଥିବା ସୌମ୍ୟରଞ୍ଜନଙ୍କ ପରିବାର ଲୋକେ ଅଭିଯୋଗ କରିଥିଲେ। ଏନେଇ ବଲାଙ୍ଗୀର ପ୍ରାଣୀଧନ ନିରୀକ୍ଷକ ତାଲିମ କେନ୍ଦ୍ରରେ ପଚରାଉଚରା କରାଯାଇଥିଲା। ପ୍ରାଣୀଧନ ନିରୀକ୍ଷକ ତାଲିମ କେନ୍ଦ୍ରର ଅଧିକାରୀ ହେମନ୍ତ ପ୍ରଧାନ ଗଣମାଧ୍ୟମକୁ କହିଛନ୍ତି ଯେ, ବିଦ୍ୟାଭାରତୀ ହେଉଛନ୍ତି ବଲାଙ୍ଗୀର ପ୍ରାଣୀଧନ ନିରୀକ୍ଷକ ତାଲିମ କେନ୍ଦ୍ରର ଦ୍ୱିତୀୟବର୍ଷର ଛାତ୍ରୀ। ୨୦୧୯ ଅକ୍ଟୋବର ୧୬ ତାରିଖରେ ବିଦ୍ୟାଭାରତୀଙ୍କ ଏହି ତାଲିମ କେନ୍ଦ୍ରରେ ଆଡ୍‌ମିଶନ ହୋଇଥିଲା। ଗତ ଏପ୍ରିଲ ୫ରୁ ୧୩ ପର୍ଯ୍ୟନ୍ତ ଦ୍ୱିତୀୟ ବର୍ଷ ଛାତ୍ରୀଛାତ୍ରଙ୍କ ପରୀକ୍ଷା ଅନୁଷ୍ଠିତ ହୋଇଥିଲା। ଏହି ପରୀକ୍ଷା ଦେବାକୁ ଏପ୍ରିଲ ୩ ତାରିଖରେ ବିଦ୍ୟାଭାରତୀ ବଲାଙ୍ଗୀର ଆସିଥିଲେ। ସେ ତାଲିମ କେନ୍ଦ୍ରର ହଷ୍ଟେଲ ରୁମ୍ ନମ୍ବର ୧ରେ ରହୁଥିଲେ। ୧୩ ତାରିଖରେ ପରୀକ୍ଷା ସରିବା ପରେ ତାଙ୍କ ମାତାପିତାଙ୍କ ସହ ଫେରିଯାଇଥିଲେ। ଏପ୍ରିଲ ୧୧ ତାରିଖ ରବିବାର ବିଦ୍ୟାଭାରତୀ ବିବାହ ଭୋଜି ଦେବାକୁ ସାଙ୍ଗମାନେ କହୁଥିବାରୁ ଅନୁମତି ଦିଅନ୍ତୁ ବୋଲି କହିଥିଲେ। କୋଭିଡ୍ ମହାମାରୀ ସମୟ ହୋଇଥିବାରୁ ଭୋଜି ପାଇଁ ଅନୁମତି ଦିଆଯାଇ ନ ଥିଲା। ତେବେ ହଷ୍ଟେଲ ମେସ୍‌ରେ ୧୧ ଏପ୍ରିଲ ରବିବାର ଖାଇବା ଖର୍ଚ୍ଚ ବିଦ୍ୟାଭାରତୀ ଦେଇଥିଲେ। ଏହା ହିଁ ତାଙ୍କର ବିବାହ ଭୋଜି ଥିଲା। ଏହି ଭୋଜିରେ କେବଳ ତାଙ୍କ ତାଲିମ କେନ୍ଦ୍ରର ସହପାଠୀ ସହପାଠିନୀମାନେ ଯୋଗଦେଇଥିଲେ ବୋଲି ତାଲିମ କେନ୍ଦ୍ର ଅଧିକାରୀ ହେମନ୍ତ ପ୍ରଧାନ କହିଛନ୍ତି।

## 'ପିଏମ୍‌ଜିକେଏୱାଇ, ଏନ୍‌ଏଫ୍‌ଏସ୍‌ଏ ଦୁର୍ନୀତିର ତଦନ୍ତ ହେଉ'



କେନ୍ଦ୍ରମନ୍ତ୍ରୀ ପିୟୁଷ ଗୋୟଲଙ୍କୁ ଓଡ଼ିଶାର ଭାଜପା ଏମ୍‌ପି ଦାବିପତ୍ର ପ୍ରଦାନ କରୁଛନ୍ତି।

**ଗୋୟଲଙ୍କୁ ଭାଜପା ପ୍ରତିନିଧି ଦଳର ଦାବି**

**ଭୁବନେଶ୍ୱର, ୨୨।୭(ବ୍ୟୁରୋ)**

କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ନେତୃତ୍ୱରେ ଗୁରୁବାର ରାଜ୍ୟ ଭାଜପାର ଏକ ପ୍ରତିନିଧି ମଣ୍ଡଳୀ କେନ୍ଦ୍ରମନ୍ତ୍ରୀ ପୀୟୁଷ ଗୋୟଲଙ୍କୁ ଭେଟି ଓଡ଼ିଶାରେ ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଅନ୍ନ ଯୋଜନା (ପିଏମ୍‌ଜିକେଏୱାଇ) କାର୍ଯ୍ୟକାରୀ କରିବାରେ ଅନିୟମିତତା ତଥା ଅବ୍ୟବସ୍ଥା ସମ୍ପର୍କରେ ଅବଗତ କରାଇଛନ୍ତି। ଏହାସହ ଯୋଗ୍ୟ ହିତାଧିକାରୀଙ୍କୁ ବଞ୍ଚିତ କରିବା ନେଇ ଅଭିଯୋଗ ସହ ଏକ ସ୍ମାରକପତ୍ର ଗୋୟଲଙ୍କୁ ପ୍ରଦାନ କରିଛନ୍ତି। କେନ୍ଦ୍ରର ଏହି ଯୋଜନାରୁ ଅଧିକାଂଶ ଗରିବ ହିତାଧିକାରୀ ଲାଭ ପାଇପାରୁନାହାନ୍ତି ବୋଲି ଅଭିଯୋଗ କରିବା ସହ ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଅନ୍ନ ଯୋଜନା ଏବଂ ଜାତୀୟ ଖାଦ୍ୟ ସୁରକ୍ଷା ଆଇନ(ଏନ୍‌ଏଫ୍‌ଏସ୍‌ଏ) ଜାଲିଆତି ଘଟଣାର ତଦନ୍ତ ଲାଗି ନିର୍ଦ୍ଦେଶ ଦେବାକୁ ପ୍ରତିନିଧି ଦଳ ଦାବି କରିଛନ୍ତି।

କୋଭିଡ୍ ସମୟରେ ଅନ୍ତ୍ୟୋଦୟ ଆଧାରରେ ସମାଜର ଅବହେଳିତ ଲୋକଙ୍କୁ ଅତିରିକ୍ତ ଖାଦ୍ୟ ସୁରକ୍ଷା ଯୋଗାଇବା ପାଇଁ ପିଏମ୍‌ଜିକେଏୱାଇ ଆରମ୍ଭ ହୋଇଥିଲା। ଜାତୀୟ ଖାଦ୍ୟ ସୁରକ୍ଷା ଆଇନ ଅଧୀନରେ କରାଯାଇଥିବା ସାଧାରଣ ଖାଦ୍ୟ ଆବଣ୍ଟନ ବ୍ୟତୀତ ମାଗଣା ଖାଦ୍ୟଶସ୍ୟ ତଥା ଗହମ ଏବଂ ଚାଉଳ ବଣ୍ଟନର ଆରମ୍ଭ ହୋଇଥିଲା। ପିଏମ୍‌ଜିକେଏୱାଇ ଅଧୀନରେ ଏପ୍ରିଲରୁ ନଭେମ୍ବର ୨୦୨୦ ଅବଧି ପାଇଁ ଓଡ଼ିଶାର ୯୨.୭୭ ଲକ୍ଷରୁ ଅଧିକ ଏନ୍‌ଏଫ୍‌ଏସ୍‌ଏ କାର୍ଡଧାରୀଙ୍କ ପାଇଁ ୧୨.୯୪ ଲକ୍ଷ ମେଟ୍ରିକ ଟନ୍ ଖାଦ୍ୟଶସ୍ୟ ମାଗଣାରେ ଓଡ଼ିଶାକୁ ଦିଆଯାଇଥିଲା । କେନ୍ଦ୍ର ଦ୍ୱାରା ଆବଣ୍ଟିତ ଖାଦ୍ୟଶସ୍ୟ ବନାମ ରାଜ୍ୟ ସରକାରଙ୍କ ଦ୍ୱାରା ପିଏମ୍‌ଜିକେଏୱାଇ ଏବଂ ଏନ୍‌ଏଫ୍‌ଏସ୍‌ଏ ଅଧୀନରେ ଦିଆଯାଉଥିବା ଖାଦ୍ୟ ତାଲିକାରେ ଅନେକ ପାର୍ଥକ୍ୟ ରହିଛି। ଏହାକି ଯେ ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରସ୍ତୁତ କରାଯାଉଥିବା ଏନ୍‌ଏଫ୍‌ଏସ୍‌ଏ ରାଶନକାର୍ଡଧାରୀ ତାଲିକାରେ ଭୂତ ହିତାଧିକାରୀ ଅଛନ୍ତି ବୋଲି ପ୍ରମାଣିତ କରୁଛି। ପୂର୍ବରୁ କେନ୍ଦ୍ରୀୟ ଟିମ୍‌ର ଅନୁସନ୍ଧାନରୁ ଓଡ଼ିଶାରେ ଏକ କେନ୍ଦ୍ରୀୟ ପ୍ରାୟୋଜିତ ଯୋଜନାର ଅପବ୍ୟବହାର କଥା ପଦାକୁ ଆସିଥିଲା। ଏହାକୁ ଦୃଷ୍ଟିରେ ରଖି ଓଡ଼ିଶା ଲୋକଙ୍କ କଲ୍ୟାଣ ପାଇଁ ଘଟଣାର ସବିଶେଷ ତଥ୍ୟ ଅନୁସନ୍ଧାନ ପାଇଁ ତଦନ୍ତ ନିର୍ଦ୍ଦେଶ ଦେବା ସହ ରାଜ୍ୟ ସରକାରଙ୍କୁ ପିଏମ୍‌ଜିକେଏୱାଇ ପରିଚାଳନାରେ ତ୍ରୁଟିକୁ ସୁଧାରିବା ପାଇଁ ଆବଶ୍ୟକ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦିଆଯାଉ ବୋଲି କେନ୍ଦ୍ରମନ୍ତ୍ରୀଙ୍କୁ ଅନୁରୋଧ କରାଯାଇଛି।

## ୫୦୪ ସେଣ୍ଟରରେ ହେବ ମାଟ୍ରିକ ପରୀକ୍ଷା

**ଅନ୍‌ଲାଇନରେ ମିଳିବ ଆଡ୍‌ମିଟ୍ କାର୍ଡ**

**କଟକ ଅଫିସ,୨୨।୭**

ଆସନ୍ତା ୩୦ରୁ ଆରମ୍ଭ ହେବ ମାଟ୍ରିକ ଅଫ୍‌ଲାଇନ୍ ପରୀକ୍ଷା। ଏଥିପାଇଁ ମୋଟ୍ ୧୫,୧୫୧ ଜଣ ଛାତ୍ରୀଛାତ୍ର ଫର୍ମ ପୂରଣ କରିଛନ୍ତି। ୫୦୪ ସେଣ୍ଟରରେ ସେମାନେ ପରୀକ୍ଷା ଦେବେ। ସେଥିମଧ୍ୟରେ ୬୫୯୭ ଜଣ ୨୭୮ ସେଣ୍ଟରେ ମାଟ୍ରିକ ପରୀକ୍ଷା ଦେବେ। ସେହିପରି ୪ଟି ସେଣ୍ଟରରେ ୬୧ ଛାତ୍ରୀଛାତ୍ର ମଧ୍ୟମା ପରୀକ୍ଷା ଓ ରାଜ୍ୟ ମୁକ୍ତ ବିଦ୍ୟାଳୟ ସାର୍ଟିଫିକେଟ୍‌ରୁ ୮୪୯୩ ଜଣ ଛାତ୍ରୀଛାତ୍ର ୨୨୨ ସେଣ୍ଟରରେ ପରୀକ୍ଷା ଦେବେ। ସେମାନଙ୍କ ଆଡ୍‌ମିଟ୍ କାର୍ଡ ବୋର୍ଡ ୱେବସାଇଟ୍ (www.bseodisha.ac.in.)ରେ ଉପଲବ୍ଧ ହେବ। ଛାତ୍ରୀଛାତ୍ରମାନେ ଉକ୍ତ ୱେବ୍‌ସାଇଟରେ ନିଜ ସ୍କୁଲ କୋଡ୍ ଦାଖଲ କରି ଆଡ୍‌ମିଟ୍ କାର୍ଡ ଡାଉନ୍‌ଲୋଡ କରିପାରିବେ। ସେହିପରି କରେସପଣ୍ଡେନ୍ସ କୋର୍ସ ଛାତ୍ରୀଛାତ୍ରମାନେ ନିଜ ନାମ ଏବଂ ବାପାଙ୍କ ନାମ ଦାଖଲ କରି ଆଡ୍‌ମିଟ୍ କାର୍ଡ ଡାଉନ୍‌ଲୋଡ୍ କରିପାରିବେ। ଏଥିସହ ପରୀକ୍ଷା ସମ୍ବନ୍ଧୀୟ ସମସ୍ତ ସୂଚନା ୱେବ୍‌ସାଇଟ୍‌ରେ ଉପଲବ୍ଧ ହେବ ବୋଲି ଗୁରୁବାର ବୋର୍ଡ ପକ୍ଷରୁ ବିଜ୍ଞପ୍ତି ଜାରି କରାଯାଇଛି। ଚଳିତବର୍ଷ ପ୍ରଥମଥର ପାଇଁ ବିନା ପରୀକ୍ଷାରେ ମାଟ୍ରିକ ଫଳ ପ୍ରକାଶ ପାଇଥିଲା। ଏହାକୁ ନେଇ ଅନେକ ଛାତ୍ରୀଛାତ୍ର ଅସନ୍ତୋଷ ପ୍ରକାଶ କରିଥିଲେ। ଅସନ୍ତୁଷ୍ଟ ଛାତ୍ରୀଛାତ୍ର ଅଫ୍‌ଲାଇନ୍‌ରେ ପରୀକ୍ଷା ଦେଇପାରିବେ ବୋଲି ବୋର୍ଡ ପକ୍ଷରୁ ନିଷ୍ପତ୍ତି ନିଆଯାଇଥିଲା। ୩୦ ତାରିଖରୁ ଆରମ୍ଭ ହେବାକୁଥିବା ମାଟ୍ରିକ ରେଗୁଲାର ଓ ଏକ୍ସ-ରେଗୁଲାର, ମଧ୍ୟମା, ରାଜ୍ୟ ମୁକ୍ତବିଦ୍ୟାଳୟ ସାର୍ଟିଫିକେଟ୍ ପରୀକ୍ଷାରେ ବୋର୍ଡ ପାଖରେ ଗଚ୍ଛିତ ଥିବା ପ୍ରଶ୍ନପତ୍ର ବ୍ୟବହାର କରାଯିବ। କିନ୍ତୁ ପୁରୁଣା ଏକ୍ସ-ରେଗୁଲାର ଛାତ୍ରୀଛାତ୍ରମାନେ ସେମାନଙ୍କ ପାଠ୍ୟକ୍ରମ ଅନୁସାରେ ନୂଆ ପ୍ରଶ୍ନପତ୍ରରେ ପରୀକ୍ଷା ଦେବେ।




ବିଭିନ୍ନ ଦାବି ନେଇ ଗୁରୁବାର ଏସ୍‌ୟୁସିଆଇ ପକ୍ଷରୁ କଟକ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ।

## ପରଜଙ୍ଗରେ ଆନ୍ତଃନଦୀ ଜଳାଶୟ

- ଖର୍ଚ୍ଚ ହେବ ୫୪୫ କୋଟି
- ସମୀକ୍ଷା କଲେ ୫-ଟି ସଚିବ

**ଢେଙ୍କାନାଳ ଅଫିସ, ୨୨।୭**

ଢେଙ୍କାନାଳ ଜିଲା ପରଜଙ୍ଗ ବ୍ଲକ ଖାଲପାଳଠାରେ ୫୪୫ କୋଟି ଟଙ୍କା ବ୍ୟୟରେ ଆନ୍ତଃନଦୀ ଜଳାଶୟ ଯୋଜନା କାର୍ଯ୍ୟକାରୀ ହେବ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ପରିକଳ୍ପନାରେ ଏହି ପ୍ରକଳ୍ପ ଆରମ୍ଭ ହେବାକୁ ଯାଉଛି। ଜିଲା କାର୍ଯ୍ୟାଳୟ ଓସ୍‌ୱାନ ହଲ୍‌ରେ ଗୁରୁବାର ପୂର୍ବାହ୍ନରେ ଆୟୋଜିତ ଭିଡିଓ କନଫରେନ୍ସ ବୈଠକରେ ଯୋଗଦେଇ ୫-ଟି ସଚିବ ଭି.କେ. ପାଣ୍ଡିଆନ୍ କହିଲେ, ଭୂତଳ ଜଳ ସଂରକ୍ଷଣର ସୁବିଧା ପାଇଁ ପରଜଙ୍ଗ ବ୍ଲକ ଖାଲପାଳଠାରେ ଅନ୍ତଃନଦୀ ଜଳାଶୟ ଯୋଜନା ଶୁଭାରମ୍ଭ କରାଯିବ। ୨୦୧୯ରେ ହିନ୍ଦୋଳରେ ଅନୁଷ୍ଠିତ ଚାଷୀ ସମାବେଶରେ ଜିଲାରେ କାଳିଆ ଯୋଜନାର ଶୁଭାରମ୍ଭ ହୋଇଥିଲା। ସେହି ସମୟରେ ମୁଖ୍ୟମନ୍ତ୍ରୀ ଜିଲାରେ ଜଳସେଚନର ସୁବିଧା କରିବା ଲାଗି ପ୍ରତିଶ୍ରୁତି ଦେଇଥିଲେ। ତଦନୁଯାୟୀ ପରଜଙ୍ଗ ବ୍ଲକର ଖାଲପାଳଠାରେ ଏହାର ଶୁଭାରମ୍ଭ କରାଯିବା ଲାଗି ଯୋଜନା କରାଯାଇଥିବା ୫-ଟି ସଚିବ ସୂଚନା ଦେଇଛନ୍ତି। ସେହିପରି କୋଭିଡ୍ ସମୟରେ ଜିଲାର ଶିଳ୍ପସଂସ୍ଥାଗୁଡ଼ିକ ଅକ୍ସିଜେନ୍ ଯୋଗାଇଥିବାରୁ ସେ ଧନ୍ୟବାଦ ଜଣାଇଥିଲେ। ଆଲୋଚନାରେ ଭାଗନେଇ ଖଣିମନ୍ତ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକ କହିଲେ, ଏହି ବହୁମୁଖୀ ପ୍ରକଳ୍ପ ଦ୍ୱାରା ଭୂତଳ ଜଳସଂରକ୍ଷଣ, ଜମିକୁ ଜଳସେଚନ, ଶିଳ୍ପସଂସ୍ଥାକୁ ଜଳଯୋଗାଣ, ପାନୀୟ ଜଳ ସମସ୍ୟାର ସମାଧାନ ହୋଇପାରିବ। ଜିଲାରେ ଏଭଳି ଏକ ବୃହତ୍ ପ୍ରକଳ୍ପ ଲାଗି ଯୋଜନା ପ୍ରସ୍ତୁତ କରାଯାଇଥିବାରୁ ପରଜଙ୍ଗ ବିଧାୟକ ଡା. ନୃସିଂହ ଚରଣ ସାହୁ, ଢେଙ୍କାନାଳ ବିଧାୟକ ସୁଧୀର କୁମାର ସାମଲ, ଖାଲପାଳର ଚାଷୀ ପ୍ରଦୀପ କୁମାର ସାହୁ, ଦିଲୀପ କୁମାର ବର୍ମା ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇଛନ୍ତି। ଜିଲା ବିଜେଡି ପର୍ଯ୍ୟବେକ୍ଷକ ବିଜୟ କୁମାର ନାୟକ ଉପସ୍ଥିତ ଥିଲେ। ଜିଲା ପରିଷଦ ଅଧ୍ୟକ୍ଷା ମିନତି ନାୟକ, ଉପାଧ୍ୟକ୍ଷ କୋଦଣ୍ଡଧର ସାହୁ, ଜିଲା ବିଜେଡି କୃଷକ ସଙ୍ଗଠନ ସଭାପତି ନରୋତ୍ତମ ସାହୁ, ଲକ୍ଷ୍ମୀଧର ସାହୁ, ଇନ୍ଦ୍ରମଣି ବେହେରା, ସୁଧାଂଶୁ ଦଳେଇ, ଦେବୀ ପ୍ରସାଦ ଭୂତିଆ, ଦେବାଶିଷ ମିଶ୍ର, ହର୍ଷବର୍ଦ୍ଧନ ସିଂଦେଓ, ସାଇଶ୍ରୀ ପଟ୍ଟନାୟକ, ସାଗରିକା ମିଶ୍ର, ଧର୍ମାନନ୍ଦ ପରିଡ଼ା, ଦେବୀ ପ୍ରସାଦ ପଟ୍ଟନାୟକ, ରୁବି ବିଶ୍ୱାଳ ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ।




ବୈଠକରେ ଉପସ୍ଥିତ ଜନପ୍ରତିନିଧିମାନେ।

ଧରିତ୍ରୀ
DHARITRI
ସମ୍ବଲପୁର, ଶୁକ୍ରବାର, ୨୩ ଜୁଲାଇ, ୨୦୨୧



## ଗାଧୋଇବାବେଳେ ନଦୀରେ ବୁଡ଼ି ଯୁବକ ମୃତ

ଦେବଗଡ଼/ରିଆମାଲ,(ଡି.ଏନ.ଏ.): କୁଣ୍ଡେଇଗୋଳା ଥାନା ରୁଟାନାଳି ଗ୍ରାମ ନିକଟସ୍ଥ ଟିକିରା ନଦୀରେ ଗାଧୋଉଥିବାବେଳେ ପାଣିରେ ବୁଡ଼ି ପ୍ରତାପ ପ୍ରଧାନ(୩୫) ନାମକ ଜଣେ ଯୁବକଙ୍କର ଗୁରୁବାର ମୃତ୍ୟୁ ଘଟିଛି । ସେ ଗାଧୋଇବା ସମୟରେ ନଦୀର ପ୍ରଖର ସ୍ରୋତରେ ଭାସି ଯାଇ ବୁଡ଼ିଯାଇଥିଲେ। ଖବର ପାଇ ତାଙ୍କ ପରିବାର ଲୋକେ ସେଠାରେ ପହଞ୍ଚିବା ସହ ଗ୍ରାମବାସୀଙ୍କ ସହାୟତାରେ ପାଣିରୁ ତାଙ୍କ ମୃତଦେହ ଉଦ୍ଧାର କରିଥିଲେ। ପୋଲିସ ମୃତଦେହ ଜବତ କରିବା ସହ ବ୍ୟବଚ୍ଛେଦ ନିମନ୍ତେ ଅନୁଗୋଳ ଜିଲାର ଛେଣ୍ଡିପଦା ଡାକ୍ତରଖାନାକୁ ପଠାଇଥିବା ଜଣାପଡ଼ିଛି।

## ସଂକ୍ଷେପରେ

### ବାଇକ୍ ସହ ୫୫କିଲୋ ଗଞ୍ଜେଇ ଜବତ: ୨ ଗିରଫ

ଦେବଗଡ/ରିଆମାଲ, ୨୨।୭(ଡି.ଏନ୍.ଏ.): ବାଇକ୍ ଯୋଗେ ଚୋରା ଚାଲାଣ ବେଳେ ପୋଲିସ ପକ୍ଷରୁ ଚଢାଉ କରାଯାଇ ଗଞ୍ଜେଇ ଜବତ କରାଯାଇଛି। ଏଥିସହ ବ୍ୟବହୃତ ବାଇକ୍‌କୁ ଜବତ କରାଯାଇ ୨ଜଣ ଚୋରା ବେପାରୀଙ୍କୁ ଗିରଫ କରାଯାଇଛି। ପୋଲିସ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ଗୁରୁବାର ପ୍ରତ୍ୟୁଷ ପ୍ରାୟ ୪ଟାରେ ୨ଜଣ ଚୋରା ବେପାରୀ ଏକ ବାଇକ୍ ନଂ.ଓଡି ୩୫ ବି-୨୦୫୧ ଯୋଗେ ବିପୁଳ ପରିମାଣର ଗଞ୍ଜେଇ ସହ ଅନୁଗୋଳ-ଦେବଗଡ଼ ଜିଲା ସୀମାବର୍ତ୍ତୀ ଆଉଁଳି ଗ୍ରାମ ଆଡକୁ ଯାଉଥିବା ଜିଲା ପୋଲିସକୁ ସୂଚନା ମିଳିଥିଲା। ଏହି ସୂଚନା ଆଧାରରେ ସ୍ୱତନ୍ତ୍ର ଭାବେ ଗଠିତ ଏକ ପୋଲିସ ଦଳ ଉକ୍ତ ରାସ୍ତାରେ ଛକି ରହିଥିଲେ। ଉକ୍ତ ବାଇକ ଉକ୍ତ ରାସ୍ତା ଦେଇ ଆଗକୁ ଯାଉଥିବାବେଳେ ପୂର୍ବରୁ ସେଠାରେ ଛକି ରହିଥିବା ପୋଲିସ ଉକ୍ତ ବାଇକକୁ ଅଟକାଇବା ସହ ଯାଞ୍ଚ କରିବାରୁ ୨ଟି ବସ୍ତାରେ ଗଞ୍ଜେଇ ରହିଥିବା ଜଣାପଡିଥିଲା। ଫଳରେ ପୋଲିସ ଗଞ୍ଜେଇ ସହ ଉକ୍ତ ବାଇକକୁ ଜବତ କରିଛି। ଚୋରା ବେପାରୀ ଦ୍ୱୟଙ୍କୁ କୁଣ୍ଡେଇଗୋଳା ଥାନାକୁ ଆଣି ପଚରାଉଚରା କରିଥିଲା। ସେମାନେ ଦେବଗଡ଼ ଜିଲା ରିଆମାଳ ଥାନା ଅନ୍ତର୍ଗତ ପେଜଗଲା ଗ୍ରାମର ତରଣୀ ପ୍ରଧାନ(୨୪) ଓ କରୁଣାକର ଠାକୁର ବୋଲି ପରିଚୟ ଦେବାସହ ଉକ୍ତ ଗଞ୍ଜେଇକୁ ଅନ୍ୟତ୍ର ଚୋରା ଚାଲାଣ କରୁଥିବା ପୋଲିସ ନିକଟରେ ସ୍ୱୀକାର କରିଥିଲେ। ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ଜବତ ଗଞ୍ଜେଇକୁ ଓଜନ କରାଯିବାରୁ ଏହାର ପରିମାଣ ୫୪ କିଲୋ ୬୦୦ ଗ୍ରାମ ରହିଥିବା ଜଣାପଡିଥିଲା । ଶୁକ୍ରବାର ଗିରଫ ଅଭିଯୁକ୍ତ ଦ୍ୱୟଙ୍କୁ କୋର୍ଟ ଚାଲାଣ କରାଯିବ ବୋଲି ପୋଲିସ ସୂତ୍ରରୁ ସୂଚନା ମିଳିଛି ।

### ବେଦାନ୍ତ ଭୂତଳ ପୋଲ ରାସ୍ତାରେ ବର୍ଷାପାଣି



ଝାରସୁଗୁଡ଼ା ଅଫିସ,୨୨।୭: ବେଦାନ୍ତ ପ୍ରକଳ୍ପରୁ ବିଜୁ ଏକ୍ସପ୍ରେସ୍ ୱେକୁ ସଂଯୋଗ କରୁଥିବା ରାସ୍ତାର ମାର୍କେଟ୍‌ୟାର୍ଡ ନିକଟରେ କମ୍ପାନୀ ତରଫରୁ ଏକ ଭୂତଳ ପୋଲ ନିର୍ମାଣ କରାଯାଇଛି। ଏହି ପୋଲକୁ ଗତ ଶୁକ୍ରବାର କମ୍ପାନୀ ତରଫରୁ ଲୋକାର୍ପିତ କରାଯାଇଥିଲା। କାର୍ଯ୍ୟକ୍ରମରେ ସ୍ୱାସ୍ଥ୍ୟମନ୍ତ୍ରୀ ନବ କିଶୋର ଦାସ,ଏମ୍‌ପି ସୁରେଶ ପୂଜାରୀ, ବିଧାୟକ କିଶୋର ମହାନ୍ତି, ଜିଲାପାଳ ସରୋଜ ସାମଲ ଓ କମ୍ପାନୀ ସିଇଓ ସିଏନ୍ ସିଂହ ପ୍ରମୁଖ ଯୋଗଦେଇଥିଲେ। ପୋଲ ନିର୍ମାଣ ହେଲେ ଅଞ୍ଚଳବାସୀ ଯାତାୟାତ ସୁବିଧା ପାଇବା ସହ ଟ୍ରାଫିକ୍ ସମସ୍ୟା ରହିବ ନାହିଁ ବୋଲି ଡିଣ୍ଡିମ ପିଟାଯାଉଥିଲା। ହେଲେ ଲୋକାର୍ପିତ ହେବାର ୧ସପ୍ତାହ ନ ପୁରୁଣୁ ରାସ୍ତାରେ ଜମିରହିଛି ୪ଫୁଟ୍ ବର୍ଷାପାଣି । ଗତ ମଙ୍ଗଳବାର ରାତିରେ ବର୍ଷାହେବାରୁ ଜଳ ନିଷ୍କାସନ ହୋଇ ନ ପାରି ରାସ୍ତାରେ ଲହଡି ମାରୁଛି। ଫଳରେ ଯାନବାହନ ଚଳାଚଳ ବାଧାପ୍ରାପ୍ତ ହୋଇଛି। ଏପରି କି ଛୋଟ ଯାନ ଯିବା ଦୂରର କଥା, ଟ୍ରକ୍ ଯାଇ ନପାରି ପାଣିରେ ଅଟକି ରହିଛି ।

### ଶିବିରରେ ୩୩ୟୁନିଟ୍ ରକ୍ତ ସଂଗ୍ରହ

ବରଗଡ଼ ଅଫିସ୍,୨୨।୭: ବରଗଡ଼ ଜିଲା ଭଟଲି ବ୍ଲକ ଅନ୍ତର୍ଗତ ଟୁକୁର୍ଲା କଲ୍ୟାଣ ମଣ୍ଡପରେ ଗୁରୁବାର ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା। ଶିବିରରେ ୩୩ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିଲା। ଗ୍ରାମର ଜଣେ ଶିଶୁ ସୁମିତ ମିଶ୍ର(୮)ଙ୍କ ଜନ୍ମଦିନ ପାଳନ ଅବସରରେ ସ୍ୱେଚ୍ଛାସେବୀ ଅନୁଷ୍ଠାନ ସଂକଳ୍ପ ପରିବାର ଏହି ଶିବିରର ଆୟୋଜନ କରିଥିଲା। ଅବସରପ୍ରାପ୍ତ ବାୟୁସେନା ଅଧିକାରୀ ହିମାଂଶୁ ଶେଖର ମେହେର, ଗୋପବନ୍ଧୁ ସାହୁ ଅତିଥିଭାବେ ଯୋଗଦାନ କରି ଶିବିରକୁ ଉଦଘାଟନ କରିଥିଲେ। ବରଗଡ଼ ରକ୍ତ ଭଣ୍ଡାର କର୍ମଚାରୀ ରାକେଶ କୁମାର ରଣା, ଇପସିତା ମହାନ୍ତି, ବବିତା ମହାନ୍ତି ପ୍ରମୁଖ ରକ୍ତ ସଂଗ୍ରହ କରିଥିଲେ । ସଂକଳ୍ପ ପରିବାରର ଶେଷଦେବ ପ୍ରଧାନ, ଅକ୍ଷୟ ମିଶ୍ର, ପିଙ୍କୁ ବେହେରା ଶିବିର ପରିଚାଳନା କରିଥିଲେ।

# ‘ଶିଳ୍ପର ବିବିଧିକରଣ ନିଯୁକ୍ତି ସୁଯୋଗ ସୃଷ୍ଟି କରୁଛି’

ଭୁବନେଶ୍ୱର,୨୨।୭(ବ୍ୟୁରୋ)



ଭର୍ଚୁଆଲରେ ଟାଟା ଚା’ ପ୍ୟାକେଜିଂ ୟୁନିଟ୍‌କୁ ଉଦ୍‌ଘାଟନ କରୁଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ନିକଟରେ ୫–ଟି ସଚିବ ଭି.କେ. ପାଣ୍ଡିଆନ୍।

**ଟାଟା ଚା’ ପ୍ୟାକେଜିଂ ୟୁନିଟ୍‌ର ଶୁଭାରମ୍ଭ**
- ୧୦୦ କୋଟି ପୁଞ୍ଜିନିବେଶ ହେବ
- ୯୦୦ ଲୋକଙ୍କୁ ମିଳିବ ନିଯୁକ୍ତି

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗୁରୁବାର ଭିଡିଓ କନ୍‌ଫରେନ୍ସ ଜରିଆରେ ଗୋପାଳପୁର ଶିଳ୍ପ ପାର୍କରେ ଟାଟା ଚା’ ପ୍ୟାକେଜିଂ ୟୁନିଟ୍‌ର ଶୁଭାରମ୍ଭ କରିଛନ୍ତି। ଏହି ପ୍ରକଳ୍ପରେ ୧୦୦ କୋଟି ଟଙ୍କାର ପୁଞ୍ଜିନିବେଶ ହେବ। ଆସନ୍ତା ୧୮ ମାସ ମଧ୍ୟରେ ଏହା କାର୍ଯ୍ୟକ୍ଷମ ହେବ। ଏଥିରେ ଗଞ୍ଜାମ ଜିଲାର ୯୦୦ ଲୋକଙ୍କୁ ନିଯୁକ୍ତି ସୁଯୋଗ ମିଳିବ ବୋଲି ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ କୁହାଯାଇଛି। ଏହି ପ୍ୟାକେଜିଂ ପ୍ଲାଣ୍ଟ ଦେଶର ସର୍ବବୃହତ୍ ପ୍ଲାଣ୍ଟରେ ପରିଣତ ହେବ। ଏଥିରେ ବର୍ତ୍ତମାନ ଟାଟା ପ୍ୟାକେଜିଂ ୟୁନିଟ୍‌ରୁ ୧୫ ନିୟୁତ କେଜି ଚା’ ଉତ୍ପାଦନ କରାଯାଉଥିବା ବେଳେ ଏହା ୫୦ ନିୟୁତ କେଜିକୁ ବୃଦ୍ଧିପାଇବ। ଏହି ପ୍ଲାଣ୍ଟ ଓଡ଼ିଶା ସମେତ ଆନ୍ଧ୍ର, ତାମିଲନାଡୁ, କର୍ନାଟକ ଓ ତେଲଙ୍ଗାନା ଆଦି ରାଜ୍ୟକୁ ଚା’ ଯୋଗାଇବ।

ଏହି ଅବସରରେ ମୁଖ୍ୟମନ୍ତ୍ରୀ ଓଡ଼ିଶାରେ ଟାଟା ଗ୍ରୁପ୍‌ର ଭୂମିକାକୁ ପ୍ରଶଂସା କରିଛନ୍ତି। ରାଜ୍ୟର ଶିଳ୍ପ ବିକାଶ କ୍ଷେତ୍ରରେ ଏହା ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଛି। ଶିକ୍ଷା, ସ୍ୱାସ୍ଥ୍ୟ ଓ ଦକ୍ଷତା ବିକାଶ କ୍ଷେତ୍ରରେ ରାଜ୍ୟ ସରକାରଙ୍କ ସହ ଅଂଶୀଦାର ହୋଇ କାର୍ଯ୍ୟ କରୁଛି। କୋଭିଡ୍ ମହାମାରୀ ସମୟରେ ଜରୁରିକାଳୀନ ମେଡିକାଲ ଅକ୍ସିଜେନ ଯୋଗାଇଥିବାରୁ ମୁଖ୍ୟମନ୍ତ୍ରୀ ଟାଟାକୁ ଧନ୍ୟବାଦ ଦେଇଛନ୍ତି। ରାଜ୍ୟର ଶିଳ୍ପ ସ୍ଥାପନ ସମ୍ପର୍କରେ ସୂଚନା ଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଓଡ଼ିଶା ଶିଳ୍ପ ବିକାଶ କ୍ଷେତ୍ରରେ ଦେଶରେ ଆଗୁଆ ରାଜ୍ୟ ଭାବେ ରହିବ। ରାଜ୍ୟ ସରକାରଙ୍କ ଶିଳ୍ପ ନୀତି ଓ ସୁଯୋଗ ସୃଷ୍ଟି ପେଟ୍ରୋ କେମିକାଲ, ଖାଦ୍ୟ ପ୍ରକ୍ରିୟାକରଣ, ପୋଷାକ ଆଦି ଶିଳ୍ପ କ୍ଷେତ୍ରରେ ପୁଞ୍ଜିନିବେଶକୁ ଆକୃଷ୍ଟ କରିପାରିଛି। ଶିଳ୍ପର ବିବିଧୀକରଣ ରାଜ୍ୟରେ ନିଯୁକ୍ତି ସୁଯୋଗକୁ ତ୍ୱରାନ୍ୱିତ କରିବ ବୋଲି ମୁଖ୍ୟମନ୍ତ୍ରୀ ଆଶାପ୍ରକଟ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ଯୋଗ ଦେଇ ଶିଳ୍ପମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ର ଗତ ୨୦ ବର୍ଷ ମଧ୍ୟରେ ରାଜ୍ୟରେ ଶିଳ୍ପର ବହୁଳ ବିକାଶ ହୋଇଥିବା ବିଷୟ ଉଲ୍ଲେଖ କରିଥିଲେ। ଶିଳ୍ପ ଅଭିବୃଦ୍ଧି ପାଇଁ ଅନୁକୂଳ ବାତାବରଣ ସୃଷ୍ଟି କରିବାରେ ଓଡ଼ିଶା ସହାୟକ ହୋଇଛି। ମୁଖ୍ୟମନ୍ତ୍ରୀଙ୍କ ସଚିବ(୫–ଟି) ଭି.କେ. ପାଣ୍ଡିଆନ କାର୍ଯ୍ୟକ୍ରମକୁ ସଂଚାଳନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଗଞ୍ଜାମ ଜିଲାପାଳ ବିଜୟ ଏ. କୁଲାଙ୍ଗେ ସ୍ୱାଗତ ଭାଷଣ ଦେଇଥିବା ବେଳେ ଟାଟା ଷ୍ଟିଲ୍ ଏମ୍‌ଡି ଟି.ଭି. ନରେନ୍ଦ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ଶିଳ୍ପ ସଚିବ ହେମନ୍ତ ଶର୍ମା ଓ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀ ଯୋଗଦେଇଥିଲେ।



ପୁରୀ: ରତ୍ନସିଂହାସନ ପାଇଁ ଗୁରୁବାର ଦରଜି ସେବକମାନେ କନକମୁଣ୍ଡି ଚାନ୍ଦୁଆ ପ୍ରସ୍ତୁତ କରୁଛନ୍ତି।

# ଫୋନ୍ ଟ୍ୟାପିଂ ଘଟଣାର ଜେପିସି ତଦନ୍ତ ଦାବି



ବିଧାୟକ ନରସିଂହ ମିଶ୍ର ଗୁରୁବାର ବଲାଙ୍ଗୀରଠାରେ ଖବରଦାତା ସମ୍ମିଳନୀରେ ସୂଚନା ଦେଉଛନ୍ତି।

ବଲାଙ୍ଗୀର ଅଫିସ,୨୨।୭

**ପେଗାସସ୍ ଘଟଣା ବ୍ୟକ୍ତିର ମୌଳିକ ଅଧିକାର କ୍ଷୁର୍ଣ୍ଣ କରୁଛି: ନରସିଂହ**

ପେଗାସସ୍ ଗୁଇନ୍ଦାଗିରି ସାରା ଦେଶରେ ଚହଳ ସୃଷ୍ଟି କରିଛି। ପେଗାସସ୍ ଘଟଣା ବ୍ୟକ୍ତିର ମୌଳିକ ଅଧିକାରକୁ କ୍ଷୁର୍ଣ୍ଣ କରିଛି ବୋଲି ବିଧାନସଭାରେ କଂଗ୍ରେସ ବିଧାୟକ ଦଳନେତା ତଥା ବଲାଙ୍ଗୀର ବିଧାୟକ ନରସିଂହ ମିଶ୍ର ଗୁରୁବାର ଏକ ଖବରଦାତା ସମ୍ମିଳନୀରେ ଅଭିଯୋଗ କରିଛନ୍ତି। ମୋଦୀ ନେତୃତ୍ୱାଧୀନ କେନ୍ଦ୍ର ସରକାର ତାଙ୍କ ବିରୋଧୀ ରାଜନେତା, ଗଣମାଧ୍ୟମ ପ୍ରତିନିଧି, ଏପରିକି ସର୍ବୋଚ୍ଚ ନ୍ୟାୟାଳୟର ବିଚାରପତିମାନଙ୍କ ଫୋନ୍ ଟ୍ୟାପିଂ କରି ପରବର୍ତ୍ତୀ ସମୟରେ ନିଜ ସ୍ୱାର୍ଥ ପାଇଁ ସେସବୁ ବ୍ୟବହାର କରିଛନ୍ତି। ଏଥିରେ ବ୍ୟକ୍ତି ମୌଳିକ ଅଧିକାର କ୍ଷୁର୍ଣ୍ଣ ହେଉଛି। ଜନସାଧାରଣ ତଥା ନିଜ ରାଜନୈତିକ ବିରୋଧୀଙ୍କ ଫୋନ ଟ୍ୟାପିଂ କରିବା କେନ୍ଦ୍ର ସରକାରର ଏକଛତ୍ରବାଦୀ ମନୋଭାବର ସ୍ପଷ୍ଟ ପ୍ରମାଣ। ଏଭଳି ପରିସ୍ଥିତି ଦ୍ୱାରା ଦେଶର ସୁରକ୍ଷା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି ବୋଲି ବିଧାୟକ ମିଶ୍ର କହିଥିଲେ। ଏହି ଘଟଣା ପାଇଁ କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହ ନିଜେ ଦୋଷ ସ୍ୱୀକାର କରି ନିଜ ପଦବୀରୁ ତୁରନ୍ତ ଇସ୍ତଫା ଦିଅନ୍ତୁ ବୋଲି ମିଶ୍ର ଦାବି କରିଥିଲେ। ଆଗାମୀ ଦିନରେ କଂଗ୍ରେସ ଦଳ କେନ୍ଦ୍ର ସରକାର ବିରୋଧରେ ରାସ୍ତାକୁ ଓହ୍ଲାଇବ ବୋଲି କହିଥିଲେ। ଦେଶରେ ହଇଚଇ ସୃଷ୍ଟି କରିଥିବା ଏହି ଗୋଇନ୍ଦାଗିରି ଘଟଣାର ନିରପେକ୍ଷ ତଦନ୍ତ ସର୍ବୋଚ୍ଚ ନ୍ୟାୟାଳୟର ଏକ କାର୍ଯ୍ୟରତ ବିଚାରପତି କିମ୍ବା ଜଏଣ୍ଟ ପାର୍ଲାମେଣ୍ଟାରୀ କମିଟି(ଜେପିସି) ଦ୍ୱାରା କରାଯାଉ ବୋଲି ସେ ଦାବି କରିଥିଲେ। ଖବରଦାତା ସମ୍ମିଳନୀରେ ଚାଷୀଙ୍କ ଧାନକିଣା ପ୍ରସଙ୍ଗକୁ ନେଇ ଉଭୟ ଭାଜପା ଓ ବିଜେଡିର ଆନ୍ଦୋଳନକୁ ପ୍ରହସନ ବୋଲି ସେ କହିଥିଲେ। କେନ୍ଦ୍ର ସରକାର ଏଫ୍‌ସିଆଇକୁ ନିର୍ଦ୍ଦେଶ ଦେଇ ଚାଷୀଙ୍କ ଧାନ କିଣନ୍ତୁ । ଏପଟେ ରାଜ୍ୟ ସରକାର ଧାନ ନ କିଣିଲେ କେନ୍ଦ୍ର ସରକାର ଏଫ୍‌ସିଆଇ ମାଧ୍ୟମରେ କିଣିବା ପାଇଁ ବାଧ ହେବେ। ତେଣୁ ଏହି ପ୍ରସଙ୍ଗରେ ଅଧିକ ପ୍ରହସନ ନକରି ଚାଷୀଙ୍କୁ ଉଚିତ୍ ନ୍ୟାୟ ପ୍ରଦାନ କରନ୍ତୁ ବୋଲି ସେ କହିଥିଲେ। ପେଟ୍ରୋଲ ଓ ଡିଜେଲର ଦାମ ଅହେତୁକ ବୃଦ୍ଧି ଯୋଗୁଁ ସାଧାରଣ ଜନତା ହଇରାଣ ହେଉଛନ୍ତି। ତେଣୁ କେନ୍ଦ୍ର ସରକାର ପଟ୍ରୋଲ ଡିଜେଲ ଉପରୁ ଟିକସ ହ୍ରାସ କରନ୍ତୁ ବୋଲି ବିଧାୟକ ମିଶ୍ର ଦାବି କରିଥିଲେ। ଖବରଦାତା ସମ୍ମିଳନୀରେ ଜିଲା କଂଗ୍ରେସ ସଭାପତି ଦିଲୀପ ବେହେରା, ମହିଳା କଂଗ୍ରେସ ସଭାନେତ୍ରୀ ମିଳନୀ ସାହୁ ମଞ୍ଚାସୀନ ଥିଲେ।

# ଲଘୁଚାପ: ୧୨ ଜିଲାରେ ପ୍ରବଳ ବର୍ଷା ସମ୍ଭାବନା

ଭୁବନେଶ୍ୱର,୨୨।୭(ବ୍ୟୁରୋ)

ଉତ୍ତର–ପଶ୍ଚିମ ବଙ୍ଗୋପସାଗର ଏବଂ ଏହାର ଆଖପାଖ ଅଞ୍ଚଳରେ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହୋଇଛି। ଏଥିସହିତ ସମୁଦ୍ର ପତ୍ତନଠାରୁ ୭.୬ କି.ମି. ଉପରେ ଏକ ଘୂର୍ଣ୍ଣବଳୟ ରହିଛି। ଏହାର ପ୍ରଭାବରେ ଆସନ୍ତା ୨୬ ତାରିଖ ଯାଏ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ସମ୍ଭାବନା ରହିଛି।

୪୮ ଘଣ୍ଟା ମଧ୍ୟରେ ରାଜ୍ୟର ଅଧିକାଂଶ ଜିଲାରେ ହାଲୁକାରୁ ମଧ୍ୟମ ଧରଣର ବର୍ଷା ହେବାର ସମ୍ଭାବନା ରହିଛି। ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ପୁରୀ, ଖୋର୍ଦ୍ଧା, କଟକ, ଜଗତ୍‌ସିଂହପୁର, କେନ୍ଦ୍ରାପଡ଼ା, ଯାଜପୁର, ଢେଙ୍କାନାଳ, ଅନୁଗୋଳ, କନ୍ଧମାଳ, ବୌଦ୍ଧ, ସମ୍ବଲପୁର ଏବଂ ସୋନପୁର ଜିଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଏହି ସମୟରେ ଭଦ୍ରକ , ବାଲେଶ୍ୱର, ମୟୂରଭଞ୍ଜ, କେନ୍ଦୁଝର, ନୟାଗଡ଼, ଗଞ୍ଜାମ, ଦେବଗଡ଼, ବଲାଙ୍ଗୀର, କଳାହାଣ୍ଡି, ମାଲକାନଗିରି ଏବଂ କୋରାପୁଟ ଜିଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ପ୍ରବଳ ବର୍ଷାର ସମ୍ଭାବନା ରହଛି। ଏ ନେଇ ପାଣିପାଗ ଢ଼ ଅନୁଗୋଳ, କଟକ, ଢେଙ୍କାନାଳ, ଯାଜପୁର, ଭଦ୍ରକ ଏବଂ ବାଲେଶ୍ୱର ଜିଲାରେ ପ୍ରବଳ ବର୍ଷା ସମ୍ଭାବନା ରହିଛି।

ସେହିପରି ୨୪ ତାରିଖରେ ସୁନ୍ଦରଗଡ଼, କେନ୍ଦୁଝର, ମାଲକାନଗିରି, କୋରାପୁଟ, ବରଗଡ଼ ଏବଂ ଝାରସୁଗୁଡା ଜିଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା ସମ୍ଭାବନା ରହିଛି। ୨୫ ତାରିଖରେ ମୟୂରଭଞ୍ଜ ଏବଂ କେନ୍ଦୁଝର ଜିଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ପ୍ରବଳ ବର୍ଷାର ସମ୍ଭାବନା ରହିଛି। ୨୬ ତାରିଖରେ କେନ୍ଦୁଝର, ମୟୂରଭଞ୍ଜ, ବାଲେଶ୍ୱର, ସୁନ୍ଦରଗଡ଼, ଝାରସୁଗୁଡ଼ା, ସମ୍ବଲପୁର, ବରଗଡ଼, ମାଲକାନଗିରି ଏବଂ କୋରାପୁଟ ଜିଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଏ ନେଇ ପାଣିପାଗ ବିଭାଗ ପକ୍ଷରୁ ୟେଲୋୱାର୍ନିଂ ଜାରି କରାଯାଇଛି। ୨୩ରୁ ୨୫ ତାରିଖ ଯାଏ ଉପକୂଳରେ ଘଣ୍ଟା ପ୍ରତି ୫୦ରୁ ୬୦ କି.ମି. ବେଗରେ ପବନ ବହିବା ସମ୍ଭାବନା ରହିଛି। ଏହି ସମୟରେ ମତ୍ସ୍ୟଜୀବୀମାନଙ୍କୁ ସମୁଦ୍ରକୁ ଯିବାକୁ ବାରଣ କରାଯାଇଛି। ଯେଉଁମାନେ ଗଭୀର ସମୁଦ୍ରରେ ଅଛନ୍ତି ସେମାନେ ତୁରନ୍ତ କୂଳକୁ ଫେରି ଆସିବାକୁ ପରାମର୍ଶ ଦିଆଯାଇଛି। ଲଘୁଚାପ ଉପରେ ସତର୍କ ଦୃଷ୍ଟି ରଖିବାକୁ ଜିଲାପାଳମାନଙ୍କୁ ସ୍ୱତନ୍ତ୍ର ରିଲିଫ୍ କମିଶନରଙ୍କ କାର୍ଯ୍ୟାଳୟ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି।

## ବରିଷ୍ଠ ନାଗରିକ ସଂଘର ବୈଠକ

ବରଗଡ଼ ଅଫିସ୍,୨୨।୭

ବରଗଡ଼ ଜିଲା ବରିଷ୍ଠ ନାଗରିକ ସଂଘ କାର୍ଯ୍ୟାଳୟରେ ଗୁରୁବାର ସାଧାରଣ ପରିଷଦ ବୈଠକ ଅନୁଷ୍ଠିତ ହୋଇଯାଇଛି। ସଭାପତି ଅମରେନ୍ଦ୍ର ନାରାୟଣ ଯାଦବଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଗୌନ୍ତିଆ କୁମାର ସାହୁ, ସୁରେନ୍ଦ୍ର ମୋହନ ଚାନ୍ଦ, ରକ୍ଷାକାରୀ ବିଶି, କେଦାର ମିଶ୍ର ମଞ୍ଚାସୀନ ଥିଲେ। କରୋନାର ତୃତୀୟ ଲହର ଆଶଙ୍କା ଥିବା ଯୋଗୁ ତାକୁ ମୁକାବିଲା ନେଇ ବୈଠକରେ ଆଲୋଚନା ହୋଇଥିଲା । ଜିଲାର ବରପାଲି, ଅତାବିରା, ଭଟଲି, ପାଇକମାଲ, ପଦ୍ମପୁର, ଗାଇସିଲେଟ, ବରଗଡ଼ ମ୍ୟୁନିସିପାଲିଟି ପ୍ରତିନିଧିମାନେ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଜିଲାର ପ୍ରତି ବ୍ଲକରେ ବରିଷ୍ଠ ନାଗରିକ କାଯର୍‌ୟାଳୟ ପାଇଁ ଗୃହ ପ୍ରଦାନ ନେଇ ଜିଲା ପ୍ରଶାସନ ତଥା ସ୍ଥାନୀୟ ଜନ ପ୍ରତିନିଧିମାନଙ୍କୁ ଅନୁରୋଧ କରିବା ପାଇଁ ବୈଠକରେ ନିଷ୍ପତ୍ତି ହୋଇଥିଲା।

# ଭାଜପା ଏମ୍‌ପି ଅଜ୍ଞତାର ପରିଚୟ ଦେଇଛନ୍ତି: ସସ୍ମିତ

ଭୁବନେଶ୍ୱର, ୨୨।୭(ବ୍ୟୁରୋ)



ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଅନ୍ନ ଯୋଜନା (ପିଏମ୍‌ଜିକେଏୱାଇ)ରେ କେନ୍ଦ୍ରରୁ ମିଳୁଥିବା ଖାଦ୍ୟଶସ୍ୟ ବଣ୍ଟନରେ ଓଡ଼ିଶା ଅନ୍ୟ ରାଜ୍ୟଙ୍କ ତୁଳନାରେ ଉନ୍ନତ ପ୍ରଦର୍ଶନ କରୁଛି। ହେଲେ ଏହା ନ ଜାଣି ଓଡ଼ିଶାର ଭାଜପା ଏମ୍‌ପିମାନଙ୍କ ପକ୍ଷରୁ କେନ୍ଦ୍ରମନ୍ତ୍ରୀ ପୀୟୁଷ ଗୋଏଲଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଏହା ସେମାନଙ୍କ ଅଜ୍ଞତାର ଗଭୀରତାକୁ ଦର୍ଶାଉଛି ବୋଲି ବିଜେଡି ରାଜ୍ୟ ସଭା ଏମ୍‌ପି ସସ୍ମିତ ପାତ୍ର କହିଛନ୍ତି। ସସ୍ମିତ କହିଛନ୍ତି, ପିଏମ୍‌ଜିକେଏୱାଇରେ ୨୦୨୧ ମେ ଓ ଜୁନ୍ ମାସ ପାଇଁ ଓଡ଼ିଶାକୁ ୩.୨୪ ଲକ୍ଷ ମେଟ୍ରିକ ଟନ୍ ଖାଦ୍ୟଶସ୍ୟ ମଞ୍ଜୁର ହୋଇଥିଲା। ସେଥିରୁ ୯୯.୮% ଉଠାଣ ହୋଇଛି ଏବଂ ୯୬.୧% ବଣ୍ଟା ଯାଇଛି। ଜୁଲାଇ ଓ ଅଗଷ୍ଟ ପାଇଁ ଓଡ଼ିଶାକୁ ୩.୨୪ ଲକ୍ଷ ମେଟ୍ରିକ ଟନ୍ ମଞ୍ଜୁର ହୋଇଥିବାବେଳେ ସେଥିରୁ ୯୯.୩% ଉଠାଣ ଏବଂ ଆଜିସୁଦ୍ଧା ୮୪.୯% ବଣ୍ଟା ସରିଛି। ଆସନ୍ତା ୭ ଦିନ ମଧ୍ୟରେ ଅବଶିଷ୍ଟ ସାମଗ୍ରୀ ଗରିବ ଲୋକଙ୍କୁ ପ୍ରଦାନ କରାଯିବ। ମିଳିଥିବା ଖାଦ୍ୟଶସ୍ୟରୁ ଓଡ଼ିଶା ୯୮.୮% ବଣ୍ଟନ କରିଥିବା ଭାରତ ସରକାରଙ୍କ ପୋର୍ଟାଲରେ ଦର୍ଶାଯାଇଛି। ସେହିପରି ଭାଜପା ଶାସିତ ରାଜ୍ୟ ଉତ୍ତରାଖଣ୍ଡ ମାତ୍ର ୫୦.୩% ବଣ୍ଟନ କରିଥିବାବେଳେ, ବିହାର, ହରିଆନା ଏବଂ କର୍ନାଟକ ଏ କ୍ଷେତ୍ରରେ ଓଡ଼ିଶା ଠାରୁ ଢେର ପଛରେ ଥିବା ଉକ୍ତ ପୋର୍ଟାଲରେ ଉଲ୍ଲେଖ ରହିଛି। କିନ୍ତୁ ଭାଜପା ଏମ୍‌ପିମାନଙ୍କ ସ୍ମାରକପତ୍ର ପ୍ରଦାନ ଓ ଦଳର ନେତାମାନଙ୍କ ମନଗଢା, ଭିତ୍ତିହୀନ ବିବୃତି ଦେଖି ଓଡ଼ିଶାବାସୀ ହସୁଛନ୍ତି। ଓଡ଼ିଶା ସରକାରଙ୍କ ଭଲ କାର୍ଯ୍ୟକୁ ଖରାପ ବୋଲି ଦର୍ଶାଉଥିବା ନେତାମାନେ ଯେଉଁ ଭାଜପା ଶାସିତ ରାଜ୍ୟଗୁଡ଼ିକ ଖାଦ୍ୟଶସ୍ୟ ବଣ୍ଟନ କ୍ଷେତ୍ରରେ ନୈରାଶ୍ୟଜନକ ପ୍ରଦର୍ଶନ କରୁଛନ୍ତି, ସେଠାକାର ସରକାରଙ୍କୁ ପ୍ରଭାବଶାଳୀ ଢଙ୍ଗରେ କାର୍ଯ୍ୟ କରିବାକୁ ପରାମର୍ଶ ଦିଅନ୍ତୁ ବୋଲି ବିଜେଡି ଏମ୍‌ପି ସସ୍ମିତ ପରାମର୍ଶ ଦେଇଛନ୍ତି।

## ପଲିଥିନ ଟଣା ଘରେ ଦିନ କାଟୁଛନ୍ତି ଯଜ୍ଞ

ବିନିକା,୨୨।୭(ଡି.ଏନ୍.ଏ.)



ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ ବାଙ୍କିଘିର୍ଡି ପଞ୍ଚାୟତ ଅନ୍ତର୍ଗତ ଅରିଗାଁ ଗ୍ରାମମ ଯଜ୍ଞ ଭରାସାଗର(୫୧) । ବିବାହର ତିନିମାସ ପରେ କୌଣସି କାରଣରୁ ସ୍ୱାମୀ ତାଙ୍କୁ ଛାଡି କେଉଁଆଡେ ଚାଲିଗଲେ । ଫଳରେ ସେ ବାପଘର ଅରିଗାଁକୁ ଚାଲି ଆସିଥିଲେ। ପରିବାରର ଆର୍ଥିକ ସ୍ଥିତି ସ୍ୱଚ୍ଛଳ ନ ଥିବାରୁ ସେ ବର୍ତ୍ତମାନ ମୂଲ ଲାଗି ଚଳୁଛନ୍ତି। ଏହାମଧ୍ୟରେ ବଡ ଭଉଣୀର ପୁଅ କାହ୍ନା(୧୫)ଙ୍କୁ ପୁଅ ଭାବେ କୋଲେଇ ନେଇ ପ୍ରତିପୋଷଣ କରୁଛନ୍ତି। କାମ କରି ମିଳୁଥିବା ଅର୍ଥରେ କୌଣସି ମତେ ଘର ଚଳାଉଥିବା ବେଳେ କାହ୍ନାକୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ପଢାଇଛନ୍ତି। ନିଜର ଜମିବାଡି କିଛି ନାହିଁ । ବାପଘରେ ଆଶ୍ରୟ ନେଇଥିବା ଯଜ୍ଞଙ୍କୁ ଆଜିଯାଏ ଆବାସ ଯୋଜନାରେ ଘର ମିଳିନାହିଁ । ଦୀର୍ଘ ବର୍ଷ ହେଲା ଝାଟିମାଟି ପଲିଥିନ ଟଣା ଘରେ ଅତ୍ୟନ୍ତ ଦୟନୀୟ ଅବସ୍ଥାରେ ଦିନ କାଟୁଛନ୍ତି । ସରକାରୀ ଯୋଜନାରେ ତାଙ୍କୁ ମିଳୁଛି ମାସିକ ଭତ୍ତା ୫ଶହ ଟଙ୍କା ଓ ୫ କେଜି ଚାଉଳ । ଅପରପକ୍ଷରେ ଦାରିଦ୍ର୍ୟ ସୀମାରେଖା ତଳେ ଥାଇ ମଧ୍ୟ ତାଙ୍କୁ ଅନ୍ତୋଦୟ, ଅନ୍ନପୂର୍ଣ୍ଣା ଯୋଜନାରେ ୩୫ କେଜି ଚାଉଳ ମିଳୁନାହିଁ । ଆବାସ ଯୋଜନାରେ ଘର ପାଇବା ପାଇଁ ବହୁବାର ଆବେଦନ କରି ବିଭାଗୀୟ ଅଧିକାରୀଙ୍କ ନିକଟକୁ ଦୌଡୁଥିଲେ ହେଁ କୌଣସି ସୁଫଳ ମିଳିନାହିଁ। ଯଥାଶୀଘ୍ର ତାଙ୍କୁ ଆବାସ ଯୋଜନାରେ ଘର ଯୋଗାଇ ଦେବା ସହ ଅନ୍ତୋଦୟ ଅବା ଅନ୍ନପୂର୍ଣ୍ଣା ଯୋଜନାରେ ସାମିଲ କରାଯିବାକୁ ସେ ନିବେଦନ କରିଛନ୍ତି। ଏନେଇ ବାଙ୍କିଘିର୍ଡି କାର୍ଯ୍ୟନିର୍ବାହୀ ଅଧିକାରୀ ନିମାଇଁ ଚରଣ ନାଇକଙ୍କୁ ପଚାରିବାରେ ଯଜ୍ଞ ଯେଭଳି ଗୃହ ଏବଂ ଅନ୍ତୋଦୟ ଅନ୍ନପୂର୍ଣ୍ଣା ଯୋଜନାରେ ସାମିଲ ହେବେ ସେ ଦିଗରେ ବିହିତ ପଦକ୍ଷେପ ନିଆଯିବ ବୋଲି କହିଥିଲେ ।

## ମିନିଟ୍ରକ୍‌ରୁ ମିଳିଲା ୨.୩୦ କୁଇଣ୍ଟାଲ ଗଞ୍ଜେଇ

ରେଢାଖୋଲ,୨୨।୭(ଡି.ଏନ.ଏ.)



ମିନିଟ୍ରକ୍‌ର ସ୍ୱତନ୍ତ୍ର ଚାମ୍ବରରେ ଥିବା ଗଞ୍ଜେଇ ଓ ଗିରଫ ୩ ଅଭିଯୁକ୍ତ।

- ଅଭିନବ ଉପାୟରେ ହେଉଥିଲା ଚାଲାଣ
- ୩ ଗିରଫ, କାର୍ ସହ ନଗଦ ୧ଲକ୍ଷ ଟଙ୍କା ଜବତ

ସୋମବାର ବିଳମ୍ବିତ ରାତିରେ ସମ୍ବଲପୁର ଜିଲା ରେଢାଖୋଲ ପୋଲିସ ସହର ଉପକଣ୍ଠ ରେଳଷ୍ଟେଶନ ନିକଟରୁ ଗଞ୍ଜେଇ ଭର୍ତ୍ତି ମିନିଟ୍ରକ୍ (ଓଆର୦୨–ବିକେ–୩୭୪୮) ଜବତ କରିବା ସହ ୨ଜଣଙ୍କୁ ଅଟକ ରଖି ତଦନ୍ତ କରୁଥିଲା। ଏହି ଟ୍ରକ୍‌ରୁ ପୋଲିସ ଗୁରୁବାର ୨କୁଇଣ୍ଟାଲ ୩୦ କେଜି ଗଞ୍ଜେଇ ଜବତ କରିଥିବା ବେଳେ ସମ୍ପୃକ୍ତ ୩ ଅଭିଯୁକ୍ତଙ୍କୁ ଗିରଫ କରିଛି। ଏହାସହ ମିନିଟ୍ରକ୍‌କୁ ଏସ୍କର୍ଟ କରୁଥିବା ଏକ ମାରୁତି ସ୍ୱିଫ୍ଟ କାର୍ (ଓଡି୦୨–ଏଏଲ–୦୩୯୭), ନଗଦ ୧ଲକ୍ଷ ୧୫ଶହ ଟଙ୍କା ଓ ୪ଟି ମୋବାଇଲ ଫୋନ୍ ଜବତ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ବୌଦ୍ଧ ଜିଲା କଣ୍ଟାମାଳ ଥାନା ଧାନଖଣ୍ଡି ଗ୍ରାମର ପିଙ୍କୁ ବାରିକ(୨୯), ପୁରୀ ଜିଲା ନିମାପଡା ଥାନା ଶକଡା ଗ୍ରାମର ଛବି ଦାସ (୪୦) ଓ ତଳତଅଁଳାର ନିରଞ୍ଜନ ସାହୁ(୪୦) ବୋଲି ଥାନା ଅଧିକାରୀ ସୁରୁବାବୁ ଛତ୍ରିଆ ସୂଚନା ଦେଇଛନ୍ତି। ଅଭିଯୁକ୍ତମାନେ ଉକ୍ତ ଗଞ୍ଜେଇ ବୌଦ୍ଧ ଜିଲା କଣ୍ଟାମାଳ ଅଞ୍ଚଳରୁ ଆଣି କଟକ ନେଉଥିବା ପୋଲିସକୁ କହିଛନ୍ତି। ମିନିଟ୍ରକ୍ ଡାଲା ତଳେ ସ୍ୱତନ୍ତ୍ର ଭାବେ ତିଆରି ହୋଇଥିବା ଚାମ୍ବରରେ ଥିବା ଗଞ୍ଜେଇକୁ ଏକ୍‌ଜିକ୍ୟୁଟିଭ ମାଜିଷ୍ଟ୍ରେଟ ତଥା ଅତିରିକ୍ତ ତହସିଲଦାରଙ୍କ ଉପସ୍ଥିତିରେ ଅଭିଯୁକ୍ତମାନେ ଡେମୋ କରି ଦେଖାଇଥିଲେ। ପରେ ସେମାନେ ଉକ୍ତ ଚାମ୍ବରରେ ପଲିଥିନରେ ରଖାଯାଇଥିବା ସମୁଦାୟ ୧୫୩ଟି ପ୍ୟାକେଟ ବାହାର କରିଥିଲେ। ଏସ୍‌ଡିପିଓ ଜ୍ୟୋତ୍ସ୍ନାରାଣୀ ପ୍ରଧାନ, ଥାନା ଅଧିକାରୀ ସୁରୁବାବୁ ଛତ୍ରିଆ, ଏସ୍‌ଆଇ ସୌମ୍ୟରଞ୍ଜନ ମହାଲିକ ପ୍ରମୁଖ ଉପସ୍ଥିତ ଥିଲେ। ରେଢାଖୋଲ ଥାନା କେସ୍ ନଂ. ୧୨୯, ଦଫା ୨୦(ବି)୨(ସି) ଏନ୍‌ଡିପିଏସ୍ ଆକ୍ଟରେ ମାମଲା ରୁଜୁ କରାଯାଇ ୩ ଅଭିଯୁକ୍ତଙ୍କୁ ଗୁରୁବାର ଏସ୍‌ଡିଜେଙ୍କ କୋର୍ଟ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

## ସେଲ୍ଫି ନେଲାବେଳେ ଭାସିଯିବା ଘଟଣା: ଯୁବକଙ୍କ ପତ୍ତା ମିଳୁନି

ଆନନ୍ଦପୁର,୨୨।୭(ସ୍ୱ.ପ୍ର.)

କେନ୍ଦୁଝର ଜିଲା ଆନନ୍ଦପୁର ଥାନା ଅଧିନ ମନୋହରପୁର ନିକଟସ୍ଥ ସୁନାମୁଇଁ ଅଞ୍ଚଳରେ ବୈତରଣୀ ନଦୀ କୂଳରେ ବୁଧବାର ସେଲଫି ନେବା ସମୟରେ ଚୋରା ବାଲିରେ ଭାସିଯାଇ ଜଣେ ଯୁବକ ନିଖୋଜ ଅଛନ୍ତି। ବୁଧବାର ରାତି ୯ ଟା ପର୍ଯ୍ୟନ୍ତ ତାଙ୍କର ପତ୍ତା ମିଳି ନ ଥିବାବେଳେ ଗୁରୁବାର ସକାଳୁ ପାଟଣା ଓ ଠାକୁରମୁଣ୍ଡା ଅଞ୍ଚଳର ଦମକଳ ବାହିନୀ ଖୋଜାଖୋଜି କରିଥିଲେ। ହେଲେ ଖବର ଲେଖାହେବା ବେଳକୁ ନିଖୋଜଙ୍କ ପତ୍ତା ମିଳି ନ ଥିବା ଆନନ୍ଦପୁର ଥାନା ଅଧିକାରୀ ମନୋରଞ୍ଜନ ପ୍ରଧାନଙ୍କ ସୂତ୍ରରୁ ସୂଚନା ମିଳିଛି। କରଞ୍ଜିଆର ଅଙ୍କିତ ପେରୱାଲଙ୍କ ପରିବାର ଲୋକଙ୍କ ସହ ସମ୍ପର୍କୀୟ ଶ୍ରୀରାମ ମୁନ୍ଦରା ସୁନାମୁଇଁ ଅଞ୍ଚଳକୁ ବୁଲି ଆସିଥିଲେ। ବୈତରଣୀ ନଦୀ ବାଲିରେ ସେଲଫି ଉଠାଉଥିବାବେଳେ ଦୁଇ ଜଣ ନଦୀରେ ଭାସିଯାଇଥିଲେ। ଉପସ୍ଥିତ ଅନ୍ୟ ପିଲାମାନେ ଜଣକୁ ପାଣିରୁ ଉଦ୍ଧାର କରିଥିବାବେଳେ ଶ୍ରୀରାମ ପାଣିରେ ନିଖୋଜ ହୋଇଯାଇଥିଲେ।



ଆସାକା ଶୁଟିଂ ରେଞ୍ଜରେ ଗୁରୁବାର ଅଭ୍ୟାସରତ ଭାରତର ଦିବ୍ୟାଂଶ ସିଂ ପନୱାର।



ଫୁଜିସାୱାର ଇନୋଶିମା ୟାଚ୍ ପୋତାଶ୍ରୟରେ ନ୍ୟୁଜିଲାଣ୍ଡ (ବାମ) ଏବଂ ଭାରତୀୟ ପୁରୁଷ ୪୯ଇଆର କ୍ଲାସ ସେଲରମାନେ ଅଭ୍ୟାସ କରୁଛନ୍ତି।

## ଉଗାଣ୍ଡା ଆଥ୍‌ଲେଟ ପିନ୍ଧିଥିଲେ ଭାରତ ଜ୍ୟାକେଟ

ଟୋକିଓ, ୨୨।୭(ପି.ଟି.)

ପ୍ରି-ଅଲିମ୍ପିକ୍ସ ଟ୍ରେନିଂ ବେଳେ ନିଖୋଜ ହୋଇଯାଇଥିବା ଉଗାଣ୍ଡାର ଭାରୋତ୍ତୋଳକ ଜୁଲିଅସ୍ ସେକିଟୋଲେକୋଙ୍କୁ ବିମାନବନ୍ଦରରେ ଭାରତ ଟ୍ରାକ୍ ଜ୍ୟାକେଟ ପରିଧାନ କରିଥିବା ଅବସ୍ଥାରେ ଦେଖିବାକୁ ମିଳିଥିଲା ବୋଲି ସ୍ଥାନୀୟ ଏକ ଟିଭି ଚ୍ୟାନେଲ ରିପୋର୍ଟରେ ପ୍ରକାଶ ପାଇଛି। ଏହି ଖବର ଟୋକିଓରେ ଉପସ୍ଥିତ ଭାରତୀୟ ଅଫିସିଆଲଙ୍କୁ ହତଚକିତ କରିଛି। ଏହି ୨୦ ବର୍ଷୀୟ ଆଥ୍‌ଲେଟ ସେଣ୍ଟ୍ରାଲ ଜାପାନରେ ନାରିତା ବିମାନବନ୍ଦର ଆଡକୁ ଯାଉଥିଲେ। ସେ ଏକ ଲାଲରଙ୍ଗର ଟ୍ରାକ୍ ଟପ୍ ପିନ୍ଧିଥିଲେ। ଟପ୍‌ର ପଛ ପଟେ 'ଇଣ୍ଡିଆ' ବୋଲି ଲେଖା ରହିଥିଲା। ଗୋଲ୍ଡକୋଷ୍ଟରେ ଅନୁଷ୍ଠିତ ୨୦୧୮ ରାଜ୍ୟଗୋଷ୍ଠୀ କ୍ରୀଡ଼ାବେଳେ ଭାରତୀୟ ଆଥ୍‌ଲେଟମାନେ ଯେଉଁ କିଟ୍ ବ୍ୟବହାର କରିଥିଲେ ଠିକ୍ ତାହା ଭଳି ଏହା ଦେଖାଯାଉଥିଲା। ଭାରତୀୟ ଅଲିମ୍ପିକ ଆସୋସିଏଶନ (ଆଇଓଏ) ସାଧାରଣ ସମ୍ପାଦକ ରାଜୀବ ମେହେଟା କହିଛନ୍ତି ସେକିଟୋଲେକୋଙ୍କୁ ଯେଉଁ ପୋଷାକରେ



ଜୁଲିଅସ୍ ସେକିଟୋଲେକୋ

ଦେଖିବାକୁ ମିଳିଛି ତାହା ଟୋକିଓ ଗେମ୍ସ ପାଇଁ ଦେଶର ଅଫିସିଆଲ କିଟ୍ ନୁହେଁ। ଉଗାଣ୍ଡାର ଚିଫ୍ ଡି' ମିଶନ ଆଇଶା ନାସାଙ୍ଗା କହିଛନ୍ତି ସେକିଟୋଲେକୋ କେଉଁଠୁ ଭାରତ ଟ୍ରାକ୍ ଜ୍ୟାକେଟ ପାଇଲେ ସେ ସମ୍ପର୍କରେ ତାଙ୍କର କୌଣସି ଧାରଣା ନାହିଁ। ଭାରୋତ୍ତୋଳକ ଜଣକ ଜାପାନରେ ଟ୍ରେନିଂ ନେବା ଲାଗି ଜୁନ୍ ୧୮ରେ ଆସିଥିଲେ। ଜଣେ କେହି ତାଙ୍କୁ ଏହି ଜ୍ୟାକେଟଟି ଦେଇପାରିଥାନ୍ତି ଅବା ଏହା ପୁରୁଣା ହୋଇଥାଇପାରେ। ସେକିଟୋଲେକୋ ପୁରୁଷ ୫୬କେଜି କାଟେଗୋରିରେ ଭାଗ ନେଇଥାନ୍ତି। ଓସାକା ଅନ୍ତର୍ଗତ ଇଜୁମିସାନୋରେ ଟ୍ରେନିଂ ନେଉଥିବା ୯ ଜଣିଆ ଉଗାଣ୍ଡା ଦଳର ସେ ଅନ୍ୟତମ ସଦସ୍ୟ ଥିଲେ। ଗତ ଶୁକ୍ରବାର କୋଭିଡ୍ ଟେଷ୍ଟ ବେଳେ ସେକିଟୋଲେକୋଙ୍କୁ ଯେତେବେଳେ ଖୋଜାଗଲା ସେ ତାଙ୍କ ହୋଟେଲ ରୁମ୍‌ରେ ନ ଥିଲେ। ଅଫିସିଆଲ ଓ ଟିମ୍‌ମେଟ୍‌ମାନେ ଏନେଇ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଟିଭି ଚ୍ୟାନେଲର ରିପୋର୍ଟ ଅନୁସାରେ ସେକିଟୋଲେକୋ ଅଲିମ୍ପିକ୍ସ ପାଇଁ ଯୋଗ୍ୟତା ହାସଲ କରିଛନ୍ତି କି ନା ସେ ସମ୍ପର୍କରେ ସ୍ପଷ୍ଟ ନ ହୋଇ ଆଗୁଆ ଜାପାନ ପଳାଇ ଆସିଥିଲେ। ଅନ୍ତର୍ଜାତୀୟ ଭାରୋତ୍ତୋଳନ ମହାସଂଘ ତରଫରୁ ଜୁଲାଇ ୫ରେ ସୂଚାଇ ଦିଆଯାଇଥିଲା ଯେ, ସେ ଗେମ୍ସ ପାଇଁ କୋଟା ହାସଲ କରିପାରିନାହାନ୍ତି। ଏହି ଖବର ପାଇବା ପରେ ସେକିଟୋଲେକୋ ଏକ ହାତଲେଖା ଚିଠି ଛାଡ଼ି ତାଙ୍କ ହୋଟେଲ ରୁମ୍‌ରୁ ଫେରାର ହୋଇଯାଇଥିଲେ। ବର୍ତ୍ତମାନ ସେ ନିଜ ଦେଶକୁ ଫେରିଯିବା ଲାଗି ଚାହାନ୍ତି ନାହିଁ ବୋଲି ସେଥିରେ ଲେଖାଥିଲା। ପରବର୍ତ୍ତୀକାଳରେ ସେକିଟୋଲେକୋଙ୍କୁ ଟୋକିଓଠାରୁ ୧୭୦ କିମି ଦୂର ୟୋକାକାଇ ସହରରେ ଠାବ କରାଯାଇଥିଲା। ବୁଧବାର ତାଙ୍କୁ ଉଗାଣ୍ଡା ପଠାଇ ଦିଆଯାଇଛି।

## କରୋନା ଆଶଙ୍କାରେ ଗିନି ଓହରିଲା

କୋନାକ୍ରି (ଗିନି), ୨୨।୭ (ଏପି)

କରୋନା ଭାଇରସ ପାଇଁ ଆଫ୍ରିକୀୟ ଦେଶ ଗିନି ଟୋକିଓ ଅଲିମ୍ପିକ୍ସରୁ ଓହରିଯାଇଛି। ଗେମ୍ସରେ ଏହାର ୫ଜଣ ଆଥ୍‌ଲେଟ ଅଂଶଗ୍ରହଣ କରିଥାନ୍ତେ। ଦେଶର କ୍ରୀଡ଼ାମନ୍ତ୍ରୀ ସାନୋସି ବାନ୍ତାମା ସୋ ବୁଧବାର ଗିନି ଅଲିମ୍ପିକ କମିଟି ନିକଟକୁ ଏକ ଚିଠି ଲେଖିଥିଲେ। ଦେଶର ଆଥ୍‌ଲେଟଙ୍କ ସ୍ୱାସ୍ଥ୍ୟ ସୁରକ୍ଷା ସବୁଠାରୁ ଗୁରୁତ୍ୱପୂର୍ଣ୍ଣ। କରୋନା ଭାଇରସ ଏବଂ ଏହାର ଭାଇରାଣ୍ଟ ବିପଜ୍ଜନକ ପରିସ୍ଥିତି ସୃଷ୍ଟି କରିଛି। ତେଣୁ ଏଥର ଗିନି ଅଲିମ୍ପିକ୍ସରେ ଅଂଶଗ୍ରହଣ ନ କରିବା ଲାଗି ନିଷ୍ପତ୍ତି ନେଇଥିବା ସେଥିରେ ଉଲ୍ଲେଖ କରିଛନ୍ତି। କିଛିଦିନ ପୂର୍ବେ ଗିନି ଅଲିମ୍ପିକ କମିଟି ସାଧାରଣ ସମ୍ପାଦକ ବେନ୍ ଡାଓଡା ନାସୋକୋ ଏକ ଖବରଦାତା ସମ୍ମିଳନୀରେ କହିଥିଲେ ଯେ, ଟୋକିଓ ଗେମ୍ସ ପାଇଁ ପ୍ରତିନିଧି ଦଳ ପଠାଇବା ଲାଗି ପାଣ୍ଠି ମଞ୍ଜୁର ହୋଇ ସାରିଛି। ୫ଜଣ ଆଥ୍‌ଲେଟଙ୍କ ମଧ୍ୟରୁ ଫାତୋମାତା ୟାରି କାମରା ନାମକ ଜଣେ ଫ୍ରିଷ୍ଟାଇଲ ରେସ୍‌ଲର ଏହି ନିଷ୍ପତ୍ତିକୁ ନାପସନ୍ଦ କରିଛନ୍ତି। କରୋନା ଭାଇରସ ସତ୍ତ୍ୱେ ଜାପାନ ଗେମ୍ସ ଆୟୋଜନକୁ ବାତିଲ କରି ନ ଥିବାବେଳେ ଗିନି କାହିଁକି ଅଂଶଗ୍ରହଣରୁ ଓହରିଯିବା ଲାଗି ନିଷ୍ପତ୍ତି ନେଲା ବୋଲି ସେ ପ୍ରଶ୍ନ କରିଛନ୍ତି। ଗିନିର ଅନ୍ୟ ଆଥ୍‌ଲେଟମାନେ ହେଲେ ସନ୍ତରଣକାରୀ ମାମାଦୋ ତାହିରୋ ବାହ ଓ ଫାତୋମାତା ଲାମାରାନା ତୋରେ, ୧୦୦ମିଟର ରନର ଆଇସାତା ଦିନ୍ କୋନ୍ତେ ଏବଂ ଜୁଡୋ ପ୍ରତିଯୋଗୀ ମାମାଦୋ ସାମ୍ବା ବାହ। ସୂଚନାଯୋଗ୍ୟ, ଗିନି ୧୧ଥର ଅଲିମ୍ପିକ୍ସରେ ଭାଗ ନେଇଥିଲେ ହେଁ ଥରେ ହେଲେ ପଦକ ଜିତିପାରି ନାହିଁ। ପୂର୍ବରୁ ଉତ୍ତର କୋରିଆ ସମାନ କାରଣ ଦର୍ଶାଇ ଟୋକିଓ ଅଲିମ୍ପିକ୍ସରୁ ଓହରିଯାଇଛି।



ଟୋକିଓ ଅଲିମ୍ପିକ୍ସ ଭିଲେଜରେ ଭାରତୀୟ ଟେବୁଲ ଟେନିସ୍ ଖେଳାଳିଙ୍କ ଅଭ୍ୟାସ।

## ଭାରତୀୟ ଅଲିମ୍ପିକ୍ ପରାମର୍ଶଦାତା ଗ୍ରୁପ୍‌ରେ ଅଚ୍ୟୁତ

ଭୁବନେଶ୍ୱର, ୨୨।୭(ସ୍ପୋର୍ଟ୍ସ ବ୍ୟୁରୋ)

ଶିକ୍ଷାବିତ୍, ସମାଜସେବୀ ତଥା ଏମ୍‌ପି ଅଚ୍ୟୁତ ସାମନ୍ତ ଭାରତୀୟ ଅଲିମ୍ପିକ୍ ପରାମର୍ଶଦାତା ଗ୍ରୁପ୍ ସଦସ୍ୟ ଭାବେ ମନୋନୀତ ହୋଇଛନ୍ତି। ଏହି ଗ୍ରୁପ୍ ବିଭିନ୍ନ କ୍ରୀଡ଼ା ଫେଡେରେଶନ୍ ଓ ଖେଳାଳି ଆଦିଙ୍କୁ ଦିଆଯାଉଥିବା ପ୍ରୋତ୍ସାହନ ରାଶି ଓ ପୁରସ୍କାର ରାଶି ସ୍ଥିର କରିବ। ଗୁରୁବାର ଭାରତୀୟ ଅଲିମ୍ପିକ୍ ପରାମର୍ଶଦାତା ଗ୍ରୁପ୍‌ର ଏକ ଭର୍ଚୁଆଲ୍ ଆଲୋଚନା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଭାରତୀୟ ଅଲିମ୍ପିକ୍ ଆସୋସିଏଶନ ମହାସଚିବ ରାଜୀବ ମେହେଟାଙ୍କ ସମେତ ୨୧ ଜଣିଆ ସଦସ୍ୟ ବିଶିଷ୍ଟ ପରାମର୍ଶଦାତା ଗ୍ରୁପ୍ ବିଭିନ୍ନ ଜାତୀୟ ଓ ରାଜ୍ୟ କ୍ରୀଡ଼ା ଫେଡେରେଶନ ଓ କେଉଁ ଖେଳାଳିଙ୍କୁ କେତେ ଟଙ୍କା ପ୍ରଦାନ କରାଯିବ ସେ ସମ୍ପର୍କରେ ଆଲୋଚନା କରିଥିଲେ। ଏହା ସହିତ ଖେଳାଳି ଓ ଅନ୍ୟ ପ୍ରତିନିଧିଙ୍କ ଖର୍ଚ୍ଚ, ପଦକ ବିଜେତାଙ୍କ ପାଇଁ ଦିଆଯିବାକୁ ଥିବା ପ୍ରୋତ୍ସାହନ ରାଶି



ଭାରତୀୟ ଅଲିମ୍ପିକ୍ ପରାମର୍ଶଦାତା ଗ୍ରୁପ୍‌ର ଭର୍ଚୁଆଲ୍ ଆଲୋଚନା।

ସମ୍ପର୍କରେ ଆଲୋଚନା ହୋଇଥିଲା। ଏହି ଅବସରରେ ଅଚ୍ୟୁତ କ୍ରୀଡ଼ା ସଙ୍ଗଠନ, କ୍ରୀଡ଼ାବିତ୍‌ଙ୍କ ସହ କୋଚମାନଙ୍କୁ ମଧ୍ୟ ପ୍ରୋତ୍ସାହନ ଦିଆଯିବା ଉଚିତ ବୋଲି କହିଥିଲେ। ସେ ଭାରତୀୟ ଭଲିବଲ ସଂଘର ସଭାପତି ଓ ଆହୁରି ଅନେକ କ୍ରୀଡ଼ା ସଙ୍ଗଠନର ସଦସ୍ୟ ରହିଛନ୍ତି। ଭାରତୀୟ ଅଲିମ୍ପିକ୍ ପରାମର୍ଶଦାତା ଗ୍ରୁପ୍‌ର ସଦସ୍ୟ ମନୋନୀତ ହୋଇଥିବାରୁ ଅଚ୍ୟୁତ ଆସୋସିଏଶନର ମହାସଚିବ ରାଜୀବଙ୍କୁ କୃତଜ୍ଞତା ଜଣାଇଛନ୍ତି। ଏଥିସହ ଓଡ଼ିଶା ସରକାର ପ୍ରଥମକରି ଦୂତୀ ଓ ଅନ୍ୟ ଅଲିମ୍ପିକ୍ ଖେଳାଳିଙ୍କୁ ଆର୍ଥିକ ପ୍ରୋତ୍ସାହନ ଆରମ୍ଭ କରିଥିବାରୁ ସେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ମଧ୍ୟ ଧନ୍ୟବାଦ ଜଣାଇଥିଲେ।

## ଉଦ୍‌ଘାଟନୀ ଉତ୍ସବ ଦେଖିବେ କ୍ରୀଡ଼ାମନ୍ତ୍ରୀ ଠାକୁର

**ନୂଆଦିଲ୍ଲୀ, ୨୨।୭ (ପି.ଟି.):** କେନ୍ଦ୍ର କ୍ରୀଡ଼ାମନ୍ତ୍ରୀ ଅନୁରାଗ ଠାକୁର ଓ ତାଙ୍କ ଡେପୁଟି ନୀତୀଶ ପ୍ରମାଣିକ ସ୍ଥାନୀୟ ମେଜର ଧ୍ୟାନଚାନ୍ଦ ନ୍ୟାଶନାଲ ଷ୍ଟାଡିୟମରୁ ୩୨ତମ ଅଲିମ୍ପିକ୍ସର ଉଦ୍‌ଘାଟନୀ ଉତ୍ସବ ଦେଖିବେ। ସେମାନଙ୍କ ସହିତ ବହୁ ପୂର୍ବତନ ଆଥ୍‌ଲେଟ ଏବଂ ବିଭିନ୍ନ କ୍ଷେତ୍ରର ବହୁ ସେଲିବ୍ରିଟି ଯୋଗ ଦେଇ ଟୋକିଓରେ ବିଭିନ୍ନ ଇଭେଣ୍ଟରେ ଭାଗ ନେବାକୁ ଥିବା ଭାରତୀୟ ଦଳକୁ ଉତ୍ସାହିତ କରିବେ। ଖବର ଅନୁସାରେ ହରିୟାଣା କ୍ରୀଡ଼ାମନ୍ତ୍ରୀ ସନ୍ଦୀପ ସିଂ, ୟଶୋଧାରା ରାଜେ ସିନ୍ଧିଆ ଓ ଜାତୀୟ ବ୍ୟାଡ୍‌ମିଣ୍ଟନ କୋଚ୍ ପୁଲେଲା ଗୋପୀଚାନ୍ଦ ପ୍ରମୁଖ ଯୋଗ ଦେବାର ସମ୍ଭାବନା ରହିଛି। କୋଭିଡ୍ ପାଇଁ ଉଦ୍‌ଘାଟନୀ ଉତ୍ସବରେ ୨୦ ଜଣ ଆଥ୍‌ଲେଟ, ୭ କ୍ରୀଡ଼ାର ୬ ଅଫିସିଆଲ ଅଂଶଗ୍ରହଣ କରିବେ। ପୁରୁଷ ହକି ଦଳର ଅଧିନାୟକ ମନଦୀପ ସିଂ ଓ ବକ୍ସିଂ କିମ୍ବଦନ୍ତୀ ଏମ୍‌ସି ମେରୀକମ ଭାରତର ପତାକାବାହକ ଦାୟିତ୍ୱ ତୁଲାଇବେ।

## ସ୍ୱର୍ଣ୍ଣ ବିଜେତାଙ୍କୁ ମିଳିବ ୭୫ ଲକ୍ଷ

**ନୂଆଦିଲ୍ଲୀ, ୨୨।୭ (ପି.ଟି.):** ଟୋକିଓ ଅଲିମ୍ପିକ୍ସରେ ଭାଗ ନେବାକୁ ଯାଉଥିବା ଦେଶର ଆଥଲେଟ୍‌ଙ୍କ ପାଇଁ ଭାରତୀୟ ଅଲିମ୍ପିକ୍ ଆସୋସିଏଶନ (ଆଇଓଏ) ପକ୍ଷରୁ ପୁରସ୍କାର ଘୋଷଣା କରାଯାଇଛି। ଅଲିମ୍ପିକ୍ସରେ ସ୍ୱର୍ଣ୍ଣ ପଦକ ବିଜେତା ଆଥଲେଟ୍‌ଙ୍କୁ ୭୫ ଲକ୍ଷ ଟଙ୍କା ମିଳିବ। ଏହା ବ୍ୟତୀତ ଅଂଶଗ୍ରହଣକାରୀ ସମସ୍ତ ଜାତୀୟ ସ୍ପୋର୍ଟ୍ସ ଫେଡେରେଶନକୁ ବୋନସ ଆକାରରେ ୨୫ ଲକ୍ଷ ଟଙ୍କା ପ୍ରଦାନ କରାଯିବ। ସେହିପରି ପଦକ ବିଜେତା ଆଥଲେଟ୍‌ଙ୍କ ଫେଡେରେଶନକୁ ୩୦ ଲକ୍ଷ ଟଙ୍କା ଦିଆଯିବ। ଆଇଓଏ ପରାମର୍ଶଦାତା କମିଟି ରୌପ୍ୟ ପଦକ ବିଜେତାଙ୍କୁ ୪୦ ଏବଂ ବ୍ରୋଞ୍ଜ ବିଜେତାଙ୍କୁ ୨୫ ଲକ୍ଷ ଟଙ୍କା ପ୍ରଦାନ କରାଯିବାକୁ ସୁପାରିସ କରିଛି। ଏହା ବ୍ୟତୀତ ଦେଶ ପକ୍ଷରୁ ଟୋକିଓ ଅଲିମ୍ପିକ୍ସରେ ଭାଗ ନେଇଥିବା ପ୍ରତି ଆଥଲେଟ୍‌ଙ୍କୁ ୧ ଲକ୍ଷ ଟଙ୍କା ଲେଖାଏ ପ୍ରଦାନ କରାଯିବ। ପ୍ରଥମଥରପାଇଁ ପଦକ ବିଜେତା ଏବଂ ପଦକ ପ୍ରଦାନକାରୀ ଜାତୀୟ ଫେଡେରେଶନକୁ ଆଇଓଏ ଏପରି ପୁରସ୍କାର ପ୍ରଦାନ କରିବାକୁ ଯାଉଛି ବୋଲି ଏହାର ମହାସଚିବ ରାଜୀବ ମେହେଟା ପ୍ରକାଶ କରିଛନ୍ତି। ଟୋକିଓରେ ଆଥଲେଟ୍‌ମାନେ ଯେତେଦିନ ରହିବେ ସେମାନଙ୍କ ପକେଟ ଖର୍ଚ୍ଚ ବାବଦରେ ଦିନକୁ ୫୦ ଆମେରିକୀୟ ଡଲାର ଦେବାପାଇଁ ସୁପାରିସ ହୋଇଛି। ଆଇଓଏ ସଦସ୍ୟଭୁକ୍ତ ରାଜ୍ୟରେ କ୍ରୀଡ଼ା ଭିତ୍ତିଭୂମିର ବିକାଶ ପାଇଁ ୧୫ ଲକ୍ଷ ଟଙ୍କା ଲେଖାଏ ପ୍ରଦାନ କରାଯିବ।

## ଦିଆସିଲି କାଠିରେ ଅଲିମ୍ପିକ୍ସ ଲୋଗୋ ତିଆରି କଲେ ଶାଶ୍ୱତ

ଭୁବନେଶ୍ୱର,୨୨।୭ (ସ୍ପୋର୍ଟ୍ସ ବ୍ୟୁରୋ)

ପୁରୀର କୁମ୍ଭପଡ଼ାରେ ରହୁଥିବା ଶାଶ୍ୱତ ରଞ୍ଜନ ସାହୁ ଏକ ସ୍ୱତନ୍ତ୍ର ଉପାୟରେ ଅଲିମ୍ପିକ୍ସ ଲୋଗୋ ତିଆରି କରିଛନ୍ତି। ଶୁକ୍ରବାରଠାରୁ ଟୋକିଓରେ ଅଲିମ୍ପିକ୍ସ ଆରମ୍ଭ ହେବାକୁ ଯାଉଥିବା ବେଳେ ସେ ଦିଆସିଲ କାଠିରେ ଅଲିମ୍ପିକ୍ସ ଲୋଗୋ ତିଆରି କରି ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ୯୩୦ଟି କାଠିରେ ଏହି ଲୋଗୋ ତିଆରି କରିବାକୁ ତାଙ୍କୁ ଗୋଟିଏ ଦିନ ସମୟ ଲାଗିଥିଲା। ଏହି ଲୋଗୋ ମାଧ୍ୟମରେ ସେ ଭାରତୀୟ ଆଥ୍‌ଲେଟଙ୍କୁ ସଫଳତା ପାଇଁ ଶୁଭେଚ୍ଛା ଜଣାଇଛନ୍ତି। ଏହି କ୍ରମରେ ସେ କେନ୍ଦ୍ର କ୍ରୀଡ଼ା ମନ୍ତ୍ରଣାଳୟ ଦ୍ୱାରା ଆରମ୍ଭ କରାଯାଇଥିବା '#ଚିୟର4ଇଣ୍ଡିଆ' ଅଭିଯାନକୁ ସମର୍ଥନ କରିଛନ୍ତି। ୫ଟି ରଙ୍ଗର ରିଙ୍ଗ୍‌କୁ ନେଇ ଅଲିମ୍ପିକ୍ ସିମ୍ବଲ ବା ଲୋଗୋ ତିଆରି ହୋଇଛି। ନୀଳ, ହଳଦିଆ, କଳା, ସବୁଜ ଓ ନାଲି ରଙ୍ଗର ରିଙ୍ଗ୍ ବାମରୁ ଡାହାଣ ଆଡକୁ ରହିଛି। ବିଶ୍ୱର ୫ଟି ମହାଦେଶର ଆଥ୍‌ଲେଟ ଅଲିମ୍ପିକ୍ସ ମାଧ୍ୟମରେ ଏକାଠି ହୋଇଥାନ୍ତି ଓ ଏହାକୁ ସୂଚାଇବା ପାଇଁ ଅଲିମ୍ପିକ ଲୋଗୋର ବ୍ୟବହାର ହୋଇଥାଏ।






## ଫ୍ରାନ୍ସକୁ ହରାଇଲା ମେକ୍ସିକୋ



ଜାପାନ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍।

**ପୁରୁଷ ଫୁଟ୍‌ବଲ**

**ଟୋକିଓ, ୨୨।୭ (ଏପି):** ଅଲିମ୍ପିକ ପୁରୁଷ ଫୁଟ୍‌ବଲ ଟୁର୍ନାମେଣ୍ଟରେ ଗୁରୁବାର ମେକ୍ସିକୋ ୪-୧ ଗୋଲରେ ଫ୍ରାନ୍ସକୁ ପରାସ୍ତ କରିଛି। ୨୦୧୨ ଅଲିମ୍ପିକ୍ସ ଚାମ୍ପିୟନ ମେକ୍ସିକୋ ଆରମ୍ଭରୁ ସୁଯୋଗ ପାଇଥିଲେ ମଧ୍ୟ ପ୍ରଥମାର୍ଦ୍ଧ ଖେଳ ଗୋଲ ଶୂନ୍ୟ ରହିଥିଲା। ଦ୍ୱିତୀୟାର୍ଦ୍ଧରେ ଆଲେକ୍ସିସ ଭେଗା ଦଳ ପକ୍ଷରୁ ୪୭ତମ ମିନିଟ୍‌ରେ ପ୍ରଥମ ଗୋଲ ସ୍କୋର କରିଥିଲେ। ଦ୍ୱିତୀୟ ଗୋଲ ସେବାଷ୍ଟିଆନ କୋର୍ଡୋଭା ୫୫ତମ ମିନିଟ୍‌ରେ ଦେଇଥିଲେ। ମାତ୍ର ୭୦ତମ ମିନିଟ୍‌ରେ ଆନ୍ଦ୍ରେ ପିଏରେ ଜିଗ୍‌ନାକ୍‌ଙ୍କ ପେନାଲ୍ଟି ସ୍ପଟ୍ କିକ୍ ଜରିଆରେ ୧୯୮୪ ଅଲିମ୍ପିକ ଟାଇଟଲ ବିଜେତା ଫ୍ରାନ୍ସ ଗୋଟିଏ ଗୋଲ ପରିଶୋଧ କରିଦେଇଥିଲା। ୮୦ତମ ମିନିଟ୍‌ରେ ଉରିଲ ଆଣ୍ଟୁନାଙ୍କ ଗୋଲ ଯୋଗୁ ମେକ୍ସିକୋ ୩-୧ରେ ଅଗ୍ରଣୀ ଲାଭ କରିଥିଲା। ଷ୍ଟପେଜ ଟାଇମ୍ ବେଳକୁ ଏଡୁଆର୍ଡୋ ଆଗ୍ୱିରେଙ୍କ ଗୋଲ କରିବାରୁ ମେକ୍ସିକୋ ୪-୧ରେ ବିଜୟୀ ହୋଇଥିଲା। ସାପୋରୋଠାରେ ସ୍ପେନ ଓ ଇଜିପ୍ଟ ମଧ୍ୟରେ ଖେଳାଯାଇଥିବା ମ୍ୟାଚ ଗୋଲଶୂନ୍ୟ ଡ୍ର ଭାବେ ଶେଷ ହୋଇଥିଲା। ଟୋକିଓଠାରେ ଆୟୋଜକ ଜାପାନ ୧-୦ ଗୋଲରେ ଦକ୍ଷିଣ ଆଫ୍ରିକାକୁ ହରାଇ ଦେଇଛି। ସେହିପରି କାସିମାଠାରେ ନ୍ୟୁଜିଲାଣ୍ଡ ୧-୦ ଗୋଲରେ ଦକ୍ଷିଣ କୋରିଆକୁ ପରାସ୍ତ କରିଛି।

## ସ୍ୱତନ୍ତ୍ର ଷ୍ଟିଲ୍ ଲାଗି ପିଏଲ୍ଆଇ ସ୍କିମ୍

କେନ୍ଦ୍ର ସରକାର ସ୍ୱତନ୍ତ୍ର ଷ୍ଟିଲ୍ ଲାଗି ୬,୩୨୨ କୋଟି ଟଙ୍କାର ଉତ୍ପାଦନ ସଂଯୋଗୀ ପ୍ରୋତ୍ସାହନ (ପିଏଲ୍ଆଇ) ସ୍କିମ୍ ସମ୍ପର୍କରେ ଗୁରୁବାର ଘୋଷଣା କରିଛନ୍ତି। ଏଭଳି ପଦକ୍ଷେପ ଦ୍ୱାରା ୫.୨୫ ଲକ୍ଷ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ ବୋଲି କୁହାଯାଇଛି। ଦେଶ ମଧ୍ୟରେ ହାଇଗ୍ରେଡ୍ ଷ୍ଟିଲ୍ ଉତ୍ପାଦନକୁ ଏହା ଉତ୍ସାହିତ କରିବ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ ବସିଥିବା କ୍ୟାବିନେଟ ବୈଠକରେ ଏଭଳି ନିଷ୍ପତ୍ତି ନିଆଯାଇଛି। ଘରୋଇ ବଜାରର ମାନୁଫାକଚରିଂ ଏବଂ ରପ୍ତାନିକୁ ପ୍ରୋତ୍ସାହିତ କରିବାରେ ଏହା ସହଯୋଗ କରିବ ବୋଲି ସୂଚନା ଏବଂ ପ୍ରସାରଣ ମନ୍ତ୍ରୀ ଅନୁରାଗ ଠାକୁର କହିଛନ୍ତି।

**ସଂକ୍ଷେପରେ**

## ଦୈନିକ ଭାସ୍କର ଗ୍ରୁପ୍ ଉପରେ ଆଇଟି ଚଢ଼ାଉ

**ନୂଆଦିଲ୍ଲୀ, ୨୨।୭:** ଦୈନିକ ଭାସ୍କର ମିଡିଆ ଗ୍ରୁପ୍‌ର ବିଭିନ୍ନ କାର୍ଯ୍ୟାଳୟ ଉପରେ ଆୟକର ବିଭାଗ(ଆଇଟି) ଚଢ଼ାଉ ହୋଇଛି। ଟିକସ ଠକେଇ ଅଭିଯୋଗରେ ଏଭଳି ଚଢ଼ାଉ କରାଯାଇଥିବା ବିଭାଗର ଜଣେ ଅଧିକାରୀ କହିଛନ୍ତି। ମଧ୍ୟପ୍ରଦେଶ, ମହାରାଷ୍ଟ୍ର, ଦିଲ୍ଲୀ,ରାଜସ୍ଥାନ ଏବଂ ଗୁଜରାଟ ଭଳି ସହରରେ ଚଢ଼ାଉ କରାଯାଇଥିବା ବେଳେ କେନ୍ଦ୍ରୀୟ ପ୍ରତ୍ୟକ୍ଷ ଟିକସ ବୋର୍ଡ(ସିବିଡିଟି) ପକ୍ଷରୁ କୌଣସି ସ୍ପଷ୍ଟୀକରଣ ଜାରି କରାଯାଇନାହିଁ। କୋଭିଡ୍‌ର ଦ୍ୱିତୀୟ ଲହର ସମୟରେ ଗଙ୍ଗାନଦୀ ବାଲିରେ ମୃତଦେହ ପୋତିଦେବା ସହ ଅନ୍ୟ ଖବର ପ୍ରସାରଣକୁ ନେଇ ସରକାରଙ୍କ ରୋଷର ଶିକାର ହୋଇଥିବା ଦୈନିକ ଭାସ୍କର ପକ୍ଷରୁ ଏହାର ୱେବ୍‌ସାଇଟରେ ଏକ ଖବର ପ୍ରକାଶ ପାଇଛି। ସେହିଭଳି ବିଭିନ୍ନ କର୍ମଚାରୀଙ୍କ ବାସଭବନ ଉପରେ ଚଢ଼ାଉ କରାଯିବା ସହ ଫୋନ ଜବତ କରାଯାଇଛି। ସଂସ୍ଥାର ଏଡିଟର ଇନ୍ ଚିଫ୍ ବ୍ରଜେଶ ମିଶ୍ର ଏବଂ ଉତ୍ତରପ୍ରଦେଶ ଭାଜପାର ବରିଷ୍ଠ ନେତା ବୀରେନ୍ଦ୍ର ସିଂଙ୍କ ଘରେ ମଧ ଚଢ଼ାଉ ହୋଇଥିବା ଜଣାପଡ଼ିଛି।

## ‘ଭାରତରେ କାରବାର ଆହ୍ୱାନପୂର୍ଣ୍ଣ’

**ନୂଆଦିଲ୍ଲୀ, ୨୨।୭:** ଭାରତରେ ବ୍ୟବସାୟ କାରବାର କରିବା ବର୍ତ୍ତମାନ ମଧ ଆହ୍ୱାନପୂର୍ଣ୍ଣ। ନିବେଶ ସହ ଅନ୍ୟ କ୍ଷେତ୍ରର ପ୍ରତିବନ୍ଧକ ଦୂରୀକରଣ କରିବାରେ ଆବଶ୍ୟକତା ରହିଛି। ନିବେଶକୁ ପ୍ରୋତ୍ସାହନ କରିବା ଦିଗରେ ଭାରତ ବିଭିନ୍ନ ପଦକ୍ଷେପ ଗ୍ରହଣକରୁ ବୋଲି ଆମେରିକା ଗୁରୁବାର କହିଛି। ଆମେରିକା ବିଦେଶ ମନ୍ତ୍ରଣାଳୟ ପକ୍ଷରୁ ଜାରି ଏକ ରିପୋର୍ଟରେ କୁହାଯାଇଛି, ଭାରତରେ ବ୍ୟବସାୟ ଚ୍ୟାଲେଞ୍ଜିଂ। ଜମ୍ମୁ ଏବଂ କଶ୍ମୀରରେ ବିଶେଷ ସାମ୍ବିଧାନିକ ସ୍ଥିତିକୁ ହଟାଇବା ଏବଂ ନାଗରିକତା ସଂଶୋଧନ ଅଧିନିୟମ(ସିଏଏ) ସମ୍ପର୍କରେ ମଧ ଏହି ରିପୋର୍ଟରେ ଉଲ୍ଲେଖ କରାଯାଇଛି। ଭାରତର ସଂରକ୍ଷଣବାଦୀ ଉପାୟ, ପ୍ରତିଦ୍ୱନ୍ଦ୍ୱିତା ବିକଳ୍ପକୁ ସୀମିତ କରିବା ଲାଗି କ୍ରୟ ନିୟମ, ବର୍ଦ୍ଧିତ ଟିକସ ଭଳି ପ୍ରସଙ୍ଗ ବିଶ୍ୱସ୍ତରୀୟ ନିବେଶକଙ୍କ ଉପରେ ପ୍ରଭାବ ପକାଉଥିବା ରିପୋର୍ଟରେ କୁହାଯାଇଛି।

# ଅନ୍ୟ ଚାକିରି ଖୋଜୁଛନ୍ତି ହସ୍ପିଟାଲିଟି କର୍ମଚାରୀ

**ନୂଆଦିଲ୍ଲୀ, ୨୨।୭**

କୋଭିଡ୍-୧୯ ଯୋଗୁ ଦେଶର ହସ୍ପିଟାଲିଟି କ୍ଷେତ୍ର ସଙ୍କଟ ସ୍ଥିତି ଦେଇ ଗତି କରୁଛି। କରୋନା ସ୍ଥିତି ସ୍ୱାଭାବିକ ହେଉ ନ ଥିବା ଯୋଗୁ ଏହି କ୍ଷେତ୍ରରେ କାମ କରୁଥିବା ଲୋକମାନେ ଅନେକ ମାସ ହେବ ଘରେ ବସି ରହିଛନ୍ତି। ଫଳରେ ବୃହତ୍ ସଂଖ୍ୟାରେ କର୍ମଚାରୀ ବର୍ତ୍ତମାନ ଅନ୍ୟ ସବୁ କ୍ଷେତ୍ରରେ ଚାକିରି ଦେଖୁଥିବା ଜଣାପଡ଼ିଛି। ଏଣ୍ଟ୍ରି ଲେଭଲଠାରୁ ଟପ୍ ଲେଭଲ ଯାଏ କର୍ମଚାରୀ ହସ୍ପିଟାଲିଟି ସେକ୍ଟରଠାରୁ ବାହାରକୁ ଯିବାକୁ ଚାହୁଁଛନ୍ତି। ଅନ୍ୟ ଚାକିରି ଖୋଜୁଥିବା ଏହି କ୍ଷେତ୍ରର କର୍ମଚାରୀଙ୍କ ସଂଖ୍ୟାରେ ପ୍ରାୟ ଶତ ପ୍ରତିଶତ ବୃଦ୍ଧି ଘଟିଥିବା ଜଣାପଡିଛି। ଏହି କ୍ଷେତ୍ର କେବେ ସୁଧାର ପଥକୁ ଫେରିବ ସେ ନେଇ ଅନିଶ୍ଚିତତା ଲାଗି ରହିଛି। ଅନେକ ପ୍ରତିଷ୍ଠାନ ବନ୍ଦ ହୋଇଯାଇଥିବା ବେଳେ ଯେଉଁଗୁଡ଼ିକ ରହିଛି ତାହା କାରବାର କରିବାକୁ ସକ୍ଷମ ହେଉନାହାନ୍ତି। ଫଳରେ ଅନେକ କର୍ମଚାରୀ ଛଟେଇ ହେଉଥିବା ଦେଖାଯାଉଛି।

ଏହା ଫଳରେ ହସ୍ପିଟାଲିଟି କ୍ଷେତ୍ରରେ କାର୍ଯ୍ୟ କରୁଥିବା ଟ୍ୟାଲେଣ୍ଟ ଇ-କମର୍ସ, ଫୁଡ୍‌ଟେକ, ରିଟେଲ ଏବଂ ଟେକ୍ନୋଲୋଜି ଭଳି ଅନ୍ୟ ସବୁ କ୍ଷେତ୍ରକୁ ଯାଉଥିବା ଦେଖିବାକୁ ମିଳୁଛି। ମହାମାରୀରେ ପ୍ରଭାବିତ ହୋଇ ନ



ଥିବା କ୍ଷେତ୍ରଗୁଡିକ କର୍ମଚାରୀମାନେ ପସନ୍ଦ କରୁଥିବା ଜଣାପଡିଛି।

### ୪୦% ହୋଟେଲ, ରେଷ୍ଟୁରାଣ୍ଟ ବନ୍ଦ

ଶିଳ୍ପ ପକ୍ଷରୁ କରାଯାଇଥିବା ଏକ ସର୍ଭେ ମୁତାବକ ହସ୍ପିଟାଲିଟି କ୍ଷେତ୍ରରେ କାମ କରୁଥିବା ପ୍ରାୟ ପ୍ରତ୍ୟେକ ବର୍ଗର କର୍ମଚାରୀ ଅନ୍ୟ କ୍ଷେତ୍ରରେ ରହିଥିବା ସୁଯୋଗ ଉପରେ ଏବେ ନଜର ରଖିଛନ୍ତି। ସେହିଭଳି କିଛି ବ୍ୟକ୍ତିବିଶେଷ ନିଜ ଉଦ୍ୟମରେ ନୂଆ ସଂସ୍ଥା ଆରମ୍ଭ କରୁଥିବା ଦେଖାଯାଇଛି। ହୋଟେଲ ଆଣ୍ଡ ରେଷ୍ଟୁରାଣ୍ଟ ଆସୋସିଏଶନ ଅଫ୍ ୱେଷ୍ଟର୍ନ ଇଣ୍ଡିଆର ସିନିୟର ଭାଇସ ପ୍ରେସିଡେଣ୍ଟ ପ୍ରଦୀପ ସେଟ୍ଟୀ କହିଛନ୍ତି, କରୋନାର ଦ୍ୱିତୀୟ ଲହର ପରେ ପ୍ରମୁଖ ବଜାରଗୁଡିକର ପ୍ରାୟ ୪୦% ହୋଟେଲ ଏବଂ ରେଷ୍ଟୁରାଣ୍ଟ ସ୍ଥାୟୀ ଭାବେ ପରିଚାଳନାକୁ ବନ୍ଦ କରିଦେଇଛନ୍ତି। ଯେଉଁ ହୋଟେଲ ଏବଂ ରେଷ୍ଟୁରାଣ୍ଟ ବର୍ତ୍ତମାନ ଖୋଲିଛି ତାହା କେବଳ ୨୫ରୁ ୩୦% କ୍ଷମତାରେ ଚାଲୁଛି। ଫଳରେ କାମ କରିବାର ସୁଯୋଗ କମ୍ ଥିବାରେ ଏହି କ୍ଷେତ୍ରର କର୍ମଚାରୀ ଅନ୍ୟ କ୍ଷେତ୍ରରେ କାମ କରିବାକୁ ଆଶାବାନ୍ଧିଥିବା ସେଟ୍ଟୀ ମତ ପ୍ରକାଶ କରିଛନ୍ତି।

### ହସ୍ପିଟାଲିଟି କ୍ଷେତ୍ର ବେଶି ପ୍ରଭାବିତ

ମହାମାରୀ ହସ୍ପିଟାଲିଟି କ୍ଷେତ୍ରର ଅଣ୍ଟା ଭାଙ୍ଗି ଦେଇଥିବା ବଜାର ବିଶେଷଜ୍ଞ ମତ ପ୍ରକାଶ କରିଛନ୍ତି। ଉକ୍ତ କ୍ଷେତ୍ରରେ କାର୍ଯ୍ୟରତ ଲୋକମାନେ ବୃହତ୍ ସଂଖ୍ୟାରେ ନିଯୁକ୍ତି ହରାଇଥିବା ବେଳେ ବେତନ କାଟ ଜାରି ରହିଛି। କିଛି ଅପରେଟର ପୁଣି ଥରେ କାରବାର ଆରମ୍ଭ କରିଥିବା ଦେଖାଯାଉଛି। ମାତ୍ର ତୃତୀୟ ଲହରର ଆଶଙ୍କା ଏବେ ଲାଗି ରହିଛି। ଯେଉଁ ଲୋକମାନେ ପୁଣି ଥରେ କାର୍ଯ୍ୟକ୍ଷେତ୍ରକୁ ଫେରିବାକୁ ଚାହୁଁଛନ୍ତି ରିଓପନିଂର ଅନିଶ୍ଚିତତା ଏବଂ ଚିନ୍ତାରେ ରହିଛନ୍ତି।

### ୫୦% ନିଯୁକ୍ତି ହ୍ରାସ

ଏବିସି କନ୍‌ସଲଟାଣ୍ଟ ପକ୍ଷରୁ ହୋଇଥିବା ଏକ ସର୍ଭେ ମୁତାବକ, ହସ୍ପିଟାଲିଟି କ୍ଷେତ୍ରରେ ୪୦ରୁ ୫୦% ନିଯୁକ୍ତି କରୋନା ଯୋଗୁ କ୍ଷତିଗ୍ରସ୍ତ ହୋଇଛି। ଉକ୍ତ କ୍ଷେତ୍ରରେ କୋଭିଡ୍ ପୂର୍ବ ସ୍ଥିତି ଫେରିବାକୁ କିଛି ବର୍ଷ ଲାଗିଯିବ ବୋଲି ଆକଳନ କରାଯାଇଛି। ମହାମାରୀରେ ହସ୍ପିଟାଲିଟି କ୍ଷେତ୍ରର ପ୍ରାୟ ୬୦ ଲକ୍ଷ ନିଯୁକ୍ତି ହ୍ରାସ ପାଇଛି ବୋଲି ଏହି ରିପୋର୍ଟରେ ଆକଳନ କରାଯାଇଛି। ଫ୍ରଣ୍ଟ ଅଫିସର ଲୋକମାନେ ଗ୍ରାହକ ସେବା, ପରିଚାଳନା ଏବଂ ବିକ୍ରି ଭଳି କ୍ଷେତ୍ରରେ ସୁଯୋଗ ଖୋଜୁଛନ୍ତି। ସେହିଭଳି ଫାଇନାନ୍ସ, ଏଚ୍ଆର୍ ଏବଂ ଆଡମିନ ଏବଂ ଆଇଟିର କର୍ମଚାରୀ ଅନ୍ୟ କ୍ଷେତ୍ରର କମ୍ପାନୀରେ ଏହି ସବୁ ବିଭାଗରେ ଚାକିରି ଦେଖୁଛନ୍ତି। କିଚେନ ଏବଂ ହାଉସ କିପିଂ କର୍ମଚାରୀଙ୍କ ପାଖରେ ବିଶେଷ ବିକଳ୍ପ ନ ଥିବା ସର୍ଭେରୁ ଜଣାପଡିଛି।

## ରୁଚି ସହଯୋଗରେ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ଗୃହ ଲୋକାର୍ପଣ



**ଭୁବନେଶ୍ୱର, ୨୨।୭**

ପ୍ରମୁଖ ମସଲା କମ୍ପାନୀ ରୁଚି ସହଯୋଗରେ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ନୂତନ ଶ୍ରେଣୀଗୃହ ନିମାପଡ଼ାସ୍ଥିତ ଦେଉଳସାହିଠାରେ ଲୋକାର୍ପଣ ହୋଇଯାଇଛି। ରୁଚି ମସଲା କମ୍ପାନୀର ପରିଚାଳନା ନିର୍ଦ୍ଦେଶକ ଡ. ଶରତ କୁମାର ସାହୁ, ନିର୍ଦ୍ଦେଶିକା ସଙ୍ଗୀତା ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାର ଶୁଭାରମ୍ଭ କରିଥିଲେ। ଫନୀରେ ଏହି ବିଦ୍ୟାଳୟର ଗୃହ ଭାଙ୍ଗିଯାଇଥିଲା। ଏହାର ନିର୍ମାଣ ଲାଗି ଓମ୍ ଅଏଲ ଆଣ୍ଡ ଫ୍ଲୋର ଲିମିଟେଡ୍ (ରୁଚିର ସିଏସ୍ଆର୍ ପାଣ୍ଠି) ପକ୍ଷରୁ ସହାୟତା ଯୋଗାଇ ଦିଆଯାଇଛି। ମେଧାବୀ ଛାତ୍ରୀଛାତ୍ରଙ୍କ ଆବଶ୍ୟକତାକୁ ନଜରରେ ରଖି ଏଭଳି ପଦକ୍ଷେପ ଗ୍ରହଣ କରାଯାଇଛି ବୋଲି ସାହୁ କହିଛନ୍ତି। ବିଦ୍ୟାଳୟର ବିବିଧ କାର୍ଯ୍ୟକ୍ରମକୁ ଶ୍ରୀମତୀ ସାହୁ ପ୍ରଶଂସା କରିଥିଲେ। କାର୍ଯ୍ୟକ୍ରମରେ ଶିକ୍ଷାକେନ୍ଦ୍ର ପରିଚାଳନା କମିଟିର ସଭାପତି ପ୍ରଫୁଲ୍ଲ ଚନ୍ଦ୍ର ପାତ୍ର, ଉପସଭାପତି ଅନୀଲ ବିଶ୍ୱାଳ, ସାଧାରଣ ସମ୍ପାଦକ ବେଣୁଧର ସେନାପତି, ସହ ସମ୍ପାଦକ ପ୍ରଶାନ୍ତ କୁମାର ସାହୁ, ଅଧକ୍ଷା ମିନତୀ ସେନାପତି, ସରପଞ୍ଚ ପବିତ୍ର ମୋହନ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ୨୭ରୁ ବିଶାଖାପାଟଣା-ଗୁଣପୁର ବିଶେଷ ଟ୍ରେନ୍

**ଭୁବନେଶ୍ୱର,୨୨।୭:** ରେଳପଥର ପରବର୍ତ୍ତୀ ନିର୍ଦ୍ଦେଶାବଳୀ ପର୍ଯ୍ୟନ୍ତ ବିଶାଖାପାଟଣା-ଗୁଣପୁର ଏବଂ ଅଗରତାଲା-ବାଙ୍ଗାଲୋର କ୍ୟାଣ୍ଟ ମଧ୍ୟରେ ବିଶେଷ ଟ୍ରେନ୍ ଚଳାଚଳ କରିବ ବୋଲି ସୂଚନା ମିଳିଛି। ବିଶାଖାପାଟଣା-ଗୁଣପୁର-ବିଶାଖାପାଟଣା ବିଶେଷ ଟ୍ରେନ ଉଭୟ ଦିଗରୁ ୨୭ ଜୁଲାଇରୁ ପରବର୍ତ୍ତୀ ପରାମର୍ଶ ପର୍ଯ୍ୟନ୍ତ ଚଳାଚଳ କରିବ। ଏହି ଟ୍ରେନ୍ ବିଶାଖାପାଟଣାରୁ ଭୋର ୫ଘ.୩୫ମି.ରେ ଛାଡି ଗୁଣପୁରରେ ଅପରାହ୍ନ ୧୨ଘ. ୨୦ମି.ରେ ପହଞ୍ଚିବ। ସେହିଭଳି ଏହା ଗୁଣପୁରରୁ ଅପରାହ୍ନ ୧ଘ.୩୫ମି.ରେ ଛାଡି ବିଶାଖାପାଟଣାରେ ରାତ୍ରି ୮ଘ. ୪୫ମି.ରେ ପହଞ୍ଚିବ ବୋଲି ଜଣାପଡିଛି। ସେହିଭଳି ଅଗରତାଲା-ବାଙ୍ଗାଲୋର କ୍ୟାଣ୍ଟ-ଅଗରତାଲା ଏସି ସ୍ପେଶିଆଲ ୩୧ ଜୁଲାଇରୁ ଅଗରତାଲାରୁ ଏବଂ ୩ ଅଗଷ୍ଟରୁ ବାଙ୍ଗାଲୋର କ୍ୟାଣ୍ଟରୁ ଛାଡି ପରବର୍ତ୍ତୀ ନିର୍ଦ୍ଦେଶାବଳୀ ପର୍ଯ୍ୟନ୍ତ ଚଳାଚଳ କରିବ। ଏହି ଟ୍ରେନ୍ ପ୍ରତ୍ୟେକ ଶନିବାର ସକାଳ ୬ଘ. ୧୦ମି.ରେ ଅଗରତାଲାରୁ ଛାଡି ବାଙ୍ଗାଲୋର କ୍ୟାଣ୍ଟ ଅଭିମୁଖେ ଯାତ୍ରା କରିବ ଏବଂ ବାଙ୍ଗାଲୋର କ୍ୟାଣ୍ଟରୁ ପ୍ରତ୍ୟେକ ମଙ୍ଗଳବାର ପୂର୍ବାହ୍ନ ୧୦ଘ. ୧୫ମି.ରେ ଛାଡି ଅଗରତାଲା ଅଭିମୁଖେ ଯାତ୍ରା କରିବ।

## ବ୍ୟବହାର ଉପଯୋଗୀ ହେବ ଆଲୁମିନିୟମ ବର୍ଜ୍ୟବସ୍ତୁ

**ଭୁବନେଶ୍ୱର, ୨୨।୭**

ଆଲୁମିନିୟମ ଶିଳ୍ପର ବର୍ଜ୍ୟବସ୍ତୁକୁ ବ୍ୟବହାର ଉପଯୋଗୀ କରାଯିବ। ଆଲୁମିନିୟମ ସ୍ମେଲଟିଂ ପ୍ଲାଣ୍ଟଗୁଡ଼ିକରୁ ଏହି ବର୍ଜ୍ୟବସ୍ତୁ ନିର୍ଗତ ହେଉଥିବା ବେଳେ ଏହା ଶିଳ୍ପ ଲାଗି ଆଉ ଅଦରକାରୀ ସାମଗ୍ରୀ ହୋଇ ରହିବ ନାହିଁ। କାରଣ ଏଥିରୁ ଭାଲ୍ୟୁ ସଂଯୋଗ କରିବାକୁ ନୂଆ ଟେକ୍ନୋଲୋଜି ବ୍ୟବହାର କରାଯାଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରାଜ୍ୟରେ ଆଲୁମିନିୟମ ଡ୍ରସ୍ ପ୍ରୋସେସିଂ ଏବଂ ଟ୍ରିଟ୍‌ମେଣ୍ଟ ପ୍ଲାଣ୍ଟକୁ ଶୁକ୍ରବାର ଉଦ୍‌ଘାଟନ କରିବା କାର୍ଯ୍ୟକ୍ରମ ରହିଛି। ଏହାଦ୍ୱାରା ଆଲୁମିନିୟମ ଶିଳ୍ପରେ ଏକ ନୂଆ ଇକୋସିଷ୍ଟମ ସ୍ଥାପନ ହୋଇପାରିବ। ରାଜ୍ୟର ଝାରସୁଗୁଡ଼ାଠାରେ ରୁନାୟା ରିଫାଇନିଂ ଏଲ୍ଏଲ୍‌ପି ପକ୍ଷରୁ ଏକ ଷ୍ଟେଟ ଅଫ୍ ଆର୍ଟ ୱେଷ୍ଟ ଟୁ ୱେଲ୍‌ଥ ପ୍ଲାଣ୍ଟ ଶୁଭାରମ୍ଭ ହେବ। ଓଡ଼ିଶାର ଜିରୋ ୱେଷ୍ଟ ଏବଂ ଜିରୋ ଡିସ୍‌ଚାର୍ଜ ପଦକ୍ଷେପ ଅଧୀନରେ ଏଭଳି ପଦକ୍ଷେପ ବେଶ୍ ସ୍ୱାଗତଯୋଗ୍ୟ ପଦକ୍ଷେପ ବୋଲି କୁହାଯାଇଛି। ତାହା ଇଣ୍ଟରନ୍ୟାଶନାଲର ଡ୍ରସ୍ ପ୍ରୋସେସିଂ ଟେକ୍ନୋଲୋଜିକୁ ଏହି



ନୂଆ ଫାସିଲିଟିରେ ବ୍ୟବହାର କରାଯିବା ଯୋଜନା ରଖାଯାଇଛି। ରୁନାୟା ଏଥିଲାଗି ଲାଇସେନ୍ସ ଲାଭ କରିଛି।

ଦକ୍ଷିଣ ପୂର୍ବ ଏସିଆରେ ଏଭଳି ଟେକ୍ନୋଲୋଜି ପ୍ରଥମ ଥର ଲାଗି ବ୍ୟବହାର ହେଉଛି। ଆଲୁମିନିୟମ ଶିଳ୍ପରେ ରହିଥିବା ପ୍ରମୁଖ ଆହ୍ୱାନକୁ ଏହା ସମାଧାନ କରିବାରେ ଯୋଗଦାନ ରଖିବ ବୋଲି ଆଶା କରାଯାଉଛି। ପରିବେଶକୁ କୌଣସି କ୍ଷତି ନ ପହଞ୍ଚାଇ ଏହା ଡ୍ରସ୍ ପରିଚାଳନା, ଉତ୍ତୋଳନ ଏବଂ ଡିସ୍‌ପୋଜାଲ କ୍ଷେତ୍ରରେ କାର୍ଯ୍ୟ କରିବ। ତାହା ଏବଂ ରୁନାୟାର ମିଳିତ ସହଯୋଗରେ ଏଭଳି କାର୍ଯ୍ୟକ୍ରମକୁ ଚୂଡ଼ାନ୍ତ ରୂପ ପ୍ରଦାନ କରାଯାଉଛି ବୋଲି ତାହା ଇଣ୍ଟରନ୍ୟାଶନାଲର ପ୍ରତିଷ୍ଠାତା ଫ୍ରାଙ୍କ୍ ପୋଲମନ କହିଛନ୍ତି।

**ଫୁରସତ୍**

## ବିଲାତିରେ କାମକରେ ସ୍ନାୟୁ

ବିଲାତି ଗଛରେ ଏଭଳି ସ୍ନାୟୁ ପ୍ରଣାଳୀ ରହିଛି, ଯାହା ମଣିଷଙ୍କ ସ୍ନାୟବିକ ତନ୍ତ୍ର ପରି ଆଗୁଆ ସିଗ୍‌ନାଲ ଦେଇଥାଏ। ଏଥିରୁ ଟମାଟୋ ଗଛ ନିଜ ସୁରକ୍ଷା ପାଇଁ ବ୍ୟବସ୍ଥା କରିବାରେ ସକ୍ଷମ ହୋଇଥାଏ। ବ୍ରାଜିଲସ୍ଥିତ ଫେଡେରାଲ ପୋଲୋଟାସ୍ ବିଶ୍ୱବିଦ୍ୟାଳୟର ବୈଜ୍ଞାନିକ ଗେବ୍ରିଏଲା ନିମେୟରଙ୍କ ନେତୃତ୍ୱରେ କରାଯାଇଥିବା ଏକ ଅଧ୍ୟୟନରୁ ଏହି ବିଷୟ ଜଣାପଡ଼ିଛି।



**ନୂଆଦିଲ୍ଲୀ:** ମଣିଷ ଏବଂ ପଶୁପକ୍ଷୀଙ୍କ ଭଳି ଟମାଟୋରେ ମଧ ସ୍ନାୟୁ ପ୍ରଣାଳୀ ରହିଛି। ଗଛରେ ଥିବା ବିଲାତିରେ କୌଣସି ଆଘାତ ଲାଗିଲେ କିମ୍ବା କୀଟ ଦଂଶନ କଲେ ସଙ୍ଗେ ସଙ୍ଗେ ଗଛଟି ଅନ୍ୟ ସମସ୍ତ ଅଂଶକୁ ସିଗ୍‌ନାଲ ପଠାଇ ସତର୍କ କରାଇ ଦେଇଥାଏ ବୋଲି ଏକ ଗବେଷଣାରୁ ଜଣାପଡ଼ିଛି। ବ୍ରାଜିଲର ଫେଡେରାଲ ପୋଲୋଟାସ୍ ୟୁନିଭର୍ସିଟିର ବୈଜ୍ଞାନିକ ଗେବ୍ରିଏଲା ନିମେୟର ଏବଂ ତାଙ୍କର ଏକ ଟିମ୍ ମିଳିତଭାବେ କରିଥିବା ଏକ ରିସର୍ଚ୍ଚରୁ ଜଣାପଡ଼ିଛି, ଟମାଟୋ ଗଛରେ ମଣିଷଙ୍କ ଭଳି ସ୍ନାୟୁ ପ୍ରଣାଳୀ ରହିଛି। ତେଣୁ ଗଛର କୌଣସି ଅଂଶରେ କ୍ଷତି ହେଲେ ସେ ସମ୍ପର୍କରେ ତୁରନ୍ତ ସବୁ ଆଡ଼କୁ ଖବର ପହଞ୍ଚିଯାଏ। ଏଭଳି ଆଗୁଆ ସିଗ୍‌ନାଲ ଦେବା ଫଳରେ ଗଛର ସବୁ ଅଂଶରେ କ୍ଷତି ସମ୍ପର୍କରେ ସୂଚନା ପହଞ୍ଚି ଯାଇଥାଏ। ଫଳରେ ଟମାଟୋ ଗଛ ନିଜର ସୁରକ୍ଷା ପାଇଁ ବ୍ୟବସ୍ଥା କରିବାକୁ ଚେଷ୍ଟା କରିଥାଏ। ଏମିତି କି ଗଛରେ ଥିବା କୌଣସି ଏକ ଟମାଟୋରେ ପୋକ ଲାଗିବା ଫଳରେ ଗଛର ସବୁଅଂଶକୁ ଜଣା ପଡ଼ି ଯାଇଥାଏ। ଏହାପରେ ଗଛର ଭିତର ଅଂଶରେ ହାଇଡ୍ରୋଜେନ୍ ପେରୋକ୍‌ସାଇଡ୍ କ୍ଷରଣ ହୋଇଥାଏ। ଏହାଫଳରେ କ୍ଷତି ପହଞ୍ଚିଥିବା ଅଂଶ କିମ୍ବା ପୋକ ଲାଗିଥିବା ଟମାଟୋ ଠାରୁ ସଂକ୍ରମଣ ଅନ୍ୟ ସ୍ଥାନକୁ ଯାଇପାରି ନ ଥାଏ। ମଣିଷଙ୍କ ଶରୀରରେ ଜଟିଳ ନର୍ଭସ ସିଷ୍ଟମ୍ ରହିଥାଏ, ଯାହାଫଳରେ ସ୍ନାୟୁଗୁଡ଼ିକ ଶରୀରର ଭିନ୍ନ ଭିନ୍ନ ଅଂଶକୁ ଇଲେକ୍ଟ୍ରିକାଲ ସିଗ୍‌ନାଲ ପଠାଇଥାଏ। ଗଛରେ ନ୍ୟୁରୋନ୍ସ ନ ଥାଏ, ଏଥିରେ ପତଳା ପତଳା ଟ୍ୟୁବ ରହିଥାଏ, ଯାହାକୁ ଜାଇଲେମ୍ ଓ ଫ୍ଲୋଏମ୍ କୁହାଯାଇଥାଏ। ଏହି ମାଧ୍ୟମରେ ଚାର୍ଜ ଆୟନର ପ୍ରବାହ ହୋଇଥାଏ, ଯାହା ଟମାଟୋ ଗଛର ସବୁ ଅଂଶରେ ଖବର ପହଞ୍ଚାଇଥାଏ। ତେବେ ଅନ୍ୟ ଗଛର ସ୍ନାୟୁ ପ୍ରଣାଳୀ ସମ୍ପର୍କରେ ଏପର୍ଯ୍ୟନ୍ତ ବୈଜ୍ଞାନିକମାନଙ୍କ ପାଖରେ ସ୍ପଷ୍ଟ ସୂଚନା ନାହିଁ।



## ଶୋ’ ହୋଷ୍ଟ କରିବେନି ଆଦିତ୍ୟ

**ମୁମ୍ବାଇ:** ଇଣ୍ଡିଆନ ଆଇଡଲ୍-୧୨ର ହୋଷ୍ଟିଂରୁ ଛୁଟି ନେବେ ଆଦିତ୍ୟ ନାରାୟଣ। ଏ ନେଇ ଆଦିତ୍ୟ କହିଛନ୍ତି, ଟିଭି ଇଣ୍ଡଷ୍ଟ୍ରି ଯାହା ବି କିଛି ଦେଇଛି ସେଥିରେ ବହୁତ ଖୁସି। ଶୋ’ରୁ ବ୍ରେକ ନେବି। ୧୫ ବର୍ଷ ହେଲା ଟେଲିଭିଜନ ଇଣ୍ଡଷ୍ଟ୍ରି ସୁଯୋଗ ଦେଇଛି। ଆସନ୍ତା ବର୍ଷ ଏହା ଶେଷ ହେବାକୁ ଯାଉଛି। ଆସନ୍ତା ବର୍ଷ ସେ ପିତା ହେବାକୁ ଯାଉଥିବା କହିଛନ୍ତି। ଆଦିତ୍ୟ ଏବଂ ଶ୍ୱେତାଙ୍କ କିଛି ବର୍ଷରୁ ଡେଟ କରୁଥିଲେ। ଗତ ଡିସେମ୍ବରରେ ଉଭୟେ ବିବାହ ବନ୍ଧନରେ ବାନ୍ଧି ହୋଇଥିଲେ। ଆଦିତ୍ୟ ହେଉଛନ୍ତି ପ୍ରସିଦ୍ଧ କଣ୍ଠଶିଳ୍ପୀ ଉଦିତ୍ ନାରାୟଣଙ୍କ ପୁଅ।


**Birthday wish**



**Divyashree Debarchana**
(DD, Dhana, Guduni, Khushbu).
Khandagiribari, BBSR.
Happy Birthday to our precious daughter, you are loved today, tomorrow and always! Best wishes from: Bou- Minakumari, Maa-Binapani, Ninimama & Guru Sri Meghanad.
D-21143



# CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

**ବାବା ଅମିଲ୍ ସୁଫି**
ସମସ୍ୟା ଦିଅନ୍ତୁ ସମାଧାନ ନିଅନ୍ତୁ
୭ ଘଣ୍ଟାରେ ୧୦୦ ପ୍ରତିଶତ ଗ୍ୟାରେଣ୍ଟି ସହିତ
ବ୍ୟବସାୟ, ପ୍ରେମ, ଶତ୍ରୁରୁ ମୁକ୍ତି, ପତିପତ୍ନୀ ଝଗଡ଼ା, ଲଭ୍‌ମ୍ୟାରେଜ୍, ସଂପତ୍ତି, କୋର୍ଟ କେସ୍, ଗୁପ୍ତରୋଗ, ପୁରୁଣା କଷ୍ଟ, ଔଷଧ ନ ଲାଗିବା, ବନ୍ଧୀକରଣ, ଯାଦୁଟୋନା, କାର୍ଯ୍ୟକାରିଣୀ, ବିବାହରେ ବାଧା, ସ୍ପେଶାଲିଷ୍ଟ-ବଶୀକରଣ, ମୁଠକଣୀ
A To Z Problem Solution
କଳାଯାଦୁର ଅଧିକାରୀ
9911436726
8800979262

**ମୋବାଇଲ ଟାୱାର**
**ସେଣ୍ଟ୍ରାଲ ଟାୱାର**
ଭାରତର ନଂ.1 କମ୍ପାନୀ
ଦ୍ୱାରା ନିଜର ଖାଲି ଜମି, ଛାତ, ପ୍ଲଟ୍, ଖେତରେ 4G-5G ମୋବାଇଲ ଟାୱାର୍ ଲଗାନ୍ତୁ
ଅଗ୍ରିମ 60 ଲକ୍ଷ
ଭଡ଼ା 25,000
ଅନ୍ୟାନ୍ୟ ଦେୟ 25,000 + ବାଇକ୍
07307631518
07307623889

**ଲୋନ୍ ଧମାକା**
2% ସୁଧ, 50% ଛାଡ
ମହିଳାଙ୍କ ନିମନ୍ତେ ବିଶେଷ ଛାଡ
COVID-19 ମହାମାରୀ ସମୟରେ ସମସ୍ତଙ୍କୁ ୧ଲକ୍ଷ ରୁ ୯୦ଲକ୍ଷ ପର୍ଯ୍ୟନ୍ତ ଲୋନ୍ ଯୋଗାଇ ଦିଆଯାଉଛି। ପର୍ସନାଲ୍ ଲୋନ୍, ସମ୍ପତ୍ତି ଲୋନ୍, ହୋମ୍ ଲୋନ୍, ଏଗ୍ରିକଲ୍‌ଚରାଲ୍ କିମ୍ବା ପଶୁପାଳନ ନିମନ୍ତେ ସବୁ ପ୍ରକାରର ଲୋନ୍ ଉପଲବ୍ଧ। ଘରେ ବସି Online ମାଧ୍ୟମରେ ସୁବିଧାରେ ଲୋନ୍ ର ଲାଭ ଉଠାନ୍ତୁ।
ମୁଦ୍ରା ଫାଇନାନ୍ସ
9999268493
7310635591

**ALL EDITION - B/W (Everyday)**
for Booking Contact:
0674-2580385
8637280816, 9338757574
7894447167, 9338226625

**BANSAL TOWER COMPANY**
GOVT APPROVED COMPANY
ଦ୍ୱାରା ମାନ୍ୟତା ପ୍ରାପ୍ତ ନିଜର ଖାଲି ଥିବା ଜମି, କ୍ଷେତ, ଛାତ ଏବଂ ଖାଲି ସ୍ଥାନ ମାନଙ୍କରେ 4G/5G ଟାୱାର ଲଗାନ୍ତୁ।
FAKE COMPANY ଠାରୁ ସାବଧାନ ରୁହନ୍ତୁ।
Advance: 60 Lakhs
ମାସିକ ଭଡ଼ା: ୪୫୦୦୦
ଏବଂ ଜଣଙ୍କୁ ଚାକିରି ଦିଆଯିବ।
Contact-
7376459854 / 9518817448

**DHANLAXMI FINANCE**
(Reg. No. Reg.No.KA4576GFS5HK7)
ଭାରତର ଗୋଲ୍ଡ ମେଡାଲିଷ୍ଟ କମ୍ପାନୀ ୧୯୪୧ ରୁ ଆପଙ୍କର ସେବାରେ
ମାର୍କସିଟ, ପର୍ସନାଲ, ସମ୍ପତି, BPL, IIT ଭତ୍ତା, କୁକୁଡ଼ାପାଳନ, ଇତ୍ୟାଦି ସମସ୍ତ ଋଣ ମାତ୍ର ୨୪ ଘଣ୍ଟାରେ ଘରେ ବସି ପାଆନ୍ତୁ।
2% ସୁଧ ଏବଂ 40% ଛାଡ
ଧୋକାବାଜ୍ ଙ୍କୁ ସାବଧାନ, ଧୋକା ଖାଇଥିବା ଅବଶ୍ୟ କଲ କରନ୍ତୁ
2th floor, Krishna Reddy, Mumbai, Maharastra
8004740343

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


## ଜନ୍ମହାର ବୃଦ୍ଧି ପାଇଁ ଇରାନର ନୂଆ ଆପ୍



**ତେହେରାନ:** ଇରାନରେ ଜନ୍ମହାର ହ୍ରାସ ଏକ ସମସ୍ୟା ଭାବେ ମୁଣ୍ଡ ଟେକିଛି । ଗତ ୪ ବର୍ଷ ମଧ୍ୟରେ ଇରାନ ମହିଳାଙ୍କ ନିକଟରେ ପ୍ରଜନନ ହାର ୨୫ ପ୍ରତିଶତ କମ ହୋଇଛି। ଜନ୍ମହାର ବୃଦ୍ଧି କରିବା ପାଇଁ ଇରାନ ସରକାର ମ୍ୟାଚ୍ ମେକିଂ ଆପ୍ ଲଞ୍ଚ୍ କରିଛନ୍ତି। ଏହି ଆପ୍ ମାଧ୍ୟମରେ ଯୁବବର୍ଗ ନିଜର ଜୀବନସାଥୀ ବାଛିପାରିବେ ଓ ଇରାନର ଜନ୍ମହାର ବୃଦ୍ଧି ପାଇବ ବୋଲି କୁହାଯାଇଛି। ଏହି ଆପ୍‌ର ନାଁ ରହିଛି ‘ହମ୍‌ଦମ୍’ । ଏହାକୁ ସରକାରଙ୍କ ଇସଲାମିକ ସାଂସ୍କୃତିକ ନିକାହ ତିଆରି କରିଛି। ଏହି ଆପ୍ ଯୋଗେ ବିବାହ କରୁଥିବା ଯୋଡ଼ିଙ୍କ ସହ ୪ ବର୍ଷ ପର୍ଯ୍ୟନ୍ତ ଯୋଗାଯୋଗକରାଯିବ।ଇରାନରେଡେଟିଂଉପରେ ପ୍ରତିବନ୍ଧକ ରହିଛି। ୨୦୧୪ରେ ସୁପ୍ରିମ ଲିଡର ଆୟାତୁଲ୍ଲା ଖାମେନେଇ କହିଥିଲେ, ଜନ୍ମହାର ବୃଦ୍ଧି ହେଲେ ରାଷ୍ଟ୍ରୀୟ ପରିଚୟ ମଜଭୁତ ହୋଇଥାଏ। ଏହାପରେ ଇରାନରେ ଜନ୍ମହାର ବୃଦ୍ଧି ପାଇଁ ବିଭିନ୍ନ ପ୍ରୋତ୍ସାହନ ଦିଆଯାଉଛି।


# ମନେ ପଡ଼ନ୍ତି

**ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**ସ୍ୱର୍ଗତା ଶୈଳବାଳା ସାହୁ**
ପତନୀ, କେନ୍ଦୁପଲ୍ଲୀ, ବାଙ୍କୀ, କଟକ
ଆବିର୍ଭାବ: ୧୪।୧୦।୧୯୬୦
ତିରୋଧାନ: ୨୪।୦୬।୨୦୨୦
(ଆଷାଢ଼ ଶୁକ୍ଳପକ୍ଷ ତୃତୀୟ ତିଥି)
ବୋଉ, ଚାହୁଁ ଚାହୁଁ ତୋର ଇହଧାମ ଯାତ୍ରାର ଗୋଟେ ବର୍ଷ ବିତିଗଲା। ତୋର ଶୂନ୍ୟତା ଆମ୍ଭେମାନେ ପ୍ରତିଟି ମୁହୂର୍ତ୍ତରେ ଅନୁଭବ କରୁଛୁ। ତୋର ସ୍ନେହ, ଶ୍ରଦ୍ଧା, ଭଲପାଇବା ଆମେ ଭୁଲିପାରୁ ନାହୁଁ। ଆଜି ତୋର ପ୍ରଥମ ଶ୍ରାଦ୍ଧବାର୍ଷିକୀରେ ଜଗନ୍ନାଥଙ୍କ ପାଖରେ ତୋର ପବିତ୍ର ଆତ୍ମାର ସଦ୍‌ଗତି ପାଇଁ ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ: ସ୍ୱାମୀ: ନିତ୍ୟାନନ୍ଦ ସାହୁ, ପୁଅ, ବୋହୂ, ଝିଅ,ଜ୍ୱାଇଁ, ଭଣଜା, ଭାଣିଜୀ, ନାତି, ନାତୁଣୀ ଓ ପରିବାରବର୍ଗ।
ଧ-୭୦୪୬୪

**ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**
**ଦ୍ୱିତୀୟ ଶ୍ରାଦ୍ଧ ବାର୍ଷିକୀ**



**✓ ଡାଃ. ଅମ୍ବିକା ପ୍ରସାଦ ମହାନ୍ତି**
ଆବିର୍ଭାବ - ୦୩/୦୨/୧୯୩୫
ତିରୋଧାନ - ୨୩/୦୭/୨୦୧୯
ଚାହୁଁ ଚାହୁଁ ଦୁଇ ବର୍ଷ ବିତିଗଲା । ତୁମର ଅନୁପସ୍ଥିତି ଆମେ ପ୍ରତି ମୁହୂର୍ତ୍ତରେ ଅନୁଭବ କରୁଛୁ । ତୁମର ନୀତି, ସ୍ନେହ, ଆଦର୍ଶ, ସରଳ ସ୍ୱଭାବ ଓ କର୍ତ୍ତବ୍ୟନିଷ୍ଠାକୁ ପାଥେୟ କରି ବାଟ ଚାଲିବାକୁ ଚେଷ୍ଟା କରୁଛୁ । ତୁମର ପବିତ୍ର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ପାଦ ପଦ୍ମରେ ଆମର ବିନମ୍ର
ଶ୍ରଦ୍ଧାଞ୍ଜଳି ସହ : ପୁତ୍ର/ପୁତ୍ରବଧୂ, ଝିଅ/ଜ୍ୱାଇଁ, ନାତି/ନାତୁଣୀ ଓ ବନ୍ଧୁ ଏବଂ ଆତ୍ମୀୟସ୍ୱଜନ ।
ଧ-୨୧୧୪୨

**ଷଷ୍ଠ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ**
**ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**ସ୍ୱର୍ଗତା ପ୍ରମିଳା ପାତ୍ର/ ଶତପଥୀ (ପମି)**
ମହାଦେବ ନଗର, ଭୁବନେଶ୍ୱର
ତିରୋଧାନ: ୦୧।୦୭।୨୦୧୫
ସମୟାନୁକ୍ରମରେ ଆଜକୁ ୬ବର୍ଷ ତଳେ ତୁମେ ଆମ୍ଭମାନଙ୍କୁ ଶୋକ ସାଗରରେ ଭସାଇ ଦେଇ ଅସମୟରେ ଚାଲିଗଲ। କିନ୍ତୁ ଛାଡ଼ିଦେଇ ଗଲ ଅନେକ ସ୍ମୃତି ଓ ଅନୁଭୂତି। ଆଜି ଆମ୍ଭେ ସପରିବାର ତୁମର ସେହି ସ୍ମୃତିକୁ ପାଥେୟ କରି ଆଖିର ଲୁହ ଓ ଛାତିର କୋହକୁ ଜାବୁଡ଼ି ଧରି ସଂସାରର ନିୟମ ମଧ୍ୟରେ ଗତି କରୁଅଛୁ। କିନ୍ତୁ ତୁମର ସ୍ଥାନ ଚିର ଅପୂରଣୀୟ। ସବୁ ମୁହୂର୍ତ୍ତରେ ତୁମର ଅଭାବ ଅନୁଭୂତ। ଆଜି ତୁମର ୬ଷ୍ଠ ଶ୍ରାଦ୍ଧ ବାର୍ଷିକୀ ଅବସରରେ ଗଭୀର ଶ୍ରଦ୍ଧାଞ୍ଜଳି ସହ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ତୁମ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରାର୍ଥନା କରୁଅଛୁ।
ଶୋକସନ୍ତପ୍ତ ପରିବାର ଓ ବନ୍ଧୁବର୍ଗ: କିଟି, ବବି, ମକର, ଇତ୍ୟାଦି।
ଧ-୨୧୦୯୩

# ଭାରତରୁ ଭାଗନେବେ ୧୨୦

**ଅଲିମ୍ପିକ୍ସର ୩୨ତମ ସଂସ୍କରଣ ଟୋକିଓରେ ଇତିମଧ୍ୟରେ ଉଦ୍‌ଘାଟିତ ହୋଇଛି। ବିଶ୍ୱର ଏହି ସର୍ବଶ୍ରେଷ୍ଠ କ୍ରୀଡ଼ା ମହାକୁମ୍ଭରେ ୧୮ଟି କ୍ରୀଡ଼ାରେ ରେକର୍ଡ ୧୨୦ରୁ ଊର୍ଦ୍ଧ୍ୱ ଭାରତୀୟ ଆଥ୍‌ଲେଟ ଅଂଶଗ୍ରହଣ କରିଛନ୍ତି। ସେହିପରି ଓଡ଼ିଶାରୁ ୫ ଜଣ ଆଥ୍‌ଲେଟ ମଧ୍ୟ ଏଥିରେ ଅଂଶଗ୍ରହଣ କରିବାର ସୁଯୋଗ ପାଇଛନ୍ତି। ଟୋକିଓ ଅଲିମ୍ପିକ୍ସରେ ଭାରତ ଏଥର ରେକର୍ଡ ସଂଖ୍ୟକ ପଦକ ହାସଲ କରି ଇତିହାସ ସୃଷ୍ଟି କରିବ ବୋଲି ଆଶା କରାଯାଉଛି...**



ନୀରଜ ଚୋପ୍ରା

କୋଭିଡ୍-୧୯ କାରଣରୁ ଦୀର୍ଘଦିନର ଅନିଶ୍ଚିତତା ପରେ ଟୋକିଓ ଅଲିମ୍ପିକ୍ସ ଆରମ୍ଭ ହୋଇଛି। ଭାରତ ସମେତ ସାରା ବିଶ୍ୱ ପାଇଁ ଏହି କ୍ରୀଡ଼ା ମହାକୁମ୍ଭର ଆୟୋଜନ ବିଶେଷ ମହତ୍ତ୍ୱ ରଖୁଛି। ଏଥର ଅଲିମ୍ପିକ୍ସ କେବଳ କ୍ରୀଡ଼ାରେ ସୀମିତ ହୋଇ ରହିନାହିଁ। ଏହା କରୋନା ମହାମାରୀ ବିପକ୍ଷରେ ମାନବ ସଭ୍ୟତାର ଏକ ନିର୍ଣ୍ଣାୟକ ଲଢ଼େଇ ବୋଲି ବିବେଚିତ ହୋଇଛି। ଅଲିମ୍ପିକ୍ ଆୟୋଜନ ମାନବ ସଭ୍ୟତାକୁ ଏକ ନୂଆ ସୋପାନକୁ ନେବ ବୋଲି ଆଶା କରାଯାଉଛି। ପ୍ରତିକୂଳ ପରିସ୍ଥିତି ଚରମସୀମାରେ ପହଞ୍ଚିଥିଲେ ମଧ୍ୟ ଜାପାନ ସରକାର ଓ ଅନ୍ତର୍ଜାତୀୟ ଅଲିମ୍ପିକ କମିଟି (ଆଇଓସି)ର ହାର୍ ନ ମାନିବାର ଅଭିମୁଖ୍ୟ ଏବେ ଇତିହାସ ସୃଷ୍ଟି କରିବାକୁ ଯାଉଛି। ଯଦି ସବୁ କିଛି ଠିକ୍‌ଠାକ ଚାଲେ ତା'ହେଲେ ଆଉ ୧୫ ଦିନପରେ ଅର୍ଥାତ୍ ଅଗଷ୍ଟ ୮ ତାରିଖ ବେଳକୁ ଅଲିମ୍ପିକ୍ସ ସଫଳତାର ସହ ଆୟୋଜନ ହୋଇ ସାରିଥିବ। ଏହା ହୋଇପାରିଲେ କରୋନା ମହାମାରୀ ବିରୋଧରେ ମାନବତାର ବିଜୟ ଧ୍ୱଜା ଉଡ଼ିବ। ବିଶ୍ୱର କୋଣ ଅନୁକୋଣରୁ କ୍ରୀଡ଼ାବିତ୍‌ଙ୍କ ପାଇଁ ଏହି ଅଲିମ୍ପିକ୍ସ ନୂଆ ଆଶା ସଞ୍ଚାର ସୃଷ୍ଟି କରିଛି। କରୋନା କାରଣରୁ ଗୋଟିଏ ବର୍ଷ ଅଲିମ୍ପିକ୍ସ ସ୍ଥଗିତ ରହିବା ଆଥ୍‌ଲେଟଙ୍କୁ ଅବଶ୍ୟ ନିରାଶ କରିଥିଲା। କିନ୍ତୁ ଅଲିମ୍ପିକ୍ସ ଆରମ୍ଭ ହେବାକୁ ଯାଉଥିବାରୁ କ୍ରୀଡ଼ାବିତ୍‌ମାନେ ବେଶ୍ ଉତ୍ସାହିତ ଅଛନ୍ତି।

ବିଶ୍ୱର ୨୦୪ ଦେଶ ସହ ରିଫ୍ୟୁଜି ଦଳ ମଧ୍ୟ ଏଥିରେ ଅଂଶଗ୍ରହଣ କରିବେ। ଏହି ମେଗା ଇଭେଣ୍ଟରେ ମୋଟ ୧୧,୨୩୮ରୁ ଊର୍ଦ୍ଧ୍ୱ ଆଥ୍‌ଲେଟ ଅଂଶଗ୍ରହଣ କରିବେ। ୩୩ କ୍ରୀଡ଼ାର ୫୦ଟି ବର୍ଗରେ ୩୩୯ଟି ଇଭେଣ୍ଟ ଖେଳାଯିବ। ଅଲିମ୍ପିକ୍ସର ଏହି ୩୨ତମ ସଂସ୍କରଣ ଭାରତ ଓ ଭାରତୀୟ କ୍ରୀଡ଼ାବିତ୍‌ଙ୍କ ପାଇଁ ବିଶେଷ ଭାବେ ମହତ୍ତ୍ୱ ରଖୁଛି। ଦୀର୍ଘ ବର୍ଷର ପ୍ରସ୍ତୁତି ପରେ ଭାରତୀୟ ଆଥ୍‌ଲେଟମାନେ ନିଜର ଦକ୍ଷତା ପ୍ରଦର୍ଶନ ପାଇଁ ବେଶ୍ ଉତ୍ସାହିତ ରହିଛନ୍ତି। ୧୯୦୦ ପ୍ୟାରିସ ଅଲିମ୍ପିକ୍ସରେ ଭାରତ ପ୍ରଥମଥର ପାଇଁ ପଦାର୍ପଣ କରିଥିଲା। ସେତେବେଳେ ଅବଶ୍ୟ ଭାରତ ପରାଧୀନ ଥିଲା। ଏହି ଅଲିମ୍ପିକ୍ସରେ ଭାରତର ଏକମାତ୍ର ଖେଳାଳି ଭାବେ ନର୍ମାନ ପ୍ରଚାର୍ଡ ଆଥ୍‌ଲେଟିକ୍ସରେ ଦୁଇଟି ପଦକ ଜିତିଥିଲେ ଓ ସେ ଏସିଆର ପ୍ରଥମ ଅଲିମ୍ପିକ ପଦକ ବିଜେତା ସାବ୍ୟସ୍ତ ହୋଇଥିଲେ। ୧୯୨୦ ଆଣ୍ଟୱେର୍ପ ଅଲିମ୍ପିକ୍ସକୁ ଭାରତ ପ୍ରଥମଥର ପାଇଁ ତା'ର ଦଳ ପଠାଇଥିଲା। ଏହାପରଠାରୁ ଭାରତ ସବୁ ଅଲିମ୍ପିକ୍ସରେ ନିୟମିତ ଭାବେ ଅଂଶଗ୍ରହଣ କରିଆସୁଛି। ସେହିପରି ୧୯୬୪ରେ ଶୀତକାଳୀନ ଅଲିମ୍ପିକ୍ସ ଆରମ୍ଭ ହେବା ପରଠାରୁ ଭାରତ ମଧ୍ୟ ଏଥିରେ ନିୟମିତ ଭାବେ ଅଂଶଗ୍ରହଣ କରିଆସୁଛି।

ଭାରତ ଏପର୍ଯ୍ୟନ୍ତ ଅଲିମ୍ପିକ୍ସରେ ମୋଟ ଉପରେ ୨୮ଟି ପଦକ ହାସଲ କରିଛି। ଭାରତ ୯ ସ୍ୱର୍ଣ୍ଣ, ୭ ରୌପ୍ୟ ଓ ୧୨ ବ୍ରୋଞ୍ଜ ପଦକ ଜିତିଛି। ଏଥିରେ ଭାରତୀୟ ହକି ଦଳ ସବୁଠାରୁ ସଫଳ ସାବ୍ୟସ୍ତ ହୋଇଛି। ୧୯୨୦ରୁ ୧୯୮୦ ମଧ୍ୟରେ ଭାରତୀୟ ପୁରୁଷ ହକି ଦଳ ୮ଟି ସ୍ୱର୍ଣ୍ଣ ପଦକ ଜିତିବା ସହ ୧୧ ପଦକ ହାସଲ କରିଛି। ୧୯୨୮ରୁ ୧୯୫୬ ମଧ୍ୟରେ ଭାରତ କ୍ରମାଗତ ୬ଟି ସ୍ୱର୍ଣ୍ଣ ପଦକ ହାସଲ କରି ରେକର୍ଡ କରିଥିଲା।

ଟୋକିଓ ଅଲିମ୍ପିକ୍ସରେ ୧୮ଟି କ୍ରୀଡ଼ାରେ ଭାରତର ୧୨୦ରୁ ଊର୍ଦ୍ଧ୍ୱ ଆଥ୍‌ଲେଟ ଅଂଶଗ୍ରହଣ କରିବେ। ଏଥିରେ ପୁରୁଷ ଓ ମହିଳା ହକି ଦଳରେ ୨ଜଣ ଅଲଟରନେଟ ଖେଳାଳିଙ୍କ ସହ ଜଣେ ଲେଖାଏ ରିଜର୍ଭ ଗୋଲକିପର ସାମିଲ ରହିଛନ୍ତି।

୨୦୧୬ ରିଓ ଅଲିମ୍ପିକ୍ସରେ ଭାରତ ତରଫରୁ ୬୩ ପୁରୁଷ ଓ ୫୪ ମହିଳା ସମେତ ୧୧୭ ଭାରତୀୟ ଆଥ୍‌ଲେଟ ଅଂଶଗ୍ରହଣ କରିଥିଲେ। ସେହିପରି ୨୦୧୨ ଲଣ୍ଡନ ଅଲିମ୍ପିକ୍ସରେ ୬୦ ପୁରୁଷ ଓ ୨୩ ମହିଳା ସମେତ ମୋଟ୍ ୮୩ଜଣ ଆଥ୍‌ଲେଟ ଅଂଶଗ୍ରହଣ କରିଥିଲେ। ୨୦୧୨ ଲଣ୍ଡନ ଅଲିମ୍ପିକ୍ସରେ ଭାରତ ୬ଟି ପଦକ ହାସଲ କରି ଶ୍ରେଷ୍ଠ ପ୍ରଦର୍ଶନ କରିଥିଲା। ତେବେ ରିଓ ଅଲିମ୍ପିକ୍ସରେ ଭାରତ ମାତ୍ର ୨ଟି ପଦକ ଜିତିବାକୁ ସକ୍ଷମ ହୋଇଥିଲା। ଏଥର ଟୋକିଓ ଅଲିମ୍ପିକ୍ସରେ ଭାରତ ଶ୍ରେଷ୍ଠ ପ୍ରଦର୍ଶନ କରିବା ସହ ଅଧିକ ପଦକ ହାସଲ କରିବ ବୋଲି ପୂର୍ବାନୁମାନ କରାଯାଉଛି। କୋଭିଡ୍-୧୯ ଚ୍ୟାଲେଞ୍ଜ୍ ଓ ସମସ୍ୟାକୁ ପଛରେ ପକାଇ ଖେଳାଳିମାନେ ନିଜର ସ୍ୱପ୍ନ ପୂରଣ କରିବେ ବୋଲି ଆଶା କରାଯାଉଛି। ଅଭିଜ୍ଞ ଜାଭେଲିନ ଥ୍ରୋୟର ନିରଜ ଚୋପ୍ରା ଓ ଜିମ୍ନାଷ୍ଟିକ୍‌ରେ ଏକମାତ୍ର ଖେଳାଳି ଭାବେ ପ୍ରଣତୀ ନାୟକଙ୍କ ସମେତ ଏକାଧିକ ଖେଳାଳିଙ୍କ ଉପରେ ସମସ୍ତଙ୍କ ନଜର ରହିଛି।

## ଏଥର ଓଡ଼ିଶାରୁ ୫ ଆଥ୍‌ଲେଟ

ଟୋକିଓ ଅଲିମ୍ପିକ୍ସରେ ଓଡ଼ିଶାରୁ ୫ ଜଣ ଆଥ୍‌ଲେଟ ଅଂଶଗ୍ରହଣ କରିବାର ସୁଯୋଗ ପାଇଛନ୍ତି। ତାରକା ଧାବିକା ଦୂତୀ ଚାନ୍ଦ ୧୦୦ ଓ ୨୦୦ ମିଟର ଦୌଡ଼ରେ ଅଂଶଗ୍ରହଣ କରିବେ। ସେହିପରି ଭାରତୀୟ ପୁରୁଷ ହକି ଦଳ ତରଫରୁ ଓଡ଼ିଶାର ଅଭିଜ୍ଞ ଡିଫେଣ୍ଡର ବୀରେନ୍ଦ୍ର ଲାକ୍ରା ଓ ତାରକା ଡ୍ରାଗ୍ ଫ୍ଲିକର ଅମିତ ରୋହିଦାସ ପ୍ରତିନିଧିତ୍ୱ କରିବେ। ଅନ୍ୟପଟେ ମହିଳା ହକିରେ ତାରକା ଡିଫେଣ୍ଡର ଦୀପଗ୍ରେସ ଏକ୍କା ଓ ମିଡ୍ ଫିଲ୍ଡର ନମିତା ଟୋପ୍ପୋ ଭାରତ ପାଇଁ ଖେଳିବାର ସୁଯୋଗ ହାସଲ କରିଛନ୍ତି। ଉଭୟ ପୁରୁଷ ଓ ମହିଳା ହକିରେ ଭାରତ ପୋଡିୟମ ଫିନିଶ କରିବ ବୋଲି ଆଶା କରାଯାଉଛି।

### ଭାରତୀୟ ପ୍ରତିଯୋଗୀ

| କ୍ରୀଡ଼ା | ପୁରୁଷ | ମହିଳା | ମୋଟ |
|---|---|---|---|
| ଆର୍ଚେରୀ | ୩ | ୧ | ୪ |
| ଆଥ୍‌ଲେଟିକ୍ସ | ୧୭ | ୮ | ୨୫ |
| ବ୍ୟାଡ୍‌ମିଣ୍ଟନ | ୩ | ୧ | ୪ |
| ବକ୍ସିଂ | ୫ | ୪ | ୯ |
| ଇକ୍ୱେଷ୍ଟ୍ରିଆନ | ୧ | ୦ | ୧ |
| ଫେନ୍ସିଂ | ୦ | ୧ | ୧ |
| ଫିଲ୍ଡ ହକି | ୧୬ | ୧୬ | ୩୨ |
| ଗଲ୍ଫ | ୨ | ୧ | ୩ |
| ଜିମ୍ନାଷ୍ଟିକ୍ସ | ୦ | ୧ | ୧ |
| ଜୁଡୋ | ୦ | ୧ | ୧ |
| ରୋଇଂ | ୨ | ୦ | ୨ |
| ସେଲିଂ | ୩ | ୧ | ୪ |
| ଶୁଟିଂ | ୮ | ୭ | ୧୫ |
| ସୁଇମିଂ | ୨ | ୧ | ୩ |
| ଟେବୁଲ ଟେନିସ | ୨ | ୨ | ୪ |
| ଟେନିସ | ୧ | ୨ | ୩ |
| ୱେଟଲିଫ୍ଟିଙ୍ଗ | ୦ | ୧ | ୧ |
| ରେସଲିଂ | ୩ | ୪ | ୭ |
| ମୋଟ | ୬୮ | ୫୨ | ୧୨୦ |



ପ୍ରଣତି ନାୟକ




## ବିଭିନ୍ନ ଇଭେଣ୍ଟରେ ଭାରତୀୟ ଆଥ୍‌ଲେଟ

**ଆର୍ଚେରି:** ତରୁଣଦୀପ ରାୟ, ଅତନୁ ଦାସ,ପ୍ରବୀଣ ଯାଦବ, ଦୀପିକା କୁମାରୀ

**ଆଥ୍‌ଲେଟିକ୍ସ :** କେ.ଟି. ଇର୍ଫାନ, ସନ୍ଦୀପ କୁମାର, ରାହୁଲ ରୋହିଲା, ଭାବନା ଜାଟ, ପ୍ରିୟଙ୍କା ଗୋସ୍ୱାମୀ, ଅବିନାଶ ସାବ୍‌ଲେ, ମୁରଲୀ ଶ୍ରୀଶଙ୍କର, ଏମ.ପି. ଜାବିର, ଜାଭେଲିନ ଥ୍ରୋୟର ନୀରଜ ଚୋପ୍ରା, ଶିବପାଲ ସିଂ, ଅନୁ ରାନୀ, ତେଜିନ୍ଦରପାଲ ସିଂ ତୁର, ଦୂତୀ ଚାନ୍ଦ, କମଲପ୍ରୀତ କୌର, ସୀମା ପୁନିଆ, ୪x୪୦୦ ମିକ୍ସଡ ରିଲେ, ପୁରୁଷ ୪x୪୦୦ ରିଲେ ଦଳ।

**ବ୍ୟାଡ୍‌ମିଣ୍ଟନ:** ପି.ଭି. ସିନ୍ଧୁ, ବି ସାଇ ପ୍ରଣୀତ, ସାତ୍ୱିକ ସାଇରାଜ ରାଙ୍କିରେଡ୍ଡୀ ଓ ଚିରଗ ଶେଟ୍ଟୀ।

**ବକ୍ସିଂ:** ବିକାଶ କ୍ରିଷ୍ଣନ, ଲଭଲିନା ବୋରଗୋହେନ, ଆଶିଷ କୁମାର, ପୂଜା ରାନୀ, ସତୀଶ କୁମାର, ମେରିକମ, ଅମିତ ପଙ୍ଘାଲ, ମନୀଷ କୌଶିକ, ସିମରନଜିତ କୌର।

**ଇକ୍ୱେଷ୍ଟ୍ରିଆନ:** ଫୌଆଦ ମିର୍ଜା (୨୦ ବର୍ଷରେ ପ୍ରଥମ ଭାରତୀୟ ଅଲିମ୍ପିକ୍ କ୍ୱାଲିଫାଏ କରିଛନ୍ତି)।

**ଫେନ୍ସିଂ:** ଭବାନୀ ଦେବୀ (ପ୍ରଥମ ଭାରତୀୟ ଭାବେ ଅଲିମ୍ପିକ କ୍ୱାଲିଫାଏ କରିଛନ୍ତି)

**ଗଲ୍ଫ:** ଅନିର୍ବାଣ ଲହରୀ, ଉଦୟନ ମାନେ, ଅଦିତି ଅଶୋକ।

**ଜିମ୍ନାଷ୍ଟିକ୍ସ:** ପ୍ରଣତି ନାୟକ (ଦ୍ୱିତୀୟ ଭାରତୀୟ ଜିମ୍ନାଷ୍ଟ ଭାବେ ଅଲିମ୍ପିକ୍ କ୍ୱାଲିଫାଏ କରିଛନ୍ତି)।

**ଫିଲ୍ଡ ହକି:**

**ପୁରୁଷ ହକି ଦଳ:** ପି.ଆର. ଶ୍ରୀଜେସ, ହରମନପ୍ରୀତ ସିଂ, ରୁପିନ୍ଦର ପାଲ ସିଂ, ସୁରେନ୍ଦର କୁମାର, ଅମିତ ରୋହିଦା, ବୀରେନ୍ଦ୍ର ଲାକ୍ରା, ହାର୍ଦ୍ଦିକ ସିଂ, ମନପ୍ରୀତ୍ ସିଂ, ବିବେକ ସାଗର ପ୍ରସାଦ, ନୀଳକାନ୍ତ ଶର୍ମା, ଶମସେର ସିଂ, ଦିଲପ୍ରୀତ ସିଂ, ଗୁରଜନ୍ତ ସିଂ, ଲଳିତ କୁମାର ଉପାଧ୍ୟାୟ ଓ ମନଦୀପ ସିଂ।

**ମହିଳା ହକି ଦଳ:** ସବିତା ପୁନିଆ, ଦୀପଗ୍ରେସ୍ ଏକ୍କା, ନିକ୍କି ପ୍ରଧାନ, ଗୁରଜିତ କୌର, ଉଦୀତା, ନିଶା, ନେହା, ସୁଶୀଳା ଚାନୁ ପୁଖ୍ରାମ୍ବାମ, ମୋନିକା, ନବଜୋତ କୌର, ସାଲମା ଟେଟେ, ରାନୀ, ନବନୀତ କୌର, ଲାଲରେମସିଆମି, ବନ୍ଦନା କାଟାରିୟା, ନମିତା ଟୋପ୍ପୋ ଓ ଶର୍ମିଳା ଦେବୀ।

**ଜୁଡୋ:** ସୁଶୀଳା ଦେବୀ ଲକ୍‌ମାମ୍ବାମ ଏକମାତ୍ର ଭାରତୀୟ ଖେଳାଳିଭାବେ ଅଲିମ୍ପିକ୍ସରେ ଭାଗ ନେବେ।

**ରୋଇଂ:** ଅର୍ଜୁନ ଜାଟ ଓ ଅରବିନ୍ଦ ସିଂ।

**ସେଲିଂ:** ନେତ୍ରା କୁମାନନ, ବିଷ୍ଣୁ ସରଭାନନ, କେ.ସି. ଗଣପତି ଓ ବରୁଣ ଠାକର।

**ଶୁଟିଂ:** ଅଞ୍ଜୁମ ମୋଡଗିଲ, ଅପୂର୍ବୀ ଚାଣ୍ଡିଲା, ଦିବ୍ୟାଂଶ ସିଂ ପାନୱାର, ଦୀପକ କୁମାର, ତେଜସ୍ୱିନୀ ସାୱନ୍ତ, ସଞ୍ଜୀବ ରାଜପୁତ, ଅସୌର୍ଯ୍ୟା ପ୍ରତାପ ସିଂ ତୋମାର, ମନୁ ଭାକର, ଯଶସ୍ୱୀ ସିଂ ଦେସୱାଲ, ସୌରଜ ଚୌଧୁରୀ, ଅଭିଷେକ ବର୍ମା, ରାହି ସ୍ୱର୍ନବତ, ଚିଙ୍କି ଯାଦବ, ଅଙ୍ଗଦ ବୀର ସିଂ ବାଜୱା ଓ ମୌରାଜ ଅହମ୍ମଦ ଖାଁ।

**ସୁଇମିଂ:** ସଜନ ପ୍ରକାଶ, ଶ୍ରୀହରୀ ନଟରାଜ, ମାନ୍ନା ପଟେଲ।

**ଟେବୁଲ ଟେନିସ:** ଶରଥ କମଲ, ସାଥିୟାଁ ଜ୍ଞାନଶେକରନ, ସୁତୀର୍ଥ ମୁଖାର୍ଜୀ, ମନୀକା ବାତ୍ରା।

**ଟେନିସ:** ସାନିଆ ମିର୍ଜା, ଅଙ୍କିତା ରାଇନା ଓ ସୁମିତ ନାଗାଲ।

**ୱେଟଲିଫ୍ଟିଙ୍ଗ:** ମୀରାବାଈ ଚାନୁ।

**ରେସଲିଂ:** ସୀମା ବିସ୍‌ଲା, ଭିନେଶ ଫୋଗତ, ଅଂଶୁ ମଳିକ, ସୋନମ ମଳିକ, ରବି କୁମାର ଦାହିୟା, ବଜରଙ୍ଗ ପୁନିଆ ଓ ଦୀପକ ପୁନିଆ।

## ନାଗାଲ-ଇସ୍ତୋମିନ ମୁକାବିଲା

**ଟୋକିଓ,୨୨।୭(ପି.ଟି.):** ଟୋକିଓ ଅଲିମ୍ପିକ୍ସ ଟେନିସ୍ ଇଭେଣ୍ଟରେ ଭାରତୀୟ ଖେଳାଳି ସୁମିତ ନାଗାଲ ପ୍ରଥମ ରାଉଣ୍ଡରେ ଉଜ୍‌ବେକିସ୍ତାନର ଡେନିସ ଇସ୍ତୋମିନଙ୍କୁ ଭେଟିବେ। ଶୁକ୍ରବାରଠାରୁ ଟେନିସ ଇଭେଣ୍ଟ ଆରମ୍ଭ ହେବ। ଗତ ସପ୍ତାହରେ ନାଗାଲ ଅଲିମ୍ପିକ୍ସ ଯୋଗ୍ୟତା ହାସଲ କରିଥିଲେ।

ବହୁ ସଂଖ୍ୟାରେ ଖେଳାଳି ଟେନିସ ଇଭେଣ୍ଟରୁ ଓହରିଯିବା ଫଳରେ ନାଗାଲଙ୍କୁ ସୁଯୋଗ ମିଳିଥିଲା। ଯଦି ନାଗାଲ ପ୍ରଥମ ରାଉଣ୍ଡରେ ବିଜୟୀ ହୁଅନ୍ତି ତେବେ ସେ ଦ୍ୱିତୀୟ ରାଉଣ୍ଡରେ ରୁଷିଆର ଡାନିଲ ମେଡଭେଡେଭଙ୍କୁ ଭେଟିବେ। ମେଡଭେଡେଭ ପ୍ରଥମ ରାଉଣ୍ଡରେ ଆଲେକଜାଣ୍ଡର ବବ୍‌ଲିକଙ୍କୁ ଭେଟିବେ।



ସୁମିତ ନାଗାଲ

ମହିଳା ଡବଲ୍ସରେ ୬ଥର ଗ୍ରାଣ୍ଡସ୍ଲାମ ଟାଇଟଲ ହାସଲ କରିଥିବା ଭାରତୀୟ ତାରକା ସାନିଆ ମିର୍ଜା ଓ ଅଙ୍କିତା ରାଇନା ପ୍ରଥମ ରାଉଣ୍ଡରେ ୟୁକ୍ରେନ୍ ଯାଆଁଳା ଭଉଣୀ ନାଡିଆ କିଚେନୋକ ଓ ଲିଡମିଲାଙ୍କୁ ଭେଟିବେ। ଗତବର୍ଷ ହୋବାର୍ଟ ଓପନ ଟେନିସ ଟୁର୍ନାମେଣ୍ଟରେ ସାନିଆ ନାଡିଆଙ୍କ ସହ ସାଥିହୋଇ ଖେଳିଥିଲେ।

## ଜୁଡୋ: ଇଭାଙ୍କୁ ଭେଟିବେ ସୁଶୀଳା

**ଟୋକିଓ,୨୨।୭:** ଅଲିମ୍ପିକ୍ସ ଜୁଡୋରେ ଭାରତ ପାଇଁ ଏକମାତ୍ର ଖେଳାଳିଭାବେ ମହିଳା ଜୁଡୋକା ସୁଶୀଳା ଦେବୀ ଅଂଶଗ୍ରହଣ କରିଛନ୍ତି। ସେ କଷ୍ଟକର ଡ୍ର'ରେ ସାମିଲ ହୋଇଛନ୍ତି। ପ୍ରଥମ ରାଉଣ୍ଡରେ ସେ ୨୦୧୨ ଲଣ୍ଡନ ଅଲିମ୍ପିକ୍ସ ବ୍ରୋଞ୍ଜ ପଦକ ବିଜୟିନୀ ହଙ୍ଗେରୀର ଇଭା ସେରନୋଭିଜକିଙ୍କୁ ଭେଟିବେ। ଶନିବାର ସୁଶୀଳା ଅଭିଯାନ ଆରମ୍ଭ କରିବେ।

ପ୍ରାରମ୍ଭିକ ରାଉଣ୍ଡରେ ବିଜୟୀ ହେଲେ ୨୬ ବର୍ଷୀୟା ସୁଶୀଳା ଘରୋଇ ଫେଭରାଇଟ୍ ଖେଳାଳି ଫୁନା ଟୋନାକିଙ୍କୁ ଦ୍ୱିତୀୟ ରାଉଣ୍ଡରେ ଭେଟିବେ। ଫୁନା ୨୦୧୭ ବିଶ୍ୱ ଚାମ୍ପିୟନଶିପ୍ ଜିତିଥିଲେ। ସୁଶୀଳା ୪୮ କେ.ଜି. ବର୍ଗରେ ଅଂଶଗ୍ରହଣ କରିବେ। କଣ୍ଟିନେଣ୍ଟାଲ କୋଟାରେ ସେ ଅଲିମ୍ପିକ ଯୋଗ୍ୟତା ହାସଲ କରିଥିଲେ। ବୁଦାପେଷ୍ଟରେ ଅନୁଷ୍ଠିତ ବିଶ୍ୱ ଚାମ୍ପିୟନଶିପ୍‌ରେ ସେ ପ୍ରଥମ ରାଉଣ୍ଡରେ ପରାସ୍ତ ହୋଇଥିଲେ। ତେବେ ଏସିଆକୁ ୧୦ଟି କଣ୍ଟିନେଣ୍ଟାଲ ସ୍ଲଟ୍ ମିଳିଥିବାରୁ ସୁଶୀଳା ୯୮୯ ପଏଣ୍ଟ ସହ ୭ ନମ୍ବରରେ ରହି ଅଲିମ୍ପିକ ଯୋଗ୍ୟତା ହାସଲ କରିଥିଲେ। ସେ ୨୦୧୪ ଗ୍ଲାସ୍‌ଗୋ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ରୌପ୍ୟ ପଦକ ହାସଲ କରି ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ।



ସୁଶୀଳା ଦେବୀ

## ଶୁକ୍ରବାର ଭାରତର ଅଲିମ୍ପିକ କାର୍ଯ୍ୟସୂଚୀ

### ଆର୍ଚେରୀ

- ଭାରତୀୟ ସମୟ ସକାଳ ୫.୩୦ରେ ମହିଳା ବ୍ୟକ୍ତିଗତ ର୍‍ୟାଙ୍କିଙ୍ଗ୍ ରାଉଣ୍ଡରେ ଦୀପିକା କୁମାରୀ ଭାଗ ନେବେ।
- ଭାରତୀୟ ସମୟ ପୂର୍ବାହ୍ନ ୯.୩୦ରେ ପୁରୁଷ ବ୍ୟକ୍ତିଗତ ର୍‍ୟାଙ୍କିଙ୍ଗ୍ ରାଉଣ୍ଡରେ ଅତନୁ ଦାସ, ତରୁଣଦୀପ ରାଏ ଓ ପ୍ରବୀଣ ଯାଦବ ପ୍ରତିଯୋଗିତାରେ ଅବତୀର୍ଣ୍ଣ ହେବେ।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା:୧୪ Press Regd. No.ORIORI/2005/14845 Postal Regd. No. BN/42/21-23. Edition Phone (0663) 2522134, Editorial (0663) 2405816, Fax: (0663)2405616 ସମ୍ବଲପୁର, ଶୁକ୍ରବାର, ଜୁଲାଇ ୨୩/୨୦୨୧ Sambalpur, Friday, July 23/ 2021

# କ୍ଲିନ୍ ସୁଇପ୍ ଲକ୍ଷ୍ୟରେ ଭାରତ

**କଲମ୍ବୋ,୨୨।୭(ପି.ଟି.)**

ସ୍ଥାନୀୟ ଆର. ପ୍ରେମଦାସା ଷ୍ଟାଡିୟମରେ ଶୁକ୍ରବାର ଭାରତ ଓ ଘରୋଇ ଶ୍ରୀଲଙ୍କା ମଧ୍ୟରେ ତୃତୀୟ ତଥା ଅନ୍ତିମ ଦିନିକିଆ ମ୍ୟାଚ୍ ଖେଳାଯିବ। ସିରିଜର ପ୍ରଥମ ଦୁଇଟି ମ୍ୟାଚ୍ ଜିତି ୨-୦ରେ ଅଗ୍ରଣୀ ହେବା ସହ ଭାରତ ଆଗୁଆ ସିରିଜ ହାତେଇ ନେଇଛି। ତେବେ ଅନ୍ତିମ ମ୍ୟାଚ୍ ଜିତି ଭାରତ କ୍ଲିନ୍ ସୁଇପ୍ କରିବା ଲକ୍ଷ୍ୟରେ ରହିଛି। ତେବେ ଭାରତୀୟ କୋଚ ରାହୁଲ ଦ୍ରାବିଡ୍ ଦଳରେ କୌଣସି ପରିବର୍ତ୍ତନ କରିବେ କି ନା ତାହା ମ୍ୟାଚ୍ ପୂର୍ବରୁ ଜଣାପଡିବ। ସେ ଏହି ମ୍ୟାଚ୍‌ରେ ପରୀକ୍ଷାନିରୀକ୍ଷା କରିବେ ବୋଲି ଆଶା କରାଯାଉଛି।

ଶିଖର ଧାୱନଙ୍କ ନେତୃତ୍ୱରେ ଭାରତ ପ୍ରଥମ ମ୍ୟାଚ୍‌ରେ ୭ ଉଇକେଟରେ ବିଜୟୀ ହୋଇଥିଲା। ସେହିପରି ଦୀପକ ଚହରଙ୍କ ଅସାଧାରଣ ବ୍ୟାଟିଂ ବଳରେ ଭାରତ ଦ୍ୱିତୀୟ ମ୍ୟାଚ୍‌ରେ ୩ ଉଇକେଟରେ ବିଜୟୀ ହୋଇଥିଲା। ଓପନର ଭାବେ ପୃଥ୍ୱୀ ଶ ପ୍ରଥମ ମ୍ୟାଚରେ ୪୩ ଓ ଦ୍ୱିତୀୟ ମ୍ୟାଚରେ ୧୩ ରନ ସଂଗ୍ରହ କରିଥିଲେ। ଭାରତ ସିରିଜ ଜିତି ସାରିଥିବାରୁ ତାଙ୍କ ସ୍ଥାନରେ ଲିଷ୍ଟ ଏ କ୍ରିକେଟରେ ଜବରଦସ୍ତ ପ୍ରଦର୍ଶନ କରିଥିବା ଦେବଦତ୍ତ ପଡିକାଲ କିମ୍ବା ଋତୁରାଜ ଗାଏକ୍ୱାଡଙ୍କୁ ଖେଳାଯିବା ଆଶା କରାଯାଉଛି। ସେହିପରି ଉଇକେଟକିପର ବ୍ୟାଟ୍ସମ୍ୟାନ ଭାବେ ଇଶାନ କିଷନଙ୍କ ବଦଳରେ ହାର୍ଡହିଟିଂ ବ୍ୟାଟ୍ସମ୍ୟାନ ସଞ୍ଜୁ ସାମ୍‌ସନଙ୍କୁ ଖେଳାଯିବାର ସମ୍ଭାବନା ରହିଛି। ଯଦି ଏହା ହୁଏ ତେବେ ସାମ୍‌ସନ ଦିନିକିଆ ପଦାର୍ପଣ କରିବାର ସୁଯୋଗ ପାଇବେ। ମିଡଲ୍ ଅର୍ଡରରେ ମନୀଷ ପାଣ୍ଡେ ଓ ସୂର୍ଯ୍ୟକୁମାର ଯାଦବ

## ତୃତୀୟ ଦିନିକିଆ ଆଜି

ସ୍ଥାନ ବଜାୟ ରଖିବେ। ସେହିପରି ହାର୍ଦ୍ଦିକ ପାଣ୍ଡ୍ୟା ଓ କ୍ରୁନାଲ ପାଣ୍ଡ୍ୟା ମଧ୍ୟ ଖେଳ ଜାରି ରଖିବେ ବୋଲି ଉପ ଅଧିନାୟକ ଭୁବନେଶ୍ୱର କୁମାର କହିଛନ୍ତି। ହାର୍ଦ୍ଦିକଙ୍କର କୌଣସି ଫିଟ୍‌ନେସ ସମସ୍ୟା ନାହିଁ ବୋଲି ସେ ସ୍ପଷ୍ଟ କରିଛନ୍ତି।

ଗତ ଦୁଇଟି ମ୍ୟାଚ୍‌ରେ ଭାରତୀୟ ବୋଲର ପ୍ରଭାବୀ ପ୍ରଦର୍ଶନ କରି ଅନଭିଜ୍ଞ ଶ୍ରୀଲଙ୍କା ଦଳକୁ ବଡ଼ ସ୍କୋର ହାସଲ କରିବାର ସୁଯୋଗ ଦେଇନାହାନ୍ତି। ଭୁବନେଶ୍ୱର ବୋଲିଂ ବିଭାଗର ନେତୃତ୍ୱ ନେବେ। ଗତ ମ୍ୟାଚର ହିରୋ ଦୀପକ ଚହରଙ୍କ ବଦଳରେ ନବଦୀପ ସଇନି ଓ ନବାଗତ ଚେତନ ସାକାରିୟାଙ୍କୁ ସୁଯୋଗ ଦେବା ନେଇ ମଧ୍ୟ ଭାରତୀୟ ଟିମ୍ ମ୍ୟାନେଜମେଣ୍ଟ ବିଚାର କରୁଛି। ବ୍ୟାଟିଂ କରିବାର ଦକ୍ଷତା ରଖିଥିବାରୁ ଟି୨୦ ସିରିଜକୁ ଦୃଷ୍ଟିରେ ରଖି ତାଙ୍କୁ ବିଶ୍ରାମ ଦିଆଯିବାର ଯଥେଷ୍ଟ ସମ୍ଭାବନା ରହିଛି। ସ୍ପିନ୍ ଯୋଡି କୁଲଦୀପ ଯାଦବ ଓ ଯୁଜବେନ୍ଦ୍ର ଚହଲ ପ୍ରଭାବୀ ପ୍ରଦର୍ଶନ କରିଛନ୍ତି। ଭାରତ ସିରିଜ ଜିତି ସାରିଥିବାରୁ କ୍ରିଷ୍ଣାପ୍ପା ଗୋଥାମ ଓ ରାହୁଲ ଚହରଙ୍କ ଭଳି ସ୍ପିନରଙ୍କୁ ମଧ୍ୟ ସୁଯୋଗ ମିଳିବା ଦରକାର ବୋଲି ମନେହୁଏ। ତେଣୁ ଦଳ ଚୟନ ନେଇ ମ୍ୟାନେଜମେଣ୍ଟ ଦ୍ୱିଧାରେ ପଡିବ। କୁଲଦୀପ ଓ ଚହଲଙ୍କୁ ବିଶ୍ରାମ ଦିଆଯାଇ ଯୁବ ଖେଳାଳିଙ୍କୁ ସୁଯୋଗ ଦିଆଯାଇପାରେ।

ଅନ୍ୟପଟେ ଏହି ମ୍ୟାଚ୍ ଜିତି ଶ୍ରୀଲଙ୍କା ସାନ୍ତ୍ୱନାମୂଳକ ବିଜୟ ହାସଲ କରିବା ସହ ଆତ୍ମବିଶ୍ୱାସ ଫେରିପାଇବାକୁ ପ୍ରୟାସ କରିବ। ସିରିଜ ହାରିବା ପରେ ଶ୍ରୀଲଙ୍କା କୋଚ୍ ମିକି ଆର୍ଥର ଖୋଲାଖୋଲି ଭାବେ ନିଜର ଅସନ୍ତୋଷ ପ୍ରକାଶ କରିଥିଲେ।

# ଜାଡେଜାଙ୍କ ଦୃଢ଼ ବ୍ୟାଟିଂ: ୱାର୍ମଅପ୍ ମ୍ୟାଚ ଡ୍ର

**ଚେଷ୍ଟର-ଲି-ଷ୍ଟ୍ରିଟ୍, ୨୨।୭**

ଭାରତ ଓ କାଉଣ୍ଟି ଏକାଦର୍ଶ ମଧ୍ୟରେ ଅନୁଷ୍ଠିତ ୩ ଦିନିଆ ୱାର୍ମଅପ୍ କ୍ରିକେଟ ମ୍ୟାଚ ଡ୍ର ରହିଛି। ଉଭୟ ଇନିଂସରେ ଅର୍ଦ୍ଧଶତକ ହାସଲ କରି ଭାରତୀ ରବୀନ୍ଦ୍ର ଜାଡେଜା ନିଜ ବ୍ୟାଟିଂ ଫର୍ମ ଦେଖାଇଛନ୍ତି। ଏହି ମ୍ୟାଚରେ ପ୍ରଥମେ ବ୍ୟାଟିଂ କରି ଭାରତ ଲୋକେଶ ରାହୁଲଙ୍କ ଶତକ ସହାୟତାରେ ୩୧୧ ରନ କରିଥିଲା। ଜାଡେଜା ୭୫ ରନ କରିଥିଲେ। କାଉଣ୍ଟି ଏକାଦଶ ପ୍ରଥମ ଇନିଂସରେ ୨୨୦ ରନରେ ଅଲଆଉଟ ହୋଇ ଯାଇଥିଲା। ହସିବ ହମୀଦ ଶତକ ହାସଲ କରିଥିଲେ। ଭାରତ ଏହାର ଦ୍ୱିତୀୟ ଇନିଂସକୁ ୧୯୨/୩ରେ ଘୋଷଣା କରିଥିଲା। ଜାଡେଜା ୫୧ ରନ କରି ରିଟାୟର୍ଡ ହର୍ଟ ହୋଇଥିବାବେଳେ ମୟଙ୍କ ଅଗ୍ରୱାଲ ୪୭, ହନୁମା ବିହାରୀ ୪୩* ଓ ଚେତେଶ୍ୱର ପୂଜାରା ୩୮ ରନ ସ୍କୋର କରିଥିଲେ। ୨୮୪ ରନ ବିଜୟ ଲକ୍ଷ୍ୟ ନେଇ କାଉଣ୍ଟି ଏକାଦଶ ତୃତୀୟ ଦିବସ ଖେଳ ଶେଷ ବେଳକୁ କୌଣସି ଉଇକେଟ ନ ହରାଇ ୩୧ ରନ କରିଥିଲା।

# ଭାରତୀୟ କ୍ରିକେଟର ଚରିତ୍ର

**ଭିଭିଏସ୍ ଲକ୍ଷ୍ମଣ**

କଲମ୍ବୋରେ ଚାଲିଥିବା ଶ୍ରୀଲଙ୍କା ବିପକ୍ଷ ଅନ୍ତର୍ଜାତୀୟ ଦିନିକିଆ କ୍ରିକେଟ ସିରିଜକୁ ଭାରତ ଗୋଟିଏ ମ୍ୟାଚ ବାକି ଥାଇ ଆଗୁଆ କବ୍‌ଜା କରିନେଇଛି। ପ୍ରଥମ ମ୍ୟାଚରେ ପ୍ରଭାବୀ ବ୍ୟାଟିଂ ପ୍ରଦର୍ଶନ କରି ସହଜରେ ଭାରତ ୭ ଉଇକେଟରେ ବିଜୟ ହାସଲ କରିଥିଲା। କିନ୍ତୁ ଦ୍ୱିତୀୟ ଦିନିକିଆ ଯଦିଓ ୩ ଉଇକେଟରେ ଜିତିଥିଲା, ଦଳ ମ୍ୟାଚରେ ଯେପରି ଭାବେ ଲଢୁଆ ପ୍ରତ୍ୟାବର୍ତ୍ତନ କଲା ତାହା ଖୁବ୍ ଉପଭୋଗ୍ୟ ଥିଲା। ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍ ଫାଇନାଲ ସମେତ ବିଗତ ମାସଗୁଡ଼ିକରେ ପ୍ରଦର୍ଶନକୁ ଲକ୍ଷ୍ୟ କଲେ ଏହାକୁ ଭାରତୀୟ କ୍ରିକେଟ ଚରିତ୍ରର ପ୍ରତିଫଳନ ବୋଲି କୁହାଯାଇପାରେ। କଲମ୍ବୋଠାରେ ଶ୍ରୀଲଙ୍କା ବିପକ୍ଷ ଦ୍ୱିତୀୟ ଅନ୍ତର୍ଜାତୀୟ ଦିନିକିଆରେ ଭାରତ ଏକଦା ୧୯୩/୭ ସ୍କୋରରେ ଥାଇ ସଙ୍କଟରେ ପଡ଼ିଥିଲା। ଟାର୍ଗେଟଠାରୁ ଦଳ ଆହୁରି ୮୩ରନ ପଛରେ ରହିଥିଲା। ସେତେବେଳେ ଦୀପକ ଚହର ଅପ୍ରତ୍ୟାଶିତ ବ୍ୟାଟିଂ ହିରୋ ଭାବେ ଉଭା ହୋଇଥିଲେ। ଚାପରେ ଥାଇ ମଧ୍ୟ ସେ ଦୃଢ଼ ଆତ୍ମବିଶ୍ୱାସର ସହ ଜଣେ ପରିପକ୍ୱ ଖେଳାଳି ଭଳି ଖେଳି ଏକ ଦୃଷ୍ଟାନ୍ତ ସୃଷ୍ଟି କରିଥିଲେ। ଭୁବନେଶ୍ୱର କୁମାରଙ୍କ ପରାମର୍ଶକୁ ସେ ଅକ୍ଷରେ ଅକ୍ଷରେ ମାନିଥିଲେ। ଟୁର୍ ଶେଷ ହେବା ପରେ ଏହି ଖେଳାଳିମାନେ ନିକଟ ଭବିଷ୍ୟତରେ ଏକତ୍ର ଖେଳିବା ସମ୍ଭାବନା ପ୍ରାୟତଃ ନାହିଁ। କିନ୍ତୁ ଏହି ବିଜୟ ଦଳର ପ୍ରତିଟି ସଦସ୍ୟଙ୍କ ପାଇଁ ଅନେକ ଦିନ ଧରି ସ୍ମରଣୀୟ ହୋଇ ରହିବ। ଭାରତୀୟ ଦଳର ବ୍ୟାଟିଂ ଖୁବ୍ ଭଲ ରହିଛି। ଶୀର୍ଷ ୬ ବ୍ୟାଟ୍ସମ୍ୟାନଙ୍କର ଅବଦାନ ରହୁଛି। ମାତ୍ର ପୃଥ୍ୱୀ ଶ' ଓ ସୂର୍ଯ୍ୟକୁମାର ଯାଦବଙ୍କ ପ୍ରଦର୍ଶନ ପ୍ରଭାବୀ ରହିଛି। କିନ୍ତୁ ପୃଥ୍ୱୀ ଉଭୟ ମ୍ୟାଚରେ ସ୍ପିନରମାନଙ୍କ ଶିକାର ହେବା ଚିନ୍ତାର ବିଷୟ। ସୂର୍ଯ୍ୟକୁମାର ଉଭୟ ରକ୍ଷଣଶୀଳ ଓ ଆକ୍ରମଣାତ୍ମକ ବ୍ୟାଟିଂ କରିପାରୁଛନ୍ତି। ବର୍ତ୍ତମାନର ଶ୍ରୀଲଙ୍କା ଦଳରେ କେବଳ ଅଭିଜ୍ଞତାର ଅଭାବ ପରିଲକ୍ଷିତ ହେଉଛି। ଭାରତ ସିରିଜକୁ ଆଗୁଆ କବ୍‌ଜା କରିସାରିଛି। ଦଳ ଯଦି ଶୁକ୍ରବାର ଖେଳାଯିବାକୁ ଥିବା ତୃତୀୟ ତଥା ଅନ୍ତିମ ଦିନିକିଆ ଜିତି ନିଏ ତେବେ ଶ୍ରୀଲଙ୍କା ବିପକ୍ଷରେ କ୍ଲିନ୍ ସୁଇପ୍ ବିଜୟ ହାସଲ କରିବ। ବିଦେଶରେ ଏହି ସଫଳତାରୁ ବହୁ ଆତ୍ମତୃପ୍ତି ମିଳିପାରିବ। **(ଗେମ୍‌ପ୍ଲାନ)**

SEAGRAM'S
ROYAL STAG
PACKAGED DRINKING WATER







**Bhubaneswar:** Rohan Hero - 7799766422; Bharat Hero - 7799766378; **Arundhati Hero - 9311733967**, DD Hero - 7799766329; **Cuttack:** JMG Hero - 7799766366, Sunny Hero - 7799766401, Essen Hero - 7799766425; **Angul:** Parbati Hero - 7799766342; **Balasore:** Neelam Hero - 7799766393; **Baripada:** Aditya Hero - 7799766370; **Bhadrak:** Sanjib Hero - 7799766380; **Chandikhol:** S. K. Hero - 7799766362; **Jagatsinghpur:** Trishul Hero - 7799766383; **Jajpur Road:** Soumik Hero - 7799766410; **Jaleswar:** Sai Hero - 7799766407; **Jatni:** Vishal Hero - 7799766398; **Keonjhar:** Supreme Hero - 7799766360; **Nayagarh:** Bhagabati Hero - 7799766417; **Puri:** Sanjib Hero- 8448389695; **Behrampur:** Lakshmi Motors, Dharma Nagar – 7799766350, **Lakshmi Automotives, Gajapati Nagar – 9311853279**; **Jeypore:** Supreme Hero - 7799766340; **Phulbani:** Narayani Hero - 7799766373; **Raygada:** Ajit Hero - 7799766358; **Bargarh:** Aakash Hero - 7799766396; **Bhawanipatna:** Arundhati Hero - 7799766385; **Bolangir:** Arundhati Hero - 7799766327; **Jharsuguda:** Vijaylaxmi Hero - 7799766368; **Rourkela:** Dua Hero -7799766391; **Sambalpur:** Sri Shyam Hero - 7799766356; **Sonepur:** Jai Jawan Hero - 7799766419; **Sundergarh:** Robotech Hero: 8448183659; **Dhenkanal:** Som Hero - 7799766347; **Talcher:** Tarini Hero - 7799766374

L&K | SAATCHI & SAATCHI

Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ

ଧରିତ୍ରୀ DHARITRI
ସମ୍ବଲପୁର, ଶୁକ୍ରବାର, ୨୩ ଜୁଲାଇ, ୨୦୨୧

**ଆଜି କୋଶଳ ସ୍ୱାଭିମାନ ଯାତ୍ରା**

ଭବାନୀପାଟଣା,(ଡି.ଏନ.ଏ.): ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ କୋଶଳାଞ୍ଚଳକୁ ଅବହେଳା କରାଯାଉଛି। ଏହାର ପ୍ରତିବାଦରେ କୋଶଳ ସ୍ୱାଭିମାନ ଯାତ୍ରା ୨୩ ତାରିଖ (ଶୁକ୍ରବାର)ରେ ଭବାନୀପାଟଣାରେ ଅନୁଷ୍ଠିତ ହେବ। ଏଥିପାଇଁ କୋଶଳ ସମିତି କଳାହାଣ୍ଡି ଶାଖା ପକ୍ଷରୁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ଏଥିରେ ଆଇନଜୀବୀ ଜଗନ୍ନାଥ ମୁଣ୍ଡ, ଅବସରପ୍ରାପ୍ତ ପ୍ରାଧାପକ ଯତୀନ୍ଦ୍ର ମୁଣ୍ଡ, ପଦ୍ମକିଶୋର ପୁଜାରୀ, ସୁଶୀଲ ପଣ୍ଡା, କୋଶଳ ଯୁବ ସମନ୍ୱୟ ସମିତି ସିପୁନ ଖମାରୀ, ରଞ୍ଜନ ଖୁଆସ, ସୁବ୍ରତ ଯାଦବ ପ୍ରମୁଖ ପଦଯାତ୍ରା ନେଇ ଆଲୋଚନା କରିଥିଲେ। ୨୩ ତାରିଖରେ ପଦଯାତ୍ରା ଭବାନୀପାଟଣା ସହରସ୍ଥିତ ମାଣିକେଶ୍ୱରୀ ମନ୍ଦିରରେ ପହଞ୍ଚିବ। ଏହାପରେ ପଦଯାତ୍ରା ଦ୍ୱାରା ଜିଲାରେ ସଚେତନତା କରାଯିବ ବୋଲି ନିଷ୍ପତ୍ତି ହୋଇଛି।



## ସଂକ୍ଷେପରେ

### ପୋଲିସ ପରିଚୟ ଦେଇ ଲୁଟିନେଲେ ବାଇକ୍, ମୋବାଇଲ

**ବାଉଁଶୁଣୀ,୨୨।୭(ଡି.ଏନ.ଏ.):** ୫୭ ନଂ ଜାତୀୟ ରାଜପଥର ବୌଦ୍ଧ ଜିଲା ମନମୁଣ୍ଡା ଥାନା ଭୁର୍କାପଡା ଛକ ନିକଟରେ ବୁଧବାର ରାତି ପ୍ରାୟ ୮ ଟା ସମୟରେ ବାଇକ୍‌ରେ ଆସୁଥିବା ଜଣେ ଯୁବକଙ୍କୁ ଅଟକାଇ ୩ ଜଣ ଦୁର୍ବୃତ୍ତ ବାଇକ୍ ଓ ମୋବାଇଲ ଲୁଟି ନେଇଛନ୍ତି । ସୂଚନା ଅନୁଯାୟୀ, ମନମୁଣ୍ଡା ଡାକ୍ତରଖାନା ଛକରେ ଥିବା ଏକ ଜଳଖିଆ ଦୋକାନରେ ମିସ୍ତ୍ରୀ ଭାବେ କାମ କରୁଥିବା ଗୋଛାପଡା ଗ୍ରାମ ପଞ୍ଚାୟତ ଲୁମୁର୍ ଜନା ଗ୍ରାମର ଦିଲିପ କୁମାର ପ୍ରଧାନ (୨୫) ନିଜ ଘରକୁ ବାଇକ୍ ଯୋଗେ ଫେରୁଥିଲେ। ଭୁର୍କାପଡା ଛକ ନିକଟରେ ତିନି ଜଣ ଦୁର୍ବୃତ୍ତ ତାଙ୍କୁ ଅଟକାଇ ପୋଲିସର ପରିଚୟ ଦେଇ ଗାଡି କାଗଜପତ୍ର ମାଗିବା ସହ ମୋବାଇଲ ଛଡାଇ ନେଇଥିଲେ। ସେମାନଙ୍କ ମଧ୍ୟରୁ ଜଣେ ଯୁବକ ଦିଲିପଙ୍କ ବାଇକ୍ ନେଇ ମନମୁଣ୍ଡା ଆଡକୁ ଚାଲି ଯାଇଥିଲେ । ଅନ୍ୟ ଦୁଇଜଣ ଯୁବକ ଥାନାକୁ ଚାଲ କହି ତାଙ୍କ ବାଇକ୍‌ରେ ବସାଇ ତେଲ ନଦୀ ପୋଲ ଉପର ଦେଇ ସୋନପୁର ପଟକୁ ଆଣି ଛାଡି ଦେଇଥିଲେ। ଏ ସମ୍ପର୍କରେ ଦିଲିପ ରାତି ପ୍ରାୟ ୧୦ଟା ସମୟରେ ମନମୁଣ୍ଡା ଥାନା ରେ ଅଭିଯୋଗ କରିଛନ୍ତି । ଦୁର୍ବୃତ୍ତମାନେ ସୋନପୁର ସହର ହାଟପଦା ଅଞ୍ଚଳର ବୋଲି ସେ ପୋଲିସକୁ ସୂଚନା ଦେଇଛନ୍ତି । ପୋଲିସ ଘଟଣାର ତଦନ୍ତ ଚଳାଇଛି ।

### ଖପ୍ରାଖୋଲ ବ୍ଲକରେ ୟୁରିଆ ସାରର ଅଭାବ

**ଖପ୍ରାଖୋଲ,୨୨।୭(ଡି.ଏନ.ଏ):** ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକରେ ୟୁରିଆ ସାରର ଘୋର ଅଭାବ ଦେଖାଦେଇଛି। ଚାଷ କାର୍ଯ୍ୟ ଆଗେଇ ଚାଲିଥିବା ବେଳେ ୟୁରିଆ ସାରର ଅଭାବ ଚାଷୀଙ୍କୁ ଚିନ୍ତାରେ ପକାଇଛି। ଖପ୍ରାଖୋଲ ବ୍ଲକରେ ମୋଟ ୨୯ହଜାର ହେକ୍ଟର ଚାଷ ଜମି ଥିବାବେଳେ ୧୩୪୫୦ ହେକ୍ଟର ଜମିରେ ଧାନ ଓ ୮୯୦୦ ହେକ୍ଟର ଜମିରେ କପା ଏବଂ ୬୬୫୦ ହେକ୍ଟର ଜମିରେ ଅନ୍ୟାନ୍ୟ ଫସଲ ହୋଇଥାଏ । ଏହି ଫସଲ ପାଇଁ ୟୁରିଆ ସାର ଆବଶ୍ୟକ ହେଉଥିବାବେଳେ ଏବେ ଅଭାବ ଦେଖାଦେଇଛି। ପାଟଣାଗଡ କୃଷି ଜିଲାରେ ୪ଜଣ ୟୁରିଆ ସାର ହୋଲସେଲର ଥିବାବେଳେ ଖପ୍ରାଖୋଲ ବ୍ଲକରେ ୪୬ଟି ଖୁଚୁରା ବିକ୍ରୟ କେନ୍ଦ୍ର ରହିଛି । ହେଲେ ଖୁଚୁରା ବିକ୍ରୟ କେନ୍ଦ୍ରମାନଙ୍କରେ ମଧ୍ୟ ୟୁରିଆ ସାର ମିଳୁନାହିଁ ଏ ନେଇ ବ୍ଲକ ସହକାରୀ କୃଷି ଅଧିକାରୀ ସୁଜିତ କୁମାର ଭୋଇଙ୍କୁ ପଚାରିବାରୁ ୟୁରିଆ ସାର ପ୍ୟାକେଟ ୨୬୬ ଟଙ୍କାରୁ ଅଧିକ ଦରରେ ବିକ୍ରି ହେଉଥିଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି।

### ଢାବା ଉପରେ ଚଢ଼ାଉ: ମାଲିକ ଗିରଫ

**ବିନିକା,୨୨।୭(ଡି.ଏନ୍.ଏ.):** ସୁବର୍ଣ୍ଣପୁର ଜିଲା ବିନିକା-ଜାମପାଳି ମୁଖ୍ୟରାସ୍ତା ମଧବର୍ତ୍ତୀ ସ୍ଥାନରେ ଥିବା ବିଶାଳପାଳି ସିଂ ଢାବା ଉପରେ ବିନିକା ଅବକାରୀ ବିଭାଗ କର୍ମଚାରୀ ଓ ଜିଲା ମୋବାଇଲ ଟିମ୍ ପକ୍ଷରୁ ବୁଧବାର ଚଢାଉ ହୋଇଛି। ଚଢାଉ ସମୟରେ ଢାବାରେ ଥିବା ଏକ ଘରୁ ୨୮ ଲିଟର ବିଦେଶୀ ମଦ ଜବତ ହୋଇଛି। ଏହି ଘଟଣାରେ ଢାବା ମାଲିକ ଅମରେନ୍ଦ୍ର କୁମାର(୪୯)ଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି। ଏହାର କେସ ନଂ-୨୭/୨୦୨୧। ଚଢାଉରେ ରତିକାନ୍ତ ଭୋଇ,କୀର୍ତ୍ତନ ନାଏକ,କେଶବ ଧରୁଆ, ଭେଙ୍କଟରମଣ ବେହେରା, ପି.ସାହୁ, ମମତା ବେହେରା ପ୍ରମୁଖ ସାମିଲ ଥିଲେ। ପ୍ରକାଶଥାଉ କି , ବିନିକା ଅଞ୍ଚଳରେ ବିଦେଶୀ ମଦ ଚୋରା କାରବାର ଅବାଧରେ ଚାଲିଛି। ଫଳରେ ଅବକାରୀ ରାଜସ୍ୱ ହାନି ହେଉଛି। ଅବକାରୀ ବିଭାଗ ଚଢାଉ ଜୋରଦାର କରିବାକୁ ଦାବି ହେଉଛି ।

### ପ୍ରଧାନମନ୍ତ୍ରୀ ଫସଲ ବୀମା ସଚେତନତା ରଥ ଶୁଭାରମ୍ଭ

**ବୌଦ୍ଧ,୨୨।୭(ସ୍ୱ.ପ୍ର.):** କେନ୍ଦ୍ର ସରକାର ଚାଷୀମାନଙ୍କ ପାଇଁ ଅନେକ ଯୋଜନା କାର୍ଯ୍ୟକାରୀ କରୁଥିଲେ ମଧ ସଚେତନତା ଅଭାବରୁ ଯୋଗ୍ୟ ହିତାଧିକାରୀ ଏହାର ଲାଭ ପାଇ ପାରୁନାହାନ୍ତି। ବିଶେଷ କରି ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନାରେ ଚାଷୀମାନଙ୍କୁ ମିଳୁଥିବା ଲାଭ ସଂପର୍କରେ ସଚେତନ କରିବା ପାଇଁ ଏକ ସଚେତନତା ରଥକୁ ଗୁରୁବାର ଜିଲାପାଳ ଲଲାଟେନ୍ଦୁ ମିଶ୍ର ପତାକା ଦେଖାଇ ଶୁଭାରମ୍ଭ କରିଛନ୍ତି। ଜିଲାର ଗ୍ରାମାଞ୍ଚଳରେ ଏହି ରଥ ବୁଲି ଯୋଜନାରେ ରହିଥିବା ସୁବିଧା ସୁଯୋଗ ସମ୍ପର୍କରେ ଚାଷୀମାନଙ୍କୁ ବାର୍ତ୍ତା ପହଞ୍ଚାଇବ। ଏହି ଅବସରରେ ଉପ ଜିଲାପାଳ ଅଶ୍ୱନୀ କୁମାର ମେହେର ,ଜିଲା ମୁଖ୍ୟ କୃଷି ଅଧିକାରୀ ସାରଦା ପ୍ରସାଦ ମିଶ୍ର, ରିଲାଏନ୍ସ ବୀମା କମ୍ପାନୀର ଜିଲା ସଂଯୋଜକ ବିକାଶ ମେହେର ଓ ପ୍ରସନ୍ନଜିତ୍ ଦାଶଙ୍କ ସହ ଅନ୍ୟ ପଦାଧିକାରୀମାନେ ଉପସ୍ଥିତ ଥିଲେ।

# ପ୍ରଶାସନକୁ ସତର୍କ କରାଇଲେ ଚାଷୀ

**ବରଗଡ଼ ଅଫିସ୍,୨୨।୭**

- ୧୦ଦଫା ଦାବିରେ ଜିଲାପାଳଙ୍କୁ ସ୍ମାରକପତ୍ର ପ୍ରଦାନ
- ଧାନବିକ୍ରି ସମସ୍ୟାର ପୁନରାବୃତ୍ତି ନ କରିବାକୁ ଗୁହାରି
- ଧାନକ୍ରୟ ବନ୍ଦ ପର୍ଯ୍ୟନ୍ତ ଟୋକନ ଅବଧି କାଏମ ରହୁ



ଜିଲାପାଳଙ୍କୁ ଫେରାଦ ହୋଇଥିବା ଚାଷୀ ପ୍ରତିନିଧିବୃନ୍ଦ।

ରବିଧାନ ସଂଗ୍ରହ ପ୍ରକ୍ରିୟାରେ ବରଗଡ଼ ଜିଲାର ଅନେକ ଚାଷୀ ଧାନବିକ୍ରିରୁ ବଞ୍ଚିତ ହୋଇଥିଲେ। ଆସନ୍ତା ଖରିଫ ଧାନ ସଂଗ୍ରହ ପ୍ରକ୍ରିୟାରେ ସେଭଳି ସମସ୍ୟାର ପୁନରାବୃତ୍ତି ନ ହେବା ଦିଗରେ ପଦକ୍ଷେପ ନେବାକୁ ଚାଷୀ ପ୍ରତିନିଧିମାନେ ଏବେଠାରୁ ପ୍ରଶାସନକୁ ସତର୍କ କରାଇ ଦେଇଛନ୍ତି। ଗୁରୁବାର ଭେଡ଼େନ ବ୍ଲକର ରେଶମ, ସାହ୍ଲେପାଲି ଅଞ୍ଚଳର ଶତାଧିକ ଚାଷୀ ଜିଲାପାଳଙ୍କୁ ଫେରାଦ ହୋଇଥିଲେ। ଜିଲାପାଳ ମୋନିଷା ବାନାର୍ଜୀଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରି ଧାନବିକ୍ରି ସମୟରେ ଉପୁଜିଥିବା ବିଭିନ୍ନ ସମସ୍ୟା ଜଣାଇବା ସହିତ ତାର ସମାଧାନ ପାଇଁ ୧୦ଦଫା ଦାବି କରିଛନ୍ତି।

ରବିଧାନ ସଂଗ୍ରହ ପ୍ରକ୍ରିୟାରେ ଟୋକନ ଅବଧି ମାସକରୁ ୧୨ଦିନକୁ ହ୍ରାସ କରିବା ପ୍ରମୁଖ ସମସ୍ୟା ହୋଇଥିଲା। ଟୋକନ ଇସ୍ୟୁର ୧୨ଦିନ ମଧ୍ୟରେ ମଣ୍ଡିକୁ ଧାନ ଆଣି ବିକିବାକୁ କୁହାଯାଇଥିଲା। ଚାଷୀମାନେ ନିର୍ଦ୍ଧାରିତ ସମୟରେ ମଣ୍ଡିକୁ ଧାନ ଆଣିଥିଲେ ସୁଦ୍ଧା ଟାର୍ଗେଟ୍ ଅଭାବ ଆଦି ଆଳ ଦେଖାଇ ଧାନ ଉଠାଯାଇ ନଥିଲା। ଫଳରେ ଟୋକନ ଅବଧି ଶେଷ ହେବା ସହିତ ପରେ ଧାନ ସଂଗ୍ରହ ପ୍ରକ୍ରିୟା ସରିଯାଇଥିଲା। ଏହାକୁ ଆଳ କରି ବିଭାଗୀୟ କର୍ମଚାରୀ ମଣ୍ଡିରେ ପଡ଼ିଥିବା ଧାନକୁ ଫେରାଇ ନେବା ପାଇଁ ଚାଷୀଙ୍କୁ କହିଥିଲେ। ଆସନ୍ତା ଖରିଫ ଧାନ ସଂଗ୍ରହ ପ୍ରକ୍ରିୟାରେ ଟୋକନ ଅବଧିକୁ ସେଭଳି ୧୨ କିମ୍ବା ୧୫ଦିନରେ ସୀମିତ ନ ରଖି ଧାନ ସଂଗ୍ରହ ପ୍ରକ୍ରିୟା ସରିବା ପର୍ଯ୍ୟନ୍ତ କାଏମ ରଖିବାକୁ ଚାଷୀମାନେ ଦାବି କରିଛନ୍ତି। ସେହିପରି ଟୋକନରେ ଧାର୍ଯ୍ୟଧାନକୁ ଏକାଧିକବାର ପର୍ଯ୍ୟାୟକ୍ରମେ ବିକ୍ରି କରିବାର ସୁଯୋଗ ଦେବା, ଚାଷୀଙ୍କ ଖଜଣା ରାଜସ୍ୱ ନିରୀକ୍ଷକଙ୍କ ଜରିଆରେ ମେନୁଆଲ ଆଧାରରେ ପଇଠ ପାଇଁ ଅନୁମତି ପ୍ରଦାନ, ଚାଷୀ ପରିଚୟ ପତ୍ର ପ୍ରସ୍ତୁତିରେ ତ୍ରୁଟି ରହିଲେ ସମ୍ପୃକ୍ତ ସଂସ୍ଥାର କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ, ଚାଷୀମାନେ ଚାହୁଁଥିବା ମଣ୍ଡିରେ ଧାନ ବିକ୍ରି ବ୍ୟବସ୍ଥା, ଚାଷୀମାନଙ୍କ ଜମି କିଣାବିକା ସମ୍ପର୍କୀତ କାଗଜପତ୍ର ଯଥା ଜମିପଟ୍ଟା, ନେଟ୍ କପି, ଇଣ୍ଟିମେସନ ଆଦି ତହସିଲ ଅନ୍ତର୍ଗତ ସମସ୍ତ କାର୍ଯ୍ୟ ସମାପନ କରିବାକୁ ସେମାନେ ଦାବି କରିଛନ୍ତି। ତେବେ ପଞ୍ଜିକରଣ ତଥା ଧାନ ବିକ୍ରି ସମୟରେ ଜମି ମାଲିକାନାକୁ ନେଇ ମଧ୍ୟ ସମସ୍ୟା ଦେଖାଯାଇଥାଏ। ଫଳରେ ଏଥିପାଇଁ ସ୍ଥାନୀୟ ଜନ ପ୍ରତିନିଧିଙ୍କ ପ୍ରମାଣପତ୍ରକୁ ଆଧାର କରି ଧାନବିକ୍ରି ସୁଯୋଗ ଦିଆଗଲେ ଚାଷୀମାନେ ଉପକୃତ ହେବେ ବୋଲି ଚାଷୀମାନେ ପ୍ରସ୍ତାବ ଉପସ୍ଥାପନ କରିଛନ୍ତି। ସେହିପରି ଚାଷକାର୍ଯ୍ୟ ଆରମ୍ଭ ନ ହେଉଣୁ ଚାଷୀ ପଞ୍ଜିକରଣ ପ୍ରକ୍ରିୟା ଆରମ୍ଭ ହେଉଛି। ସେଥିପାଇଁ ଉଦ୍ଦିଷ୍ଟ ଫର୍ମରେ ସମ୍ପୃକ୍ତ ଚାଷୀଙ୍କୁ ସମ୍ଭାବ୍ୟ ଧାନବିକ୍ରି ଦିବସ ପୂରଣ କରିବାକୁ ସୂଚୀତ କରାଯାଇଛି। ଚାଷକାର୍ଯ୍ୟ ଆରମ୍ଭ ନ ହେଉଣୁ ତାହା ଉଲ୍ଲେଖ କରିବା ଅସମ୍ଭବ ହୋଇ ପଡ଼ିଥିବା ଯୋଗୁ ସରକାର କେବେଠାରୁ ଧାନକ୍ରୟ ପ୍ରକ୍ରିୟା ଆରମ୍ଭ କରିବେ ସେ ନେଇ ଚାଷୀ ପଞ୍ଜିକରଣ ପୂର୍ବରୁ ଘୋଷଣା କରାଯାଉ ବୋଲି ଚାଷୀମାନେ ଦାବି କରିଛନ୍ତି। ଏହା ସହିତ ଧାନ ସଂଗ୍ରହ ପ୍ରକ୍ରିୟାରେ ଅନେକ ସଂସ୍ଥାକୁ ସାମଲ କରିବା ବଦଳରେ ଏକ ନିର୍ଦ୍ଦିଷ୍ଟ ସଂସ୍ଥାକୁ ସେହି ଦାୟିତ୍ୱ ଦେଇ ଧାନ ବିକ୍ରିବଟା ସରଳୀକରଣ କରିବା ପାଇଁ ଚାଷୀମାନେ ପ୍ରସ୍ତାବ ଦେଇଛନ୍ତି। ଚାଷୀନେତା ନରେନ୍ଦ୍ର ଭୋଇଙ୍କ ନେତୃତ୍ୱରେ ଚାଷୀମାନେ ଜିଲାପାଳ ଅଫିସକୁ ଆସିଥିଲେ।

## ସଫଳ ମହିଳା ଚାଷୀ ବନଦେଇଙ୍କୁ ସମ୍ବର୍ଦ୍ଧନା

**ଭବାନୀପାଟଣା, ୨୨।୭ (ଡି.ଏନ.ଏ.)**

କଳାହାଣ୍ଡି ଜିଲା ସଦର ବ୍ଲକ ଦୁଆରସୁନୀ ପଞ୍ଚାୟତ କୁଟେନପଦର ଗ୍ରାମର ସଫଳ ମହିଳା ଛତୁ ଚାଷୀ ବନଦେଇ ମାଝିଙ୍କୁ ନାବାର୍ଡ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି। କଳାହାଣ୍ଡି ଜିଲା ନାବାର୍ଡ ସଂସ୍ଥାର ୱାଟରସେଡ୍ ପ୍ରୋଜେକ୍ଟ ଜରିଆରେ ଏଏଫ୍‌ସି. ସଂସ୍ଥା ଦ୍ୱାରା ପରିଚାଳିତ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରି ମହିଳା ସ୍ୱୟଂ ସହାୟକ ଦଳ ସଦସ୍ୟା ଭାବେ ଛତୁ ଚାଷ ସମ୍ପର୍କରେ ପ୍ରଶିକ୍ଷଣ ଗ୍ରହଣ କରିଥିଲେ। ସେ ନିଜେ ଜଣେ ସଫଳ ଛତୁ ଚାଷୀ ଭାବେ ପରିଚିତ କରିପାରିଥିଲେ ତାହା ନୁହେଁ ବରଂ ବିଭିନ୍ନ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ପ୍ରାୟ ୩ ଶହରୁ ଊର୍ଦ୍ଧ୍ୱ ମହିଳାମାନଙ୍କୁ ଛତୁ ଚାଷ ସମ୍ପର୍କରେ ପ୍ରଶିକ୍ଷିତ କରାଇ ସେମାନଙ୍କ ପରିବାରର ଆର୍ଥିକ ମାନଦଣ୍ଡକୁ ସୁଦୃଢ଼ କରାଇପାରିଛନ୍ତି। ସେଥି ନିମନ୍ତେ ନାବାର୍ଡର ପ୍ରତିଷ୍ଠା ଦିବସରେ ଜଣେ ସଫଳ ପ୍ରେରଣାଦାତ୍ରୀ ମହିଳା ଚାଷୀ ଭାବେ ତାଙ୍କୁ ଓଡିଶାର ରାଜ୍ୟପାଳ ନାବାର୍ଡ ପକ୍ଷରୁ ସମ୍ବର୍ଦ୍ଧିତ କରିଥିଲେ। କଳାହାଣ୍ଡି ଜିଲାପାଳ ଡ. ଗାଭାଲି ପରାଗ ହର୍ଷଦ ଭର୍ଚୁଆଲ କାର୍ଯ୍ୟକ୍ରମରେ ରାଜ୍ୟପାଳଙ୍କ ଦ୍ୱାରା ପ୍ରଦତ୍ତ ଏହି ପୁରସ୍କାର ଜିଲାର ପ୍ରେରଣାଦାତ୍ରୀ ମହିଳା ମାଝିଙ୍କୁ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଜିଲା ନାବାର୍ଡ ସଂସ୍ଥା ଡିଡିଏମ୍ ମଳୟ କୁମାର ମେହେର, ଜିଲା ଲିଡ୍ ବ୍ୟାଙ୍କ ଅଫିସର ଡି.ପି. ସିଂହ, ଏଏଫ୍‌ସି ସଂସ୍ଥା କେ.ସି. ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ପାଇଖାନାରେ ଆଶ୍ରୟ ନେଇଛନ୍ତି ବୃଦ୍ଧା

**ଲୋଇସିଂହା,୨୨।୭(ଡି.ଏନ.ଏ)**

**ଆବାସ ଯୋଜନା ସ୍ୱପ୍ନ**



ପାଇଖାନା ଘରେ ବୃଦ୍ଧା ଫୁଲ।

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ଯୋଗୀସର୍ଡା ପଞ୍ଚାୟତ ଅନ୍ତର୍ଗତ କେଉଁଟିପାଲିର ବିଧବା ଫୁଲ ମୁଦୁଲି(୭୫) । ତାଙ୍କର କେହି ସାହାରା ନାହାନ୍ତି। ରହୁଥିବା ମାଟି ଘର ଭାଙ୍ଗି ଶୋଚନୀୟ ହୋଇ ପଡିଛି । କିଛି ବିକଳ୍ପ ନ ପାଇ ଶେଷରେ ସ୍ୱଚ୍ଛ ଭାରତ ଯୋଜନାରେ ପାଇଥିବା ପାଇଖାନରେ ଗତକିଛି ଦିନହେଲା ଆଶ୍ରୟ ନେଇଛନ୍ତି। ରନ୍ଧାବଢା କରି ନ ପାରି ମୁଢି ଖାଇ ଦିନ କାଟୁଛନ୍ତି। ସ୍ୱାମୀ ଧ୍ରୁବା, ଦୁଇପୁଅ ଏବଂ ଝିଅଙ୍କୁ ନେଇ ଦିନେ ହସଖୁସିର ପରିବାର ଥିଲା ଫୁଲଙ୍କର। ଏକମାତ୍ର ଝିଅ ବାହା ହୋଇ ତା ଶାଶୁଘରେ ରହୁଛି। ସ୍ୱାମୀ ଓ ଦୁଇପୁଅଙ୍କର ଦୀର୍ଘଦିନ ହେଲାଣି ମୃତ୍ୟୁ ହୋଇଯାଇଛି । ବୋହୂ ଓ ନାତିନାତୁଣୀ ଅନ୍ୟତ୍ର ରହୁଛନ୍ତି। ଏପରିସ୍ଥଳେ ବୃଦ୍ଧା ଫୁଲ ନିଃସଙ୍ଗ ଜୀବନ ବିତାଉଛନ୍ତି। ସରକାରୀ ସହାୟତା କହିଲେ ଖାଦ୍ୟ ସୁରକ୍ଷା ଯୋଜାନରେ ମାସକୁ ମିଳୁଥିବା ୫ କେଜି ଚାଉଳ ଏବଂ ଭତ୍ତା ବାବଦ ୫ ଶହ ଟଙ୍କା। ଯଇତାଇ ଚଳୁଥିବା ବେଳେ ରହୁଥିବା ଘର ଭାଙ୍ଗି ଶୋଚନୀୟ ହୋଇପଡିଛି । ଓଳିଏ ଖାଇ ଆରଓଳି ଉପବାସ ରହୁଥିବା ଫୁଲଙ୍କ କ୍ଷେତ୍ରରେ ଭଙ୍ଗା ଘର ସଜାଡିବା ସମ୍ଭବ ହେଉନାହିଁ। ଆବାସ ଯୋଜନାରେ ଘରଟିଏ ପାଇଁ ସେ ପଞ୍ଚାୟତ କର୍ତ୍ତୃପକ୍ଷଙ୍କୁ ଗୁହାରି କରିଥିଲେ। ହେଲେ କୌଣସି ସୁଫଳ ମିଳିନାହିଁ। ଶୋଚନୀୟ ହୋଇଯାଇଥିବା ଭଙ୍ଗା ମାଟି ଘର ଏହି ବର୍ଷାଦିନେ ଯେକୌଣସି ମୁହୂର୍ତ୍ତରେ ଭାଙ୍ଗି ପଡିବାର ଆଶଙ୍କା ରହିଛି। ଅନ୍ୟନୋପାୟ ହୋଇ ଫୁଲ ଏବେ ପାଇଖାନାରେ ରହୁଥିବା ପଡୋଶୀ ସୀତା ହୋତା କହିଛନ୍ତି। ସ୍ଥାନୀୟ ୱାର୍ଡସଭ୍ୟା ତଥା ନାଏବ ସରପଞ୍ଚ ପୁଷ୍ପାଞ୍ଜଳି ସାହୁ ଘଟଣା ପ୍ରତି ଦୁଃଖପ୍ରକାଶ କରିବା ସହ ପ୍ରଶାସନର ଅଣଦେଖାକୁ ନେଇ କ୍ଷୋଭ ପ୍ରକାଶ କରିଛନ୍ତି। ଏଥିପ୍ରତି ଜିଲାପାଳ ସ୍ୱତନ୍ତ୍ର ଦୃଷ୍ଟିଦେଇ ଆବଶ୍ୟକ ପଦକ୍ଷେପ ନେବାକୁ ଗ୍ରାମବାସୀ ଦାବି କରିଛନ୍ତି ।

## ଗ୍ରାମବାସୀଙ୍କ ଆନ୍ଦୋଳନ ଚେତାବନୀ

**ରାସ୍ତା ନିର୍ମାଣ ଅନିୟମିତତାର ତଦନ୍ତ ଦାବି**

**ବାଉଁଶୁଣୀ,୨୨।୭ (ଡି.ଏନ.ଏ)**

ବୌଦ୍ଧ ବ୍ଲକ ଖୁଣ୍ଟବନ୍ଧ ପଞ୍ଚାୟତର ମଧୁପୁର ଗ୍ରାମ୍ୟ ରାସ୍ତା ନିର୍ମାଣରେ ଦୁର୍ନୀତି ହୋଇଛି। ଏ ନେଇ ଅଭିଯୋଗ ହୋଇଥିଲେ ହେଁ ଏହାର ତଦନ୍ତ କରା ନ ଯିବାରୁ ପ୍ରତିବାଦରେ ମଙ୍ଗଳବାର ୫୦ରୁ ଉର୍ଦ୍ଧ୍ୱ ଗ୍ରାମବାସୀ ବ୍ଲକ କାର୍ଯ୍ୟାଳୟ ଘେରାଉ କରିଥିଲେ। ଆସନ୍ତା ୩୧ ତାରିଖ ମଧ୍ୟରେ ଏହାର ତଦନ୍ତ କରି ସମ୍ପୃକ୍ତ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କଲେ ଖୁଣ୍ଟବନ୍ଧ ପଞ୍ଚାୟତ କାର୍ଯ୍ୟାଳୟ ଫାଟକରେ ତାଲା ପକାଇ ଧାରଣାରେ ବସିବାକୁ ଗୁରୁବାର ଗ୍ରାମବାସୀ ଚେତାବନୀ ଦେଇଛନ୍ତି।

ପ୍ରକାଶ ଯେ, ଖୁଣ୍ଟବନ୍ଧ ପଞ୍ଚାୟତର ଜାତୀୟ ରାଜପଥ ନଂ୫୭ରୁ ମଧୁପୁର ଗ୍ରାମକୁ ଯାଇଥିବା ରାସ୍ତା ଉନ୍ନତୀକରଣ ପାଇଁ ୨୦୨୦-୨୧ ଆର୍ଥିକ ବର୍ଷରେ ୯୦ ହଜାର ଟଙ୍କା ଅନୁଦାନ ମିଳିଥିଲା। ଜନୈକ ଠିକାଦାରଙ୍କ ଦ୍ୱାରା କାମ କରାଯାଇଥିଲା। ଏହି ରାସ୍ତାରେ ମାତ୍ର ୮ରୁ ୧୦ ଟ୍ରିପ ପଥର ଗୁଣ୍ଡ ପକାଇ ୯୦ ହଜାର ଟଙ୍କାର ବିଲ ଉଠିଥିବା ଗ୍ରାମବାସୀ ଜାଣିବାକୁ ପାଇଥିଲେ। ଫଳରେ ଗ୍ରାମବାସୀ ଗତ ଜୁନ ୨୫ରେ ବିଡ଼ିଓ ଓ ୩୦ ତାରିଖରେ ଜିଲାପାଳଙ୍କ ନିକଟରେ ଲିଖିତ ଅଭିଯୋଗ କରିଥିଲେ। ଏ ସମ୍ପର୍କରେ ବିଭିନ୍ନ ଗଣମାଧ୍ୟମରେ ମଧ ଖବର ପ୍ରକାଶ ପାଇଥିଲା। ଏହାସତ୍ତ୍ୱେ କୌଣସି କାର୍ଯ୍ୟାନୁଷ୍ଠାନ ନ ହେବରୁ ଗ୍ରାମବାସୀ ବୌଦ୍ଧ ବ୍ଲକ କାର୍ଯ୍ୟାଳୟ ଘେରାଉ କରିଥିଲେ। ବିଡ଼ିଓ ଗ୍ରାମବାସୀଙ୍କ ସହିତ ଏ ନେଇ ଆଲୋଚନା କରିଥିଲେ ହେଁ ସେମାନେ ତଦନ୍ତ ପାଇଁ ଅଡ଼ି ବସିଥିଲେ।

## ଯୋଗବ୍ୟାସଙ୍କ ଆଉ ଏକ କୃତିତ୍ୱ




ଯୋଗବ୍ୟାସ ଭୋଇ ରେକର୍ଡ ସାର୍ଟିଫିକେଟ ଦେଖାଉଛନ୍ତି।

**କେସିଙ୍ଗା, ୨୨।୭ (ଡି.ଏନ.ଏ.)**

**ୱାର୍ଲ୍ଡ ବୁକ ଅଫ୍ ରେକର୍ଡସ ୟୁନାଇଟେଡ କିଙ୍ଗଡମର ସଦସ୍ୟ**

ଓଡ଼ିଶାର ଅନ୍ତର୍ଜାତୀୟ ପର୍ବତାରୋହୀ ତଥା ଏଭରେଷ୍ଟ ବିଜେତା ଯୋଗବ୍ୟାସ ଭୋଇ ଆଉ ଏକ କୃତିତ୍ୱ ତଥା ସଫଳତା ଅର୍ଜନ କରିଛନ୍ତି। ସେ ୱାର୍ଲ୍ଡ ବୁକ ଅଫ୍ ରେକର୍ଡ ୟୁନାଇଟେଡ୍ କିଙ୍ଗଡମର ସଦସ୍ୟ ହୋଇଛନ୍ତି। ସେଥିପାଇଁ ତାଙ୍କୁ ୱାର୍ଲ୍ଡ ବୁକ ଅଫ ରେକର୍ଡ ପ୍ରମାଣପତ୍ର ପ୍ରଦାନ କରାଯାଇଛି।

୨୦୨୦ ଡିସେମ୍ବର ୧୩ରୁ ୨୦ ତାରିଖ ଯାଏ ଭାରତର ଜୟପୁର, ରାଜସ୍ଥାନ ରାଜ୍ୟରେ କାଏରାନ ପିଙ୍କସିଟି ହାଫ ମାରାଥନ ଅନଲାଇନ ଆପ ମାଧମରେ ଆୟୋଜନ କରାଯାଇଥିଲା। ଏଥିରେ ବିଶ୍ୱର ୨୩ଟି ଦେଶର ୪୦,୧୭୨ଜଣ ପ୍ରତିଯୋଗୀ ଅଂଶ ଗ୍ରହଣ କରିଥିଲେ। ଏହି ମାରାଥନରେ ଓଡ଼ିଶା କଳାହାଣ୍ଡି ଜିଲା ଏଭରେଷ୍ଟ ବିଜେତା ଯୋଗବ୍ୟାସ ଭୋଇ ୧୦ କି.ମି. ମାରାଥନରେ ଭାଗ ନେଇଥିଲେ। ସେ ୧୨ କି.ମି. ୨୭୦ ମିଟର ଦୂରତାକୁ ୧ ଘଣ୍ଟା ୫୨ ମିନିଟ ୩୩ ସେକେଣ୍ଡରେ ସଫଳତାର ସହିତ ଅତିକ୍ରମ କରିଥିଲେ। ଏହି ସଫଳତା ପାଇଁ ତାଙ୍କୁ ମେଡାଲ ଇ ସାର୍ଟିଫିକେଟ ଓ ଟି ସାର୍ଟ ଆୟୋଜକଙ୍କ ପକ୍ଷରୁ ଦିଆଯାଇଥିଲା। ବର୍ତ୍ତମାନ ଏହି କାଏରାନ ପିଙ୍କସିଟି ହାଫ ମାରାଥନ ଭାରତର ସବୁଠାରୁ ବୃହତ୍ତର ଭର୍ଚୁଆଲ ମାରାଥନ। ତେଣୁ ଏହି ମାରାଥନକୁ ୱାର୍ଲ୍ଡ ବୁକ ଅଫ ରେକର୍ଡ ୟୁନାଇଟେଡ୍ କିଙ୍ଗଡମରେ ସାମିଲ କରାଯିବା ସହିତ ଭାଗ ନେଇ ଥିବା ପ୍ରତିଯୋଗୀଙ୍କୁ ରେକର୍ଡ ସାର୍ଟିଫିକେଟ ପ୍ରଦାନ କରାଯାଇଛି। ଯେଉଁଠାରେ ଅନ୍ତର୍ଜାତୀୟ ପର୍ବତାରୋହୀ ଯୋଗବ୍ୟାସ ସାମିଲ ହୋଇଛନ୍ତି। ପ୍ରକାଶଥାଉକି ଯେ ଭୋଇ ଆଗରୁ ଗିନିଜ ୱାର୍ଲ୍ଡ ରେକର୍ଡ ସାର୍ଟିଫିକେଟ ମଧ ପାଇଛନ୍ତି। ଏହି ସଫଳତାର ଶ୍ରେୟ ରୁପ୍ରା, କଳାହାଣ୍ଡି ତଥା ଓଡ଼ିଶାବାସୀଙ୍କ ବୋଲି ସେ ପ୍ରକାଶ କରିଛନ୍ତି। ଆଗାମୀ ଦିନରେ ନିଜ ଅଞ୍ଚଳ ତଥା ଓଡ଼ିଶାକୁ ବିଶ୍ୱ ଦରବାରରେ ପରିଚିତ କରାଇବା ସହିତ ଅନେକ ଯୁବବର୍ଗଙ୍କୁ ସଫଳତାର ଅଧିକାରୀ କରାଇବା ଲକ୍ଷ୍ୟ ବୋଲି ଏଭରେଷ୍ଟ ଆରୋହୀ ଭୋଇ ପ୍ରକାଶ କରିଛନ୍ତି।

# ସ୍ୱାମୀଙ୍କ ନିଖୋଜ ନେଇ ଥାନାରେ ଏତଲା ଦେଲେ ସ୍ତ୍ରୀ

**ଲୋଇସିଂହା,୨୨।୭(ଡି.ଏନ.ଏ)**

- ଜାଳେଣି କାଠ ସଂଗ୍ରହ କରିବାକୁ ଅନ୍ୟ ଜଣଙ୍କ ସହ ଯାଇଥିଲେ
- ଦ୍ୱିତୀୟ ବ୍ୟକ୍ତି ଗୁରୁତର ଅବସ୍ଥାରେ ଉଦ୍ଧାର
- ପୋଲିସର ତନାଘନା

ବଲାଙ୍ଗୀର ଜିଲା ଲୋଇସିଂହା ଥାନା ଅନ୍ତର୍ଗତ ପଥରଗଡ ଡ୍ୟାମକୁ ବୁଧବାର ଅପରାହ୍ନରେ ଜାଳେଣି କାଠ ସଂଗ୍ରହ କରିବାକୁ ଯାଇ ନିଖୋଜ ହୋଇ ଯାଇଛନ୍ତି ଅନନ୍ତ ନାଗ ନାମକ ଜଣେ ଯୁବକ। ଏ ନେଇ ତାଙ୍କ ସ୍ତ୍ରୀ ନୟମି ନାଗ ଲୋଇସିଂହା ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗ ପାଇ ପୋଲିସ ଡ୍ୟାମକୁ ଯାଇ ଖୋଜାଖୋଜି କରୁଥିବା ଆଇଆଇସି ରମାକାନ୍ତ ଜେନା ପ୍ରକାଶ କରିଛନ୍ତି। ଅପରପକ୍ଷରେ ଅନନ୍ତଙ୍କ ସହ ଯାଇଥିବା ସାନଟିକା ଗାଁର ବିକାଶ ସୁନାଙ୍କୁ ଗୁରୁବାର ସକାଳେ ଡ୍ୟାମ ନିକଟସ୍ଥ ଚାଷଜମିରୁ ଗୁରୁତର ଅବସ୍ଥାରେ ଉଦ୍ଧାର କରାଯାଇଛି। ତାଙ୍କ ପିଠି ଓ ହାତରେ ବିଦ୍ୟୁତ୍ ଆଘାତ ଲାଗିଥିବାବେଳେ ଗୋଡ କୌଣସି ଅସ୍ତ୍ରରେ କାଟିଲା ଭଳି ଦାଗ ରହିଛି। ପରିବାର ଲୋକେ ତାଙ୍କୁ ବଲାଙ୍ଗୀର ଭୀମ ଭୋଇ ମେଡିକାଲ କଲେଜ ହସ୍ପିଟାଲରେ ଭର୍ତ୍ତି କରିଛନ୍ତି। ପୋଲିସ ସୂଚନା ମତେ, ଆଗଲପୁର ବ୍ଲକ ସାନଟିକା ଗାଁର ବିକାଶ ସୁନା ଓ ଅନନ୍ତ ନାଗ ସମ୍ପର୍କରେ ଶଳା ଭିଣୋଇ। ବୁଧବାର ଅପରାହ୍ନରେ ଉଭୟେ ଏକ ଟାଙ୍ଗିଆ ନେଇ ପଥରଗଡ ଡ୍ୟାମକୁ ଜାଳେଣି କାଠ ସଂଗ୍ରହ କରିବାକୁ ଯାଉଥିବା ଘରେ କହିଥିଲେ । ସେମାନଙ୍କ ଆସିବାରେ ବିଳମ୍ବ ହେବାରୁ ପରିବାର ଲୋକେ ଚିନ୍ତିତ ହୋଇ ପଡିଥିଲେ । ସନ୍ଧ୍ୟାରେ ନୟମି ନାଗ, ଜଳେଶ୍ୱର ସୁନା, ନୟନା କୁମ୍ଭାର ଓ ମୋହନ କୁମ୍ଭାର ପ୍ରମୁଖ ଡ୍ୟାମକୁ ଖୋଜିବାକୁ ଯାଇଥିଲେ। ହେଲେ ବିଳମ୍ବିତ ରାତି ପର୍ଯ୍ୟନ୍ତ ସେମାନଙ୍କ ସନ୍ଧାନ ମିଳି ପାରି ନଥିଲା । ଗୁରୁବାର ସକାଳେ ଡ୍ୟାମ ନିକଟସ୍ଥ ତାଙ୍କ ଜମି ନିକଟରୁ ବିକାଶଙ୍କୁ ମୁମୂର୍ଷୁ ଅବସ୍ଥାରେ ଉଦ୍ଧାର କରାଯାଇଥିଲା। ପଥରଗଡ ଡ୍ୟାମରେ ମାଛ ଚାଷ କରାଯାଇଛି । ମାଛ ଚୋରି କରିଯାଇଥିବାବେଳେ ଏହି ଘଟଣା ଘଟିଥିବା ସ୍ଥାନୀୟ ଅଞ୍ଚଳରେ ଆଲୋଚନା ହେଉଛି ।

## କଲ୍ୟାଣ ମଣ୍ଡପର ଭିତ୍ତିପ୍ରସ୍ତର ସ୍ଥାପନ



ଉପରପଡାଠାରେ କଲ୍ୟାଣ ମଣ୍ଡପର ଶିଳାନ୍ୟାସ କରାଯାଉଛି।

**ଲୋଇସିଂହା,୨୨।୭(ଡି.ଏନ.ଏ)**

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ବାଦିବାହାଲ ପଞ୍ଚାୟତ ସଦର ଗାଁର ଉପରପଡା ଓ ମେହେରପଡାରେ ଦୁଇଟି ଉନ୍ନୟନ ପ୍ରକଳ୍ପର ଶିଳାନ୍ୟାସ ସ୍ଥାପନ କରାଯାଇଛି। ଉପରପଡାଠାରେ ଏସଏଫସି ପାଣ୍ଠିରୁ ୧୦ଲକ୍ଷ ବ୍ୟୟରେ କଲ୍ୟାଣ ମଣ୍ଡପ ଏବଂ ମେହେର ପଡାଠାରେ ଏସପିଏଫ ପାଣ୍ଠିରୁ ୩ ଲକ୍ଷ ବ୍ୟୟରେ କମ୍ୟୁନିଟି ସେଣ୍ଟରର ଶିଳାନ୍ୟାସ କରିଥିଲେ ବିଜେଡି ରାଜ୍ୟ ପରିଷଦ ସଦସ୍ୟ ନିହାର ରଞ୍ଜନ ବେହେରା, ବ୍ଲକ ଉପାଧ୍ୟକ୍ଷ ଜିତେନ୍ଦ୍ର କୁମାର ପଟେଲ। ସରପଞ୍ଚ ଉର୍କୁଳୀ ଧରୁଆ ଅଧ୍ୟକ୍ଷତା କରିଥିଲେ। କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ ସମିତି ସଭ୍ୟା ସନ୍ତୋଷିନୀ ଧରୁଆ। ପୂର୍ବତନ ସରପଞ୍ଚ ରାଜୀବ ଧରୁଆ, ବୀରବଳ ଧରୁଆ, ହୃଦାନନ୍ଦ ବେହେରା ପ୍ରମୁଖ ଏହି ଅବସରରେ ଉପସ୍ଥିତ ଥିଲେ ।

# ଠାକୁରଙ୍କ ଭୋଗ ପାଇଁ ଟଙ୍କା ନାହିଁ

**ସୋନପୁର,୨୨।୭(ନି.ପ୍ର.)**

**ସୁବର୍ଣ୍ଣପୁରରେ ଦେବୋତ୍ତର ଜମି ଜବରଦଖଲ**

ମନ୍ଦିରମାଳିନୀ ତଥା ଐତିହ୍ୟ ସମ୍ପନ୍ନ ସୁବର୍ଣ୍ଣପୁର ଜିଲାରେ ରହିଛି ହଜାର ହଜାର ଏକର ଦୋବୋତ୍ତର ଜମି। ଏହିସବୁ ଜମି ଜିଲା ସଦର ମହକୁମା ସମେତ ଗ୍ରାମାଞ୍ଚଳରେ ବିଭିନ୍ନ ଦେବାଦେବୀଙ୍କ ନାମରେ ରହିଛି। ମନ୍ଦିରର ସେବାୟତଙ୍କ ନାମରେ ମଧ ଶତାଧିକ ଏକର ଜମି ଅଛି। ଗଡଜାତ ଅମଳରେ ରାଜାମାନେ ଦେବାଦେବୀଙ୍କ ରୀତିନୀତି, ବଳିଯାତ୍ରା ଓ ସେବା କାର୍ଯ୍ୟ ପାଇଁ ସେବାୟତଙ୍କୁ ମୂଲ୍ୟବାନ ଜମି ଦେଇଥିଲେ। ଏହିସବୁ ଜମିକୁ ସେବାୟତମାନେ ଭୋଗ ଦଖଲ କରି ଆସୁଛନ୍ତି। ଅନ୍ୟ ଜମିର ଆୟ ଓ ବ୍ୟାଙ୍କରେ ଜମା ଟଙ୍କାର ସୁଧରୁ ମହାପ୍ରଭୁଙ୍କ ପାଖରେ ଭୋଗ ଲାଗିଥାଏ । କିନ୍ତୁ ଏବେ ଦେବୋତ୍ତର ବିଭାଗର ଅଧିକାଂଶ ଜମି ଜବରଦଖଲକାରୀଙ୍କ କବ୍‌ଜାରେ ରହିଛି। ଆଉ କିଛି ଜମିକୁ ସେବାୟତମାନେ ଚଞ୍ଚକତା କରି ବିକ୍ରି କରିଛନ୍ତି। ନିୟମ ଅନୁଯାୟୀ ଦେବୋତ୍ତର ଜମି କୌଣସି ମତେ ବିକ୍ରି ହୋଇ ପାରିବ ନାହିଁ। କିନ୍ତୁ କେତେଜଣ ପ୍ରାକ୍ତନ ତହସିଲଦାରଙ୍କ ସମୟରେ ଜମି ବେଆଇନ ଭାବେ ବିକ୍ରି ହୋଇଥିବା ଅଭିଯୋଗ ହୋଇଛି।

ସୂଚନା ଅନୁଯାୟୀ, ସୁବର୍ଣ୍ଣମେରୁ ମନ୍ଦିର ପାଇଁ ୭୫.୦୮୪ ଏକର, ସୁରେଶ୍ୱରୀ ମନ୍ଦିର ପାଇଁ ୭.୪୨ ଏକର, ସମଲେଇ ମନ୍ଦିର ପାଇଁ ୧୭୨.୯୩୯ ଏକର, ବୃନ୍ଦାବନ ବିହାରୀ ମନ୍ଦିର ପାଇଁ ୩୦ ଏକର, ମାଣିକେଶ୍ୱରୀ ମନ୍ଦିର ପାଇଁ ୧୧.୯୮୦ ଏକର, ବୈଦ୍ୟନାଥର କୁଶଳେଶ୍ୱର ମହାଦେବଙ୍କ ପାଇଁ ୫.୭୭୦ ଏକର, ରାମେଶ୍ୱର ଓ ବୁଢୀ ସମଲେଇ ପାଇଁ ଜମି ରହିଛି। କେବଳ ବିନିକା ବ୍ଲକର ସକ୍‌ମା ଗ୍ରାମରେ ବଳି ଯାତ୍ରା ପାଇଁ ୫୦୦ଏକର ଜମି ସେବାୟତଙ୍କୁ ଦିଆଯାଇଛି। ବିଭିନ୍ନ ମନ୍ଦିର ପାଇଁ ଚାଷ ଜମି ରହିଛି। କିନ୍ତୁ ଅଧିକାଂଶ ଜମି ଜବରଦଖଲକାରୀଙ୍କ କବ୍‌ଜାକୁ ଚାଲିଗଲାଣି। ସୋନପୁର ସହରରେ କେତେକ ବଡବଡିଆ ଲୋକ ଦେବୋତ୍ତର ଜମିକୁ ଜବରଦଖଲ କରି କୋଠା ନିର୍ମାଣ କରିଛନ୍ତି। ଆଉ କେତେକ ଷ୍ଟଲ ନିର୍ମାଣ କରି ବ୍ୟବସାୟୀଙ୍କ ଠାରୁ ଭଡା ଆଦାୟ କରୁଛନ୍ତି। ପ୍ରଶାସନ ସେମାନଙ୍କୁ ହଟାଇବାକୁ ସାହାସ କରୁନାହିଁ। ଅନ୍ୟପକ୍ଷେ ମୂଲ୍ୟବାନ ଜମି ଥିଲେ ମଧ ଦେବାଦେବୀଙ୍କ ପାଖରେ ଭୋଗ ଲଗାଇବା ପାଇଁ ଟଙ୍କା ନାହିଁ। ଦେବୋତ୍ତର ବିଭାଗ ମାସକୁ ସୁରେଶ୍ୱରୀ ମନ୍ଦିର ପାଇଁ ୧୨୦୦ଟଙ୍କା, ଗଡଭିତର ଜଗନ୍ନାଥ ମନ୍ଦିର ପାଇଁ ୧୨୦୦ଟଙ୍କା, ସୁବର୍ଣ୍ଣମେରୁ ମନ୍ଦିର ପାଇଁ ୧୨୦୦ଟଙ୍କା, ବୈଦ୍ୟନାଥ ମନ୍ଦିର ପାଇଁ ୩୦୦ଟଙ୍କା, ବୃନ୍ଦାବନ ବିହାରୀ ମନ୍ଦିର ପାଇଁ ୮୦୦ଟଙ୍କା, ଚନ୍ଦ୍ରଶେଖର ମନ୍ଦିର ପାଇଁ ୪୮୦ଟଙ୍କା ଓ ହନୁମାନ ମନ୍ଦିର ପାଇଁ ୫୦୦ଟଙ୍କା ଦେଉଛନ୍ତି। ଏତିକି ଟଙ୍କାରେ ଦେବାଦେବୀଙ୍କ ଗୋଟିଏ ବେଳା ଭୋଗ ପ୍ରସ୍ତୁତ ମଧ କଷ୍ଟ ହୋଇପଡୁଛି। ଏପରି କି ପୂଜକମାନେ ବିନା ପାରିଶ୍ରମିକରେ ପୂଜାର୍ଚ୍ଚନା କରୁଛନ୍ତି। ସୁରେଶ୍ୱରୀଙ୍କ ମନ୍ଦିରରେ ଦୈନିକ ସକାଳେ ଓ ସନ୍ଧ୍ୟାରେ ନୈବେଦ୍ୟ ଭୋଗ, ମଧ୍ୟାହ୍ନରେ ଅନ୍ନ ଭୋଗ ଏବଂ ସନ୍ଧ୍ୟା ଆଳତି ହୁଏ। ସୁବର୍ଣ୍ଣମେରୁ ମନ୍ଦିରରେ ଦିନକୁ ୩ଥର ଅନ୍ନ ଭୋଗ, ସକାଳେ ନୈବେଦ୍ୟ ଭୋଗ ଏବଂ ୪ ଥର ଆଳତି ହୋଇଥାଏ। ବୃନ୍ଦାବନ ବିହାରୀ ମନ୍ଦିରରେ ଦୈନିକ ୨ଥର ଅନ୍ନ ଭୋଗ ଓ ୨ ଥର ବାଳ ଭୋଗ ଲାଗି ହେଉଛି। ସ୍ୱଳ୍ପ ଟଙ୍କାରେ ଭୋଗ ପ୍ରସ୍ତୁତ କରିବା ପୂଜକଙ୍କ ପାଇଁ କଷ୍ଟକର ହେଉଥିବା ସେମାନେ ଅଭିଯୋଗ କରି ଆସୁଛନ୍ତି। କିନ୍ତୁ ସେମାନଙ୍କ କଥା ଶୁଣାଯାଉନି।

## ଏସ୍‌ବିଆଇ ଶାଖା କାର୍ଯ୍ୟାଳୟରେ ଚୋରି ଉଦ୍ୟମ

ନୂଆପଡା ଅଫିସ/ଖଡିଆଳ(ଡି.ଏନ.ଏ.): ନୂଆପଡା ଜିଲା ଖଡିଆଳ ବ୍ଲକ ଅନ୍ତର୍ଗତ ତୁକଲାସ୍ଥିତ ଭାରତୀୟ ଷ୍ଟେଟବ୍ୟାଙ୍କ (ଏସ୍‌ବିଆଇ) ଶାଖା କାର୍ଯ୍ୟାଳୟରେ ଚୋରି ଉଦ୍ୟମ ହୋଇଥିବା ଅଭିଯୋଗ ହୋଇଛି। ଏ ନେଇ ବ୍ୟାଙ୍କ ଅଧିକାରୀ ଗୁରୁବାର ଖଡିଆଳ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଖଡିଆଳ ଥାନାରେ ଏକ ମାମଲା (ନଂ.୨୬୨/୨୧) ରୁଜୁ ହୋଇଛି। ଖଡିଆଳ ଏସ୍‌ଡିପିଓ ସନ୍ତକ ଜେନାଙ୍କ ନିର୍ଦ୍ଦେଶକ୍ରମେ ଖଡିଆଳ ପୋଲିସ ଘଟଣାସ୍ଥଳକୁ ଯାଇ ତଦନ୍ତ ଆରମ୍ଭ କରିଛି। ଚୋର ବ୍ୟାଙ୍କ ପଛପଟ ଗେଟ ଖୋଲି ଭିତରକୁ ପ୍ରବେଶ କରିଥିବା ଅନୁମାନ କରାଯାଉଛି। ଚୋରଙ୍କ ଗତିବିଧି ସିସିଟିଭି କ୍ୟାମେରାରେ କଏଦ ହୋଇଛି। ସିସିଟିଭି ଫୁଟେଜ ଜାଞ୍ଚ ପରେ ସବୁ ଜଣାପଡିଯିବ ବୋଲି ଖଡିଆଳ ଆଇଆଇସି କୈଳାସ ଚନ୍ଦ୍ର ସେଠୀ ପ୍ରକାଶ କରିଛନ୍ତି।

**ସଂକ୍ଷେପରେ**

### ୫ ଦିନ ଅନ୍ଧାରରେ ଭାଟିପଡ଼ା, ନୂଆ କଲୋନୀପଡ଼ା

ନୂଆପଡ଼ା ଅଫିସ,୨୨।୭: ନୂଆପଡ଼ା ଜିଲା କୋମନା ବ୍ଲକ କୁରୁମପୁରି ବିଦ୍ୟୁତ୍ ସେକସନ ଅଧୀନ ତରବୋଡ ଗାଁର ନୂଆ କଲୋନୀପଡା ଟ୍ରାନ୍ସଫର୍ମର ପୋଡି ଯାଇଛି। ଫଳରେ ୫ ଦିନରୁ ଅଧିକ ହେବ ଭାଟିପଡା, ନୂଆକଲୋନୀ ପଡାବାସୀ ଅନ୍ଧାରରେ ରହିଛନ୍ତି। ଗତ ସୋମବାର ସାମାନ୍ୟ ବର୍ଷା ସାଙ୍ଗକୁ ଘଡଘଡି ଓ ପବନ ହୋଇଥିଲା। ସେହି ସମୟରେ ହଠାତ ବିଜୁଳି ଚାଲି ଯାଇଥିଲା। ଏହାପରଠୁ ଦୁଇପଡା ଅନ୍ଧାରରେ ରହିଛି। କୁରୁମପୁରି ବିଦ୍ୟୁତ୍ ବିଭାଗ କାର୍ଯ୍ୟାଳୟରେ ଅଭିଯୋଗ କଲେ ମଧ୍ୟ କେହି କର୍ଣ୍ଣପାତ କରୁ ନ ଥିବାରୁ ବୁଧବାର ଅପରାହ୍ନରେ ଦୁଇପଡା ମହିଳାମାନେ ୩୫୩ ନମ୍ବର ଜାତୀୟ ରାଜପଥ ତରବୋଡ କେନ୍ଦୁପତ୍ର ଗୋଦାମ ଛକଠାରେ ଅବରୋଧ କରିବା ପାଇଁ ଉଦ୍ୟମ କରୁଥିଲେ। ତରବୋଡ ଫାଣ୍ଡି ଅଧିକାରୀ ରାମଲାଲ ଜୁରିଆ ମହିଳାମାନଙ୍କ ପାଖକୁ ଯାଇ ବୁଝାଶୁଝା କରିବା ପରେ ମହିଳାମାନେ ରାସ୍ତାରୁ ଓହରିଥିଲେ। ବିଦ୍ୟୁତ୍ ବିଭାଗ ସହକାରୀ ଯନ୍ତ୍ରୀଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ ସମ୍ଭବ ହୋଇନାହିଁ।

### ଏଫ୍‌ଇସି, ୟ୍ୟାର ଅନୁଷ୍ଠାନ ପକ୍ଷରୁ ସ୍ୱାସ୍ଥ୍ୟ କିଟ୍ ପ୍ରଦାନ

ନୂଆପଡ଼ା ଅଫିସ,୨୨।୭: ନୂଆପଡା ଜିଲା ଖଡିଆଳ ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ର ଭାରପ୍ରାପ୍ତ ଡାକ୍ତର ଦୀନବନ୍ଧୁ ମାହାନନ୍ଦଙ୍କୁ ଖଡିଆଳ ଏଫଇସି ଓ ୟ୍ୟାର ଅନୁଷ୍ଠାନ ପକ୍ଷରୁ ୨୦୦ଟି ଏନ୯୫ ମାସ୍କ, ୨୦ ଲିଟର ସାନିଟାଇଜର, ୨୦ଟି ପିପି କିଟ ଓ ୩୦୦ଟି ଗ୍ଲୋବ ପ୍ରଦାନ କରିଛନ୍ତି। ଏହି ସବୁ ଜିନିଷ ସ୍ୱାସ୍ଥ୍ୟକେନ୍ଦ୍ରର କର୍ମଚାରୀମାନଙ୍କ କାର୍ଯ୍ୟରେ ଆସିବ। ସେହିପରି ଖଡିଆଳ ବ୍ଲକ ଡୁଆଟର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ମଧ୍ୟ ସାନିଟାଇଜର, ଗ୍ଲୋବ, ପିପିକିଟ ଓ ମାସ୍କ ପ୍ରଦାନ କରାଯାଇଛି। ସିନାପାଲି ବ୍ଲକ ନଙ୍ଗଲ ବୋର୍ଡ ପଞ୍ଚାୟତର ଅସହାୟ, ନୀରହ ବୃଦ୍ଧାବୃଦ୍ଧମାନଙ୍କୁ ଶୁଖିଲା ଖାଦ୍ୟ ବଣ୍ଟନ କରାଯାଇଛି। ଜାମବାହାଲି ଗାଁର ୩୦ ଜଣ, ଭଟାପାଣିର ୮୦ ଓ ଟଙ୍କାପାଣି ଗାଁର ୬୮ ଜଣଙ୍କୁ ଶୁଖିଲା ଖାଦ୍ୟ, ଚାଉଳ, ଡାଲି, ଲୁଣ, ତେଲ, ଆଳୁ ଇତ୍ୟାଦି ଗୋଟିଏ ମାସର ରାଶନ ସାମଗ୍ରୀ ପ୍ରଦାନ କରାଯାଇଛି ବୋଲି ୟ୍ୟାର ଅନୁଷ୍ଠାନ ସଭାପତି ମହେନ୍ଦ୍ର କୁମାର ଯୋଶୀ ପ୍ରକାଶ କରିଛନ୍ତି। ୟ୍ୟାର ଅନୁଷ୍ଠାନ ସମ୍ପାଦକ ହରିଦାସ ପଟେଲ ଓ ସଂଯୋଜକ ଅରୁଣ କୁମାର ବିଶ୍ୱାଳ ଉପସ୍ଥିତ ଥିଲେ।

### ଅଟୋ ଓଲଟି ଜଣେ ମୃତ

ରାମଗିରି,୨୨।୭(ଡି.ଏନ.ଏ.): ଗଜପତି ଜିଲା ରାୟଗଡ଼ ବ୍ଲକ ଅନ୍ତର୍ଗତ ଅମେଡ଼ା ପଞ୍ଚାୟତର କୁରୁମୁ ଗ୍ରାମର ଏକ ଅଟୋ (ନଂ. ଓଡି୦୭ଏକ୍ସ୦୨୪୩)ରେ ୭ ଜଣ ବସି ରାମଗିରି ଦେଇ ଛେଳିଗଡ଼ ଅଭିମୁଖେ ଯାଉଥିଲେ। ରାମଗିରି ଥାନା ଅଧୀନ ଦୁଧମାଠିଆ ନାଳ ନିକଟରେ ଅଟୋଟି ଭାରସାମ୍ୟ ହରାଇ ଓଲଟି ପଡ଼ିଥିଲା। ଫଳରେ ଘଟଣାସ୍ଥଳରେ ଆର.ଉଦୟଗିରି ବ୍ଲକ ବସ୍ତିଗୁଡ଼ା ପଞ୍ଚାୟତର ଗଣେଶ କାର୍ଜୀଙ୍କ ଘଟଣାସ୍ଥଳରେ ମୃତ୍ୟୁ ଘଟିଥିବା ବେଳେ ୬ ଜଣ ଆହତ ହୋଇଛନ୍ତି। ଖବର ପାଇ ରାମଗିରି ଥାନା ଅଧିକାରୀ ଡ. ବିକାଶ ସେଠୀ ଓ ଅନ୍ୟମାନେ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ଅଟୋକୁ ଜବତ କରିଛନ୍ତି।

# ନାବାଳକ ଉପରେ ପରିବାର ବୋଝ

- ଉଚ୍ଚଶିକ୍ଷାରେ ଅର୍ଥ ବାଧକ
- ଚଳିତ ବର୍ଷରେ ମାଟ୍ରିକ ପରୀକ୍ଷାରେ ଉତ୍ତୀର୍ଣ୍ଣ
- ଚିନ୍ତାରେ ବାପା ଶଯ୍ୟାଶାୟୀ

ନୂଆପଡ଼ା ଅଫିସ,୨୨।୭


ବାପା ଓ ଭାଇଙ୍କ ସହ ନାବାଳକ।

ନାବାଳକ ଉପରେ ପରିବାର ବୋଝ। ପାଠ ପଢ଼ିବାର ଇଚ୍ଛାଥିଲେ ମଧ୍ୟ ଅର୍ଥ ସାଜିଛି ବାଧକ। ମା' ଆରପାରିକୁ ଚାଲିଯିବା ପରେ ସୁଖର ସଂସାର ଦୁଃଖରେ ପରିଣତ ହୋଇଗଲା ଏଭଳି ଦୁଃଖ ଘଟଣା ଦେଖିବାକୁ ମିଳିଛି ନୂଆପଡା ଜିଲା କୋମନା ବ୍ଲକ ଅନ୍ତର୍ଗତ ପଲସିପାଣି ପଞ୍ଚାୟତ କାସିପଲା ଗାଁରେ।। ବାପା ମାଧବ ଶବର (୮୫), ମା' ଫୁଲମେଟ (୮୦), ଭାଇ ମକରଧ୍ୱଜ (୧୮) ଓ ନାବାଳକ ଅନିରୁଧ (୧୬)ଙ୍କୁ ନେଇ ପରିବାର। ବାପା ମାଧବ ଚିନ୍ତା ରୋଗରେ ଶଯ୍ୟାଶାୟୀ। ଜିଲାରେ କାମଧନ୍ଦା ଅଭାବରୁ ୨୦୧୯ରେ ମା' ସାଙ୍ଗରେ ୨ ଭାଇ ଆନ୍ଧ୍ରକୁ କାମ କରିବା ପାଇଁ ଯାଇଥିଲେ। ସେଠାରେ ମା' ଫୁଲମେଟ ରୋଗରେ ପଡ଼ି ଇଟା ଭାଟିରେ ୨୦୧୯ ମେ ୨୯ରେ ମୃତ୍ୟୁ ହୋଇଥିଲା। ଟଙ୍କା ଅଭାବ ଯୋଗୁ ମୃତଦେହକୁ ଘରକୁ ନ ଆଣି ସେଠାରେ ଶସତ୍କାର କରି ଦୁଇ ଭାଇ ଖାଲି ହାତରେ ଫେରି ଆସିଥିଲେ। ଯେଉଁ ସମୟରେ ପିଲା ହାତରେ ବହିବସ୍ତାନୀ ଧରି ପିଲାମାନଙ୍କ ମେଳରେ ସ୍କୁଲ/କଲେଜ ଯିବା କଥା ସେହି ସମୟରେ ପରିବାର ବୋଝ। ଗାଁରେ ରୋଗିଣା ବାପା ଆଖିରେ ଛଳଛଳ ହୋଇ ବୋହି ଯାଉଥାଏ ଲୁହ। ଭାଇ ମକାରଧ୍ୱଜ ଅପାଠୁଆ ଓ ମସ୍ତିଷ୍କ ବିକୃତ। ଅନିରୁଧ ମୁଣ୍ଡ ଉପରେ ସବୁ ବୋଝ। ତଥାପି ହାର ନ ମାନି ଘର କାମ କରିବା ସହିତ ସ୍କୁଲ ଯାଇ ପାଠ ପଢୁଥିଲେ। ପାଠପଢା ସହିତ କୁଲି ମଜୁରୀ କାମ କରି ଦୁଇ ପଇସା ରୋଜଗାର କରି ଆଣିଲେ ପରିବାର ଚଳେ। ପରିସ୍ଥିତିରେ ବୁଡି ରହି ମଧ୍ୟ ପାଠପଢି ଚଳିତ ଶିକ୍ଷାବର୍ଷରେ ମାଟ୍ରିକ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ଉଚ୍ଚ ଶିକ୍ଷା ପାଇଁ ଇଚ୍ଛାଶକ୍ତି ଥିଲେ ହେଁ ଅର୍ଥ ଅଭାବରୁ ଉଚ୍ଚ ଶିକ୍ଷାରୁ ବଞ୍ଚିତ। ଏପଟେ ପରିବାର ଚିନ୍ତା। ପର ଘରକୁ ଗୋତି ଶ୍ରମିକ ଭାବେ କାମ କରି ନ ଗଲେ ଚୁଲି ଜଳୁନାହିଁ। ୨୦୧୪-୧୫ରେ ଇନ୍ଦରା ଆବାସ ଯୋଜନାରେ ମାଧବ ନାମରେ ମିଳିଥିବା ଆବାସ ଗୃହରେ ୩ବାପ ପୁଅ ରହୁଛନ୍ତି। ବର୍ଷା ହେଲେ ଘରେ ପାଣି ଗଳୁଛି। ଛାତ ଉପରୁ ସିମେଣ୍ଟ ଖସି ପଡୁଛି। କେତେ ବେଳେ ଯେ ଘର ଛାତ ପଡିଯିବ ଜଣାନାହିଁ। ଜମି ବାଡି କହିଲେ ଗୋଟିଏ ଏକରରୁ କମ ଜମି ଅଛି। ନିଜେ ଚାଷ କରି ପାରୁ ନ ଥିବାରୁ ଅନ୍ୟ ଜଣେ ଛାଷ କରି ଭାଗ କରନ୍ତି। ବାପାଙ୍କ ୫ ଶହ ଭତ୍ତା ଟଙ୍କା ଓ ୧୫ କେଜି ଚାଉଳ କେତେ ଦିନ ଯିବ। ନାବାଳକ ଅନିରୁଧ ଉପରେ ସବୁ ବୋଝ। ମୁଁ ପଢିବାକୁ ଚାହୁଁଛି, ହାତରେ ଅର୍ଥ ନାହିଁ । କେହି ଯଦି ସହଯୋଗ କଲେ ମୁଁ କଲେଜରେ ନାମ ଲେଖାଇ ପାଠ ପଢିବି ଓ ପରିବାର ପ୍ରତିପୋଷଣ କରିବି ଏବଂ ରୋଗୀଣା ବାପା ଓ ଭାଇର ଯତ୍ନ ନେବି ବୋଲି ଅନିରୁଧ କହିଛନ୍ତି। ଏ ସଂକ୍ରାନ୍ତରେ କୋମନା ଗୋଷ୍ଠୀ ଉନ୍ନୟନ ଅଧିକାରୀ ସଦାଶିବ ଭତ୍ରାଙ୍କୁ ପଚାରିବାରୁ ମୋ ପାଖରେ ଖବର ନ ଥିଲା। ଏବେ ଖବର ପାଇଲି, କାସିପଲା ଗାଁକୁ ଯାଇ ଅସହାୟ ପରିବାର ସମାଧାନ କରିବି ବୋଲି କହିଥିଲେ।

# ବିଡିଓଙ୍କ ଦ୍ୱାରସ୍ଥ ହେଲେ ନେଗୀଗୁଡ଼ାବାସୀ


ବିଡିଓଙ୍କ ଦ୍ୱାରସ୍ଥ ହେବାକୁ ଆସିଥିବା ନେଗୀଗୁଡ଼ାବାସୀ।

**ରାଶନ ସାମଗ୍ରୀ ବଣ୍ଟନରେ ଅନିୟମିତତା**

କୋକସରା,୨୨/୭,(ଡିଏନଏ)

କଳାହାଣ୍ଡି ଜିଲା କୋକସରା ବ୍ଲକ ପୋଡାଗୁଡା ପଞ୍ଚାୟତ ନେଗୀଗୁଡା ଗ୍ରାମର ଶତାଧିକ ହିତାଧିକାରୀ ରାଶନ ସାମଗ୍ରୀ ବଣ୍ଟନରେ ଅନିୟମିତତା ଅଭିଯୋଗ କରି ଗୁରୁବାର ବିଡିଓଙ୍କ ଦ୍ୱାରସ୍ଥ ହୋଇଛନ୍ତି। ବିଡିଓ ଅନୁପସ୍ଥିତ ଯୋଗୁ ଏବିଡିଓ ପୁରୁଷୋତ୍ତମ ଧରୁଆଙ୍କୁ ଲିଖିତ ଅଭିଯୋଗ କରିଛନ୍ତି। ଏହା ସହିତ ୪ ମାସର ପିଡିଏସ୍ ଚାଉଳ ଶୀଘ୍ର ଯୋଗାଇଦେବା ପାଇଁ ହିତାଧିକାରୀମାନେ ଦାବି କରିଛନ୍ତି। ଏହି ପଞ୍ଚାୟତର ସାନପୋପଡାଗୁଡା ଓ ମଙ୍ଗଳପୁର ଗ୍ରାମର ହିତାଧିକାରୀମାନେ ନିୟମିତ ପିଡିଏସ୍ ଚାଉଳ ପାଉଥିବା ବେଳେ ନେଗୀଗୁଡା ହିତାଧିକାରୀମାନଙ୍କୁ ସମ୍ପୂର୍ଣ୍ଣ ଚାଉଳ ନ ଦେଇ ବକେୟା ରଖୁଥିବା ଅଭିଯୋଗ ହୋଇଛି। ରାଜ୍ୟ ସରକାର କରୋନା କଟକଣାକୁ ନେଇ ଆଗ୍ରୀମ ଚାଉଳ ବଣ୍ଟନ ବ୍ୟବସ୍ଥା କରିଥିବାବେଳେ ଯୋଗାଣ ସହାୟକଙ୍କ ଅବହେଳାରୁ ୪ ମାସ ହେବ ନେଗୀଗୁଡା ଗ୍ରାମବାସୀ ପିଡିଏସ୍ ଚାଉଳ ପାଇନାହାନ୍ତି। ଏଭଳିକି ନିୟମିତ ଚାଉଳ ପାଉ ନ ଥିବା ମଧ ହିତାଧିକାରୀମାନେ ଅଭିଯୋଗ କରିଛନ୍ତି। ରାଶନ ସାମଗ୍ରୀ ବଣ୍ଟନ ବ୍ୟବସ୍ଥା ତଦନ୍ତ କରି ନିୟମିତ ପିଡିଏସ୍ ଚାଉଳ ଯୋଗାଇ ଦେବାକୁ ହିତାଧିକାରୀମାନେ ଦାବି କରିଛନ୍ତି। ଦାବିପତ୍ର ବେଳେ ଖଗପତି ଗୋପାଲ, ଭବାନୀ ଶଙ୍କର ଗୋପାଲ, ପୁଷ୍ପଧର ଗୋପାଲ, ପୂର୍ଣ୍ଣଚନ୍ଦ୍ର ବାଗ, ପରମେଶ୍ୱର ବୋଡକିଆ, ଲମ୍ବଧର ପଟେଲ, ତ୍ରିଲୋଚନ ପୋଡ ପ୍ରମୁଖ ଗ୍ରାମବାସୀ ଓ ହିତାଧିକାରୀମାନେ ଉପସ୍ଥିତ ରହିଥିଲେ। ଏ ନେଇ କୋକସରା ଏବିଡିଓ ପୁରୁଷୋତ୍ତମଙ୍କୁ ପଚାରିବାରୁ ଦିନେ ଦୁଇ ଦିନ ମଧ୍ୟରେ ସମସ୍ୟାର ସମାଧାନ କରାଯିବ ବୋଲି କହିଛନ୍ତି।

# ମଦକୋଠି ବନ୍ଦ ପାଇଁ ଜିଲାପାଳଙ୍କୁ ଦାବିପତ୍ର


କୁସଦାହନା ଗାଁର ମହିଳାମାନେ ଜିଲାପାଳଙ୍କୁ ଦାବିପତ୍ର ଦେବାକୁ ଆସିଛନ୍ତି।

ନୂଆପଡ଼ା ଅଫିସ,୨୨।୭

ନୂଆପଡା ଜିଲା କୋମନା ବ୍ଲକ ଅନ୍ତର୍ଗତ କୁରୁମପୁରି ଗ୍ରାମପଞ୍ଚାୟତ କୁସଦହନା ଗାଁର ଶତାଧିକ ମହିଳା ଗୁରୁବାର ମଦ ବିରୋଧ ପ୍ରତିବାଦରେ ନୂଆପଡା ଜିଲାପାଳ ସ୍ୱାଧାଦେବ ସିଂଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। କୁସଦାହନା ଗାଁର ୨ଟି ୱାର୍ଡରେ ୩ଟି କୁସଦହନା, ଗୋହିରାପଦର ଓ ରେଙ୍ଗଠା ପଡା ରହିଛି। ୧ ହଜାରରୁ ଉର୍ଦ୍ଧ୍ୱ ଜନସଂଖ୍ୟା ରହିଥିବା ବେଳେ ଗାଁରେ ୧୦ଟି ଦେଶୀ ଓ ବିଦେଶୀ ମଦ କୋଠି ବେଆଇନ ଭାବେ ଚାଲୁଛି। ଫଳରେ ଗାଁରେ ଦିନକୁ ଦିନ ମଦ୍ୟପଙ୍କ ସଂଖ୍ୟା ବଢିବାରେ ଲାଗିବା ସହିତ ଯୁବପିଢୀମାନଙ୍କ ଉପରେ ଏହାର କୁପ୍ରଭାବ ପଡୁଛି। ଅସାମାଜିକ କାର୍ଯ୍ୟ କଳାପ ବଢି ଚାଲିଥିବା ବେଳେ ଗା ଦାଣ୍ଡରେ ଚାଲି ହେଉ ନାହିଁ ବୋଲି ଗାଁର ମହିଳାମାନେ ଲଖନା ଥାନାକୁ ଯାଇ ବାରମ୍ବାର ଅଭିଯୋଗ କରିଛନ୍ତି। କିନ୍ତୁ ଆଜି ଯାଏ କୌଣସି ସୁଫଳ ନ ମିଳିବାରୁ ଗୁରୁବାର ଶତାଧିକ ମହିଳା ପ୍ରଥମେ ଲଖନା ଥାନାକୁ ଯାଇ ଚେତାବନୀ ଦେବା ପରେ ନୂଆପଡା ଜିଲାପାଳଙ୍କ କାର୍ଯ୍ୟାଳୟକୁ ଆସି ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଆସନ୍ତା ସୋମବାର ପୂର୍ବାହ୍ନ ସୁଦ୍ଧା କୁସଦହନା ଗାଁରୁ ସବୁ ମଦ କୋଠି ବନ୍ଦ କରିବା ସହ ମଦ ବ୍ୟାବସାୟୀ ଉପରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଗଲେ ଅପରାହ୍ନରେ ଆମେ ନିଜେ ମହିଳାମାନେ ଯାଇ ମଦ କୋଠି ଭାଙ୍ଗିବୁ ଚେତବାନୀ ଦେଇଛନ୍ତି। ସେହି ସମୟରେ ଆମ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କଲେ ରାଜରାସ୍ତାକୁ ଓହ୍ଲାଇ ଆନ୍ଦୋଳନ କରୁବୁ ବୋଲି ତୁଳସା ମଲ୍ଲିକ, ସୁତୟା ମଲ୍ଲିକ, କେଶରୀ ମାଝି, ଦୁର୍ଗା ସାହୁ, ହୁଲେଶ୍ରୀ ସାହୁ, ମମତା ସାହୁ, ସତ୍ୟା ମାଝି, ଭୁବନେଶ୍ୱରୀ ସାହୁ, ପାଚୋ ମାଝି, ମଧୁ ମାଝି, ତେଜ କୁମାରୀ ସାହୁ, ଜୟନ୍ତୀ ରଣା, ସୁଲୋଚନା ସାହୁ, ପ୍ରମେସିଳା ମଲ୍ଲିକ ପ୍ରମୁଖ ଜିଲାପାଳଙ୍କୁ ଦାବିପତ୍ର ଦେବା ସହିତ ଚେତାବନୀ ଦେଇଛନ୍ତି।

## ନିଖୋଜ ମହିଳାଙ୍କ ମୃତଦେହ ଜବତ

ବଡ଼ବିଲ,୨୨।୭ (ସ୍ୱ.ପ୍ର.)

କେନ୍ଦୁଝର ଜିଲା ବଡ଼ବିଲ ଥାନା ଅନ୍ତର୍ଗତ କାରା ଖେଣ୍ଡରା ଜଙ୍ଗଲରୁ ଜଣେ ନିଖୋଜ ମହିଳାଙ୍କ ଗଳିତ ମୃତଦେହକୁ ପୋଲିସ ଗୁରୁବାର ଜବତ କରି ବ୍ୟବଚ୍ଛେଦ ନିମନ୍ତେ ପଠାଇଛି। ମୃତା ମହିଳା ହେଲେ ନାଳଦା ଶିବ ମନ୍ଦିର ନିକଟ ବସ୍ତିର ରୀନା ମହାକୁଡ଼। ସୂଚନା ଅନୁଯାୟୀ, ନାଳଦା ଶିବ ମନ୍ଦିର ନିକଟରେ ରହୁଥିବା ରୀନା କାରାକୋହ୍ଲ ସ୍ଥିତ ଏକ ଘରୋଇ କାରଖାନାରେ ଶ୍ରମିକ ଭାବେ କାମ କରୁଥିଲେ। ସେହି ନାଳଦା ଅଞ୍ଚଳର ଜଣେ ପୁରୁଷ ଶ୍ରମିକଙ୍କ ସହ ସେ ଦୈନିକ କାରଖାନାରୁ ଏକ ସଙ୍ଗେ ଯାତାୟାତ କରୁଥିଲେ। ଗତ ୧୮ ତାରିଖ ସକାଳୁ ରୀନା କାରଖାନାକୁ ଯାଇ ଆଉ ଘରକୁ ଫେରି ନ ଥିଲେ। ପରିବାର ଲୋକେ ତାଙ୍କୁ ଏଣେତେଣେ ଖୋଜାଖୋଜି କରି କୌଣସି ସନ୍ଧାନ ନ ପାଇବାରୁ ୨୦ ତାରିଖରେ ତାଙ୍କର ନିଖୋଜ ନେଇ ବଡ଼ବିଲ ଥାନାରେ ଏତଲା ଦେଇଥିଲେ। ବୁଧବାର ସନ୍ଧ୍ୟାରେ କେତେଜଣ ଛେଳି ଚରାଳି ଜଙ୍ଗଲରେ ଜଣେ ମହିଳାଙ୍କ ମୃତଦେହ ପଡ଼ିଥିବା ଦେଖିଥିଲେ। ଏ ନେଇ ସେମାନେ ବଡ଼ବିଲ ପୋଲିସକୁ ସୂଚନା ଦେଇଥିଲେ। ପୋଲିସ ପହଞ୍ଚିବା ପରେ ମୃତଦେହ ରୀନାଙ୍କର ବୋଲି ଜଣାପଡ଼ିଥିଲା। ଏହାପରେ ପୋଲିସ ଏକ ମାମଲା (ନଂ.୨୧୮/୨୦୨୧) ରୁଜୁ କରି ଉକ୍ତ ଶ୍ରମିକଙ୍କୁ ଥାନାରେ ଅଟକ ରଖି ପଚରାଉଚରା ଜାରି ରଖିଛି। ଗୁରୁବାର ସାଇଣ୍ଟିଫିକ ଟିମ୍ ସହ ବଡ଼ବିଲ ଏସ୍‌ଡିପିଓ ହିମାଂଶୁ ଶେଖର ବେହେରା ଏବଂ ଆଇଆଇସି ସୁଶାନ୍ତ ଦାସ ସଦଳବଳ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛନ୍ତି।

# ମହିଳା ସ୍ୱୟଂ ସହାୟିକା ଦଳର ସମସ୍ୟା ବୁଝିଲେ ବିଧାୟକ


ଜାମବାହାଲି ଗାଁର ମହିଳା ସ୍ୱୟଂ ସହାୟକ ଦଳ ସହିତ ବିଧାୟକ ଆଲୋଚନା କରୁଛନ୍ତି।

ନୂଆପଡ଼ା ଅଫିସ,୨୨।୭

ନୂଆପଡା ଜିଲା କୋମନା ବ୍ଲକ ଦର୍ଲପଡା ଗ୍ରାମପଞ୍ଚାୟତ ଜାମବାହାଲି ଗାଁକୁ ନୂଆପଡା ବିଧାୟକ ରାଜେନ୍ଦ୍ର ଢୋଲକିଆ ଗୁରୁବାର ପରିଦର୍ଶନ କରିଛନ୍ତି। ସେଠାରେ ମହିଳା ସ୍ୱୟଂ ସହାୟକ ଦଳ ସହ ସାକ୍ଷାତ କରି ସେମାନଙ୍କ ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରିଥିଲେ। ଜାମବାହାଲି ଗାଁର ମହିଳା ସ୍ୱୟଂ ସହାୟକ ଦଳର ଋଣ ପ୍ରଦାନରେ ଦେଖାଦେଇଥିବା ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରି ଏହାର ସମାଧାନ ଆଗାମୀ ଦିନରେ ହେବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ରାଜ୍ୟ ସରକାର ମହିଳାଙ୍କ ବିକାଶ ଏବଂ ସମାଜରେ ଆଗଧାଡିରେ ଛିଡା କରି ସ୍ୱାବଲମ୍ବୀ କରି ଗଢି ତୋଳିବା ପାଇଁ ମିଶନ ଶକ୍ତି ମାଧ୍ୟମରେ ଅନେକ ଯୋଜନା ହାତକୁ ନେଇ ମହିଳାଙ୍କ ଉନ୍ନତିର ପ୍ରୟାଷ ଅବ୍ୟାହତ ରଖିଛନ୍ତି। ମହିଳାଙ୍କୁ ଆର୍ଥିକ କ୍ଷେତ୍ରରେ ସ୍ୱାବଲମ୍ବୀ କରିବାକୁ ଋଣ ପ୍ରଦାନ, ଆବର୍ତ୍ତନ ପାଣ୍ଠି ବିକାଶ ଭଳି ଅନେକ ସହାୟତା ପ୍ରଦାନ କରୁଛନ୍ତି। ରାଜ୍ୟ ସରକାର ମହିଳାମାନଙ୍କ ଉନ୍ନତି, ପ୍ରଗତି ଓ ଆର୍ଥିକ ସ୍ୱାବଲମ୍ବୀ କରି ସମାଜରେ ସମାନ ଭାଗିଦାରୀ କରିବା ପାଇଁ ମିଶନ ଶକ୍ତି ମାଧ୍ୟମରେ ଅନେକ ଯୋଜନା କରିଛନ୍ତି। ଏହାର ସୁଯୋଗ ହାତ ଛଡା ନ କରି ଲାଭ ଉଠାଇବାକୁ ବିଧାୟକ ଢୋଲକିଆ ବୁଝାଇଥିଲେ।

# ବସୁଧା ପ୍ରକଳ୍ପରୁ ଜଳଯୋଗାଣ କରିବାକୁ ଦାବି

ଲାଠୋର,୨୨।୭(ଡି.ଏନ.ଏ)

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଟଙ୍କପାଣି ପଞ୍ଚାୟତ ଅନ୍ତର୍ଗତ ସଦର ଗାଁ ଟଙ୍କପାଣି। ଦୁଇୱାର୍ଡ ବିଶିଷ୍ଟ ଏହି ଗ୍ରାମର ଜନ ସଂଖ୍ୟା ୧୫ ଶହରୁ ଉର୍ଦ୍ଧ୍ୱ। ଲକ୍ଷାଧିକ ଟଙ୍କା ବ୍ୟୟ ଅଟକଳରେ ବସୁଧା ଯୋଜନାରୁ ଗ୍ରାମରେ ଗତ ୨୦୨୦ରେ ପାନୀୟ ଜଳ ଯୋଗାଣ ପ୍ରକଳ୍ପ ନିର୍ମାଣ କାମ ଆରମ୍ଭ ହୋଇଥିଲା। ଗ୍ରାମର ୭ଟି ପଡା ମଧ୍ୟରୁ ୬ଟି ପଡାକୁ ପରୀକ୍ଷଣ ଭାବେ ଜଳଯୋଗାଣ ମଧ କରାଯାଇଥିଲା। ହେଲେ କିଛି ଦିନ ପରେ ଜଳ ଯୋଗାଣ ବନ୍ଦ କରି ଦିଆଗଲା। ଗ୍ରାମର ଶବର ପଡାକୁ ପାଇପ ବିଛା ଯାଇ ନ ଥିବାରୁ ଜଳଯୋଗାଣ ବନ୍ଦ କରାଗଲା ବୋଲି ବିଭାଗ କର୍ମଚାରୀ କହିଲେ। ଏଷ୍ଟିମେଟ ପଠାଯାଇଛି, ମଞ୍ଜୁର ହୋଇ ଆସିଲେ ପାଇପ ବିଛାଇ ସମଗ୍ର ଗ୍ରାମକୁ ଜଳ ଯୋଗାଣ କରାଯିବ ବୋଲି ସେମାନେ କହୁଛନ୍ତି। ଗୋଟିଏ ପଡା ପାଇଁ ଅନ୍ୟ ୬ ପଡାର ଜନସାଧାରଣ ପାଇପ ପାଣି ପାଇବାରୁ ବଞ୍ଚିତ ହେବା କେତେ ଯୁକ୍ତିଯୁକ୍ତ ବୋଲି ଲୋକେ ପ୍ରଶ୍ନ କରୁଛନ୍ତି। ଯଥାଶୀଘ୍ର ଗ୍ରାମର ଅନ୍ୟ ପଡାକୁ ଜଳ ଯୋଗାଣ କରିବାକୁ ଦାବି ହେଉଛି।

# କଳାସଂସ୍କୃତି ଉଜ୍ଜୀବିତ କରୁଛି କଳାବିକାଶ କେନ୍ଦ୍ର

ଜୁନାଗଡ,୨୨।୭ (ଡି.ଏନ.ଏ.)

କଳା ଓ ସଂସ୍କୃତିର ମାଟି ହେଉଛି ଜୁନାଗଡ। ଏହି ମାଟିକୁ କଳା ସଂସ୍କୃତି କ୍ଷେତ୍ରରେ ଉଦ୍‌ଜିବିତ କରୁଛି କଳାବିକାଶ କେନ୍ଦ୍ର। ଗତ ୨୦୦୬ରୁ ଏହି କେନ୍ଦ୍ର ଅନବରତ ପ୍ରଚେଷ୍ଟା ଫଳରେ ଶାସ୍ତ୍ରୀୟ ନୃତ୍ୟ ଓଡିଶୀକୁ ଜିଲା, ରାଜ୍ୟ ତଥା ଜାତୀୟସ୍ତରରେ ପହାଞ୍ଚାଇବାରେ ପ୍ରୟାସ ଜାରି ରଖିଛି ବୋଲି କଳାହାଣ୍ଡି ଜିଲା ଜୁନାଗଡ ସହର କଳାବିକାଶ କେନ୍ଦ୍ରଠାରେ ବୁଧବାର ସନ୍ଧ୍ୟାରେ ହୋଇଥିବା ଧନ୍ୟବାଦ ସମାରୋହରେ ମୁଖ୍ୟଅତିଥି ଭାବେ ଯୋଗଦେଇ ମନ୍ତ୍ରୀ କ୍ୟାପଟେନ୍ ଦିବ୍ୟ ଶଙ୍କର ମିଶ୍ର ଏହା କହିଛନ୍ତି। ସେହିପରି କଳାବିକାଶ କେନ୍ଦ୍ରର ଏହି ପ୍ରୟାସକୁ ବର୍ତ୍ତମାନ ଓଡିଶା ସଙ୍ଗୀତ ନାଟକ ଏକାଡେମୀ ସହଯୋଗର ହାତ ବଢାଇଛି। କଳାବିକାଶକୁ କେନ୍ଦ୍ରକୁ ନୂଆ ରାହା ଦେଖାଇବା ପାଇଁ ଓଡିଶା ସଙ୍ଗୀତ ନାଟକ ଏକାଡେମୀ ପକ୍ଷରୁ ବାର୍ଷିକ ୧ ଲକ୍ଷ ଟଙ୍କା ଅନୁଦାନ ରାଶି ଦେବା ପାଇଁ ସହାୟକ ହୋଇଛି। ପ୍ରଥମ କିସ୍ତି ଭାବେ କଳାବିକାଶ କେନ୍ଦ୍ରକୁ ୫୦ ହଜାର ଟଙ୍କା ଚେକ ପ୍ରଦାନ କରାଯାଇଛି ବୋଲି ଓଡିଶା ସଙ୍ଗୀତ ନାଟକ ଏକାଡେମୀର ସଚିବ ପ୍ରବୋଧ କୁମାର ରଥ ମୁଖ୍ୟବକ୍ତା ଭାବେ ଯୋଗଦେଇ ଏହା କହିଥିଲେ। ସମ୍ମାନିତ ଅତିଥି ଭାବେ ବିଶ୍ୱ କବି ଭବାନୀ ଶଙ୍କର ନିଆଲ, ପୂର୍ବତନ ପୌରାଧକ୍ଷ ଆଦିତ୍ୟ ନନ୍ଦ, ଏନ୍‌ଏସି ଅଧକ୍ଷ ମହେଶ କୁମାର ସାହୁ, ଶିକ୍ଷକ ସଂଘ ସଭାପତି ସରୋଜ କୁମାର ପଣ୍ଡା, ଯୁବ ନେତା ପ୍ରଶାନ୍ତ ନାଏକ, କଳାବିକାଶ କେନ୍ଦ୍ର ପରିଚାଳକ ମାନସ କୁମାର ସେଠି ପ୍ରମୁଖ ଯୋଗଦେଇଥିଲେ। କାର୍ଯ୍ୟକ୍ରମକୁ ପିଆଇ କଲେଜର ଖେଳ ଅଧ୍ୟାପକ ସମୀର କୁମାର ସାହୁ ପରିଚାଳନା କରିଥିଲେ। ପ୍ରକାଶ ଯେ, ଗତ ୨୦୨୦ରେ ମହାରାଷ୍ଟ୍ର ରାଜ୍ୟ ନାଗପୁରଠାରେ ଜାତୀୟ ନୃତ୍ୟ ଓ ବାଦ୍ୟ ପ୍ରତିଯୋଗୀତାରେ କଳାବିକାଶ କେନ୍ଦ୍ରର ୮ଜଣ ପ୍ରତିଯୋଗୀଙ୍କୁ ସମ୍ମାନିତ କରାଯାଇଥିଲା।



କଳାବିକାଶ କେନ୍ଦ୍ରରେ ଧନ୍ୟବାଦ ସମାରୋହରେ ମଞ୍ଚାସୀନ ଅତିଥି।

# ୧୦୦ରୁ ଉର୍ଦ୍ଧ୍ୱ ଚାଷଜମି ପ୍ରଭାବିତ

ନୂଆପଡ଼ା ଅଫିସ,୨୨।୭


ଅପରଜୋଙ୍କ ଜଳସେଚନ ପ୍ରକଳ୍ପ ମାଇନର କେନାଲ ଭାଙ୍ଗି ଗର୍ତ୍ତ ସୃଷ୍ଟି ହୋଇଛି।

**ଧୋଇଗଲା ଅପର ଜୋଙ୍କ ମାଇନର କେନାଲ**

ନୂଆପଡା ସଦର ବ୍ଲକ ଅପର ଜୋଙ୍କ ଜଳ ସେଚନ ପ୍ରକଳ୍ପରୁ ମାତ୍ରାଧିକ ପାଣି ଛାଡିବାରୁ ଗର୍ତସୃଷ୍ଟି ହୋଇ ପଞ୍ଚମପୁର-ନଦୀଖଣ୍ଡି ମାଇନର କେନାଲ ଭାଙ୍ଗି ଯାଇଛି। କେନାଲ ଭାଙ୍ଗିବା ଦ୍ୱାରା ୧୦୦ରୁ ଉର୍ଦ୍ଧ୍ୱ ଚାଷ ଜମି ପ୍ରଭାବିତ ହେବ ବୋଲି ଚାଷୀମାନେ ଅଭିଯୋଗ କରିଛନ୍ତି। ଚଳିତ ଖରିଫ ଋତୁରେ ସଦର ବ୍ଲକ ସାରାବଙ୍ଗ, ଫଟୋରା, ଧରମବନ୍ଧା ଅଞ୍ଚଳରେ ସ୍ୱଭାବିକ ବର୍ଷାଠାରୁ କମ ବର୍ଷା ହୋଇଛି। ଏଭଳିସ୍ଥିତିରେ ପ୍ରକଳ୍ପରେ ଜଳ ସେଚନ ପାଇଁ ପାଣି ଛାଡିବାକୁ ଚାଷୀ ଦାବି କରିଥିଲେ। ଏହାକୁ ଦୃଷ୍ଟିରେ ରଖି କିଛି ଦିନ ତଳେ ବିଭାଗୀୟ ଅଧିକାରୀମାନେ ପ୍ରକଳ୍ପରୁ ପାଣି ଛାଡିଥିଲେ। ପାଣି ପଞ୍ଚାୟତ ୨ ପଞ୍ଚମପୁର ସବମାଇନରରେ ଚାଷୀଙ୍କ ଜମିକୁ ପାଣି ମାଣି ନ ଥିଲା। ଅଞ୍ଚଳର ଚାଷୀମାନେ ଅଧିକ ପାଣି ଛାଡିବାକୁ ବିଭାଗୀୟ ଅଧିକାରୀଙ୍କୁ ଅନୁରୋଧ କରିଥିଲେ। ସୋମବାର ରାତିରେ ପଞ୍ଚମପୁର ସବମାଇନରରେ ପଞ୍ଚମପୁରଠାରୁ ପାୱାରତୋଲା ନଦୀ ଖଣ୍ଡି ମଝିରେ କେନାଲ ଉପରେ ପାଣି ପ୍ରାବାହିତ ହୋଇଥିଲା। କେନାଲ କାମ ନିମ୍ନମାନର ହୋଇଥିବାରୁ ପ୍ରାୟ ୫୦/୬୦ ଫୁଟ ଲମ୍ବ କେନାଲକୁ ପାଣି ଧୋଇ ନେଇଯାଇଥିଲା। ବାଲୁଅ ମାଟି ହୋଇଥିବାରୁ ୨୦ ଫୁଟରୁ ଉର୍ଦ୍ଧ୍ୱ ତଳକୁ ଘାଇ ସୃଷ୍ଟି କରିଛି। ଘାଇର ଚାରି ପଟେ ଚାଷ ଜମି ରହିଛି। ଘାଇ ପାଖକୁ କୌଣସି ଚାରି ଚକିଆ ଗାଡି ଯିବାକୁ ରାସ୍ତା ନ ଥିବାରୁ ମରାମତି କରିବାକୁ ସମ୍ଭବ ହୋଇ ପାରିବ ନାହିଁ। ଏ ସଂକ୍ରନ୍ତରେ ଅପରଜୋଙ୍କ ଜଳ ସେଚନ ପ୍ରକଳ୍ପ ନିର୍ବାହୀ ଯନ୍ତ୍ରୀ ଗୌରାଙ୍ଗ ଚରଣ ସାହୁଙ୍କୁ ପଚାରିବାରୁ ଚାଷୀଙ୍କ ଆବଶ୍ୟକତା ଅନୁସାରେ କେନାଲରେ ପାଣି ଛଡା ଯାଇଥିଲା। ସେଠାରେ ପାଣି ସିପେଜ ହେବା ସହ ଦୁର୍ବଳ ମାଟି ଯୋଗୁ ଘାଇ ସୃଷ୍ଟି ହୋଇଛି। ବର୍ତ୍ତମାନ ଘାଇର ଚାରି ପାର୍ଶ୍ୱରେ ଚାଷ ହୋଇଥିବାରୁ ମରାମତି ଲାଗି ଗାଡି ପଶି ପାରିବ ନାହିଁ। ଏଣୁ କେନାଲ ମରାମତି କରିବା ସମ୍ଭବ ନୁହେଁ। ଆମ ପକ୍ଷରୁ ଚାଷୀଙ୍କ ସମସ୍ୟା ସମାଧାନ କରିବା ପାଇଁ ସଜାଗ ରହିଛୁ। କେନାଲ ଉପରେ ପ୍ଲାଷ୍ଟିକ ପାଇପ ପକାଇ ଚାଷୀଙ୍କୁ ଆବଶ୍ୟକ ପାଣି ଯୋଗାଇ ଦିଆଯିବ ଓ ଚାଷୀ ଫସଲକୁ ବଞ୍ଚାଇବାକୁ ଚେଷ୍ଟା କରିବୁ ବୋଲି ପ୍ରକାଶ କରିଥିଲେ।

**କ୍ଲଷ୍ଟରସ୍ତରୀୟ ସାମୁହିକ ବୃକ୍ଷରୋପଣ**

ଅମରପାଲି,(ଡି.ଏନ.ଏ.): ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ସୁବଳୟାଠାରେ କ୍ଲଷ୍ଟରସ୍ତରୀୟ ସାମୁହିକ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଅନୁଷ୍ଠିତ ସଭାରେ ବୀରମହାରାଜପୁର ଉପଜିଲାପାଳ ଅଶୋକ କୁମାର ଭୋଇ ମୁଖ୍ୟଅତିଥି, ବିଇଓ ଶାନ୍ତନୁ କୁମ୍ଭକାର, ପୂର୍ବତନ ବ୍ଲକ ଅଧକ୍ଷ ରଞ୍ଜିତ ରଥ, ସ୍ଥାନୀୟ ସରପଞ୍ଚ ଲିଲି ପାତ୍ର, ରେଞ୍ଜ ଅଧିକାରୀ ଅବିନାଶ ବରିହା, ପ୍ରଧାନଶିକ୍ଷକ ସ୍ୱର୍ଣ୍ଣଲତା ବେହେରା ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ସିଆରସିସି ଜମ୍ଦେଶ୍ୱର ଦାପ ସଭାରେ ଅଧକ୍ଷତା କରିଥିଲେ । ସଭା ପରେ ସୁବଳୟା ପରିସରରେ ଶିକ୍ଷକ ଓ ଅତିଥିମାନଙ୍କ ଦ୍ୱାରା ଶତାଧିକ ନିମ୍ବ, ଜାମୁ, ପଣସ, ବାଉଁଶ, ଅଶୋକ, ବହଳ ଆଦି ବୃକ୍ଷରୋପଣ କରାଯାଇଥିଲା ।

## ସଂକ୍ଷେପରେ

### ଡିଜିଟାଲ ଶ୍ରେଣୀଗୃହ ଉଦ୍‌ଘାଟିତ

**ବରଗଡ଼ ଅଫିସ୍,୨୨।୭:** ବରଗଡ଼ ସହର ଉପକଣ୍ଠ ବିଦ୍ୟାବିହାରରେ ରହିଥିବା ଇମ୍ପେରିୟଲ କଲେଜରେ ଗୁରୁବାର ଅତ୍ୟାଧୁନିକ ଡିଜିଟାଲ ଶ୍ରେଣୀଗୃହ ଉଦଘାଟିତ ହୋଇଛି। ବରଗଡ଼ ପଞ୍ଚାୟତ କଲେଜର ଅଧ୍ୟକ୍ଷ ପ୍ରଫେସର ପତିତପାବନ ସାହୁ ଏହାକୁ ଉଦ୍‌ଘାଟନ କରିଥିଲେ। ଇମ୍ପେରିୟଲ କଲେଜର ଚେୟାରମ୍ୟାନ ଦୀପକ ଗୋୟଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦଘାଟନୀ କାର୍ଯ୍ୟକ୍ରମରେ ସାହିତ୍ୟିକ ମନୋରଞ୍ଜନ ସାହୁ, ଜିଲା ବିଜ୍ଞାନ ନିରୀକ୍ଷକ ଡଃ ମନୋଜ ସାହୁ, ଆନ୍ତର୍ଜାତୀୟ ମାନ୍ୟତାପ୍ରାପ୍ତ ପ୍ରଶିକ୍ଷକ ଜୟପ୍ରକାଶ ଶତପଥୀ, ସଂସ୍କାର ଇଣ୍ଟର ନ୍ୟାଶନାଲ ସ୍କୁଲର ନିର୍ଦ୍ଦେଶକ ଅଜିତ ପଟ୍ଟନାୟକ, ଏଆର ରୋବୋଟିକାର ମୁଖ୍ୟ ସୌରଭ ଖଣ୍ଡେଲୱାଲ ପ୍ରମୁଖ ଉପସ୍ଥିତ ଥିଲେ। ଇମ୍ପେରିୟଲ କଲେଜର ଦୁର୍ଗେଶ ଶତପଥୀ, ରୋନକ ଅଗ୍ରୱାଲ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଏହି ନୂତନ ଡିଜିଟାଲ ଶ୍ରେଣୀ ଗୃହରୁ ଅନଲାଇନ ମାଧ୍ୟମରେ ଶିକ୍ଷାଦାନ କରାଯାଇପାରିବ।

### ଗୋଷ୍ଠୀ ସହଭାଗିତା ତାଲିମ କାର୍ଯ୍ୟକ୍ରମ

ତଳଗାଁ,୨୨।୭( ଡି.ଏନ.ଏ.)- ବୌଦ୍ଧ ଜିଲା ହରଭଙ୍ଗା ବ୍ଲକର କେତେକ ପଞ୍ଚାୟତର ଗାଁଗୁଡିକରେ ବର୍ଷାଦିନେ ବନ୍ୟା ଜଳ ପଶି ବହୁ ଧନ ଜୀବନ ହାନି ହୋଇଥାଏ । ଏହି ବିପର୍ଯ୍ୟୟର ମୁକାବିଲା ପାଇଁ ଜିଲା ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷଙ୍କ ଦ୍ୱାରା ଗୋଷ୍ଠୀ ସହଭାଗିତା ତାଲିମ କାର୍ଯ୍ୟକ୍ରମ ଧଳପୁର ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଜରୁରୀକାଳୀନ ଅଧିକାରୀ ଅବିନାଶ ପାଣ୍ଡିଆ, ତହସିଲଦାର ଶମ୍ଭୁଭୂଷଣ ମିଶ୍ର, ଅତିରିକ୍ତ ତହସିଲଦାର ହରିଓମ୍ ଭୋଇ, ବିଡିଓ ନୀଳକଣ୍ଠ ବେହେରାଙ୍କ ଉପସ୍ଥିତିରେ ରାମଗଡ ଓ ଧଳପୁର ସରପଞ୍ଚ, ଅଙ୍ଗନୱାଡି କର୍ମୀ . ଆଶା ଦିଦି, ଦମକଳ ବାହିନୀ ଓ ଗ୍ରାମବାସୀ ତାଲିମ ନେଇଥିଲେ ।

# ଜମି ଜଣଙ୍କର, ପ୍ରିମିୟମ ଭରୁଛନ୍ତି ଅନ୍ୟ ଜଣେ

**ବରଗଡ଼ ଅଫିସ୍, ୨୨।୭**

ଖରିଫ ଫସଲ ପାଇଁ ବୀମା ପ୍ରିମିୟମ ରାଶି ଜମା ଚାଲିଛି। ଆସନ୍ତା ୩୧ତାରିଖ ପର୍ଯ୍ୟନ୍ତ ଏହା ଚାଲିବ। ଫସଲକ୍ଷତି ହେଲେ ପ୍ରଧାନମନ୍ତ୍ରୀ ଫସଲବୀମା ଯୋଜନାରେ ଚାଷୀମାନେ ବୀମା କ୍ଷତିପୂରଣ ପାଇବା ଆଶାରେ ହେକ୍ଟର ପ୍ରତି ୧୩୦୦ ଟଙ୍କା ହାରରେ ପ୍ରିମିୟମ ରାଶି ଜମା ମଧ୍ୟ କରୁଛନ୍ତି। ହେଲେ ପ୍ରକୃତ ଜମି ମାଲିକଙ୍କ ବୀମା କ୍ଷତିପୂରଣ ହାତେଇବା ପାଇଁ ଅସାଧୁ ଲୋକେ ଏବେଠାରୁ ଜାଲିଆତି ଆରମ୍ଭ କରି ଦେଇଛନ୍ତି। ପ୍ରକୃତ ଜମି ମାଲିକ ବୀମା ପ୍ରିମିୟମ ଭରିବା ପୂର୍ବରୁ କାଗଜପତ୍ର ଜାଲିଆତି କରି ସମ୍ପୃକ୍ତ ଚାଷୀଙ୍କ ପ୍ଲଟକୁ ଉଲ୍ଲେଖ କରି କେତେକ ଅସାଧୁ ଲୋକେ ପ୍ରିମିୟମ ରାଶି ଜମା କରିବା ଭଳି ଗୋଟିଏ ପରେ ଗୋଟିଏ ଘଟଣା ସାମ୍ନାକୁ ଆସିବାରେ ଲାଗିଛି।

ଦୁଇସପ୍ତାହ ତଳେ ପଦ୍ମପୁର ଉପଖଣ୍ଡ ଗାଇସିଲେଟ ବ୍ଲକ ଗୌରେନମୁଣ୍ଡା, ଜାମମାଲ ର ଅନେକ ଚାଷୀ ଜିଲାପାଳ ଏବଂ ମୁଖ୍ୟ ଜିଲା କୃଷି ଅଧିକାରୀଙ୍କୁ ଫେରାଦ ହୋଇଥିଲେ। ଅନୁରୂପଭାବେ ଗୁରୁବାର ଏହି ବ୍ଲକ ଅନ୍ତର୍ଗତ ଗ୍ରୀଣ୍ଡେଲମାଲ, କଠଉମାଲ, ବ୍ରାହ୍ମଣମାଲ, ସେମେଲମୁଣ୍ଡା, କଂସଡ଼ୋଲ ଏବଂ ବରଗଡ଼ ବ୍ଲକ ନିଲେଶ୍ୱର ଗ୍ରାମର ଚାଷୀମାନେ ଜିଲାପାଳ


ବୀମା ପ୍ରିମିୟମରେ ଜିଲାପାଳଙ୍କୁ ଫେରାଦ ହୋଇଥିବା ଚାଷୀବୃନ୍ଦ।

- ବୀମା କ୍ଷତିପୂରଣରେ ଜୋର୍ ଧରିଛି ଜମି ଜାଲିଆତି
- ଚାଷୀଙ୍କ ଅଭିଯୋଗ ସତ୍ତ୍ୱେ ନିଆଯାଉନି କାର୍ଯ୍ୟାନୁଷ୍ଠାନ
- ପ୍ରକୃତ ଚାଷୀଙ୍କ ଫାଇଦା ଉଠାଇବେ ନକଲି ଚାଷୀ

ମୋନିଷା ବାନାର୍ଜୀ ଏବଂ ମୁଖ୍ୟ ଜିଲା କୃଷି ଅଧିକାରୀ ସନ୍ତୋଷ କୁମାର ମହାରଣାଙ୍କୁ ଫେରାଦ ହୋଇ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ସେମେଲମୁଣ୍ଡାର ଚାଷୀ ଦେବରାଜ ସାହୁ କହିଛନ୍ତି, ତାଙ୍କ ଅଜା କୁଞ୍ଜରାଜ ସାହୁଙ୍କ ନାମରେ ୧୩ଏକର ୯୨ଡେସିମିଲ ଜମି ରହିଛି। ବୁଧବାର ସେ ଏହି ଜମି ଉପରେ ବୀମା ପ୍ରିମିୟମ ଭରିବା ପାଇଁ ଜମିପଟ୍ଟା, ଆବଶ୍ୟକ ଟଙ୍କା ଓ ଅନ୍ୟ କାଗଜପତ୍ର ଧରି ତାଲପାଲିରେ ରହିଥିବା ଏକ ସହଜ କେନ୍ଦ୍ରକୁ ଯାଇଥିଲେ। କିନ୍ତୁ ସେହି ଜମି ପ୍ଲଟକୁ ନେଇ ଗତ ୧୨ତାରିଖରୁ ଅନ୍ୟ କେହିଜଣେ ବୀମା ପ୍ରିମିୟମ ଭରି ଦେଇଥିବା ସହଜ କେନ୍ଦ୍ର ଦାୟିତ୍ୱରେ ରହିଥିବା କର୍ମଚାରୀ କହିବାରୁ ସେ ଫେରି ଆସିଥିଲେ। ତେବେ ତାଙ୍କ ଜମିରେ କିଏ ପ୍ରିମିୟମ ଭରିଛନ୍ତି, ତାହା ଜାଣିବାକୁ ଚାହିଁବାରୁ ସମ୍ପୃକ୍ତ କର୍ମଚାରୀ କହି ନଥିଲେ ବୋଲି ଦେବରାଜ ଅଭିଯୋଗ କରିଛନ୍ତି । ସେହିପରି ନିଲେଶ୍ୱର ଗ୍ରାମର ରୂପେଶ୍ୱର ସାହୁ କହିଛନ୍ତି, ତାଙ୍କ ଅଜାଙ୍କ ନାମରେ ୭ଏକର ଜମି ରହିଛି। ସେ ବୁଧବାର ବରଗଡ଼ ମହିଳା କଲେଜ ଉପରେ ରହିଥିବା ଏକ ନେଟ୍ ପାର୍ଲରକୁ ବୀମା ପ୍ରିମିୟମ ଭରିବା ପାଇଁ ଯାଇଥିଲେ। କିନ୍ତୁ ତାଙ୍କ ଜମି ଉପରେ ଗତ ୧୩ତାରିଖରୁ ଅନ୍ୟଜଣେ ପ୍ରିମିୟମ ରାଶି ଜମା କରିଥିବା ନେଟ୍ ପାର୍ଲରର କର୍ମଚାରୀଙ୍କଠାରୁ ଶୁଣି ନିରାଶରେ ଘରକୁ ଫେରି ଆସିଥିବା କହିଛନ୍ତି। ବ୍ରାହ୍ମଣମାଲର ବାସନ୍ତୀ ସାହୁ ମଧ୍ୟ ଏଭଳି ଅଭିଯୋଗ ଆଣିଛନ୍ତି। ତାଙ୍କ ଶାଶୁ ଲାଲବତୀଙ୍କ ନାମରେ ଅଢ଼େଇ ଏକର ଜମି ରହିଛି ଏବଂ ଗତବର୍ଷ ଫସଲକ୍ଷତି ହେବାରୁ ତାଙ୍କୁ ୨୦ହଜାର ବୀମା କ୍ଷତିପୂରଣ ମିଳିଥିଲା। ଫଳରେ ପୁଣି ଫସଲକ୍ଷତି ଆଶଙ୍କା ଦେଖାଯାଇ ଥିବା ଯୋଗୁ ବୀମା କ୍ଷତିପୂରଣ ପାଇବା ଆଶାରେ ସେ ତାଲପାଲିକୁ ବୀମା ପ୍ରିମିୟମ ଭରିବାକୁ ଯାଇଥିଲେ। କିନ୍ତୁ ତାଙ୍କ ଜମିରେ ଅନ୍ୟ କେହି ବୀମା ପ୍ରିମିୟମ ଭରି ଦେଇଥିବା ସେ ଜାଣିବାକୁ ପାଇଥିବା ବାସନ୍ତୀ କହିଛନ୍ତି। ତେବେ ଜିଲାରେ ବୀମା ପ୍ରିମିୟମ ଭରିବାକୁ ନେଇ ଜମି ଜାଲିଆତିରେ ଏକ ର୍‍ୟାକେଟ୍ ସକ୍ରିୟ ହୋଇ ପଡ଼ିଛି ଏବଂ ଏଥିରେ ସମ୍ପୃକ୍ତ ଅଭିଯୁକ୍ତଙ୍କ ବିରୋଧରେ ଦୃଢ଼ କାର୍ଯାନୁଷ୍ଠାନ ନେବାକୁ ଚାଷୀନେତା ରମେଶ ମହାପାତ୍ର ଦାବି କରିଛନ୍ତି। ଏହା ନହେଲେ ଆଗକୁ ଅନେକ ଚାଷୀ ବୀମା କ୍ଷତିପୂରଣ ପାଇବାରୁ ବଞ୍ଚିତ ହେବେ ବୋଲି ସେ କହିଛନ୍ତି।

## କାର୍ଯ୍ୟାନୁଷ୍ଠାନ ଦାବି କଲେ ଚାଷୀ

**ଖପ୍ରାଖୋଲ,୨୨।୭(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ପଡିଆବାହାଲ ପଞ୍ଚାୟତ ଅନ୍ତର୍ଗତ ଦେଦର୍ହ ଗାଁର ଚାଷୀଙ୍କ ଅଜାଣତରେ କେହି ଚଞ୍ଚକତା କରି ପ୍ରଧାନମନ୍ତ୍ରୀ ଫସଲ ବୀମା କରାଇ ନେଇଥିବା ଅଭିଯୋଗ ହୋଇଛି। ସରକାରୀ ନିୟମ ଅନୁସାରେ ଚାଷୀ ବ୍ୟାଙ୍କ କିମ୍ବା କଷ୍ଟମର ସର୍ଭିସ ସେଣ୍ଟର(ସିଏସସି)ମାନଙ୍କରେ ନିର୍ଦ୍ଧାରିତ ଫର୍ମ ପୂରଣ ସହ ଜମିର ପ୍ଲଟ ନମ୍ବର ଦେଇ ନିର୍ଦ୍ଧାରିତ ପ୍ରିମିୟମ ପଇଠ କଲେ ନିଜ ଚାଷ ଜମିର ବୀମା ହୋଇଥାଏ। ଫସଲହାନୀ ହେଲେ ଚାଷୀଙ୍କୁ ବୀମା ଟଙ୍କା ମିଳିଥାଏ । ଚଳିତ ବର୍ଷ ଚାଷୀ ଚାଷ କାର୍ଯ୍ୟ ଆରମ୍ଭ କରିଥିବାବେଳେ ଫସଲ ପାଇଁ ବୀମା କରୁଛନ୍ତି। ହେଲେ କେହି ଦେଦର୍ହ ଗାଁର ଅନେକ ଚାଷୀଙ୍କ ଅଜାଣତରେ ସେମାନଙ୍କ ଚାଷ ଜମିକୁ ବୀମା କରାଇ ନେଇଛନ୍ତି। ପ୍ରକୃତ ଚାଷୀ ବୀମା କରିବାକୁ ଗଲେ ତାହା ଅନଲାଇନ କମ୍ପ୍ୟୁଟରରେ ଲୋଡିଂ ହେଉନାହିଁ। ଏ ନେଇ ଚାଷୀ ଦେବରାଜ ପଧାନ, ଗୁପ୍ତେଶ୍ୱର ପଧାନ, କୌଶିକ ପଧାନ, ଖଗେଶ୍ୱର ମେହେର, କିଶୋର ମେହେର, ଗଙ୍ଗାଧର ବେହେରା, ଟଙ୍କଧର ବେହେରା, ରୁପବନ୍ତ ପଧାନ ପ୍ରମୁଖ ଚାଷୀଙ୍କ ଜମିକୁ କେହି ବୀମା କରାଇ ନେଇଥିବା ଖପ୍ରାଖୋଲ ଥାନା, ତହସିଲ ଏବଂ ପାଟଣାଗଡ କୃଷି ଜିଲା ଅଧିକାରୀଙ୍କଠାରେ ଅଭିଯୋଗ କରିଛନ୍ତି। ସେହିପରି ପଡିଆବାହାଲ ପଞ୍ଚାୟତ ସାନଉଡେନ ଗାଁର ଚାଷୀଙ୍କ ଅଜାଣତରେ ମଧ୍ୟ କେହି ବୀମା କରାଇ ନେଇଥିବା ଅଭିଯୋଗ କରି ଭାଜପା ନେତା ଦେବକାନ୍ତ ପାଣିଗ୍ରାହୀଙ୍କ ନେତୃତ୍ୱରେ ଗାଁର ଖଗେଶ୍ୱର ବେହେରା, ଇଶ୍ୱର ଛତର, କରମସିଂ ଛତର, ସନ୍ତୋଷ ମେହେର, ଧ୍ରୁବ ମେହେର, ହଳଧର ଛତର ପ୍ରମୁଖ ଉପଜିଲାପାଳ, ଜିଲାପାଳଙ୍କୁ ଜଣାଇଥିବା ଜଣାଯାଇଛି। ଘଟଣାର ତଦନ୍ତ କରି ଦୋଷୀ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଚାଷୀମାନେ ଦାବି କରିଛନ୍ତି।

# ବଳାତ୍କାର ପରେ ହତ୍ୟା ଉଦ୍ୟମ, ଅଭିଯୁକ୍ତ ଗିରଫ

**ଖପ୍ରାଖୋଲ, ୨୨।୭(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଖପ୍ରାଖୋଲ ଥାନା କର୍ଲାବାହଲି ଗ୍ରାମର ଜନୈକ ଯୁବତୀ(୨୦)ଙ୍କ ସହ ବରଗଡ ଜିଲା ବୁଡେନ ଥାନା ଅନ୍ତର୍ଗତ ନରେନ୍ଦ୍ରପୁର (ବଅରାମାଲ ) ଗ୍ରାମର ସର୍ଜନ ସାହୁ (୨୨)ଙ୍କର ଦୀର୍ଘଦିନ ଧରି ସମ୍ପର୍କ ଥିଲା। ଗତ ୧୭ ତାରିଖ ଦିନ ବିବାହ ପ୍ରତିଶ୍ରୁତି ଦେଇ ସର୍ଜନ ସମ୍ପୃକ୍ତ ଯୁବତୀଙ୍କୁ ନେଇଯାଇ ବରଗଡ ଜିଲା ଗାଇସିଲେଟରେ ଜଣେ ସମ୍ପର୍କୀୟଙ୍କ ଘରେ ରଖିଥିଲେ। ପରେ ନିଜ ଗାଁ ନରେନ୍ଦ୍ରପୁରକୁ ଆଣିଥିଲେ। ହେଲେ ଯୁବତୀ ଜଣକ ଅନ୍ୟଜାତିର ହୋଇଥିବାରୁ କୁଆଡେ ପରିବାର ଲୋକ ତାଙ୍କୁ ଘରେ ପୁରାଇ ଦେଇ ନ ଥିଲେ। ଫଳରେ ଯୁବତୀଙ୍କୁ ଗାଁ ନିକଟ ଜଙ୍ଗଲ ଆଡକୁ ନେଇଥିଲେ ସର୍ଜନ। ସେଠାରେ ଏକାଧିକ ଥର ଶାରିରୀକ ସମ୍ପର୍କ ରଖିବା ପରେ ତଣ୍ଟି ଚିପି ମାରିଦେବାକୁ ହତ୍ୟା ଉଦ୍ୟମ କରିଥିଲେ। ଯୁବତୀ ଜଣକ ଅଚେତ ହୋଇପଡିବା ପରେ ମରିଯାଇଥିବା ଭାବି ସର୍ଜନ ସେଠାରୁ ଛାଡି ଘରକୁ ପଳାଇ ଆସିଥିଲେ। ହେଲେ ରାତିରେ ଯୁବତୀଙ୍କ ଚେତା ଫେରିବା ପରେ ଜଙ୍ଗଲ ନିକଟ ବୁକାଝୁଲା ଗାଁକୁ ଯାଇ ସାହାଯ୍ୟ ମାଗିଥିଲେ। ପରେ ଘଟଣା ସମ୍ପର୍କରେ ପୀଡିତା ଖପ୍ରାଖୋଲ ଥାନାରେ ଅଭିଯୋଗ କରିଥିଲେ। ଏକ ମାମଲା(ନଂ.୧୦୨/୨୧)ରୁଜୁକରି ପୋଲିସ ସର୍ଜନ ସାହୁଙ୍କୁ ଗିରଫ କରିଥିଲା। ବଲାଙ୍ଗୀରରେ ଉଭୟ ପୀଡିତା ଓ ଅଭିଯୁକ୍ତଙ୍କ ବଲାଙ୍ଗୀରରେ ଡାକ୍ତରୀମାଇନା କରାଯାଇଥିଲା। ଗୁରୁବାର ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଥାନା ଓଆଇସି ରମାକାନ୍ତ ସାହୁ କହିଛନ୍ତି।

## ରାସ୍ତା ଖୋଳି ବନ୍ଦ କଲେ ଗାଡ଼ି ଚଳାଚଳ

### କ୍ରଶର ବନ୍ଦ ଦାବିରେ ଗ୍ରାମବାସୀ ଅଟଳ

**ବୌଦ୍ଧ,୨୨।୭(ସ୍ୱ.ପ୍ର.):** ବୌଦ୍ଧ ଜିଲା ହରଭଙ୍ଗା ବ୍ଲକ ଛତରଙ୍ଗ ପଞ୍ଚାୟତର ଖରଭୁଇଁ ଓ ବାଇସିପଡା ମୌଜାରେ ସ୍ଥାପନ ହୋଇଥିବା କ୍ରଶରଗୁଡିକ ବନ୍ଦ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି । ଖରଭୁଇଁ ଓ ବାଇସିପଡା ଜଙ୍ଗଲରେ ୪ ଗୋଟି କ୍ରସର ସ୍ଥାପନ ହୋଇଛି । ଏହି କ୍ରସରଗୁଡିକ ଚାଲୁଥିବାରୁ ଆଖପାଖ ଗ୍ରାମରେ ବ୍ୟାପକ କ୍ଷତି ଘଟୁଛି । କ୍ରଶରଗୁଡିକ ସମ୍ପୂର୍ଣ୍ଣ ବନ୍ଦ କରିବା ଦାବିରେ ପ୍ରାୟ ଏକ ମାସ ହେବ ଗ୍ରାମବାସୀ ଆନ୍ଦୋଳନ ଚଳାଇଛନ୍ତି । ଏପଟେ ପ୍ରଶାସନ କୌଣସି ନିଷ୍ପତ୍ତି ନ ହେବା ପର୍ଯ୍ୟନ୍ତ କ୍ରଶର ବନ୍ଦ ରହିବ ବୋଲି ଗ୍ରାମବାସୀଙ୍କୁ ସୂଚନା ଦେଇଛି। ପ୍ରଶାସନ ପକ୍ଷରୁ ଏନେଇ ଗ୍ରାମବାସୀଙ୍କ ସହ ଦୁଇ ଦୁଇ ଥର ଆଲୋଚନା କରାଯିବା ପରେ ବି ସମାଧାନର ବାଟ ଫିଟିନାହିଁ। ଗ୍ରାମବାସୀ ନିଜ ଜିଦରେ ଅଟଳ ରହିଛନ୍ତି। ଗତ ୧୬ ତାରିଖରେ ଅତିରିକ୍ତ ଉପଜିଲାପାଳ ଏନସି ଜ୍ୟୋତିରଞ୍ଜନ ନାଏକ, ଉପଜିଲାପାଳ ଅଶ୍ୱିନୀ କୁମାର ମେହେର, ତହସିଲଦାର ଶମ୍ଭୁଭୂଷଣ ମିଶ୍ର, ବିଡିଓ ନୀଳକଣ୍ଠ ବେହେରା, ଅତିରିକ୍ତ ତହସିଲଦାର ହରିଓମ୍ ଭୋଇ, ଜିଲା ପରିଷଦ ସଭ୍ୟ ଅବକାଶ ସାହୁ, ଛତରଙ୍ଗ ସରପଞ୍ଚ ଶୁଶିଲ କୁମାର ପ୍ରଧାନ ଓ ଖରଭୁଇଁ ଗ୍ରାମ୍ୟ କମିଟି ସଦସ୍ୟଙ୍କ ଉପସ୍ଥିତିରେ ଗ୍ରାମର ଶିବ ମନ୍ଦିର ପ୍ରାଙ୍ଗଣରେ କ୍ରଶର ଚାଲିବା ନେଇ ଆଲୋଚନା ହୋଇଥିଲା। କିନ୍ତୁ ଆଲୋଚନା ବିଫଳ ହୋଇଥିଲା । ବେସରକାରୀ ଠିକା ସଂସ୍ଥା ଏଆରଏସଏସ ନିଜେ ବସାଇ ଥିବା କ୍ରଶରରୁ ଗୁରୁବାର ମାଲ ନେବାକୁ ଗାଡି ଚଳାଚଳ ଆରମ୍ଭ କରିଥିବା ବେଳେ ଗ୍ରାମବାସୀ ପୂର୍ତ୍ତ ବିଭାଗ ରାସ୍ତା ଠାରୁ କ୍ରସରକୁ ଯାଇଥିବା ରାସ୍ତା ଖୋଳି ମାଟି ପକାଇ ଗାଡି ଚଳାଚଳ ବନ୍ଦ କରି ଦେଇଛନ୍ତି । ଉକ୍ତ ରାସ୍ତା ଗ୍ରାମବାସୀଙ୍କ ନାମରେ ଥିବାରୁ କ୍ରସର ବନ୍ଦ ନ ହେବା ପର୍ଯ୍ୟନ୍ତ ଏହି ଆନ୍ଦୋଳନ ଚାଲୁ ରହିବ ବୋଲି ଚେତାବନୀ ଦେଇଛନ୍ତି ।


**MADHUSUDAN LAW UNIVERSITY**
STATION ROAD, CUTTACK - 753 003, ODISHA
No. MLU / 177 / 2021 Date : 22.07.2021
**WALK-IN-INTERVIEW**

Interested retired University employees / retired Government employees in the rank of Sr. Asst / Section Officer basically dealing with Establishment / Accounts matter are invited to an interview at Madhusudan Law University for re-engagement for one year. They will be provided with conslidated pay as per the Finance Department Office **Memorandum No. 7022 dated 17.03.2018** as admissible. Candidates are required to report on or before **11.00 A.M. on 27.07.2021** before the undersigned. No TA / DA will be paid for attending the interview (No. of posts 5).
Further retired persons are invited to appear the undersigned re-engagement before **3.00 P.M.** on the same date (No. of posts 5).

Sd/-Registrar,
Madhusudan Law University,
Cuttack.



**TPWODL**
TP WESTERN ODISHA DISTRIBUTION LIMITED
(A Tata Power & Odisha Govt. Joint venture)
Corporate Office : Burla, Dist.-Sambalpur (Odisha)-768017
**Corrigendum to Notice Inviting Tender (NIT)**
Tender Notice No. TPWODL/RB/O/SER/018 Date: 15.07.2021
RC for Supply, Installation and Maintenance of Network Equipment (DC Router, DC switches and Network Rack) for Substation Automation at TPWODL.

The EMD and tender fees for MSME have been changed. The time period is hereby extended for Submission of Tender Participation Fee and Authorization Letter through e-mail till 29th July 2021, 1500Hrs, after which link from e-Tender system shall be shared. A Corrigendum to the said notice has been uploaded in our website **www.tpwesternodisha.com**. Prospective bidders are requested to visit the website for detailed amendment and updated tender document.

Sd/-
Chief Contracts and Store



भारत सरकार /GOVERNMENT OF INDIA
कार्यालय प्रधान मुख्य आयकर आयुक्त, ओडीशा
**OFFICE OF THE PRINCIPAL CHIEF COMMISSIONER OF INCOME TAX, ODISHA**
आयकर भवन, राजस्व विहार /AAYAKAR BHAWAN, RAJASWA VIHAR,
भुबनेश्वर /BHUBANESWAR - 751 007
Phone: (0674) 2589925, Fax: (0674) 2589125, 2589118
**ADVERTISEMENT**

Income Tax has completed 161 years of Journey in India. A webinar to reflect upon its rich history and legacy and future would be held on Income Tax Day on 24th July, 2021 at 12 Noon. The panellists would include serving and retired members of the Department and representative from taxpayers, ICAI, bar and other stakeholders. All are welcome to join the webinar through link - **https://bit.ly/3wRlouQ**.

Sd./- (L.N. Dash)
Dy. Commissioner of Income Tax
(Hqrs.) (Admn. & Vig.), Bhubaneswar



**ବଳଭଦ୍ର ଆରୁଖ କୃଷକ ବଜାର**
ସ୍ଥାନ: ନିୟନ୍ତ୍ରିତ ବଜାର କମିଟି, ଭଞ୍ଜନଗର
**ଶୁଭ ଉଦ୍‌ଘାଟନ ଉତ୍ସବ**
ତା୨୩।୦୭।୨୦୨୧ରିଖ (ଶୁକ୍ରବାର) ସମୟ: ଅପରାହ୍ନ ୪.୩୦ ମି.
– ଉଦ୍‌ଘାଟକ –
**ଶ୍ରୀଯୁକ୍ତ ରଣେନ୍ଦ୍ର ପ୍ରତାପ ସ୍ୱାଇଁ**
ମାନ୍ୟବର ମନ୍ତ୍ରୀ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ, ସମବାୟ, ଓଡ଼ିଶା
– ମୁଖ୍ୟ ଅତିଥି –
**ଶ୍ରୀଯୁକ୍ତ ବିକ୍ରମ କେଶରୀ ଆରୁଖ**
ମାନ୍ୟବର ମନ୍ତ୍ରୀ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ, ସଂସଦୀୟ ବ୍ୟାପାର, ଓଡ଼ିଶା
ଉତ୍ସବକୁ ସାଫଲ୍ୟମଣ୍ଡିତ କରିବାକୁ ଅନୁରୋଧ ।
ନିବେଦକ - ନିୟନ୍ତ୍ରିତ ବଜାର କମିଟି, ଭଞ୍ଜନଗର



**ODISHA UNIVERSITY OF AGRICULTURE & TECHNOLOGY**
BHUBANESWAR - 751003, ODISHA
Tele/Fax: 0674-2397424 (O), Email: registrarouat@gmail.com
File No. Acd-III-II/38/2021- UAT/ Dt.
**SHORT TENDER CALL NOTICE**

Sealed tenders are invited from the manufacturer/reputed registered jewellers having GST No. for supply of Gold Medals (236 Nos. approximate) for 39th Convocation of OUAT, Bhubaneswar. The detailed specifications/terms and conditions are available in OUAT website **(ouat.nic.in)**. The last date for receipt of tender paper is on 06.08.2021 upto 5.00 P.M.

Sd./- Registrar



**RAJENDRA UNIVERSITY**
BALANGIR-767002
No.862/RU Date: 20.07.2021
**TENDER CALL NOTICE**

Sealed tenders are invited under two-bid system from reputed and experienced manpower Service Providers for outsourcing of different services by the office of the undersigned on contract basis. Tender should reach the office of the undersigned latest by 4.00 P.M. of dated 04.08.2021. For terms & conditions and other details, please visit our website www.rajendracollege.nic.in. The undersigned reserves the right to reject any / all tenders without assigning any reason thereof.

Sd./- Registrar



**OFFICE OF THE MUNICIPAL COUNCIL, BARBIL**
No. 3754 Date: 20.07.2021
**QUOTATION CALL NOTICE**

No. C-624: Sealed quotations are invited from the registered firms/authorized dealers/distributors/suppliers/manufacturers for supply, installation and commissioning of office wiring work etc. as mentioned below to newly Constructed Poura Bhawan at Barbil. The prescribed quotation schedule can be obtained from the office of the Barbil Municipality on payment of paper cost (Quotation Schedule) including GST (Non-refundable) in shape of Cash/Bank Draft/Bankers Cheque drawn in favour of the Executive Officer, Barbil Municipality payable at Barbil from any Nationalized Bank from **Dt.22.07.2021 to Dt.30.07.2021 upto 5.00 P.M.** during office hour except holidays. The quotation paper along with all documents should reach the undersigned by Regd. Post/Speed Post or by person on or before **Dt.02.08.2021 upto 12.30 P.M.** The quotation will be opened on **Dt.03.08.2021 at 11.30 A.M.** in presence of the quotatiner or their authorized representative if any. The quotation received beyond the schedule date and time will not be considered at all. The undersigned has right to accept, cancel or reject any or all the quotations without assigning any reason thereof.

1. **Electrical Installation and Fire fighting system to newly constructed Poura Bhawan at Barbil - Cost of Quotation Schedule Rs.4,200/-.**
2. **Provision of Lift, Lighting Arestor and D.G. Set to newly constructed Poura Bhawan at Barbil - Cost of Quotation Schedule Rs.4,200/-.**

All terms and conditions may be seen in the quotation schedule. The undersigned has the right to accept, cancel or reject any or all the quotations without assigning any reason thereof.

Sd./- Executive Officer
Barbil Municipality
OIPR-13108/11/0007/2122



**BHUBANESWAR DEVELOPMENT AUTHORITY**
Akash Shova Building, Sachivalaya Marg, Kharvel Nagar, Unit-III, Bhubaneswar
No. 24741/BDA, Bhubaneswar Dated: 20.07.2021
PLANNING - 97/2020
**NOTIFICATION**

No. CAD-665: This is for information of general public that the Draft Bhubaneswar Development Authority (Planning and Building Standards) Amendment Regulations, 2021 has been published in the extraordinary issue No. 1113 of the Odisha Gazette dated the 15th July 2021. The same is available in the BDA website: **www.bda.gov.in**. Any objection or suggestion on the aforesaid draft regulations may be submitted to the Secretary, Bhubaneswar Development Authority within the expiry of 15 days from the date of publication of the said draft in the Odisha Gazette.

Sd./- Secretary
BDA, Bhubaneswar
OIPR-13033/11/0016/2122



**ODISHA JOINT ENTRANCE EXAMINATION - 2021 (OJEE - 2021)**
No. OJEE/245 Date: 22.07.2021
**NOTICE INVITING APPLICATION FOR B.TECH. COURSE UNDER OJEE - 2021**

No. h-12: In view of the ongoing COVID Pandemic and rescheduling of the academic session for 2021-22, **it has been decided to conduct, as an integral part of OJEE - 2021, a Special Entrance Examination (Special OJEE) for admission into 1st year B.Tech courses of all Government and Private Engineering Colleges of Odisha against the vacant seats left out after 1st Phase OJEE Counselling only for those Students, who have not appeared and/or will not appear in the JEE (Main) - 2021 examination due to some reason or other.**
The process of online application for this B.Tech course will start from 23.07.2021 and the last date will be 10.08.2021. Fees can be paid till 12.08.2021 (11.59 P.M.)
Detailed instructions and terms and conditions for online application will be like other forms as per the Information Brochure available in the website i.e. **www.ojee.nic.in**.
The syllabus for the examination will be as per the JE (Main) - 2021.
The detailed schedule regarding dates of the Examination and of downloading of Admit Cards etc. will be notified in due course of time, on assessment of the COVID pandemic situation.
Candidates are advised to visit the official websites of OJEE regularly for updated information.

Sd./- CHAIRMAN, OJEE, Odisha
OIPR-14020/11/0006/2122